# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୬/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 6/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୧୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ରବୀନ୍ଦ୍ର ଜାଡେଜାଙ୍କ ଅପରାଜିତ ଶତକ**

ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଅପରାଜିତ ଶତକ ହାସଲ କରିଛନ୍ତି।

୧୪

୧୨

**ଟାଇଗର-୩ ଟିଜର ରିଲିଜ**

ସଲମାନ ଖାନ୍ ଓ କ୍ୟାଟ୍ରିନା କୈଫ୍‌ଙ୍କ ଟାଇଗର-୩ର ଟିଜର ରିଲିଜ୍ ହୋଇଛି। ଏଥିରେ କ୍ୟାଟ୍ରିନାଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ମିଳିଛି।





ଉତ୍ତରପ୍ରଦେଶର ଦଉରାଲା ଷ୍ଟେଶନରେ ଶନିବାର ସହାରନପୁର-ଦିଲ୍ଲୀ ପାସେଞ୍ଜର ଟ୍ରେନ୍‌ର ଇଞ୍ଜିନ ଓ ଦୁଇଟି କୋଚ୍‌ରେ ନିଆଁ ଲାଗିଯାଇଥିଲା। ପରେ ଯାତ୍ରୀ ଓ ରେଳ କର୍ମଚାରୀମାନେ ଅବଶିଷ୍ଟ ବଗିକୁ ଠେଲି ଅଲଗା କରିଦେଇଥିଲେ।

# ଦୁର୍ବଳ ହେଉଛି ଟଙ୍କା

ନୂଆଦିଲ୍ଲୀ, ୫।୩

ରୁଷିଆ-ୟୁକ୍ରେନ୍‌ରେ ଯୁଦ୍ଧ ସ୍ଥିତି ଯୋଗୁ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାରେ ଲାଗିଥିବାବେଳେ ଆମେରିକା ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦୁର୍ବଳ ହେବାରେ ଲାଗିଛି। ଯୁଦ୍ଧ



ପରିସ୍ଥିତି ଯୋଗୁ ପୁଞ୍ଜି ବଜାରରେ ମଧ୍ୟ ବିଶେଷ ଭାବେ ପ୍ରଭାବ ପଡ଼ିଛି। ୨୦୨୨ରେ ପ୍ରଥମ ଥର ପାଇଁ ଶୁକ୍ରବାର ଡଲାର ତୁଳନାରେ ଭାରତୀୟ ମୁଦ୍ରା ୭୬ଟଙ୍କା ଉପରେ ରହିଥିବାବେଳେ ଶନିବାର ଏହା ଆହୁରି ଦୁର୍ବଳ ହୋଇଛି। ଶୁକ୍ରବାର ୨୩ ପଇସା ଖସି ୭୬.୧୭ ଟଙ୍କା ହୋଇଥିଲା, ଯାହାକି ୨୦୨୧ ଡିସେମ୍ବର ୧୫ ପରଠାରୁ ସର୍ବନିମ୍ନ ସ୍ତର ବୋଲି ଜଣାପଡ଼ିଛି। ଶନିବାର ମଧ୍ୟ ଟଙ୍କାର ମୂଲ୍ୟ ଆହୁରି ଦୁର୍ବଳ ହୋଇ ୭୬.୪୩ରେ ପହଞ୍ଚିଛି। ଫଳରେ ଭାରତର ତୈଳ ବଜାର ଉପରେ ଏହାର ସିଧା ପ୍ରଭାବ ପଡୁଛି। ଏହି ସପ୍ତାହରେ ଟଙ୍କା ☞ପୃଷ୍ଠା-୪

| ଡଲାର ତୁଳନାରେ ଟଙ୍କା ମୂଲ୍ୟ | |
|---|---|
| ୨୪।୨।୨୦୨୨ | ୭୫.୨୫ |
| ୨୫।୨।୨୦୨୨ | ୭୫.୨୮ |
| ୨୬।୨।୨୦୨୨ | ୭୫. ୦୯ |
| ୨୭।୨।୨୦୨୨ | ୭୫.୧୦ |
| ୨୮।୨।୨୦୨୨ | ୭୫.୪୩ |
| ୧।୩।୨୦୨୨ | ୭୫.୭୮ |
| ୨।୩।୨୦୨୨ | ୭୫.୫୯ |
| ୩।୩।୨୦୨୨ | ୭୫.୯୪ |
| ୪।୩।୨୦୨୨ | ୭୬.୧୭ |
| ୫।୩।୨୦୨୨ | ୭୬.୪୩ |

# ବିପର୍ଯ୍ୟୟ ମୁକାବିଲା ଶିକ୍ଷା ଘୋଷଣାରେ ସୀମିତ

ଭୁବନେଶ୍ୱର,୫।୩(ବ୍ୟୁରୋ)

ପ୍ରତ୍ୟେକ ବର୍ଷ ଓଡ଼ିଶା ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଗତ ୨ ବର୍ଷ ହେବ ସମଗ୍ର ବିଶ୍ୱ ସହିତ ଓଡ଼ିଶା କୋଭିଡ୍-୧୯ ମହାମାରୀ ସଂକ୍ରମଣରେ ଅଣନିଃଶ୍ୱାସୀ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟଠାରୁ ଏହି ମହାମାରୀର ପ୍ରକୋପ ଅତି ଭୟଙ୍କର। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ସହ ମହାମାରୀ ମୁକାବିଲା ନେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବ। ସ୍କୁଲ, କଲେଜ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏପରି କି ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ୱାର୍ଡମେମ୍ବର ପର୍ଯ୍ୟନ୍ତ ସମସ୍ତ ନିର୍ବାଚିତ ପ୍ରତିନିଧି, ମିଶନ ଶକ୍ତି ଗୋଷ୍ଠୀ, ବନ ସୁରକ୍ଷା ସମିତି ଓ ଅନ୍ୟ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକୁ ଏ ସମ୍ପର୍କିତ ତାଲିମ ଦିଆଯିବାକୁ ଯୋଜନା ରଖାଯାଇଛି। ତଦନୁଯାୟୀ ମହାବାତ୍ୟା ପୂର୍ତ୍ତି ଅବସରରେ ୨୦୨୧ ମେ' ୨୯ରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ମୁକାବିଲା ନେଇ ଏକ ସଙ୍କଳ୍ପ ପାରିତ କରାଯାଇଥିଲା। ଏହି ନିଷ୍ପତ୍ତିକୁ ୯ ମାସ ବିତିବାକୁ ବସିଲାଣି । ମାତ୍ର

- **୨୦୨୩-୨୪ରୁ ସ୍କୁଲ, କଲେଜ ପାଠ୍ୟକ୍ରମରେ ସାମିଲ ହେବ: ମନ୍ତ୍ରୀ**
- **ସରକାରୀ କର୍ମଚାରୀ, ଜନପ୍ରତିନିଧିଙ୍କୁ ତାଲିମ ଦେବ ଏସ୍‌ଆଇଆର୍‌ଡି**

ଏ ନେଇ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରିନାହିଁ। ଫଳରେ ଏହା କାର୍ଯ୍ୟକାରୀ ହେବା ନେଇ ଆଶଙ୍କା ଦେଖାଦେଇଛି।

ପ୍ରାଥମିକ ସ୍କୁଲଠାରୁ ଆରମ୍ଭ କରି କଲେଜ ଛାତ୍ରୀଛାତ୍ରମାନେ ମହାମାରୀ ପରିଚାଳନା ଓ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଜ୍ଞାନ ଆହରଣ କରିବେ। ଏହାଛଡ଼ା ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ମୌଳିକ ଦିଗ ଉପରେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କୁ ତାଲିମ ଦିଆଯିବ। ଜରୁରୀ ପରିସ୍ଥିତିର କିପରି ମୁକାବିଲା କରିବାକୁ ହେବ ସେ ବିଷୟରେ ଲୋକମାନଙ୍କୁ ପ୍ରସ୍ତୁତ କରାଯିବ। ଏହି ଲକ୍ଷ୍ୟ ପୂରଣ କରିବା ସହ ଓଡ଼ିଶାକୁ ବିପର୍ଯ୍ୟୟ ପରିଚାଳନାରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ବିପର୍ଯ୍ୟୟର ସମ୍ମୁଖୀନ ହେବା ପାଇଁ ଓଡ଼ିଶାର ଘରେ ଘରେ ଯୋଦ୍ଧା ସୃଷ୍ଟି କରାଯିବ। ଏହି ମିଶନକୁ ଆଗେଇ ନେଇ ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ନିରୋଧୀ ରାଜ୍ୟ ଭାବେ ଗଢ଼ିତୋଳିବା ସକାଶେ ଏକ ଟାସ୍କଫୋର୍ସ ଗଠନ କରାଯିବ। ଭବିଷ୍ୟତରେ ଯେକୌଣସି ଜରୁରୀ ପରିସ୍ଥିତି ପାଇଁ ଏହା ସର୍ବବୃହତ୍ ପ୍ରସ୍ତୁତି ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ମହାମାରୀ ଭଳି ସଙ୍କଟ କେତେବେଳେ ☞ପୃଷ୍ଠା-୪

## ବିଦେଶୀ ମେଡିକାଲ ଛାତ୍ରୀଛାତ୍ରଙ୍କୁ ଭାରତରେ ଇଣ୍ଟର୍ନଶିପ୍ ଅନୁମତି

ନୂଆଦିଲ୍ଲୀ,୫।୩(ଆଇଏଏନ୍‌ଏସ୍)

ବିଦେଶରେ ଡାକ୍ତରୀ ଶିକ୍ଷା ଗ୍ରହଣ କରିଥିବା ଛାତ୍ରୀଛାତ୍ର ଭାରତରେ ଇଣ୍ଟର୍ନଶିପ୍ ସମ୍ପୂର୍ଣ୍ଣ କରିପାରିବେ। କୋଭିଡ୍-୧୯ ମହାମାରୀ ଏବଂ ୟୁକ୍ରେନ୍ ସଙ୍କଟ ଆଦି ସ୍ଥିତି ଯୋଗୁ ଇଣ୍ଟର୍ନଶିପ୍ ସମ୍ପୂର୍ଣ୍ଣ କରିପାରି ନ ଥିବା ବିଦେଶୀ ଛାତ୍ରୀଛାତ୍ରଙ୍କୁ ଭାରତରେ ଏହା ଶେଷ କରିବା ଲାଗି ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ଅନୁମତି ପ୍ରଦାନ କରିଛନ୍ତି। ତେବେ ଏଥିପାଇଁ କମିଶନ କେତେକ ସର୍ତ୍ତ ରଖିଛନ୍ତି। ଭାରତରେ ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**ନିର୍ବାଚନରେ ଧର୍ମୀୟଭାବନା**

# ମେୟର ପ୍ରାର୍ଥୀ ଘୋଷଣା

**ଭୁବନେଶ୍ୱର-ସୁଲୋଚନା ଦାସ, କଟକ- ସୁବାସ ସିଂ, ବ୍ରହ୍ମପୁର- ସଂଘମିତ୍ରା ଦଳାଇ ବିଜେଡି ପ୍ରାର୍ଥୀ**

## ସୁନୀତି ମୁଣ୍ଡ୍ ଭୁବନେଶ୍ୱରରେ ଭାଜପାରୁ ଲଢ଼ିବେ

ଭୁବନେଶ୍ୱର,୫।୩(ବ୍ୟୁରୋ)



ସୁଲୋଚନା ଦାସ



ସୁବାସ ସିଂ



ସୁନୀତି ମୁଣ୍ଡ୍

ରାଜ୍ୟର ୩ ମହାନଗର ନିଗମ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟାକୁ ଆଉ ମାତ୍ର ୨ ଦିନ ବାକି ରହିଛି। ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶନିବାର ବିଜେଡି ୩ ମହାନଗର ନିଗମ ପାଇଁ ମେୟର ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଭାଜପା ଭୁବନେଶ୍ୱର ଲାଗି ମେୟର ପ୍ରାର୍ଥୀ ଘୋଷଣା କରିଛି। ବିଜେଡି ଭୁବନେଶ୍ୱର ମହାନଗର ନିଗମର ମେୟର ପ୍ରାର୍ଥୀ ଭାବେ ସୁଲୋଚନା ଦାସ, କଟକ ମହାନଗର ନିଗମ ମେୟର ପ୍ରାର୍ଥୀ ଭାବେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଏବଂ ବ୍ରହ୍ମପୁର ମହାନଗର ନିଗମ ନିମନ୍ତେ ସଂଘମିତ୍ରା ଦଳେଇଙ୍କୁ ମେୟର ପ୍ରାର୍ଥୀ କରିଛି। ସେହିପରି ଭାଜପା ଭୁବନେଶ୍ୱର ପାଇଁ ସୁନୀତି ମୁଣ୍ଡଙ୍କୁ ପ୍ରାର୍ଥୀ କରିଛି। ତେବେ ଭାଜପା କଟକ ଏବଂ ବ୍ରହ୍ମପୁର ମହାନଗର ନିଗମ ଲାଗି ମେୟର ପ୍ରାର୍ଥୀ ଘୋଷଣା କରିନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭୁବନେଶ୍ୱର ପାଇଁ ଭାଜପା ଓ ବିଜେଡି ସାମ୍ବାଦିକତା ବୃତ୍ତିରୁ ଆସିଥିବା ୨ ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି। ପୂର୍ବରୁ ସାମ୍ବାଦିକତା କରୁଥିବା ସୁଲୋଚନା ଦାସ ବିଜେଡିର ପ୍ରାର୍ଥୀ ହୋଇଥିବା ବେଳେ ସୁନୀତି ମୁଣ୍ଡ୍ ମଧ୍ୟ ସାମ୍ବାଦିକ ଏବଂ ଲେଖକ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ସେହିପରି ରାଜ୍ୟ ସଭା ସଦସ୍ୟ ଥିବା ସୁବାସ ସିଂଙ୍କୁ ☞ପୃଷ୍ଠା-୭

# ବରଫାବୃତ ଅଞ୍ଚଳରେ ୭୨ ଘଣ୍ଟା

## ୟୁକ୍ରେନ୍ ଯନ୍ତ୍ରଣା: ଛିଡ଼ା ହୋଇ କଟିଥିଲା ୩ ଦିନ ୩ ରାତି

ଢେଙ୍କାନାଳ ଅଫିସ, ୫।୩

ଚାରିଆଡ଼େ ବରଫ ହିଁ ବରଫ। ହାଡ଼ଭଙ୍ଗା ଶୀତ ଭିତରେ ଜୀବନ ବଞ୍ଚାଇବା ଲାଗି ସଂଘର୍ଷ। ପାଖରେ ନ ଥିଲା ପର୍ଯ୍ୟାପ୍ତ ଖାଦ୍ୟ କି ମିଳୁ ନ ଥିଲା ମୁନ୍ଦାଏ ପାଣି। ଏଭଳି ପ୍ରତିକୂଳ ସ୍ଥିତିରେ ୟୁକ୍ରେନ୍-ରୋମାନିଆ ସୀମାନ୍ତ ଆଶ୍ରୟସ୍ଥଳୀରେ ୩ଦିନ ୩ ରାତି କେବଳ ଛିଡ଼ା ହୋଇ କାଟିବାକୁ ପଡ଼ିଲା। ଜୀବନ ସିନା ବଞ୍ଚିଗଲା, ହେଲେ ଅଙ୍ଗେ ନିଭେଇଥିବା ଯୁଦ୍ଧ ଯନ୍ତ୍ରଣାର ଏହି ଅନୁଭୂତି ଭୁଲିହେବନି ବୋଲି କହିଛନ୍ତି ୟୁକ୍ରେନ୍‌ରୁ ସୁରକ୍ଷିତ ଭାବେ ଘରକୁ ବାହୁଡ଼ିଥିବା ଢେଙ୍କାନାଳ ଜିଲା ସଦର ବ୍ଲକ ଗୋବିନ୍ଦପୁର ଗ୍ରାମର ୨୦ ବର୍ଷୀୟ ଡାକ୍ତରୀ ପଢୁଆ ଛାତ୍ର ସୁପ୍ରୀତ କୁମାର ସ୍ୱାଇଁ। ଏକମାତ୍ର ପୁଅ ଘରକୁ ଫେରିବା ପରେ ବାପା ସନ୍ତୋଷ ଏବଂ ମା'ସନ୍ଧ୍ୟାରାଣୀ ଭାବବିହ୍ୱଳ ହୋଇପଡ଼ିଥିବାବେଳେ ଗ୍ରାମରେ ଖୁସିର ଲହରି ଖେଳିଯାଇଛି।

ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ରେ ଫସି ରହିବା ଏବଂ ସେଠାରୁ ସୀମାନ୍ତ ରୋମାନିଆରେ ପହଞ୍ଚିବା ପର୍ଯ୍ୟନ୍ତ ଅନୁଭୂତିକୁ ଶନିବାର 'ଧରିତ୍ରୀ' ଢେଙ୍କାନାଳ ଜିଲା ପ୍ରତିନିଧିଙ୍କ ସହିତ ବାଣ୍ଟିଛନ୍ତି ସୁପ୍ରୀତ୍। ସେ କହିଛନ୍ତି, ୫ ବର୍ଷ ୮ ମାସ ବିଶିଷ୍ଟ ଡାକ୍ତରୀ କୋର୍ସ କରିବା ଲାଗି ସେ ୨୦୨୧ ଡିସେମ୍ବର ୧୧ରେ ଭିନିସ୍ଥିଆ ନ୍ୟାଶନାଲ ମେଡିକାଲ ୟୁନିଭରସିଟିରେ ନାମ ଲେଖାଇଥିଲେ। ରୁଷିଆ ଆକ୍ରମଣରେ ସର୍ବାଧିକ ପ୍ରଭାବିତ ହୋଇଥିବା କିଭ୍‌ଠାରୁ ଏହାର ଦୂରତ୍ୱ ପ୍ରାୟ ୪୫୦ କିଲୋମିଟର। ଗତ ଫେବୃୟାରୀ ୨୪ ଯାଏ ସବୁକିଛି ଠିକ୍‌ଠାକ୍ ଥିଲା। ଏହାପରେ ହଠାତ୍ ସବୁକିଛି ବଦଳିଗଲା। ସେହିଦିନ ହିଁ ସେ ଭାରତ ଫେରିବା ଲାଗି ବିମାନରେ ଟିକେଟ୍ କରିଥିଲେ। ହେଲେ ରୁଷିଆ ସୈନ୍ୟଙ୍କ ଦ୍ୱାରା କିଭ୍ ବିମାନ ବନ୍ଦର ଉପରେ ଅତର୍କିତ ଆକ୍ରମଣ ଫେରିବାର ବାଟ ବନ୍ଦ କରିଦେଇଥିଲା। ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ଥିବା ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ବଙ୍କରରେ ରଖାଯାଇଥିଲା। ସେଠାରେ ☞ପୃଷ୍ଠା-୪




# ହାତ ଛାଡୁଛନ୍ତି ଟାଣୁଆ ନେତା

ନବରଙ୍ଗପୁର,୫।୩(ବି.ପ୍ର.)

ସରିଲା ପଞ୍ଚାୟତ ନିର୍ବାଚନ। ନବରଙ୍ଗପୁର ଜିଲାର ୨ ଜିଲା ପରିଷଦ ଜୋନ୍ ବ୍ୟତୀତ ଅନ୍ୟ ୨୪ ଆସନ ପୋଛିନେଲା ବିଜେଡି। ଏବେ ଜିଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ ପାଇଁ ଦଳ ଅଙ୍କ କଷୁଥିବାବେଳେ ଆସୁଛି ପୌର ନିର୍ବାଚନ। ବିଜେଡି ତାହାର ସ୍ଥିତି ପ୍ରତ୍ୟେକ ନିର୍ବାଚନରେ ମଜଭୁତ କରିବାରେ ଲାଗିଥିବାବେଳେ ଭାଜପା ଓ କଂଗ୍ରେସ ଦଳକୁ ନିର୍ବାଚନ ପରିଚାଳନା ଓ ଜିତିବା ଚିନ୍ତାର କାରଣ ପାଲଟିଛି। ଗୋଟିଏ ଗୋଟିଏ ନିର୍ବାଚନ ପାଖେଇ ଆସୁଥିବାବେଳେ କଂଗ୍ରେସର ଟାଣୁଆ ନେତାମାନେ ଦଳ ଛାଡ଼ି ବିଜେଡିକୁ ଡେଇଁବାରେ ଲାଗିଛନ୍ତି। ପଞ୍ଚାୟତ ନିର୍ବାଚନ ଆଗରୁ ଦଳ ଛାଡ଼ିଥିଲେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି। ଏବେ ନବରଙ୍ଗପୁର ନଗର କଂଗ୍ରେସ ସଭାପତି ଭୀମ ହରିଜନ ମଧ୍ୟ ଦଳ ଛାଡ଼ିଛନ୍ତି। ଏହାଦ୍ୱାରା କଂଗ୍ରେସର ମନୋବଳ ଭାଙ୍ଗୁଛି।

ନବରଙ୍ଗପୁର ପୌର ପରିଷଦ ପାଇଁ ଚଳିତ ମାସ ୨୪ ତାରିଖରେ ନିର୍ବାଚନ ହେବ। ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। କଂଗ୍ରେସ ପକ୍ଷରୁ ନଗର କଂଗ୍ରେସ ସଭାପତି ଭୀମ ହରିଜନ ଅଧ୍ୟକ୍ଷ ପ୍ରାର୍ଥୀ ପାଇଁ ଆବେଦନ କରିଥିଲେ। କିନ୍ତୁ ଠିକଣା ସମୟରେ ସେ ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି। ବିଜେଡିରେ ଆଶାୟୀଙ୍କ ଲମ୍ବା ତାଲିକା ରହିଛି। ଏହା ମଧ୍ୟରେ ବିଜେଡି ତାହାର ଗୋଟିଚାଳନା ଆରମ୍ଭ କରିଛି। ଭୀମ ଜଣେ ଶାନ୍ତ, ପ୍ରଭାବୀ ନେତା। ତାଙ୍କ ରାଜନୈତିକ ଢାଞ୍ଚା କିଛି ନିଆରା ହୋଇଥିବାରୁ ତାହା ବିଜେଡିକୁ ଝଟକା ହୋଇଥାନ୍ତା। ଠିକଣା ସମୟରେ ଭୀମ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ସହ ବିଜେଡିରେ ନିଜର ନାମ ଉଲ୍ଲେଖ କରିଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଓ ତାଙ୍କ ସମର୍ଥକ ଏବଂ ଏବେ ପୌର ନିର୍ବାଚନ ପୂର୍ବରୁ ଭୀମ ହରିଜନ ଓ ତାଙ୍କ ସମର୍ଥକ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା କଂଗ୍ରେସକୁ ବଡ଼ ଝଟକା ଲାଗିଛି। ଭାଜପା ଓ କଂଗ୍ରେସ ଉପଯୁକ୍ତ ପ୍ରାର୍ଥୀ ଖୋଜିବାରେ ଲାଗିଛନ୍ତି। ଏହା ମଧ୍ୟରେ ବିଜେଡି କଂଗ୍ରେସର ଟାଣୁଆ ନେତାଙ୍କ ସମେତ ଭାଜପାର କର୍ମୀମାନଙ୍କୁ ଦଳରେ ମିଶାଇବାରେ ଲାଗିଛି, ଯାହାକି ଦଳ ପାଇଁ ସହାୟକ ହେବ। ଏହା ମଧ୍ୟରେ କିନ୍ତୁ ଅସନ୍ତୁଷ୍ଟ ବିଜେଡି ଗୋଷ୍ଠୀ କାଉନ୍‌ସିଲର ପାଇଁ ନିଜ ଆଡୁ ପ୍ରାର୍ଥୀ ଦେଇ ଦଳୀୟ ପ୍ରାର୍ଥୀଙ୍କ ଲାଗି ଅଡୁଆ ସୃଷ୍ଟି କରିବେ। ଏଥିପାଇଁ ମଧ୍ୟ ବିଜେଡି ତାହାର ରଣନୀତି ପ୍ରସ୍ତୁତ କରି ସାରିଲାଣି। ନବରଙ୍ଗପୁର ଜିଲା ସଦର ମହକୁମା ହୋଇଥିବାରୁ ଏଥିପ୍ରତି ଏମ୍‌ପି, ବିଧାୟକ ଓ ଦଳର ସମସ୍ତ କର୍ମକର୍ତ୍ତାଙ୍କ ଦୃଷ୍ଟି ରହିବ। ନବରଙ୍ଗପୁର ପୌରପାଳିକାରେ ରହିଛି ୧୭ଟି ୱାର୍ଡ। ୨୪,୭୮୫ (୧୧, ୮୯୧ ପୁରୁଷ ଓ ୧୨, ୮୮୮ ମହିଳା ଓ ୬ଜଣ ତୃତୀୟ ଲିଙ୍ଗ ) ଭୋଟର ଅଛନ୍ତି। ୨୯ ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ସାଧାରଣ ନିର୍ବାଚନକୁ ଦେଖିଲେ ଏଠାରେ ଅଣ କଂଗ୍ରେସ ଭୋଟ ଅଧିକ ରହିଛି। ଏଠାରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟର ଅଧିକ। ଏଥର ପୌର ନିର୍ବାଚନରେ ମହିଳା ଭୋଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଚର୍ଚ୍ଚା ହେଉଛି।

## ଦଳ ଛାଡିଲେ ନବରଙ୍ଗପୁର ନଗର କଂଗ୍ରେସ ସଭାପତି

ପୌର ନିର୍ବାଚନ ଯେତିକି ପାଖେଇ ଆସୁଛି, ନବରଙ୍ଗପୁରରେ ରାଜନୈତିକ ଉଷ୍ମତା ସେତେ ବଢ଼ିବାରେ ଲାଗିଛି। ନବରଙ୍ଗପୁର ପୂର୍ବତନ କାଉନ୍‌ସିଲର ତଥା ନଗର କଂଗ୍ରେସ ସଭାପତି ଭୀମ ହରିଜନ ଶନିବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ଆଜି ପର୍ଯ୍ୟନ୍ତ ମୋତେ ବହୁ ପଦପଦବୀ ସହ ବିଭିନ୍ନ ଗୁରୁଦାୟିତ୍ୱ ଦେଇ ଉଚ୍ଚ ଆସନରେ ରଖି ଆସିଛି, କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ବ୍ୟକ୍ତିଗତ ଅସୁବିଧା ହେତୁ ରାଜନୈତିକ କାର୍ଯ୍ୟ ତୁଲାଇବାରେ ଅସମର୍ଥ ମନେ କରି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଛି ବୋଲି ଭୀମ ନିଜ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି। ଏହାପରେ ସେ ବିଜେଡିରେ ମିଶିଛନ୍ତି।




# ୟୁପିରେ ସରିଲା ପ୍ରଚାର

ଲକ୍ଷ୍ନୌ,୫।୩(ପି.ଟି.)

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟ ଲାଗି ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏଥିସହିତ ଦୀର୍ଘ ୨ ମାସ ହେଲା ୟୁପିରେ ଲାଗି ରହିଥିବା ହାଇଭୋଲ୍ଟେଜ୍ ପ୍ରଚାରର ଅନ୍ତ ଘଟିଛି। ପ୍ରଚାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କଂଗ୍ରେସରୁ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ପାର୍ଟିରୁ ଅଖିଳେଶ ଯାଦବ, ଆର୍‌ଏଲ୍‌ଡିର ଜୟନ୍ତ ଚୌଧରୀ, ବିଏସ୍‌ପି ସୁପ୍ରିମୋ ମାୟାବତୀ ପ୍ରମୁଖ ସାମିଲ ହୋଇଥିଲେ। ରାଏବରେଲି ପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଭର୍ଚୁଆଲ ପ୍ରଚାର କରିଥିବାବେଳେ ସମାଜବାଦୀ ପାର୍ଟି ପାଇଁ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଚାରରେ ସାମିଲ ହୋଇଥିଲେ। ବିରୋଧୀ ଦଳଗୁଡ଼ିକ କୋଭିଡ୍ ପରିଚାଳନାରେ ସରକାରଙ୍କ ବିଫଳତା, ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି, ଅର୍ଥନୀତି ଓ ସୁରକ୍ଷା ସ୍ଥିତି ସମେତ ଚାଷୀ ଆନ୍ଦୋଳନ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଶାସକ ଭାଜପାକୁ ଜୋର୍‌ଦାର ସମାଲୋଚନା କରିଥିଲେ।

ସପ୍ତମ ପର୍ଯ୍ୟାୟରେ ମୋଦିଙ୍କ ନିର୍ବାଚନ ମଣ୍ଡଳୀ ବାରାଣସୀ ସମେତ ୫୪ଟି ବିଧାନସଭା ଆସନ ଲାଗି ସୋମବାର ମତଦାନ ହେବ। ଶନିବାର ପ୍ରଚାରର ଶେଷ ଦିନରେ ପ୍ରଧାନମନ୍ତ୍ରୀ ବାରାଣସୀ ଓ ଅନ୍ୟାନ୍ୟ ପଡୋଶୀ ଜିଲାରେ ସଭା ଓ ରୋଡ୍ ଶୋ' କରିଥିଲେ। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ୪ ଦିନ ହେଲା ବାରାଣସୀରେ ପ୍ରଚାର ଚଳାଇଥିବାବେଳେ ରାହୁଲ ମଧ୍ୟ କେତେକ ସଭାରେ ଯୋଗଦେଇଥିଲେ। ଭାଜପା ଡବଲ ଇଞ୍ଜିନ ସରକାର କଥା କହି ଆଉ ୫ ବର୍ଷ କ୍ଷମତାରେ ରହିବା ଲାଗି ସୁଯୋଗ ଦେବାକୁ ଭୋଟରଙ୍କୁ ଅନୁରୋଧ କରିଥିଲା। ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଭାଜପା ସରକାରରେ ମୁଦ୍ରାସ୍ଫୀତି, ବେରୋଜଗାରୀ, ଚାଷୀ ଆନ୍ଦୋଳନ ପ୍ରସଙ୍ଗରେ ଭାଜପା ସରକାରକୁ ଟାର୍ଗେଟ କରିଥିଲେ। ପ୍ରିୟଙ୍କା ତାଙ୍କର 'ଲଡ଼୍‌କୀ ହୁଁ, ଲଢ଼ ଶକ୍ତି ହୁଁ' ଅଭିଯାନ ଜରିଆରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରିଥିଲେ।


ବାରାଣସୀରେ କଂଗ୍ରେସର ଏକ ରାଲିରେ ଦଳୀୟ କର୍ମୀମାନେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ କଟ୍‌ଆଉଟ୍ ଧରିଛନ୍ତି।

# ପଦ୍ମ ଧରିଲେ ବିଜେଡି ରାଜ୍ୟ ସମ୍ପାଦକ

**ଅଣନିଃଶ୍ୱାସୀ ହୋଇ ଦଳ ଛାଡ଼ିଲି: ତ୍ରିନାଥ**

ଝାରସୁଗୁଡ଼ା ଅଫିସ,୫।୩

ଏବେ ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଝାରସୁଗୁଡ଼ା ଜିଲାରେ ବିଭିନ୍ନ ରାଜନୈତିକ ଦଳରେ ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏପରିକି ଆଗଧାଡିର ନେତୃବୃନ୍ଦ ଦଳଛାଡି ଅନ୍ୟ ଦଳରେ ଯୋଗଦେଉଥିବା ଦେଖିବାକୁ ମିଳୁଛି। ବିଜେଡି ରାଜ୍ୟ ସମ୍ପାଦକ ତ୍ରିନାଥ ଗୁଆଲ ଦଳଛାଡି ଶନିବାର ଭାଜପାରେ ଯୋଗଦାନ କରିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଦଳରେ ଦୀର୍ଘ ୩୦ବର୍ଷ ଧରି ଜଣେ ଶୃଙ୍ଖଳିତ ଓ ନିଷ୍ଠାପର ସଦସ୍ୟ ଭାବେ କାର୍ଯ୍ୟ କରିଆସୁଥିଲି। ଏବେ ଜୀବନବିନ୍ଦୁ ଜିଲା ସଂଯୋଜକ ଓ ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲି। ଜିଲା ବାର୍ ଆସୋସିଏଶନ୍ ସଭାପତି ମଧ୍ୟ ରହିଥିଲି। ଜିଲାରେ ଦଳ ଠିକ୍‌ଠାକ ଚାଲିଥିବାବେଳେ ଅନ୍ୟଦଳରୁ ନେତା ଆସିବା ଫଳରେ ୨୦୧୯ରେ ଦଳରେ ସମୀକରଣ ବଦଳିଗଲା। ପରେ ଦଳରେ ଉପଯୁକ୍ତ ସମ୍ମାନ ଦିଆ ନ ଯାଇ ଅଣଦେଖା କରାଗଲା। ଫଳରେ ଅଣନିଃଶ୍ୱାସୀ ହୋଇ ଦଳଛାଡି ଭାଜପାରେ ଯୋଗଦେବାକୁ ବାଧ୍ୟ ହେଲି। ଏବେ ଭାଜପାରେ ରହି ଝାରସୁଗୁଡ଼ାବାସୀଙ୍କ ପାଇଁ କାମ କରିବେ ବୋଲି ସେ କହିଛନ୍ତି। ବରଗଡ ଏମ୍‌ପି ସୁରେଶ ପୂଜାରୀ ଓ ବ୍ରଜରାଜନଗର ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା କହିଛନ୍ତି, ତ୍ରିନାଥ ଜଣେ ସୁସଙ୍ଗଠକ,ତାଙ୍କୁ ପାଇ ଦଳ ଗର୍ବିତ। ଆଗାମୀ ଦିନରେ ଝାରସୁଗୁଡ଼ାରେ ଦଳ ନିଶ୍ଚିତ ମଜଭୁତ୍ ହେବ। ଏହି ମିଶ୍ରଣପର୍ବ ବେହେରାମାଲସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଜିଲା ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

# ବ୍ରହ୍ମପୁରକୁ ଆଦର୍ଶ ମହାନଗର କରିବି : ସଂଘମିତ୍ରା

ବ୍ରହ୍ମପୁର ଅଫିସ, ୫।୩

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ମେୟର ପ୍ରାର୍ଥୀ ଭାବେ ବିଜେଡି ପକ୍ଷରୁ ବରିଷ୍ଠ ନେତ୍ରୀ ଆଇନଜୀବୀ ସଂଘମିତ୍ରା ଦଳାଇଙ୍କ ନାମ ଶନିବାର ଘୋଷଣା କରାଯାଇଛି। ଫଳରେ ଶାସକ ଦଳରୁ ପ୍ରାର୍ଥୀ ଚୟନ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି।

ସୂଚନାଯୋଗ୍ୟ, ପୂର୍ବ ପୌର ପରିଷଦ ବେଳେ ୨୦୦୩ରେ ହୋଇଥିବା ନିର୍ବାଚନରେ ସେ ପ୍ରଥମଥର ତତ୍କାଳୀନ ୧୭ନଂ. ୱାର୍ଡରୁ କାଉନ୍‌ସିଲର ଭାବେ ପୌରସଂସ୍ଥାକୁ ନିର୍ବାଚିତ ହୋଇଥିଲେ। ୨୦୦୮ ନିର୍ବାଚନରେ ୨୪ନଂ. ୱାର୍ଡରୁ ପୁଣି ନିର୍ବାଚିତ ହୋଇ କର୍ପୋରେଟର ହୋଇଥିଲେ। ପରବର୍ତ୍ତୀ ୨୦୧୩ ନିର୍ବାଚନରେ ତୃତୀୟଥର ଜିତି ହ୍ୟାଟ୍ରିକ କରିଥିଲେ। ସଂଘମିତ୍ରା ପ୍ରଥମେ ଅଣକଂଗ୍ରେସରୁ ରାଜନୀତି ଜୀବନ ଆରମ୍ଭ କରିଥିଲେ ମଧ୍ୟ କିଛିଦିନ କଂଗ୍ରେସରେ ଯୋଗଦେଇଥିଲେ। ୨୦୦୮ରୁ ସେ ବିଜେଡିର ସକ୍ରିୟ ରାଜନୀତିରେ ଥିଲେ। ତାଙ୍କ ସାଙ୍ଗଠନିକ ଦକ୍ଷତା ଦେଖି ତାଙ୍କୁ ଜିଲା ମହିଳା ବିଜେଡି ସଭାନେତ୍ରୀ କରାଯାଇଥିଲା। ଦୀର୍ଘବର୍ଷ ଧରି ଏହି ପଦ ସମ୍ଭାଳିଥିଲେ। ଏବେ ବି ସେ ଜିଲା ସଭାନେତ୍ରୀ ଅଛନ୍ତି। ମେୟର ପ୍ରାର୍ଥୀ ଘୋଷଣା ପରେ 'ଧରିତ୍ରୀ' ସହ ଏକ ସ୍ୱତନ୍ତ୍ର ଆଲୋଚନାରେ ସଂଘମିତ୍ରା କହିଛନ୍ତି, ମୋ ପ୍ରତି ଆସ୍ଥା ଓ ବିଶ୍ୱାସ ରଖି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏମ୍‌ସିର ମେୟର ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ସେଥିପାଇଁ ସେ ଦଳର ସୁପ୍ରିମୋଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା ଓ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ମହାନଗରର ସର୍ବାଙ୍ଗୀନ ବିକାଶ ପାଇଁ ଯେତେଗୁଡ଼ିଏ ଯୋଜନା କରିଛନ୍ତି ସେଥିମଧ୍ୟରୁ ଯେଉଁ କେତେକ ଅସମ୍ପୂର୍ଣ୍ଣ ରହିଛି ସେସବୁ ସମ୍ପୂର୍ଣ୍ଣ ଏବଂ ଆଉ କେତେକ ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ଜିତିବା ପରେ ପ୍ରାଥମିକତା ଦେବେ ବୋଲି ସୂଚାଇଛନ୍ତି।

ଏଠାରେ ଥିବା ମୌଳିକ ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନେବି ଏବଂ ରେଶମ ନଗରୀକୁ ସ୍ମାର୍ଟ ଓ ଏକ ଆଦର୍ଶ ସହରରେ ପରିଣତ ଲାଗି ସରକାର ଓ ମହାନଗରବାସୀଙ୍କ ସକ୍ରିୟ ସହଯୋଗ କାମନା କରିବି ବୋଲି ସଂଘମିତ୍ରା କହିଛନ୍ତି।


ସଂଘମିତ୍ରା ଦଳାଇ

# ଟିକେଟକୁ ନେଇ କନ୍ଦଳ ତେଜୁଛି



ଭୁବନେଶ୍ୱର, ୫।୩ (ବ୍ୟୁରୋ)

ପୌର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପାଇଁ ଆଉ ମାତ୍ର ୨ଦିନ ସମୟ ରହିଛି। ତେବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଟିକେଟ ପାଇବାକୁ ଆଶାୟୀ ସଂଖ୍ୟା ଅଧିକ ରହୁଥିବାରୁ ପ୍ରାର୍ଥୀ ଚୟନ ବିଭିନ୍ନ ଦଳ ପାଇଁ ବୁମେରାଂ ପାଲଟିଛି। ସଂରକ୍ଷଣ ଆରମ୍ଭରୁ ହିଁ କର୍ପୋରେଟର ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଦୀର୍ଘ ବର୍ଷ ଧରି ଦଳ ପାଇଁ କାମ କରୁଥିବା କେତେଜଣ ଆଶାୟୀ ସଂରକ୍ଷଣ ଯୋଗୁ ବାଦ୍ ପଡିଥିବାବେଳେ ଏବେ ଆଉ କେତେଜଣଙ୍କୁ ନାନା ବାହାନା ଦେଖାଇ ଟିକେଟ ଦିଆଯାଇ ନ ଥିବାରୁ ଦଳୀୟ କନ୍ଦଳ ତୀବ୍ର ହେବାରେ ଲାଗିଛି। ଇତିମଧ୍ୟରେ କଂଗ୍ରେସ ତା'ର ୩୦ ୱାର୍ଡ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ ମଧ୍ୟ ବିଜେଡି ଓ ଭାଜପାରେ ଟିକେଟକୁ ନେଇ ଟଣାଓଟରା ବିଷମ ପରିସ୍ଥିତି ସୃଷ୍ଟି କରିଛି। ଏପରିକି ଏହି ଦୁଇ ଦଳ ଅଧିକାଂଶ ୱାର୍ଡ ପାଇଁ ଏଯାଏ ପ୍ରାର୍ଥୀ ଘୋଷଣା କରିପାରୁନାହାନ୍ତି। ଫଳରେ ଟିକେଟ ପାଇବା ପୂର୍ବରୁ ବହୁ ପ୍ରାର୍ଥୀ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ଦଳ ପକ୍ଷରୁ ୱାର୍ଡ ପାଇଁ କର୍ପୋରେଟର ପ୍ରାର୍ଥୀ ଚୟନ ହୋଇ ସାରିଥିଲେ ବି କନ୍ଦଳ ଓ ଅସନ୍ତୋଷ ଲାଗି ରହିଥିବାରୁ ବିଧିମତେ ଘୋଷଣା ହୋଇପାରୁ ନାହିଁ। ବିଜେଡି ପକ୍ଷରୁ କେତେଜଣଙ୍କୁ ଟିକେଟ ମିଳିବା ନେଇ ଫୋନ୍ ଯୋଗେ ନିଶ୍ଚିତ କରାଯାଇଛି। ସେମାନେ ନାମାଙ୍କନପତ୍ର ଦାଖଲ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ବାକି କେତେକ ୱାର୍ଡ ପାଇଁ ପ୍ରାର୍ଥୀ ଚୟନ ରବିବାର ହେବ ବୋଲି ଜଣାପଡିଛି। ସେହିଭଳି ଭାଜପାରେ ମଧ୍ୟ କେତେଜଣଙ୍କ ପ୍ରାର୍ଥିତ୍ୱ ସଂକ୍ରାନ୍ତରେ ସ୍ପଷ୍ଟ କରାଯାଇଛି। ଫଳରେ ଟିକେଟ ମିଳୁ ନ ଥିବା ଜାଣିବା ପରେ ବହୁ ଅସନ୍ତୁଷ୍ଟ ଆଶାୟୀ ପ୍ରାର୍ଥୀ ଦଳ ଛାଡ଼ିବାକୁ ଚିନ୍ତା କରୁଥିବାବେଳେ ଆଉ କେତେଜଣ ସ୍ୱାଧୀନ ଭାବେ ଲଢ଼ିବାକୁ ସଜବାଜ ହେଲେଣି। ୬୩ନଂ ୱାର୍ଡରେ ଏପରି କିଛି ସ୍ଥିତି ଦେଖିବାକୁ ମିଳିଛି। ଟିକେଟ ନ ମିଳିବାରୁ ଭାଜପାର ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି ଶେଷରେ ଶୁକ୍ରବାର ଦଳରୁ ଇସ୍ତଫା ଦେଇଛନ୍ତି। ଦୀର୍ଘଦିନଧରି ସେ ଦଳର ଜଣେ ସକ୍ରିୟ କର୍ମୀ ଭାବେ ଲୋକଙ୍କ ସୁଖ ଦୁଃଖର ସାଥୀ ହୋଇ ରହିଛନ୍ତି। ମାତ୍ର ଦଳ ତାଙ୍କ ପ୍ରତି ଅଣଦେଖା କରିଥିବା ଅଭିଯୋଗ କରି ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି। ଏଥିସହ ସ୍ଥାନୀୟ ବାସିନ୍ଦାଙ୍କ ସମର୍ଥନରେ ସେ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିବାକୁ ସ୍ଥିର କରିଛନ୍ତି। ଚଳିତ ବର୍ଷ ଉକ୍ତ ୱାର୍ଡ ଏଥର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଶନିବାର ସ୍ତ୍ରୀଙ୍କ କର୍ପୋରେଟର ପ୍ରାର୍ଥିତ୍ୱ ପାଇଁ ରଘୁନାଥ ଫର୍ମ କିଣି ନେଇଛନ୍ତି। ସୋମବାର ନିଜ ସମର୍ଥକଙ୍କ ସହିତ ଆସି ଲକ୍ଷ୍ମୀପ୍ରିୟା ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ସେ ସୂଚନା ଦେଇଛନ୍ତି। ତେବେ କେବଳ ଭାଜପା ନୁହେଁ, ଅନ୍ୟ ଦଳରେ ମଧ୍ୟ ଏପରିସ୍ଥିତି ସୃଷ୍ଟି ହୋଇଥିବାରୁ ଏକପ୍ରକାର ବିଦ୍ରୋହ ଆରମ୍ଭ ହୋଇଛି। ଭୋଟରେ କିଛି ଏପଟସେପଟ କରିବାର ଆଶଙ୍କା ଥିବାରୁ ଦଳୀୟ ନେତୃବୃନ୍ଦ ଅସନ୍ତୁଷ୍ଟଙ୍କୁ ମଧ୍ୟ କାମ ଓ ବିଭିନ୍ନ ପଦର ଲୋଭ ଦେଖାଉ ବୁଝାଇବାକୁ ଚେଷ୍ଟା ଜାରି ରଖିଥିବା ଜଣାପଡିଛି।

## ଭାଜପାରୁ ଇସ୍ତଫା ଦେଲେ ରଘୁନାଥ

- ଦଳୀୟ ପ୍ରାର୍ଥୀଙ୍କ ପାଇଁ କଣ୍ଟା ହୋଇପାରନ୍ତି ଅସନ୍ତୁଷ୍ଟ
- ସନ୍ତୁଷ୍ଟ କରିବାକୁ ଦିଆଯାଉଛି କାମ, ପଦର ଲୋଭ

# ଆଜି ମେୟର, କର୍ପୋରେଟର ପ୍ରାର୍ଥୀ ତାଲିକା ଘୋଷଣା କରିବ ଆପ୍

ଭୁବନେଶ୍ୱର,୫।୩(ବ୍ୟୁରୋ)

ପୌର ନିର୍ବାଚନ ପ୍ରକ୍ରିୟାରେ ଭୁବନେଶ୍ୱର ମହାନଗର ନିର୍ବାଚନ ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ରବିବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ମେୟର ଓ ୧୫ଜଣ କର୍ପୋରେଟର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ତେବେ ତାଲିକା ପ୍ରକାଶ ପାଇବା ପୂର୍ବରୁ ଆପ୍ ପକ୍ଷରୁ ଜଣେ କର୍ପୋରେଟର ପ୍ରାର୍ଥୀ ମହମ୍ମଦ ଅମିରଉଦ୍ଦିନ ୱାର୍ଡ ନଂ. ୬୫ ପାଇଁ ଶନିବାର ପ୍ରାର୍ଥିପତ୍ର ଦାଖଲ କରିସାରିଛନ୍ତି। ତେବେ ଏ ସମ୍ପର୍କରେ ସୂଚନା ଦେଇ ଆପ୍‌ର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର କହିଛନ୍ତି, ଚୟନ ପ୍ରକ୍ରିୟା ଜାରି ରହିଥିବାରୁ ଘୋଷଣା ସମୟ ସୁଦ୍ଧା କର୍ପୋରେଟର ପ୍ରାର୍ଥୀ ସଂଖ୍ୟା ବଢିପାରେ।

# ୬ କର୍ପୋରେଟର ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କଲା ସିପିଆଇ(ଏମ୍)

ଭୁବନେଶ୍ୱର,୫।୩(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ପାଇଁ ୬ଜଣ କର୍ପୋରେଟର ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିଛି ସିପିଆଇ(ଏମ୍)। ସେମାନେ ହେଲେ ୱାର୍ଡ ନଂ. ୫ ପାଇଁ ବିମଳି ନାୟକ, ୱାର୍ଡ ନଂ. ୧୬ ପାଇଁ ଗଙ୍ଗାଧର ନାୟକ, ୱାର୍ଡ ନଂ. ୨୦ ପାଇଁ ନିରୁପମା ନାୟକ, ୱାର୍ଡ ନଂ. ୩୫ ପାଇଁ ଦେବଦାସୀ ଦାସ, ୱାର୍ଡ ନଂ. ୬୫ ପାଇଁ ବସନ୍ତ ସାହୁ ଓ ୬୬ ନଂ. ୱାର୍ଡ ପାଇଁ ବାସନ୍ତୀ ସାହୁ। ରବିବାର ଏମାନେ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ସିପିଆଇ(ଏମ୍) ପକ୍ଷରୁ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଏସ୍‌ପିରେ ରୀତା ବହୁଗୁଣା ଜୋଷୀଙ୍କ ପୁଅ

ଆଜମଗଡ଼(ୟୁପି),୫।୩

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର ଶେଷ ପର୍ଯ୍ୟାୟ ଭୋଟ ପୂର୍ବରୁ ଭାଜପା ଏମ୍‌ପି ରୀତା ବହୁଗୁଣା ଜୋଷୀଙ୍କ ପୁଅ ମୟଙ୍କ ଜୋଷୀ ଶନିବାର ସମାଜବାଦୀ ପାର୍ଟି (ଏସ୍‌ପି)ରେ ସାମିଲ ହୋଇଛନ୍ତି। ଆଜମଗଡ଼ରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବାବେଳେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଏହା ଘୋଷଣା କରିଛନ୍ତି। ଲକ୍ଷ୍ନୌ କ୍ୟାଣ୍ଟନମେଣ୍ଟ ଆସନରୁ ମୟଙ୍କ ଭାଜପା ଟିକେଟରେ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଚାହୁଁଥିଲେ। ଏଥିପାଇଁ ଗତ ଜାନୁୟାରୀରେ ତାଙ୍କ ମାଆ ଭାଜପା ନେତୃତ୍ୱକୁ ଅନୁରୋଧ କରିଥିଲେ। ପୁଅ ଟିକେଟ ନ ପାଇଲେ ସେ ଏମ୍‌ପି ପଦ ଛାଡ଼ିଦେବେ ବୋଲି ମଧ୍ୟ କହିଥିଲେ। ମୟଙ୍କଙ୍କୁ ଭାଜପା ଟିକେଟ ଦେଇ ନ ଥିଲା। ସେତେବେଳେ ଦଳର ନିଷ୍ପତ୍ତିକୁ ସମ୍ମାନ ଜଣାଉଛି ବୋଲି ରୀତା କହିଥିଲେ।


ମୟଙ୍କ ଜୋଷୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ।

# ପନିରସେଲ୍‌ଭାମଙ୍କ ଭାଇ ଏଆଇଏଡିଏମ୍‌କେରୁ ବହିଷ୍କୃତ

ଚେନ୍ନାଇ,୫।୩

ଶଶିକଳାଙ୍କୁ ଭେଟିଥିବା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ. ପନିରସେଲ୍‌ଭାମଙ୍କ ଭାଇ ଓ. ରାଜାଙ୍କ ସମେତ ଥେନି ଜିଲାର ଅନ୍ୟ ୩ ଜଣ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଏଆଇଏଡିଏମ୍‌କେରୁ ବହିଷ୍କାର କରାଯାଇଛି। ବହିଷ୍କୃତ ହୋଇଥିବା ଅନ୍ୟ ୩ ନେତା ହେଲେ ଏସ୍. ମୁରୁଗେସାନ, ଭୈଗାଇ କୁରୁପୁଜି ଏବଂ ଏସ୍. ଡେଥୁପଥି। ବହିଷ୍କୃତ ନେତାମାନଙ୍କ ସହ କୌଣସି ସମ୍ପର୍କ ନ ରଖିବାକୁ ପନିରସେଲ୍‌ଭାମ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଇ.କେ. ପଲାନିସ୍ୱାମୀ ଦଳୀୟ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଓ. ରାଜା ନିଜ ପ୍ରତିକ୍ରିୟାରେ କହିଛନ୍ତି, ଦଳ ଶଶିକଳାଙ୍କ ଭଳି ନେତୃତ୍ୱ ଆବଶ୍ୟକ କରୁଛି। ମୋତେ ଦଳରୁ ବହିଷ୍କାର କରିବାକୁ ପନିରସେଲ୍‌ଭାମ ଏବଂ ପଲାନିସ୍ୱାମୀ କିଏ ବୋଲି ରାଜା ପ୍ରଶ୍ନ କରିଛନ୍ତି। ସେ ଦଳର ପ୍ରତିଷ୍ଠାତା ଏମ୍.ଜି. ରାମଚନ୍ଦ୍ରନ୍‌ଙ୍କ ସମୟରୁ ଦଳରେ ସଦସ୍ୟ ଅଛନ୍ତି। ଶଶିକଳା ଦଳର ସାଧାରଣ ସମ୍ପାଦକ ରହିଛନ୍ତି। ଦଳରୁ ତାଙ୍କୁ ବହିଷ୍କାର କରାଯିବା ଅବୈଧ ବୋଲି ରାଜା ଗଣମାଧ୍ୟମକୁ କହିଛନ୍ତି।


ଓ. ରାଜା

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୪,୪୫,୯୪,୧୩୫ | ୬୦,୧୨,୯୬୦ | ୩୭,୭୫,୪୫,୧୫୯ |
| ଭାରତ | ୪,୨୯,୫୭,୪୭୭ | ୫,୧୪,୯୦୮ | ୪,୨୩,୭୮,୭୨୧ |
| ଓଡ଼ିଶା | ୧୨,୮୫,୭୬୦ | ୯୦୯୮(+୫୩) | ୧୨,୭୫,୨୨୮ |

ଶନିବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଗ୍ରାହକଙ୍କ ଚାହିଦା ସର୍ବୋଚ୍ଚ ପ୍ରାଥମିକତା

**ଅନେକ ବାଧାବିଘ୍ନ ଅତିକ୍ରମ କରି ୯୦ ଦଶକରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନରେ ଆରମ୍ଭ କରିଥିଲେ 'ଗ୍ରୀନ୍ ଚିଲିଜ୍'। ଦୃଢ଼ ଇଚ୍ଛାଶକ୍ତି ତଥା ଅକ୍ଳାନ୍ତ ପରିଶ୍ରମ ବଳରେ ସେହି ଅନୁଷ୍ଠାନ ଆଜି ଏକ ଲୋକପ୍ରିୟ ଫୁଡ୍‌କୋର୍ଟ ଓ ଗ୍ରୀନ୍ ଚିଲିଜ୍ ଗ୍ରୁପ୍‌ରେ ପରିଗଣିତ ହୋଇଛି। ଉକ୍ତ ଫୁଡ୍ ଚେନ୍‌ର ପ୍ରତିଷ୍ଠାତା ଏମ୍. କେଶବ ରାଓ ନିଜ ସଂଘର୍ଷମୟ ଯାତ୍ରାର ଅନୁଭୂତି ଧରିତ୍ରୀ ସହ ବାଣ୍ଟିଛନ୍ତି।**



ଏମ୍. କେଶବ ରାଓ, ପ୍ରତିଷ୍ଠାତା, ଗ୍ରୀନ୍ ଚିଲିଜ୍




**⇨ ଗ୍ରୀନ୍ ଚିଲିଜ୍‌ର ଯାତ୍ରା କିପରି ଆରମ୍ଭ ହୋଇଥିଲା?**

କମ୍ ବୟସରେ ପାଠପଢ଼ା ଛାଡ଼ି ପରିବାର ପ୍ରତିପୋଷଣ ପାଇଁ ସହର ସହର ବୁଲି କାମ ଖୋଜୁଥିଲି। ରାସ୍ତାକଡ଼ର ଠେଲା ଓ ଫୁଡ୍ କାଉଣ୍ଟରଗୁଡ଼ିକରୁ ଖାଦ୍ୟ ଖାଇ ଜୀବନ ଅତିବାହିତ କରୁଥାଏ। ଏହା ମଧ୍ୟରେ ମନରେ ଅନେକ ସ୍ୱପ୍ନ ଧରି ଭୁବନେଶ୍ୱରକୁ ଫେରି ବେପାର କରିବାକୁ ଇଚ୍ଛା ହେଲା। ତା' ପରେ ଆରମ୍ଭ ହୋଇଥିଲା ଏକ ନୂତନ ଅଧ୍ୟାୟ। ୧୯୯୯ ଜୁଲାଇରେ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଛକରେ ବିଏମ୍‌ସି ଓ ଓପଲଫେଡ୍ ସହାୟତାରେ ଏକ ବୁଥ୍‌ରେ ଆରମ୍ଭ କରିଥିଲି ଫାଷ୍ଟଫୁଡ୍ ବ୍ୟବସାୟ। କିଛିଦିନ ପରେ ମହାବାତ୍ୟା ମୋ ଦୋକାନ ଘରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଲା। ହେଲେ ମୁଁ ହାର ନ ମାନି ପୁଣି ବ୍ୟବସାୟ ଆରମ୍ଭ କରିଥିଲି। ଗତ ୨୩ ବର୍ଷର ବ୍ୟବସାୟ ମଧ୍ୟରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇ ମଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ଭରସାରେ ଆଗେଇ ଚାଲିଛି। ବର୍ତ୍ତମାନ ଗ୍ରୀନ୍ ଚିଲିଜ୍ ଏକ ଗ୍ରୁପ୍‌ରେ ପରିଣତ ହେବା ସହ ସାରା ଦେଶରେ ସ୍ୱତନ୍ତ୍ର ଫାଷ୍ଟଫୁଡ୍ ୟୁନିଟ୍‌ର ସୁନାମ ପାଇଛି।

**⇨ ଗ୍ରୀନ୍ ଚିଲିଜ୍‌ର ସଫଳତା ପଛର ରହସ୍ୟ କ'ଣ?**

ସଫଳତା ଦିନକରେ ମିଳେନାହିଁ। ୫ ବର୍ଷର ପରିଶ୍ରମ ଓ ଗୁଣାତ୍ମକ ଖାଦ୍ୟ ସାଙ୍ଗକୁ ଲୋକସମ୍ପର୍କ ଯୋଗୁ ଏହା ସମ୍ଭବ ହୋଇଛି। ସେହିଭଳି ଗ୍ରାହକଙ୍କ ଚାହିଦା ପୂରଣ ଓ ବୃତ୍ତିକୁ ବ୍ରତ ବୋଲି ଭାବିବା ସହ ସାଧୁତାକୁ ମଧ୍ୟ ଗୁରୁତ୍ୱ ଦେଇଆସିଛି। ଫଳରେ ଉଭୟ ଗ୍ରାହକ ଓ କର୍ମଚାରୀଙ୍କ ପ୍ରିୟପାତ୍ର ହେବା ସହିତ ସଫଳତାର ସ୍ୱାଦ ଚାଖିବା ଆରମ୍ଭ କରିଥିଲି।

**⇨ ଆପଣଙ୍କ ଆଗାମୀ ଯୋଜନା କ'ଣ ରହିଛି?**

ବିନା ଯୋଜନାରେ ବ୍ୟବସାୟ କରିବା କଷ୍ଟକର। ଗତ ୨ ବର୍ଷରେ କୋଭିଡ୍ ମହାମାରୀର ପ୍ରଭାବ ଖାଦ୍ୟ ବ୍ୟବସାୟୀଙ୍କ ଉପରେ ଅନେକ ମାତ୍ରାରେ ପଡ଼ିଛି। ବ୍ୟବସାୟ ବନ୍ଦ ରହିଥିଲେ ମଧ୍ୟ କର୍ମଚାରୀ ଓ ପରିବାର ପ୍ରତିପୋଷଣ ଦାୟିତ୍ୱ ଥିଲା। ଏହାରି ମଧ୍ୟରେ କିଛି ପରିମାଣରେ କାରବାରରେ ସୁଧାର ଆସିଛି। ସମୟ ଠିକ୍ ରହିଲେ ଭୁବନେଶ୍ୱରବାସୀ ଗ୍ରୀନ୍ ଚିଲିଜ୍ ପକ୍ଷରୁ ଆଉ ଏକ ନୂଆ ପ୍ଲାଟ୍‌ଫର୍ମ 'ଗୋଲ୍ଡେନ ଚିଲି'ରୁ ସୁଷମ ଓ ସ୍ୱାଦିଷ୍ଟ ଖାଦ୍ୟର ମଜା ଉଠାଇପାରିବେ। ଉଭୟ ଗ୍ରୀନ୍ ଚିଲିଜ୍ ଏବଂ ଗୋଲ୍ଡେନ ସହ ଏହାର କ୍ୟାଟରିଙ୍ଗ ସୁବିଧା ଓ ସେବା ମଧ୍ୟ ଦେଶବାସୀଙ୍କୁ ଯୋଗାଇବା ଯୋଜନା ରହିଛି।

**⇨ ଗ୍ରୀନ୍ ଚିଲିଜ୍‌ର ବୈଶିଷ୍ଟ୍ୟ କ'ଣ?**

ଗ୍ରୀନ୍ ଚିଲିଜ୍‌ର ଅନେକ ବୈଶିଷ୍ଟ୍ୟ ରହିଛି, ସେଥିମଧ୍ୟରୁ ଭିନ୍ନ ଭିନ୍ନ ରାଜ୍ୟର ସଂଜ୍ଞା ବହନ କରୁଥିବା ବିରିୟାନି ଏବଂ ରୋଲ୍‌ର ଚାହିଦା ବେଶ୍ ଭଲ ରହିଛି। ସବୁ ବ୍ୟବସାୟରେ ମୁଖ୍ୟ ହେଉଛନ୍ତି ଗ୍ରାହକ। କିନ୍ତୁ ଗ୍ରୀନ୍ ଚିଲିଜ୍‌ରେ କୌଣସି ବର୍ଗ କିମ୍ବା ସ୍ୱତନ୍ତ୍ର ଗ୍ରାହକ ନ ଥାନ୍ତି। ଏହାର ସ୍ୱାଦ ଓ ଚାହିଦା ଯୋଗୁ ସବୁ ବର୍ଗର ଲୋକ ଗ୍ରୀନ୍ ଚିଲିର ପ୍ରମୁଖ ଗ୍ରାହକ ବୋଲି ଧରିଥାଉ। ଗ୍ରାହକ ଈଶ୍ୱର ହୋଇଥିବାରୁ କାହାକୁ ଆମେ ସ୍ୱତନ୍ତ୍ର ବୋଲି ଭାବି ନ ଥାଉ।

**⇨ ବର୍ତ୍ତମାନ ଖାଦ୍ୟ ବ୍ୟବସାୟରେ କାହାର ଟ୍ରେଣ୍ଡ ଭଲ ରହୁଛି?**

ଫାଷ୍ଟଫୁଡ୍ ଖାଦ୍ୟର ମଜା ଉଠାଇବାକୁ ହେଲେ ପରିବାର ଓ ବନ୍ଧୁମାନଙ୍କ ସହ ଏକତ୍ର ବସି ଖୋଲା ଆକାଶ ତଳେ ଖାଇବାର ଆନନ୍ଦ ନିଆରା। ହେଲେ କୋଭିଡ୍ ପରଠାରୁ ଏହାର ଚାହିଦା ଧୀରେ ଧୀରେ ହ୍ରାସ ପାଉଛି। କେତେଜଣ ଗ୍ରାହକ ବର୍ତ୍ତମାନ ମଧ୍ୟ ଖୋଲା ଆକାଶ ତଳେ ବସି ଖାଉଛନ୍ତି। ହେଲେ ଅଧିକାଂଶ ଗ୍ରାହକ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ପାର୍ସଲକୁ ପସନ୍ଦ କରୁଛନ୍ତି। କୋଭିଡ୍ ଭୟ ଯୋଗୁ ପାର୍ସଲର ଟ୍ରେଣ୍ଡ ବଢ଼ିଯାଇଛି। ଖାଦ୍ୟ ଡେଲିଭରି ସୁବିଧା ଓ ସେବା ଆସିବା ଦିନଠାରୁ ପାର୍ସଲ ଚାହିଦା ମଧ୍ୟ ବଢ଼ିଛି।

**⇨ ଅବସର ବେଳେ କିପରି ସମୟ ଅତିବାହିତ କରିଥାନ୍ତି?**

ବ୍ୟସ୍ତତା ମଧ୍ୟରେ ଅବସର ପାଇଁ ଆବଶ୍ୟକ ସମୟ ନ ଥାଏ। ହେଲେ ଘର, ପରିବାର ଓ ବନ୍ଧୁଜନଙ୍କ ସହ ଦେଖା ସାକ୍ଷାତ୍‌ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ଯୋଗଦେବାକୁ ସମୟ ବାହାର କରିବାକୁ ପଡ଼େ। ଅବସର ବେଳେ ଯୁଆଡ଼େ ଗଲେ ବି ପିଲା ଓ ପରିବାର ସର୍ବୋପରି ମୋ ମା'ଙ୍କ ପାଖରେ ଅଧିକ ସମୟ କାଟିବାକୁ ମୋତେ ଭଲ ଲାଗେ।

**⇨ ଯୁବ ବ୍ୟବସାୟୀଙ୍କୁ କି ପରାମର୍ଶ ଦେବେ?**

ବ୍ୟବସାୟ ପାଇଁ ମନ ବଳାଉଥିବା ଯୁବ ବ୍ୟବସାୟୀଙ୍କୁ ଏତିକି କହିବି ବିଶ୍ୱାସଭାଜନ ଓ ଲୋକସମ୍ପର୍କକୁ ଗୁରୁତ୍ୱ ଦେବା ସହିତ କର୍ମଚାରୀ ଓ ବ୍ୟବସାୟରେ ସାଧୁତା ବଜାୟ ରଖିଲେ ସଫଳତା ଆପେ ଆପେ ମିଳିଯିବ।

**ସରିଆସୁଛି ଆର୍ଥିକ ବର୍ଷ**

# ଖର୍ଚ୍ଚ ପାଇଁ ତରବର

## ଭିଡ଼ ନ କରିବାକୁ ଅର୍ଥ ବିଭାଗର ପରାମର୍ଶ

**ଭୁବନେଶ୍ୱର,୫।୩(ବ୍ୟୁରୋ)**

୨୦୨୧-୨୨ ଆର୍ଥିକ ବର୍ଷ ଶେଷ ହେବାକୁ ବସିବସିଥିବାବେଳେ ଅନେକ ବିଭାଗ ବଜେଟ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇନାହାନ୍ତି। ଏପରି କି କେତେକ ବିଭାଗ ୪୦% ଅର୍ଥ ବି ଖର୍ଚ୍ଚ କରିପାରିନାହାନ୍ତି। ବିଭାଗଗୁଡ଼ିକ ବକେୟା ଅର୍ଥ ଖର୍ଚ୍ଚ ପାଇଁ ଏବେ ତରବର ହେଉଛନ୍ତି। ମାର୍ଚ୍ଚ ଶେଷବେଳକୁ ଏକକାଳୀନ ଅର୍ଥ ଖର୍ଚ୍ଚ ପାଇଁ ଭିଡ଼ ନ କରିବାକୁ ଅର୍ଥ ବିଭାଗ ପରାମର୍ଶ ଦେଇଛି। ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ ଏ ନେଇ ସମସ୍ତ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ସଚିବ ଏବଂ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖିଛନ୍ତି।

ଅର୍ଥ ମଞ୍ଜୁରୀ, ପାଣ୍ଠି ଫେରସ୍ତ, ଟ୍ରେଜେରିରେ ବିଲ୍ ଦାଖଲ ଏବଂ ପାଣ୍ଠି ମଞ୍ଜୁରୀ ପାଇଁ ବିଭାଗରେ ପ୍ରସ୍ତାବ ଦାଖଲ ଲାଗି ଅର୍ଥ ବିଭାଗ ପକ୍ଷରୁ ଧାର୍ଯ୍ୟ ସମୟସୀମା ସଂକ୍ରାନ୍ତରେ ପୂର୍ବରୁ ଚିଠି ଲେଖି ଅବଗତ କରାଯାଇଥିଲା। ପ୍ରଶାସନିକ ବିଭାଗଗୁଡ଼ିକୁ ମଧ୍ୟ ଏନେଇ ଅବଗତ କରାଯାଇଛି। ମାର୍ଚ୍ଚ ଶେଷଭାଗରେ ଟ୍ରେଜେରିରେ ଏକକାଳୀନ ବିଭିନ୍ନ ପ୍ରକାରର ବିଲ୍ ଦାଖଲରେ ସମସ୍ୟା ଦେଖାଦେବାରୁ ଅର୍ଥ ବିଭାଗ ନୂତନ ସମୟ ଧାର୍ଯ୍ୟ କରିଥିଲା। ମାର୍ଚ୍ଚ ୯ ପୂର୍ବରୁ ସମସ୍ତ ପ୍ରକାର ଯନ୍ତ୍ରପାତି ଖରିଦ, ସାଜସରଞ୍ଜାମ ଏବଂ ଯାନବାହନ ଖରିଦ, ଅଂଶଧନ ନିବେଶ, ସମବାୟ ସଂସ୍ଥା ସପକ୍ଷରେ ବଜେଟ ସହାୟତା, ଶିଳ୍ପସଂସ୍ଥା, ପିଏସ୍‌ୟୁଗୁଡ଼ିକରେ ଋଣ କିମ୍ବା ଅଂଶଧନ ନିବେଶ ଓ ସବ୍‌ସିଡି ଆଦି କାର୍ଯ୍ୟ ଶେଷ କରିବା ପାଇଁ କୁହାଯାଇଛି। ମାର୍ଚ୍ଚ ୯ ପରେ ଟ୍ରେଜେରି ଆଉ ଏହା ଗ୍ରହଣ କରିବ ନାହିଁ ବୋଲି ଅର୍ଥ ସଚିବ ସତର୍କ କରାଇ ଦେଇଛନ୍ତି।

ତେବେ ନୂତନ ସମୟସୀମା ଅନୁଯାୟୀ ବିଲ୍‌ଗୁଡ଼ିକର ସମସ୍ତ ତ୍ରୁଟିବିଚ୍ୟୁତି ସୁଧାରି ମାର୍ଚ୍ଚ ୧୪ ସୁଦ୍ଧା ଦାଖଲ କରାଯିବ। କୌଣସି ସ୍ଥିତିରେ ମାର୍ଚ୍ଚ ୧୫ ପରେ ଏହି ସମୟସୀମା ଆଉ ବୃଦ୍ଧି କରାଯିବ ନାହିଁ। ତେବେ ରିଲିଫ ବ୍ୟୟ, ପ୍ରାକୃତିକ ବିପର୍ଯ୍ୟୟ, ବିଜୁଳି, ଟେଲିଫୋନ୍ ବିଲ୍, ଘରଭଡ଼ା, ଯାନବାହନ ଖର୍ଚ୍ଚ, ମେଡିକାଲ ଆଡ୍‌ଭାନ୍ସ, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା, ବିଭିନ୍ନ ପ୍ରକାର ବୃତ୍ତି, ମଧ୍ୟାହ୍ନଭୋଜନ, ପୋଲିସ ସଂଗଠନ, ନିର୍ବାଚନ ଆଦି ପାଇଁ ପ୍ରସ୍ତୁତ ବିଲ୍‌ଗୁଡ଼ିକୁ ମାର୍ଚ୍ଚ ୨୫ ସୁଦ୍ଧା ଦାଖଲ ପାଇଁ କୁହାଯାଇଛି।

କେନ୍ଦ୍ରୀୟ ଯୋଜନା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା, କେନ୍ଦ୍ର ସହାୟତା ଆଦି ଦାବି ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି। ମାର୍ଚ୍ଚ ୩୧ ପୂର୍ବରୁ ବ୍ୟୟ ହେବାକୁ ନ ଥିବା କୌଣସି ଅର୍ଥ ପାଇଁ ଟ୍ରେଜେରିରେ ବିଲ୍ ଦାଖଲ ହେବନାହିଁ। ଏହି ଅର୍ଥକୁ ସରେଣ୍ଡର କରାଯାଇପାରିବ।

୨୦୨୧-୨୨ ବଜେଟରେ ଉଠାଯାଇ ଖର୍ଚ୍ଚ ହୋଇପାରି ନ ଥିବା ଅର୍ଥ ମାର୍ଚ୍ଚ ଶେଷସୁଦ୍ଧା ସରକାରୀ ଆକାଉଣ୍ଟରେ ଜମାହେବ। ବ୍ୟୟ ହୋଇପାରି ନ ଥିବା ଅର୍ଥ ପରବର୍ତ୍ତୀ ଆର୍ଥିକ ବର୍ଷରେ ବ୍ୟୟ ହୋଇପାରିବ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଯେଭଳି ଟ୍ରେଜେରିରେ ବିଲ୍ ସବୁ ଦାଖଲ ହୁଏ ସେଥିପ୍ରତି ପଦକ୍ଷେପ ନେବାକୁ ଡିଡିଓମାନଙ୍କୁ ପରାମର୍ଶ ଦିଆଯାଇଛି।

ସରକାରୀ ଅର୍ଥକୁ ବେଆଇନ ଭାବେ ବ୍ୟାଙ୍କରେ ଜମା ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅର୍ଥ ବିଭାଗ ଜାରି କରିଥିବା ନିର୍ଦ୍ଦେଶନାମା ଅନୁଯାୟୀ ଯଦି କୌଣସିଠାରେ ସରକାରୀ ଅର୍ଥ ଏଭଳି ଭାବେ ବ୍ୟାଙ୍କରେ ଜମାହେବ ତେବେ ସେଥିପାଇଁ ଡିଡିଓମାନେ ଦାୟୀ ରହିବେ। ଏପରି କି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## କ୍ଷୀର ଏମ୍‌ଏସ୍‌ପି ତୁରନ୍ତ ଲାଗୁ କରାଯାଉ

**ଭୁବନେଶ୍ୱର,୫।୩(ବ୍ୟୁରୋ)**

ଦୁଗ୍ଧର ଲିଟର ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି.) ୩୫ ଟଙ୍କା କରିବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଦାବି କରି ଆସୁଛି। ତେବେ ଏହାକୁ ସମାଜବାଦୀ ପାର୍ଟି ସମର୍ଥନ କରିବା ସହ ଦୁଗ୍ଧ ଚାଷୀଙ୍କ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇଁ କ୍ଷୀରର ଏକ ସ୍ଥିରୀକୃତ ମୂଲ୍ୟ ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦୃଢ଼ ଦାବି ରଖିଛି। ପାର୍ଟିର ରାଜ୍ୟ କମିଟି ସଭାପତି ରବି ବେହେରା କହିଛନ୍ତି, ମଙ୍ଗଳବାରଠାରୁ ଅମୂଲ କମ୍ପାନୀ ଲିଟର ପିଛା ୨ ଟଙ୍କା କ୍ଷୀର ଦର ବୃଦ୍ଧି କରିଛି। ସେହିପରି ମଦର ଡାଏରୀ କମ୍ପାନୀ ମଧ୍ୟ ରବିବାରଠାରୁ ଦର ବୃଦ୍ଧି କରିବାକୁ ଯାଉଛି। କମ୍ପାନୀଗୁଡ଼ିକ ଗ୍ରାହକଙ୍କଠାରୁ ଲିଟର ପିଛା ୬୦ରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଭଲ ଲାଭ କରୁଥିବାବେଳେ ଦୁଗ୍ଧ ଚାଷୀ ଲିଟର ପିଛା ମାତ୍ର ୨୭/୨୮ ଟଙ୍କା ପାଉଛନ୍ତି। ଦୁଗ୍ଧର ସର୍ବନିମ୍ନ କ୍ରୟମୂଲ୍ୟ ସ୍ଥିର କରାଯାଇ ନ ଥିବାରୁ ଚାଷୀମାନେ ଦୁଗ୍ଧ କମ୍ପାନୀଗୁଡ଼ିକ ଦ୍ୱାରା ଶୋଷିତ ହେବାରେ ଲାଗିଛନ୍ତି। ତେଣୁ ଦାବି ଅନୁସାରେ ଦୁଗ୍ଧର ଏମ୍‌ଏସ୍‌ପି ଲାଗୁ ଜରୁରୀ ହୋଇପଡ଼ିଛି ବୋଲି ବେହେରା କହିଛନ୍ତି।









**ଆଜିର ମନ୍ତବ୍ୟ**

“ଯୁଦ୍ଧ ପ୍ରଭାବିତ ୟୁକ୍ରେନରୁ ଭାରତୀୟଙ୍କୁ ଉଦ୍ଧାର କରି ଅଣାଯିବାର ସକାରାତ୍ମକ ପ୍ରଭାବ ବିଧାନସଭା ନିର୍ବାଚନ ଉପରେ ପଡ଼ିବା। **-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ...................................


ଅଲିସ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବଡ଼ଭାଇ ମୁଥ ମାଡ଼ରେ ସାନ ମୃତ

ବଲାଙ୍ଗୀର ଅଫିସ, ୫।୩: ବଲାଙ୍ଗୀର ସହର ରବିଦାସ ନଗରରେ ବଡ଼ଭାଇଙ୍କ ମୁଥ ମାଡ଼ରେ ସାନଭାଇଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଯୋଶେଫ ରୋହିଦାଶ (୨୫)। ଶୁକ୍ରବାର ରାତିରେ ଯୋଶେଫ ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥିଲେ। ଛୋଟ ପିଲାଙ୍କ ମଧ୍ୟରେ ଘଟିଥିବା ଏକ ସାମାନ୍ୟ କଥାକୁ ନେଇ ଯୋଶେଫ ଏବଂ ତାଙ୍କ ବଡ଼ଭାଇ ରାଜିନଙ୍କ ମଧ୍ୟରେ ବଚସା ହୋଇଥିଲା। ରାଜିନ ଉତ୍ତ୍ୟକ୍ତ ହୋଇ ମୁଥ ମାରିବାରୁ ଯୋଶେଫଙ୍କ ମୃତ୍ୟୁ ହୋଇଥିଲା।



# classifieds Everyday
0674-2580101, 2549302




**BRIDE WANTED**

କରଣ, 54years, 5'10" ଅବିବାହିତ M.Tech Ex-Principal ବର୍ତ୍ତମାନ ଭୁବନେଶ୍ୱର ପ୍ରାଇଭେଟ୍ କମ୍ପାନୀରେ କାର୍ଯ୍ୟରତ ପାଇଁ any caste କନ୍ୟା (Bhubaneswar/ Khorda/ Cuttack) Tailoring କାର୍ଯ୍ୟ ଜାଣିଥିବା ଆବଶ୍ୟକ। Whatsapp:- 9861407187. D-71952

fair girl for 28 year old MBBS student in London Ph. 00917510057164, No Bars kailash.trive@gmail.com. D-23311

**GROOM WANTED**

Beautiful Khandayat girl 1993, 5'5", B.Tech (Burla), MBA (XIMB) Serving Manager reputed Bank Bombay, "SUNASANSAR". 9937512659, 8249969649. D-23313

Wanted suitable Bengali/Oriya Groom for my daughter, 37, 5'3", Assistant Professor. Contact: 8249848300. D-23310




**SALE**

**Fully loaded 2015 Excellent running condition Swift Dzire Petrol, 5,20,000/-. Contact Owner- 9853926464 (BABU BHAI).** D-23307




**SALE**

Plot for sale at Chhatabar per sqft. @99/-. 7381268181, 9583295832. D-23294

**3BHK Residential/ Commercial Flat with Garage sale at Rasulgarh. Contact for details: 9437629713/ 9438220432.** D-23300

ପୁରୀ ଅଠରନଳା ପାଖ ଗୋପୀନାଥପୁର ମୌଜାରେ ସ୍ଥିତିବାନ୍ ଘରବାରି ପ୍ଲଟ୍ ବିକ୍ରିହେବ। 20'X71' ମୂଲ୍ୟ- 16.50ଲକ୍ଷ। 9437177131. D-69057

**Independent bungalow for immediate sale main road, Jharsuguda. Contact: 9861193320.** D-23293

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବକୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71954

**5000sqft. (50ft. X100ft.) fully commercial developed 100% litigation free Gharabari, Yellowzone, Single Patta Owner plot for sale with 25ft. wide road at Dhauli Square just 3rd plot from Dhauli-Uttara NH. Price- Rs. 1,50,00,000/-. Contact: direct Owner- 9040026465 (BABU BABU).** D-23306

**Bhubaneswar Vingarpur Oxford College ଛକ ନିକଟରେ ୬୦ ଫୁଟ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି plot ବିକ୍ରିହେବ। 6370025920, 9937674302.** D-71793

BDA plot Pitapalli NHକୁ ଲାଗି Electricity, Boundary ଥାଇ ମିଳୁଅଛି। Contact: 9437285016, 7735888421. D-23268

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-23189

2BHK flat with parking Rs.29lakh near Sai Temple, Tankapani road, Bhubaneswar. 9776080988, 9238361409. D-70779

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71871

**30' Road, Gated society, Security guard, CCTV ଥାଇ ତୁରନ୍ତ ଘର କଲାଭଳି 3ଟି plot ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। 9437033320.** D-71798

ଭୁବନେଶ୍ୱର-ପୁରୀ ବାଇପାସ ରୋଡ୍‌ରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ମିଳୁଛି। ବର୍ଗଫୁଟକୁ ଟ୧୬୦୦ଙ୍କାରେ । ଯୋଗାଯୋଗ- **9827339640/ 8328992008.** D-23279

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939.** D-71799

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest Commercial Hub "GrandBazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-73204

**Residential plot near AIIMS, Bhubaneswar, Sole Owner, 2000 sqft. 18 Lakhs. Contact- 8917645241.** D-23305

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23190

**PURCHASE**

Want to purchase a small Warehouse or Godown with proper boundarywall in the areas (1) Bypass between Bhubaneswar to Cuttack near the Highway. (2) By the side of NH between Khandagiri and Tamando Bhubaneswar within a budget of 25-30 lakhs inclusive of registration and well demarcated boundarywall of the property. Ready to move and complete in all aspects. Interested sellers contact: 9938138185. Dr. A. Ghosh, Seaview Hotel, Puri, Odisha, Pin: 752001. D-69056




Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334

**EDUCATION**

Medical Exam. Registration- BAMS/ BHMS/ BUMS/GNM/ D.Pharma. 9893869473. D-23269

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Commercial building 1500-6000sqft. at Satya Nagar and 500sqft. at Unit-3, Bhubaneswar. Contact: 7440037801. D-23274

Shop/Godown space five Units 400sqft. each Bapujinagar, Bhubaneswar. 9556700943. D-70264

2BHK for rent, 7000 rent P.m. 118-Ratnakar Bag-1, Tankapani road. 9902406161. D-23303




Ashirvaad Saloon and SPA get good massage for your health the best therapy. 7077181074. D-71870

Day or Night home service body massage available. 9583808247, 9439140029. D-23290

All types body massage with hiprofile smart lady room service available. 8917243035. D-71341

Newly open SPA positively health benefit with expert. Contact: 7749976301. D-71951

Newly open full body massage ladies and gents. 8327740003. D-71869

Refreshing your mind and body with the best therapy, 7873794731. D-23292

Newly opening SPA positively health benefits with expert therapist. 8917332216. D-71953

**Relax, Refresh your Body, Mind at Lotus Spa with Best Therapies. 8018891951.** D-23276

Herbal full body relax massage by trend lady therapist. 7008773793. D-71476

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

All types body massage with hiprofile smart lady room service available. 9142145769. D-71337



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ପୀରତି କରେ ଲଣ୍ଡଭଣ୍ଡ**
**ଅତି ପୀରତି ହରେ ବାବୁ ତୁଣ୍ଡ ।**

ଅତି ସର୍ବତ୍ର ଗର୍ହିତମ୍। ଅତିର ମାତ୍ରା ସର୍ବଦା କ୍ଷତିକାରକ। ପ୍ରତ୍ୟେକ ବସ୍ତୁ ବା କାର୍ଯ୍ୟର ଅତି ପରିମାଣ କେବେ ବି ଗ୍ରହଣଯୋଗ୍ୟ ହୋଇନଥାଏ। ସୀମା ଅତିକ୍ରମ କଲେ ଯେକୌଣସି ଜିନିଷ ବା କାର୍ଯ୍ୟର ଫଳ ଓଲଟା ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅତି ଗଉରବ କଲେ**
**କଲରା କାଞ୍ଜିକି ଟଙ୍କ ପଖାଳ**
**ଦହି ସୋଡ଼କାଏ ଦେଲେ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି। ଦୁନିଆରେ ଏପରି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ବନ୍ଧୁଙ୍କୁ ଇତର ଭଳି ବ୍ୟବହାର ଦେଖାଇଥାନ୍ତି। ଘରକୁ ସମାଗତ ବନ୍ଧୁଙ୍କୁ ଯତ୍ କିଞ୍ଚିତ ଦେଇ ବୋଧ କରି ବିଦାୟ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ବରଫାବୃତ୍ତ ଅଞ୍ଚଳରେ ...

ପ୍ରଥମ ପୃଷ୍ଠାରୁ...


ସୁପ୍ରୀତ୍ ଫେରିବା ପରେ ପରିବାରରେ ଖୁସି।

କେବଳ ବ୍ରେଡ୍ ଓ ବିସ୍କୁଟ ଖାଇବାକୁ ଦିଆଯାଉଥିଲା। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଆଲୋଚନା ହେବା ପରେ ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ଫସିଥିବା ଓଡ଼ିଆ ଛାତ୍ରୀଛାତ୍ର ସମେତ ଅନ୍ୟ ରାଜ୍ୟର ଡାକ୍ତରୀ ପଢୁଆ ପିଲାଙ୍କୁ ଭାରତ ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା। ୨୬ ତାରିଖରେ ଏକ ବସ୍‌ରେ ସୁପ୍ରୀତ୍ ଏବଂ ଅନ୍ୟ ସହପାଠୀଙ୍କୁ ଭିନିଷ୍ଟିଆରୁ ୟୁକ୍ରେନ୍ ସୀମା ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରୁ ଚାଲିଚାଲି ପ୍ରାୟ ୪ କିଲୋମିଟର ଯିବା ପରେ ସମସ୍ତେ ରୋମାନିଆ ସୀମାନ୍ତ ଆଶ୍ରୟସ୍ଥଳୀରେ ପହଞ୍ଚିଥିଲେ। ଏହାପରେ ସେମାନଙ୍କୁ ୨ କିଲୋମିଟର ଦୂରରେ ଥିବା ରୋମାନିଆର ଅନ୍ୟ ଏକ ଆଶ୍ରୟସ୍ଥଳୀକୁ ନିଆଯାଇଥିଲା। ଉକ୍ତ ଆଶ୍ରୟସ୍ଥଳୀରେ ସ୍ଥାନାଭାବରୁ ୩ ଦିନ ୩ ରାତି ଛିଡ଼ା ହୋଇ କାଟିବାକୁ ପଡ଼ିଥିଲା। ସେଠାରେ କେବଳ ଡ୍ରାଏଫ୍ରୁଡ୍ ଦିଆଯାଇଥିଲା। ଏହାପରେ ଛାତ୍ରୀଛାତ୍ରଙ୍କୁ ରୋମାନିଆର ଏକ ଅସ୍ଥାୟୀ ଏୟାରପୋର୍ଟକୁ ନିଆଯାଇ ସେଠାକାର ପ୍ରଶାସନ ଏବଂ ଭାରତ ସରକାରଙ୍କ ସହାୟତାରେ ତୁର୍କୀ ଦେଇ ଦିଲ୍ଲୀ ଅଣାଯାଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଗୁରୁବାର ତୁର୍କୀରେ ପହଞ୍ଚି ଆମକୁ ଦିଲ୍ଲୀ ପଠାଇବା ବ୍ୟବସ୍ଥା କରିଥିଲେ। ଦିଲ୍ଲୀରେ ପହଞ୍ଚିବା ପରେ ପୁନର୍ଜନ୍ମ ମିଳିବା ଭଳି ଅନୁଭବ ହେଲା। ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିବାବେଳେ ରାଜ୍ୟ ସରକାର ଓଡ଼ିଶା ଭବନରେ ଖାଦ୍ୟପାନୀୟ ବ୍ୟବସ୍ଥା କରିବା ସହିତ ସମ୍ମାନିତ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ସହାୟତାରେ ଭୁବନେଶ୍ୱର ଫେରିଲୁ। ଜିଲା ପ୍ରଶାସନ ପକ୍ଷରୁ ଘରକୁ ଫେରିବା ପାଇଁ ମା' ବାପାଙ୍କ ସହ ଜଣେ ଅଧିକାରୀଙ୍କୁ ପଠାଯାଇଥିଲା।

## ସୁରକ୍ଷା ଦେଲା ତ୍ରିରଙ୍ଗା

ପାଠ ପଢ଼ିବା ସମୟରେ ସାଙ୍ଗରେ ରଖିଥିବା ଜାତୀୟ ପତାକା ତ୍ରିରଙ୍ଗା ହିଁ ଯୁଦ୍ଧ ସମୟରେ ଜୀବନ ରକ୍ଷା କଲା ବୋଲି ସୁପ୍ରୀତ୍ କହିଛନ୍ତି। ହଷ୍ଟେଲ ବଙ୍କରରୁ ରୋମାନିଆର ଅସ୍ଥାୟୀ ବିମାନବନ୍ଦରରେ ପହଞ୍ଚିବା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପତାକା ଦେଖାଇବାରୁ କେହି ଅଟକାଇଲେ ନାହିଁ। ଯୁଦ୍ଧଗ୍ରସ୍ତ ଅଞ୍ଚଳରୁ ସୁରକ୍ଷିତ ବାହାରିବାରେ ଆମ ଜାତୀୟ ପତାକାର ଅବଦାନ ସବୁବେଳେ ମନେ ରହିବ ବୋଲି ସେ କହିଛନ୍ତି।

## ଭବିଷ୍ୟତ ସନ୍ଦିହାନ

ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ରେ କେବେ ଶାନ୍ତି ଫେରିବ ତାହା ଅସ୍ପଷ୍ଟ। ଏଭଳି ସମୟରେ ଅନ୍‌ଲାଇନ୍‌ରେ ପାଠ ପଢ଼ାଯିବ ବୋଲି କଲେଜ ପକ୍ଷରୁ କୁହାଯାଇଛି। ହେଲେ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇ ପଡ଼ିଛୁ ବୋଲି ସୁପ୍ରୀତ୍ କହିଛନ୍ତି। ୟୁକ୍ରେନ୍‌ରେ ଡାକ୍ତରୀ ପାଠ ପଢ଼ିବା ଲାଗି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଥିବାରୁ ଭାରତର ବହୁ ଗରିବ ଛାତ୍ରୀଛାତ୍ର ସେଠାରେ ନାମ ଲେଖାଇଛନ୍ତି। ଏବେକାର ସ୍ଥିତିରେ ସମ୍ପୃକ୍ତ ପିଲାଙ୍କ ପାଇଁ କେନ୍ଦ୍ର ସରକାର ଆବଶ୍ୟକ ବ୍ୟବସ୍ଥା କରିବା ଉଚିତ ବୋଲି ସୁପ୍ରୀତ୍ କହିଛନ୍ତି।

# ବିପର୍ଯ୍ୟୟ ...

ଆସିବ, କେତେବେଳେ ଯିବ, ତାହା କେହି କହିପାରିବେ ନାହିଁ । ଏହି ସଙ୍କଟ କେତେବେଳେ କି ପ୍ରକାର ରୂପ ନେବ, ତାହା ମଧ୍ୟ ଆକଳନ କରିବା ଅସମ୍ଭବ। ତେବେ ବିଭାଗୀୟ ଉଦାସୀନତା ଯୋଗୁ ରାଜ୍ୟ ସରକାରଙ୍କ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କେବଳ ଘୋଷଣାରେ ସୀମିତ ରହିଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ ଏ ନେଇ ପ୍ରସ୍ତୁତି ଚାଲିଛି। ୨୦୨୩-୨୪ରୁ ପିଲାଙ୍କ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯିବ। ଅନ୍ୟପକ୍ଷରେ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସ୍କୁଲ ପାଠ୍ୟକ୍ରମରେ ବିପର୍ଯ୍ୟୟ ବିଷୟ ପ୍ରସ୍ତୁତ କରିବାକୁ ଟିଚର୍ସ ଏଜୁକେଶନ ଓ ଏସ୍‌ସିଇଆର୍‌ଟିକୁ ନିର୍ଦ୍ଦେଶ ଦିଆଯାଇଛି। ପାଠ୍ୟକ୍ରମ ପ୍ରସ୍ତୁତ ଚାଲିଛି। ପ୍ରାଥମିକ ଶିକ୍ଷା ପାଇଁ ୨୦୨୨-୨୩ ବର୍ଷରେ ଏହାକୁ ସାମିଲ କରାଯିବ। ୨୦୨୩-୨୪ରୁ ଉଚ୍ଚ ମାଧ୍ୟମିକ, ହାଇସ୍କୁଲ ଓ ଅନ୍ୟାନ୍ୟ ପାଠ୍ୟକ୍ରମରେ ସାମିଲ କରାଯିବ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)ର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପଞ୍ଚାୟତିରାଜ ବିଭାଗ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ(ଏସ୍‌ଆଇଆର୍‌ଡି ଆଣ୍ଡ ପିଆର) ଜରିଆରେ ଜନପ୍ରତିନିଧିମାନଙ୍କୁ ତାଲିମ ଦିଆଯିବ। ଓଏସ୍‌ଡିଏମ୍‌ଏ ପକ୍ଷରୁ ମାଷ୍ଟର ଟ୍ରେନରଙ୍କୁ ତାଲିମ ଦିଆଯିବ। ସେମାନେ ଏସ୍‌ଆଇଆର୍‌ଡି ଜରିଆରେ ଜନପ୍ରତିନିଧିଙ୍କୁ ତାଲିମ ଦେବେ। ପଞ୍ଚାୟତ ନିର୍ବାଚନ ଯୋଗୁ ତାଲିମ ବିଳମ୍ବ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଏସ୍‌ଆଇଆର୍‌ଡିକୁ ପ୍ରସ୍ତାବ ଦିଆଯାଇଛି ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ ହାସଲ କରିବେ। ଘରର କେତେକ ସ୍ଥଗିତ କାମ ସମ୍ପନ୍ନ କରିବା ସକାଶେ ତତ୍ପର ରହିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ, ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ଅଧ୍ୟାପନା, ପ୍ରଶାସନିକ ସେବା, କ୍ରୀଡ଼ା ଓ ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା, ବକ୍ତୃତା, ସଙ୍ଗୀତ କ୍ଷେତ୍ର ଭଲ ରହିବ।

**ବୃଷ** କର୍ମକ୍ଷେତ୍ରରେ କାର୍ଯ୍ୟ ପରିସର ବୃଦ୍ଧି ପାଇବ। ଫଳରେ ବହୁତ କାମ ହାତକୁ ନେଇ ଟେନ୍‌ସନ୍ ମଧ୍ୟରେ ରହିବେ। କଳା, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ। ସାମାଜିକ ସ୍ତରରେ ଆଶା ଓ ଆଶଙ୍କା ମଧ୍ୟରେ ଗତି କରିବାକୁ ପଡ଼ିପାରେ। ପାରିବାରିକ ସ୍ଥିତି ମନ୍ଦ ହେବନି, କିନ୍ତୁ ସାମୟିକ ମତାନ୍ତର ଘଟିବ।

**ମିଥୁନ** ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଜାଗ୍ରତ ହୋଇପାରେ। ଆଲୋଚନାକାଳରେ ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ। ସାଙ୍ଗଠନିକ, ରାଜନୈତିକ, ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ମନକୁ ଉଲ୍ଲସିତ କରିବ।

**କର୍କଟ** ସ୍ଥଗିତ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇବେ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣି ପାରନ୍ତି।

**ସିଂହ** ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ଦୂରଯାତ୍ରା କରିବାର ସୂଚନା ରହିଛି। ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ଆଶଙ୍କାକୁ ଏଡ଼ି ହେବ ନାହିଁ। ଦୀର୍ଘ ଦିନରୁ ଚାହୁଁଥିବା ସୁଯୋଗ ହାତଛଡ଼ା ହୋଇପାରେ। ପ୍ରଶାସନ, ବ୍ୟବସାୟ, ବନ୍ଧୁମିଳନ, ଅର୍ଥପ୍ରାପ୍ତି, ସଭା ସମିତିରେ ଯୋଗଦାନ ପ୍ରଭୃତି ସୁଯୋଗ ଜୁଟିପାରେ।

**କନ୍ୟା** ସକାଳୁ ସକାଳୁ ବନ୍ଧୁଙ୍କ ଆହ୍ୱାନ ଆପଣଙ୍କୁ ଯାତ୍ରାର ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଇବ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ନିଜର କୌଣସି କାର୍ଯ୍ୟ ସକାଶେ ଅନୁରୋଧ କରିପାରନ୍ତି। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ବିଶେଷତଃ ଅଭାବନୀୟ ପରିସ୍ଥିତି ମଧ୍ୟରେ କାମ କରିବାକୁ ବାଧ୍ୟ ହୋଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ଜଟିଳତା କ୍ରମଶଃ ଦୂରେଇ ଯିବାର ଆଶା କରାଯାଇପାରେ। କ୍ରୀଡ଼ା, ସଙ୍ଗୀତ, ପ୍ରତିଯୋଗିତା କ୍ଷେତ୍ରରେ ଶୀର୍ଷ ସ୍ଥାନରେ ରହି ବୁଦ୍ଧିଜୀବୀମାନଙ୍କ ପ୍ରଶଂସାଭାଜନ ହେବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ବ୍ୟବସାୟରେ ବିଭିନ୍ନ ପ୍ରକାରର ମଧ୍ୟ ସମସ୍ୟା ଦେଖାଦେବାର ସୂଚନା ରହିଛି।

**ବିଛା** କିଛି ମନ୍ତବ୍ୟକୁ କେନ୍ଦ୍ର କରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ମାନସିକ ଦ୍ୱନ୍ଦ୍ୱ ଦୂରେଇଯିବ ଓ ଭାଙ୍ଗି ପଡ଼ିଥିବା ସମ୍ପର୍କର ପୁନରୁଦ୍ଧାର କରିପାରିବେ। କିଣାବିକା କ୍ଷେତ୍ରରେ କିମ୍ବା ଜମିଜମା କାରବାରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ଧନୁ** ଅନ୍ୟମନସ୍କ ହେତୁ ଧନହାନି, କଳହ, ପ୍ରତାରଣା ଓ ଶାରୀରିକ ଆଘାତ ପାଇବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ସାଙ୍ଗମାନଙ୍କ ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିପାରନ୍ତି।

**ମକର** ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବା ସହ ଲୋକ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ଉଚ୍ଚ ଚିନ୍ତା କରିବେ ଏବଂ ସହଯୋଗର ଅଭାବ ରହିବ ନାହିଁ। ଭୁଲ୍ ବୁଝାମଣାରୁ ଆତ୍ମୀୟଙ୍କ ସହ ସମ୍ପର୍କ ହାନି ହେବ। ବନ୍ଧୁଙ୍କ ନିକଟରେ ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** ସମସ୍ତ ସୁବିଧା ଥିଲେ ମଧ୍ୟ ହାତକୁ ନେଇଥିବା କାମଟି ବିଳମ୍ବରେ ଓ ବହୁ କଷ୍ଟରେ ସମ୍ପନ୍ନ ହେବ। ପୂର୍ବର କେତେକ ବିବାଦୀୟ କଥାକୁ ମନେ ପକାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଅର୍ଥ ସମ୍ପର୍କୀୟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ମୀନ** ଆଜିର ପ୍ରତ୍ୟୁଷ ଯାତ୍ରା ସମୟରେ ଜଣେ ଅଜଣା ବନ୍ଧୁଙ୍କ ସାହାଯ୍ୟ ସବୁ ଦିନ ସକାଶେ ମନେରହିବ। ସ୍ୱକର୍ମ କ୍ଷେତ୍ରରେ ମଧ୍ୟ ଅପ୍ରିୟ ସତ୍ୟଭାଷଣରୁ ଦୂରେଇ ରହିବା ଭଲ । ଅଭାବ ରହିବ ନାହିଁ। ଭୂସମ୍ପତ୍ତି ପ୍ରାପ୍ତିର ମାର୍ଗଦର୍ଶନ ପାଇବେ । ତରବର ହୋଇ କୌଣସି କାମ ନ କରି ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ।

# ଦୁର୍ବଳ ହେଉଛି ...

୧.୧୧% ବା ୮୪ ପଇସା ଦୁର୍ବଳ ହୋଇଛି। ପୂର୍ବ ସପ୍ତାହରେ ମଧ୍ୟ ଟଙ୍କା ଦୁର୍ବଳ ସ୍ତରରେ ରହିଥିଲା। ୯ ବର୍ଷ ପରେ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୨୦ ଡଲାରରେ ପହଞ୍ଚିଛି। ଡଲାର ବିନିମୟରେ ଅନ୍ତଃରାଷ୍ଟ୍ରୀୟ ବଜାରରୁ ଭାରତ ତେଲ କିଣୁଥିବା କାରଣରୁ ଡଲାର ତୁଳନାରେ ଭାରତୀୟ ମୂଲ୍ୟ ଯେତେ ଦୁର୍ବଳ ହେଉଛି, ତା'ର ପ୍ରଭାବ ତୈଳ ଦର ଉପରେ ସିଧାସଳଖ ପଡୁଛି। ତେଣୁ ଏବେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ପାଇବା ଭାରତୀୟ ବଜାର ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି। ଇନ୍ଧନ ତୈଳ ସହିତ ଗ୍ୟାସ, ଖାଇବା ତେଲ ଏବଂ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟୁଛି। ଅପରପକ୍ଷରେ ଗତ ୨୪ ତାରିଖରେ ୟୁକ୍ରେନ ଉପରେ ରୁଷିଆର ଯୁଦ୍ଧ ଘୋଷଣା ପରଠାରୁ ସେନ୍‌ସେକ୍ସ ୨୮୯୯ ପଏଣ୍ଟ ହ୍ରାସ ପାଇଲାଣି। ଏପରି କି ଭାରତରେ ଅଶୋଧିତ ତୈଳ ଦର ମଧ୍ୟ ୨୪ ତାରିଖ ପରଠାରୁ ବୃଦ୍ଧି ପାଇ ବ୍ୟାରେଲ୍ ପିଛା ୧୨୦ ଡଲାରେ ପହଞ୍ଚିଲାଣି। ଗୋଟିଏ ପଟେ ଟଙ୍କାର ମୂଲ୍ୟ ହ୍ରାସ ଏବଂ ତୈଳ ଦର ବୃଦ୍ଧି ଜନସାଧାରଣଙ୍କୁ ଚିନ୍ତାରେ ପକାଇଲାଣି। ଗତ ନଭେମ୍ବର ୪ରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୮୩ ଡଲାର ରହିଥିଲା। ସେତେବେଳେ କେନ୍ଦ୍ର ସରକାର ଡିଜେଲ ଉପରୁ ୧୦ଟଙ୍କା ଏବଂ ପେଟ୍ରୋଲ ଉପରୁ ୫ଟଙ୍କା ଏକ୍ସାଇଜ୍ ଡ୍ୟୁଟି ଛାଡ଼ କରିଥିଲେ। ସେବେଠାରୁ ତୈଳଦର ସ୍ଥିର ରହିଛି। ଇତିମଧ୍ୟରେ ପେଟ୍ରୋଲ୍,ଡିଜେଲ୍ ମୂଲ୍ୟ ଏବଂ ଖୁଚୁରା ଦର ମଧ୍ୟରେ ବିଶେଷ ପାର୍ଥକ୍ୟ ଦେଖା ଦେଇଥିବାରୁ ତୈଳ ଦର ବୃଦ୍ଧି ଜରୁରୀ ହୋଇପଡ଼ିଛି। ଆସନ୍ତା ୧୦ତାରିଖରେ ୫ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ତୈଳ ଦର ବୃଦ୍ଧି ନେଇ ଯଥେଷ୍ଟ ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ୧୩ରୁ ବଢ଼ିବ ତାତି

**ଭୁବନେଶ୍ୱର,୫।୩(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୧୩ ତାରିଖରୁ ଉତ୍ତାପ ବଢ଼ିବ। ଆରବ ସାଗର ପଟୁ ପୂର୍ବ ଭାରତ ଆଡକୁ ପ୍ରବାହିତ ହେଉଥିବା ଆର୍ଦ୍ର ବାୟୁ ବନ୍ଦ ହେବ। ବାୟୁମଣ୍ଡଳର ଉପରୀଭାଗରେ ଏକ ଟ୍ରଫ୍ ଲାଇନ ପୂର୍ବ ଦିଗକୁ ଗତି କରିବା ସମ୍ଭାବନା ଥିବାରୁ ଦିନର ତାପମାତ୍ରା ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏଥିଯୋଗୁ ରାଜ୍ୟର କେତେକ ସ୍ଥାନରେ ୩୭ରୁ ୩୯ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି। ବର୍ତ୍ତମାନ ଉପକୂଳ ଓଡ଼ିଶାର ତାପମାତ୍ରା ୩୩ ରୁ ୩୫ ଡିଗ୍ରୀ ସେଲସିୟସ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ୩୫ ରୁ ୩୭ ଡିଗ୍ରୀ ସେଲସିଲସ୍ ରହିଥିବା ବେଳେ ଏହା ମାର୍ଚ୍ଚ ୧୨ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ ବୋଲି କୁହାଯାଇଛି। ଆରବ ସାଗରରୁ ପ୍ରବାହିତ ହେଉଥିବା ଆର୍ଦ୍ର ବାୟୁ ପ୍ରବାହିତ ଯୋଗୁ ରାଜ୍ୟରେ ତାପମାତ୍ରା ବଢ଼ି ନାହିଁ।

## ପୋଲାଭରମ୍ ପ୍ରକଳ୍ପରେ ପରିବେଶ ନିୟମ ଉଲ୍ଲଂଘନ
# କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଲେ ଏନ୍‌ଜିଟି



**ନୂଆଦିଲ୍ଲୀ,୫।୩(ପି.ଟି.):** ସାନି ପରିବେଶ ମଞ୍ଜୁରୀ ବିନା ପୋଲାଭରମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ନେଇ ଏକ ପିଟିଶନ ଉପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) କମିଟି ଗଠନ କରିବା ସହ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ରିପୋର୍ଟ ମାଗିଛନ୍ତି। ଏନ୍‌ଜିଟି ଅଧକ୍ଷ ଜଷ୍ଟିସ୍ ଏ.କେ. ଗୋଏଲଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ଜଳଶକ୍ତି ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଏବଂ ପ୍ରକଳ୍ପ ସମର୍ଥକଙ୍କ ପ୍ରତିନିଧିଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ପ୍ରକଳ୍ପ ସହ ସମ୍ପୃକ୍ତ ପକ୍ଷମାନଙ୍କ ସହିତ ଆଲୋଚନା କରିବେ। ସମନ୍ୱୟ ରକ୍ଷା ଲାଗି ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ନୋଡାଲ ସଂସ୍ଥା ଭାବେ କାର୍ଯ୍ୟ କରିବ। ମାସେ ମଧରେ କମିଟି ରିପୋର୍ଟ ଦାଖଲ କରିବା ଲାଗି ଖଣ୍ଡପୀଠ କହିଛନ୍ତି। ସମ୍ପ୍ରତି ଇନ୍ଦିରା ସାଗର ପୋଲାଭରମ ପ୍ରକଳ୍ପ ଭାବେ ନାମିତ ଉକ୍ତ ଜଳସେଚନ ପ୍ରକଳ୍ପକୁ ହାଇଦ୍ରାବାଦର ପୋଲାଭରମ ପ୍ରୋଜେକ୍ଟ କର୍ତ୍ତୃପକ୍ଷ ଆବଶ୍ୟକ ପରିବେଶ ମଞ୍ଜୁରୀ ବିନା କାର୍ଯ୍ୟକାରୀ କରୁଥିବାରୁ ଏହା ବିରୋଧରେ ପେଣ୍ଟାପତି ପୁଲ୍ଲା ରାଓ ନାମକ ବ୍ୟକ୍ତି ଟ୍ରିବ୍ୟୁନାଲରେ ପିଟିଶନ ଦାଏର କରିଥିଲେ। ପ୍ରକଳ୍ପରେ କୌଣସି ପରିବର୍ତ୍ତନ କରିବା ପୂର୍ବରୁ ସାନି ପରିବେଶ ମଞ୍ଜୁରୀ ଜରୁରୀ ହୋଇଥିବାବେଳେ ଉକ୍ତ ପ୍ରୋଜେକ୍ଟରେ ତାହାର ଉଲ୍ଲଂଘନ ହୋଇଛି। ଆନ୍ଧ୍ରପ୍ରଦେଶ ସରକାର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରତିଶ୍ରୁତି ଦେଉଥିଲେ ମଧ ଏହା କାର୍ଯ୍ୟକାରୀ କରୁନାହାନ୍ତି। ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବାରୁ ପରିବେଶ ଉପରେ ଏହାର ଗୁରୁତର ପ୍ରତିକୂଳ ପ୍ରଭାବ ପଡୁଥିବା ପିଟିଶନରେ ଉଲ୍ଲେଖ କରାଯାଇଛି।



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀରେ ତାଙ୍କ ସୁପୁତ୍ର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପାର୍କରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ବିଜୁବାବୁ ଓଡ଼ିଆଙ୍କ ପ୍ରେରଣାର ଉତ୍ସ

**ଭୁବନେଶ୍ୱର, ୫।୩(ବ୍ୟୁରୋ)**

## ୧୦୬ତମ ରାଜ୍ୟସ୍ତରୀୟ ଜୟନ୍ତୀ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଶନିବାର ରାଜ୍ୟବ୍ୟାପୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ବିଜୁ ବାବୁଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ୱର୍ଗତ ବିଜୁ ପଟ୍ଟନାୟକ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନର ପ୍ରତୀକ, ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ। ଓଡ଼ିଶା ଏବଂ ଓଡ଼ିଆଙ୍କ ଉନ୍ନତି ପାଇଁ ଦିନ ରାତି ସ୍ୱପ୍ନ ଦେଖୁଥିବା ଏହି ମଣିଷ ଥିଲେ ଜଣେ ଦୁର୍ଦ୍ଧର୍ଷ ସ୍ୱାଧୀନତା ସଂଗ୍ରାମୀ, ସ୍ୱାଭିମାନୀ ଓ ଦୂରଦ୍ରଷ୍ଟା ରାଜନୀତିଜ୍ଞ, ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା, ଦୁଃସାହସୀ ବୈମାନିକ ତଥା ଇଣ୍ଡୋନେସିଆର ଭୂମିପୁତ୍ର। ବିଜ୍ଞାନର ପ୍ରସାର ପାଇଁ ୧୯୫୧ରେ ସେ ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସଂସ୍କୃତି ସଂସ୍ଥା ମାଧମରେ 'କଳିଙ୍ଗ ପୁରସ୍କାର' ସ୍ଥାପନ କରିଥିଲେ। ଆଜୀବନ ସ୍ପଷ୍ଟବାଦୀ ଥିବା ବିଜୁବାବୁଙ୍କ କାର୍ଯ୍ୟକଳାପ ବ୍ୟାପକ ଥିଲା। ନିଜର ଅଦମ୍ୟ ଦୁଃସାହସ ପାଇଁ ସେ ଈର୍ଷଣୀୟ ବିଶ୍ୱସ୍ତରୀୟ ପ୍ରସିଦ୍ଧି ହାସଲ କରିଥିଲେ। ତେଣୁ ବିଜୁବାବୁ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ। ନବଉତ୍କଳର ଏହି ବିଧାତାଙ୍କ ବ୍ୟକ୍ତିତ୍ୱ ଚିରକାଳ ପାଇଁ ଓଡ଼ିଆ ଜାତିର ପ୍ରେରଣାର ଉତ୍ସ ହୋଇ ରହିଥିବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେନିନ୍ ମହାନ୍ତି, ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ମାନସ ରଞ୍ଜନ ଖୁଣ୍ଟିଆ, ମାନସ ବିଶ୍ୱାଳଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଶ୍ରୀନଗର ବିମାନବନ୍ଦର ବିଜୁବାବୁଙ୍କ ନାମରେ ନାମିତ ହେଉ

**ଭୁବନେଶ୍ୱର,୫।୩(ବ୍ୟୁରୋ)**

ଶ୍ରୀନଗର ବିମାନବନ୍ଦରକୁ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରିବାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଛି। ଶନିବାର ବିଜୁବାବୁଙ୍କ ୧୦୬ତମ ଜୟନ୍ତୀ ପାଳନ ଅବସରରେ ବିଜୁ ପଟ୍ଟନାୟକ ପାର୍କରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖାର ସଭାପତି ତଥା ଅଧିବକ୍ତା ଦିଲୀପ ଦାଶଶର୍ମା ଓ ଉପସଭାପତି ଶିତଳ ଚନ୍ଦ୍ର ଯୋଗଦେଇ କହିଲେ, ସ୍ୱାଧୀନତା ପରେ ପାକିସ୍ତାନ ଜମ୍ମୁ-କଶ୍ମୀର ଦଖଲ କରିବା ପାଇଁ ଆକ୍ରମଣ କରିଥିଲା। ଫଳରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏହି ସମୟରେ ବିଜୁବାବୁ ପ୍ରମୁଖ ଭୂମିକା ନେଇଥିଲେ। ସେ ସାହସର ସହିତ ଶ୍ରୀନଗର ବିମାନବନ୍ଦରରେ ନିଜର ବିମାନ ଅବତରଣ କରାଇ ଭାରତୀୟ ସୈନିକଙ୍କୁ ସହାୟତା କରିଥିଲେ। ଏଥିସହ ଦେଶ ପାଇଁ ତାଙ୍କର ଅବଦାନ ଯଥେଷ୍ଟ ଥିଲା। ତେଣୁ ତାଙ୍କ ବୀରତ୍ୱ ଓ ସାହସର ନିଦର୍ଶନ ସ୍ୱରୂପ ଭାରତ ସରକାର ଶ୍ରୀନଗର ବିମାନ ବନ୍ଦରକୁ ବିଜୁ ବାବୁଙ୍କ ନାମରେ ନାମିତ କଲେ ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେମାନେ କହିଥିଲେ।

କାର୍ଯ୍ୟକ୍ରମରେ ସମ୍ମିଳନୀର ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ଶରତ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ସେଠୀ, ରୁଷି ପଟ୍ଟନାୟକ, ସମରଞ୍ଜନ ମହାନ୍ତି, ଜିତେନ୍ଦ୍ର କୁମାର ନନ୍ଦ, ସଞ୍ଜୟ ସ୍ୱାଇଁ ଓ ପ୍ରକାଶ ସାମଲ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଭୁଶୁଡ଼ିଲା ନିର୍ମାଣାଧୀନ ରେଲୱେ ଓଭରବ୍ରିଜ



ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପର ଭୁଶୁଡ଼ି ପଡ଼ିଥିବା ରେଲୱେ ଓଭର ବ୍ରିଜ।

**ବାଉଁଶୁଣୀ/ବୌଦ୍ଧ,୫।୩ (ଡି.ଏନ.ଏ./ସ୍ୱ.ପ୍ର.)**

ପଶ୍ଚିମ ଓଡ଼ିଶାର ଜୀବନ ରେଖା କୁହାଯାଉଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ବୌଦ୍ଧ ଜିଲା ଦେଇ ୧୧୦ କି.ମି. ବ୍ୟାପୀ ଏହି ରେଳପଥ ଯିବାକୁ ଥିବା ବେଳେ କାମ ଆଗେଇ ଚାଲିଛି। ତେବେ ନିମ୍ନମାନର କାମ ଯୋଗୁ ବୌଦ୍ଧ ସଦର ବ୍ଲକ ଅଧୀନ ପୁରୁମୁଣ୍ଡା ଗ୍ରାମ ନିକଟରେ ନିର୍ମାଣାଧୀନ ରେଲୱେ ଓଭର ବ୍ରିଜ ଭୁଶୁଡ଼ି ପଡିଛି। ଏଥିରେ ସୌଭାଗ୍ୟବଶତଃ କେହି ଆହତ ହୋଇନାହାନ୍ତି।

ପ୍ରକାଶ ଯେ, ସଦର ବ୍ଲକ ଖଲିଆପାଲି ଗ୍ରାମ ପଞ୍ଚାୟତର ପୁରୁମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପାଖ ଦେଇ ଉକ୍ତ ରେଳଲାଇନ ଯାଉଛି। ତେଣୁ ଉକ୍ତ ପଞ୍ଚାୟତବାସୀଙ୍କ ଯିବା ଆସିବା ପାଇଁ ପୁରୁମୁଣ୍ଡା ଗାଁ ନିକଟରେ ଏହି ବ୍ରିଜ ନିର୍ମାଣ କାର୍ଯ୍ୟ ୩ ମାସ ହେଲା ଚାଲିଛି। ଶୁକ୍ରବାର ଏହି ବ୍ରିଜର ଢଳେଇ ଛାତ ପଡ଼ିଥିଲା। ହେଲେ ୨୪ ଘଣ୍ଟା ନ ପୂରୁଣୁ ତାହା ଭୁଶୁଡି ପଡିବା ଦେଖିବାକୁ ମିଳିଥିଲା। ଜିଲା ପ୍ରଶାସନର ଅବହେଳା ଯୋଗୁ ବ୍ରିଜ କାମ ନିମ୍ନମାନର ହେଉଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଜେଇ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏହାର ପୁନଃନିର୍ମାଣ ଲାଗି ଗ୍ରାମବାସୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ବୌଦ୍ଧ ଜିଲାରେ ବର୍ତ୍ତମାନ ପୁରୁଣାକଟକଠାରୁ ମନମୁଣ୍ଡା ପର୍ଯ୍ୟନ୍ତ କାମ ଆରମ୍ଭ ହୋଇଥିବା ବେଳେ ବେସରକାରୀ ଠିକା ସଂସ୍ଥା ଏଆରଏସଏସ କାର୍ଯ୍ୟ କରୁଛି। ଖୋର୍ଦ୍ଧାରୋଡଠାରୁ ନୟାଗଡର ମହିପୁର ପର୍ଯ୍ୟନ୍ତ ରେଳପଥ ନିର୍ମାଣ ହୋଇ ରେଳ ଗଡିସାରିଥିବା ବେଳେ ବଲାଙ୍ଗୀର ପଟୁ ୧୯ କି.ମି. ଭଁଇସାପାଲି ପର୍ଯ୍ୟନ୍ତ ରେଳ ଗଡିସାରିଛି। ତେବେ ବେସରକାରୀ ଠିକା ସଂସ୍ଥାର ନିମ୍ନମାନର କାମ ଯୋଗୁ ନିର୍ମାଣାଧୀନ ରେଲୱେ ଓଭର ବ୍ରିଜ ଭୁଶୁଡ଼ିବା ସମସ୍ତଙ୍କୁ ଚକିତ କରିଛି।

# ଦୁର୍ଘଟଣାରେ ସାମ୍ବାଦିକଙ୍କ ମୃତ୍ୟୁ

**ଭୁବନେଶ୍ୱର,୫।୩(ବ୍ୟୁରୋ)**



ଜିତେନ୍ଦ୍ର ପ୍ରସାଦ ଦାସ

ଖଣ୍ଡଗିରିରେ ଶନିବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜିତେନ୍ଦ୍ର ପ୍ରସାଦ ଦାସ (୪୨)। ତାଙ୍କ ଘର କେନ୍ଦ୍ରାପଡ଼ା ମହାକାଳପଡ଼ା ଥାନା ଅଧୀନ ଅନ୍ଧୁଲିରେ। ସେ ପ୍ରମେୟ ଖବରକାଗଜର ବରିଷ୍ଠ ସହ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ।

ଜିତେନ୍ଦ୍ର ଶନିବାର ରାତିରେ ଖଣ୍ଡଗିରି ପାହାଡ଼ ପଛପାର୍ଶ୍ୱରେ ଥିବା ଓଏସ୍ଆର୍‌ଟିସି ବସ୍ ଡିପୋ ସମ୍ମୁଖରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଆମ୍ରି ହସ୍ପିଟାଲ ଆଡୁ ବାଇକ୍‌ରେ ଆସୁଥିବା ଡାକ୍ତର ରଶ୍ମିକାନ୍ତ ମିଶ୍ର ତାଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ଜିତେନ୍ଦ୍ର ଛିଟିକି ପଡ଼ିବାରୁ ତାଙ୍କ ମୁଣ୍ଡ ରାସ୍ତା ପାର୍ଶ୍ୱ ଡିଭାଇଡରରେ ପିଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଜିତେନ୍ଦ୍ରଙ୍କୁ ଆମ୍ରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଜିତେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଭରତପୁର ଥାନା ପୋଲିସ ହସ୍ପିଟାଲକୁ ଯାଇ ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।


केनरा बैंक Canara Bank
सिंडिकेट Syndicate

## କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ-୧, ଭୁବନେଶ୍ୱର
ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

## ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍

ନିମ୍ନଦର୍ଶିତ ଋଣଗ୍ରହୀତାମାନେ **କାନାରା ବ୍ୟାଙ୍କ**ର ନିମ୍ନଲିଖିତ ଶାଖାଗୁଡ଼ିକରୁ ସୁନା ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପଇଠ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜିଷ୍ଟ୍ରି ଡାକ ଯୋଗେ ପଠାଯାଇଥିବା ନୋଟିସ୍ ଗ୍ରହଣ କରିବା ପାଇଁ ମନା କରାଯାଇଥିବା କିମ୍ବା ଦିଆଯାଇପାରିନଥିବା କାରଣରୁ ଫେରସ୍ତ ଆସିଅଛି। ଏହି ନୋଟିସ୍ ମାଧମରେ ସେମାନଙ୍କୁ ଜଣାଇ ଦିଆଯାଉଛି ଯେ ଆଗାମୀ **ତା:୧୪.୦୩.୨୦୨୨ରିଖ** ସୁଦ୍ଧା ବକେୟା ଋଣ ପରିଶୋଧ କରିବାରେ ସେମାନେ ବିଫଳ ହେଲେ **ତା:୧୫.୦୩.୨୦୨୨ରିଖ ପୂର୍ବାହ୍ନ ୧୦.୩୦ ଘଟିକା** କିମ୍ବା ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ କୌଣସି ତାରିଖରେ କୌଣସି ନୋଟିସ୍ ଦିଆନଯାଇ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରଗୁଡ଼ିକୁ ବ୍ୟାଙ୍କର ନିଜସ୍ୱ ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ଋଣଗ୍ରହୀତା ଦାୟୀ ରହିବେ।

| କ୍ର. ସଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. | ମୋଟ ଓଜନ (ଗ୍ରାମରେ) | ୦୩.୦୩.୨୦୨୨ ସୁଦ୍ଧା ଋଣ ପରିମାଣ | ସଂରକ୍ଷିତ ମୂଲ୍ୟ |
|---|---|---|---|---|
| | **ବାଲକାଟି ଶାଖା, ଜିଲ୍ଲା: ଖୋର୍ଦ୍ଧା, ମୋ.: ୯୪୩୭୫୮୪୩୧୮** | | | |
| ୧ | **ସୂର୍ଯ୍ୟକାନ୍ତ ମହାନ୍ତି**, ପିତା: ଈଶ୍ୱର ଚନ୍ଦ୍ର ମହାନ୍ତି, ବସନ୍ତପେଢ଼ି, ବାଲକାଟି, ଖୋର୍ଦ୍ଧା, ଓଡ଼ିଶା-୭୫୨୧୦୦ / **ଆକାଉଣ୍ଟ ନଂ.: ୭୨୫୩୮୨୫୦୦୦୧୫୨୪** | ୩୯.୮୦ | ଟ.୯୮,୨୯୯.୨୧ | ଟ.୧,୬୧,୯୦୬/- |
| | **ଖଣ୍ଡଗିରି ଶାଖା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ମୋ.: ୭୭୦୫୦୦୯୦୭୦** | | | |
| ୨ | **ସେକ୍ ତଲିମ୍**, ପିତା: ସେକ୍ ରହିମ୍ ଖାଁ, ସା/ପୋ: ଯଦୁପୁର, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୯ / **ଆକାଉଣ୍ଟ ନଂ.: ୪୯୧୪୮୩୬୦୦୦୧୪୪** | ୫୦.୩୩ | ଟ.୧,୧୩,୦୮୫.୦୦ | ଟ.୨,୦୪,୭୪୨/- |
| ୩ | **ସୁଶାନ୍ତ କୁମାର ପାତ୍ର**, ପିତା: ଚିନାରା କାମରାଜୁ ପାତ୍ର, ପ୍ଲଟ୍ ନଂ.: ବି-୭୪, ଫେଜ୍-୫, ଡୁମୁଡୁମା ଏଚ୍. ବି. କଲୋନୀ, ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୯ / **ଆକାଉଣ୍ଟ ନଂ.: ୪୯୧୪୮୩୬୦୦୦୨୧୫** | ୮୨.୦୩ | ଟ.୧,୮୩,୬୨୯.୦୦ | ଟ.୩,୩୩,୬୯୮/- |
| ୪ | **ଆକାଉଣ୍ଟ ନଂ.: ୪୯୧୪୮୩୬୦୦୦୨୨୭** | ୫୯.୨୬ | ଟ.୧,୨୫,୭୧୨.୦୦ | ଟ.୨,୪୧,୦୭୦/- |
| ୫ | **ସରୋଜ କୁମାର ସାହୁ**, ପିତା: କୁଳମଣି ସାହୁ, ଫ୍ଲାଟ୍ ନଂ.: ଡି୬ ୪/୬, ହାଇଟେକ୍ ପ୍ଲାଜା, ମାଧିପୁର, କୁହା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୦୨ / **ଆକାଉଣ୍ଟ ନଂ.: ୪୯୧୪୮୩୬୦୦୦୨୮୧** | ୧୧.୦୭ | ଟ.୧୮,୬୫୪.୬୬ | ଟ.୪୫,୦୩୩/- |
| ୬ | **ସୟେଦ ଏଜହର ଅଲ୍ଲୀ**, ସା/ପୋ: ବେଗୁନିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୯ / **ଆକାଉଣ୍ଟ ନଂ.: ୪୯୧୪୮୩୬୦୦୦୭୩୦** | ୧୬.୬୭ | ଟ.୩୫,୬୩୦.୦୦ | ଟ.୬୭,୮୧୪/- |
| | **ସାମନ୍ତରାପୁର ଶାଖା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ମୋ.: ୭୭୦୫୦୦୯୦୬୩** | | | |
| ୭ | **ସୀତା ମେହେର**, ସ୍ୱାମୀ: ବୃନ୍ଦାବନ ମେହେର, ସା: ମାଛକୁଟ, ପୋ: ମାଛକୁଟ, ଅନୁଗୁଳ, ଓଡ଼ିଶା-୭୫୯୧୨୪ / **ଆକାଉଣ୍ଟ ନଂ.: ୪୯୧୬୮୩୬୦୦୦୧୭୯** | ୮.୦୦ | ଟ.୧୫,୯୯୫.୦୦ | ଟ.୩୨,୫୪୪/- |
| ୮ | **ଆକାଉଣ୍ଟ ନଂ.: ୪୯୧୬୮୩୬୦୦୦୧୮୦** | ୭.୧୦ | ଟ.୧୫,୧୨୫.୦୦ | ଟ.୨୮,୮୮୩/- |
| | **ସିଜୁଆ ଶାଖା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ମୋ.: ୯୪୩୭୫୮୪୫୧୫** | | | |
| ୯ | **ମନୋରଞ୍ଜନ ବେହେରା**, ସା: ସୂର୍ଯ୍ୟନଗର (ଅଂଶ), ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧ / **ଆକାଉଣ୍ଟ ନଂ.: ୮୦୫୮୯୯୪୦୦୦୪୪୭** | ୧୧.୬୫ | ଟ.୨୫,୭୯୨.୩୩ | ଟ.୪୭,୩୯୨/- |
| ୧୦ | **କାଳିଆ ମହାରଣା**, ମାର୍ଫତ: ସବିତ ବାରିକ, ପ୍ଲଟ୍ ନଂ.: ୯୨୧, ରଘୁନାଥ ନଗର, ଡୁମୁଡୁମା, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୯ / **ଆକାଉଣ୍ଟ ନଂ.: ୮୦୫୮୮୩୯୦୦୦୧୬୪୨** | ୬.୦୦ | ଟ.୧୪,୯୦୮.୦୬ | ଟ.୨୪,୪୦୮/- |
| ୧୧ | **ଆକାଉଣ୍ଟ ନଂ.: ୮୦୫୮୯୫୧୦୦୦୧୬୫୫** | ୬.୭୬ | ଟ.୯,୫୧୭.୨୯ | ଟ.୨୭,୫୦୦/- |
| ୧୨ | **ନାରାୟଣ ସାହୁ**, ପିତା: ହରି ସାହୁ, ପ୍ଲଟ୍ ନଂ.: ୧୭୫, ଡୁମୁଡୁମା, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୯ / **ଆକାଉଣ୍ଟ ନଂ.: ୮୦୫୮୯୯୪୦୦୦୪୯୧୧** | ୧୧.୭୭ | ଟ.୨୦,୯୧୬.୩୮ | ଟ.୪୭,୮୮୦/- |
| | **ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଶାଖା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ମୋ.: ୯୪୩୭୫୭୯୫୦୧** | | | |
| ୧୩ | **ସନ୍ତୋଷ କୁମାର ମୁଦୁଲି**, ପିତା: ସୁରେନ୍ଦ୍ର କୁମାର ମୁଦୁଲି, ମାର୍ଫତ: ସୁଲୋଚନା ଜେନା, ପ୍ଲଟ୍ ନଂ.: ୧୬୨୮/୮୪୮୮, ସତ୍ୟ ବିହାର, ପାଣ୍ଡରା, ପୋ: ରସୁଲଗଡ଼, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୦ / **ଆକାଉଣ୍ଟ ନଂ.: ୮୦୧୬୯୯୪୦୦୦୧୦୦୦** | ୧୨.୨୦ | ଟ.୨୪,୧୦୪.୬୬ | ଟ.୪୯,୬୩୦/- |
| | **ଚନ୍ଦନପୁର ଶାଖା, ଜିଲ୍ଲା: ପୁରୀ, ମୋ.: ୯୪୩୭୪୭୮୫୩୭** | | | |
| ୧୪ | **ଉଷା ବେହେରା**, ପିତା: ପ୍ରଫୁଲ୍ଲ କୁମାର ବେହେରା, ରେଲୱେ କଲୋନୀ, ଷ୍ଟେସନ ବଜାର, ପୁରୀ, ଓଡ଼ିଶା-୭୫୨୦୦୨ / **ଆକାଉଣ୍ଟ ନଂ.: ୮୦୬୪୯୫୧୦୦୦୧୮୫୧** | ୩୧.୮୫ | ଟ.୨୫,୧୮୯.୦୭ | ଟ.୧,୨୯,୫୬୬/- |
| ୧୫ | **ଆକାଉଣ୍ଟ ନଂ.: ୮୦୬୪୯୫୧୦୦୦୧୮୮୮** | ୨୬.୬୪ | ଟ.୪୭,୦୭୨.୮୦ | ଟ.୧,୦୮,୩୭୨/- |
| ୧୬ | **ଆକାଉଣ୍ଟ ନଂ.: ୮୦୬୪୯୫୧୦୦୦୧୮୯୯** | ୧୪.୦୯ | ଟ.୪୨,୨୮୫.୭୫ | ଟ.୫୭,୩୧୮/- |
| ୧୭ | **ଆକାଉଣ୍ଟ ନଂ.: ୮୦୬୪୯୫୧୦୦୦୧୯୦୨** | ୪୧.୭୮ | ଟ.୧,୨୬,୪୦୧.୨୯ | ଟ.୧,୬୯,୯୬୧/- |
| ୧୮ | **ପିଣ୍ଟୁ ଦାସ**, ମାର୍ଫତ: ଲକ୍ଷ୍ମୀଧର ଦାସ, ନାୟକପାଟଣା, ଚନ୍ଦନପୁର, ପୁରୀ, ଓଡ଼ିଶା-୭୫୨୦୧୨ / **ଆକାଉଣ୍ଟ ନଂ.: ୧୬୪୦୦୦୬୦୫୮୦୦** | ୧୨.୩୨ | ଟ.୨୪,୦୧୦.୯୨ | ଟ.୫୦,୧୧୮/- |
| ୧୯ | **ଆକାଉଣ୍ଟ ନଂ.: ୮୦୬୪୮୩୯୦୦୦୧୯୮୩** | ୧୨.୭୩ | ଟ.୩୫,୧୭୩.୧୨ | ଟ.୫୧,୭୮୬/- |
| | **ଧୁମାଳ ଶାଖା, ଜିଲ୍ଲା: ପୁରୀ, ମୋ.: ୭୭୦୫୦୦୯୧୫୮** | | | |
| ୨୦ | **ଲିଲି ଦାସ**, ସ୍ୱାମୀ: ଶରତ ଦାସ, ସା: ବନହରା, ପୋ: ବଉଳଙ୍ଗା, ଥାନା: ଗୋପ, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୧୦୭ / **ଆକାଉଣ୍ଟ ନଂ.: ୧୭୯୭୮୪୨୦୦୭୮୦୯** | ୪.୬୦ | ଟ.୯,୭୯୬.୦୦ | ଟ.୧୮,୭୧୩/- |
| | **ଜାଗମରା ଶାଖା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ମୋ.: ୯୪୩୭୨୦୧୬୭୮** | | | |
| ୨୧ | **ମମତା ବେହେରା**, ସ୍ୱାମୀ: ସୁକାନ୍ତ ବେହେରା, ସରକାରୀ ପ୍ଲଟ୍, ତାରିଣୀ ବସ୍ତି, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୩୦ / **ଆକାଉଣ୍ଟ ନଂ.: ୮୦୫୦୯୯୪୦୦୧୪୬୫୯** | ୪.୫୮ | ଟ.୭,୮୬୯.୧୦ | ଟ.୧୮,୬୩୧/- |
| | **କୋଣାର୍କ ଶାଖା, ଜିଲ୍ଲା: ପୁରୀ, ମୋ.: ୭୭୦୫୦୦୯୧୭୪** | | | |
| ୨୨ | **ପ୍ରଶାନ୍ତ ବାରିକ**, ସା: ମୁରୁକୁଣ୍ଡି, ପୋ: ମହଲପଡ଼ା, ଭାୟା: କୋଣାର୍କ, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୧୧୧ / **ଆକାଉଣ୍ଟ ନଂ.: ୧୧୯୪୮୩୬୦୦୧୧୮୬** | ୮୫.୬୦ | ଟ.୨,୧୪,୦୧୭.୦୦ | ଟ.୩,୪୮,୨୨୧/- |
| | **ସ୍ପେଶିଆଲାଇଜଡ ମାଇକ୍ରୋ ଫାଇନାନ୍ସ ଶାଖା, ପୁରୀ, ଜିଲ୍ଲା: ପୁରୀ, ମୋ.: ୭୭୦୫୦୦୯୧୭୪** | | | |
| ୨୩ | **ସଞ୍ଜୟ କୁମାର ପୃଷ୍ଟି**, ପିତା: ଗୌରାଙ୍ଗ ପୃଷ୍ଟି, ସା: ରାମଜୀ ମଠ, ଶ୍ରୀକୃଷ୍ଣ ସିନେମା ହଲ୍ ନିକଟ, ପୁରୀ, ଓଡ଼ିଶା-୭୫୨୦୦୧ / **ଆକାଉଣ୍ଟ ନଂ.: ୩୩୪୪୮୩୬୦୦୩୭୫୦** | ୭.୦୦ | ଟ.୧୭,୭୭୩.୦୦ | ଟ.୨୮,୪୭୬/- |
| ୨୪ | **ରିନା ନାୟକ**, ସ୍ୱାମୀ: ଜଗନ ନାୟକ, ଷ୍ଟେସନ ରୋଡ଼, ଘୋଡ଼ାବଜାର, ପୁରୀ, ଓଡ଼ିଶା-୭୫୨୦୦୨ / **ଆକାଉଣ୍ଟ ନଂ.: ୩୩୪୪୮୩୬୦୦୨୧୯୨** | ୫.୩୦ | ଟ.୧୩,୩୨୦.୦୦ | ଟ.୨୧,୫୬୦/- |
| ୨୫ | **ଆକାଉଣ୍ଟ ନଂ.: ୩୩୪୪୮୩୬୦୦୨୮୦୪** | ୧୧.୫୦ | ଟ.୧୩,୭୨୨.୭୦ | ଟ.୪୬,୭୮୨/- |

ତାରିଖ: ୦୫.୦୩.୨୦୨୨,
ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
କାନାରା ବ୍ୟାଙ୍କ


## ବ୍ରାହ୍ମଣୀରେ ବୁଡ଼ିଗଲେ ନାବାଳିକା

**ରାଉରକେଲା ଅଫିସ,୫।୩:** ସୁନ୍ଦରଗଡ଼ ଜିଲା ପାନପୋଷ ନିକଟ ବ୍ରାହ୍ମଣୀ ନଦୀ ଘାଟରେ ଶନିବାର ଗାଧୋଉଥିବା ବେଳେ ଜଣେ ନାବାଳିକା ବୁଡିଯାଇ ନିଖୋଜ ଅଛନ୍ତି। ସେ ହେଲେ ରାଉରକେଲା ବାସନ୍ତୀ କଲୋନୀ ମାଲଗୋଦାମ ଅଞ୍ଚଳର ପୂଜା ସିଂ(୧୪)। ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ ସନ୍ଧ୍ୟା ୭ଟା ସୁଦ୍ଧା ତାଙ୍କ ପତ୍ତା ମିଳିନାହିଁ। ସୂଚନା ଅନୁସାରେ, ବାସନ୍ତୀ କଲୋନୀ ମାଲଗୋଦାମ ଅଞ୍ଚଳର ସାରୁଖ ଖାନ (୧୭), ନାସିର ଖାନ (୧୨), ରାହୁଲ ସିଂ (୧୪) ଏବଂ ପୂଜା ସିଂ (୧୪) ଶନିବାର ଅପରାହ୍ନ ପ୍ରାୟ ୨ଟାରେ ବ୍ରାହ୍ମଣୀ ନଦୀ ଘାଟରେ ଗାଧୋଉଥିବା ବେଳେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ସାରୁଖ, ନାସିର ଓ ରାହୁଲଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ।

## ପାରାଦୀପ-ଭଦ୍ରସାହି ଅର୍ଥନୈତିକ କରିଡର ବିକାଶ ପାଇଁ ପ୍ରସ୍ତାବ ଦେଲା ରାଜ୍ୟ

**ଭୁବନେଶ୍ୱର,୫।୩(ବ୍ୟୁରୋ)**

ପାରାଦୀପରୁ ଭଦ୍ରସାହି-ବଡ଼ବିଲ ଅର୍ଥନୈତିକ କରିଡର ବିକାଶ କରିବାକୁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଦାବି କରିଛନ୍ତି। ରାଜ୍ୟ ସରକାର ଜମି ଅଧିଗ୍ରହଣ କ୍ଷେତ୍ରରେ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରସ୍ତୁତ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଶୁକ୍ରବାର କେନ୍ଦ୍ର ସରକାରଙ୍କ ଭୂପୃଷ୍ଠ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସହ ହୋଇଥିବା ବୈଠକରେ ସୂଚନା ଦେଇଛନ୍ତି। ରାଜ୍ୟର ବିଭିନ୍ନ ଜିଲା ଦେଇ ୫,୭୫୩ କିଲୋମିଟରର ୩୮ଟି ଜାତୀୟ ରାଜପଥ ଯାଇଛି। ସେଥିରୁ ୧୯ଟିକୁ ଏନ୍‌ଏଚ୍‌ଆଇ ପରିଚାଳନା କରୁଥିବା ବେଳେ ଅନ୍ୟ ୨,୯୨୦ କିଲୋମିଟର ବ୍ୟାପୀ ୧୯ଟି ରାଜପଥକୁ ରାଜ୍ୟ ସରକାର ପରିଚାଳନା କରୁଛନ୍ତି। ଏନ୍‌ଏଚ୍‌ଆଇ ଦ୍ୱାରା ୧୫୦୧୫ କୋଟି ଟଙ୍କାର ୨୦ଟି ରାଜପଥ ପ୍ରକଳ୍ପରୁ ୯୦୧ କିଲୋମିଟରର କାର୍ଯ୍ୟ ଜାରି ରହିଥିବା ବେଳେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ୧୧୪୬ କିଲୋମିଟର ବ୍ୟାପ୍ତ ୩୧ଟି ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି। ପୂର୍ତ୍ତ ସଚିବ କ୍ରିଷନ କୁମାର ପାରାଦୀପ-ବଡ଼ବିଲ ଅର୍ଥନୈତିକ କରିଡର ଶିଳ୍ପ ଓ ଅର୍ଥନୈତିକ ସମ୍ଭାବନା ସମ୍ପର୍କରେ ବୈଠକରେ ସୂଚନା ଦେଇଥିଲେ।




# ନିର୍ବାଚନରେ ଧର୍ମୀୟଭାବନା



ଆକାର ପଟେଲ

କ'ଣ ପାଇଁ ଆମେ ଭୋଟ ଦେଉଛୁ। ପଞ୍ଜାବ, ମଣିପୁର, ଗୋଆ, ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶର ନିର୍ବାଚନ ଫଳାଫଳ ପାଖେଇ ଆସୁଥିବାରୁ ଏଭଳି ପ୍ରଶ୍ନ ଉପରେ ଆମକୁ ଧ୍ୟାନ ଦେବାକୁ ହେବ। ମୁଖ୍ୟତଃ କେଉଁ ରାଜ୍ୟ କେଉଁ ଦଳକୁ ସମର୍ଥନ କରିଛି ତାହା ଜାଣିବା ମଧ୍ୟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଉତ୍ତରପ୍ରଦେଶ(ୟୁପି)ରେ ଭାଜପା ଖୁବ୍ କମ୍ ବ୍ୟବଧାନରେ ଜିତିବ ବୋଲି ମୋର ଆଶା। ଯଦି ଏହା ହୁଏ ତେବେ ଆମେ ଗତ ୮ ବର୍ଷ ଯେଭଳି ନିମ୍ନଗାମୀ ହୋଇ ଚାଲିଛୁ ସେହି ସମାନ ପଥରେ ଚାଲିବା। ଯଦି ଭାଜପା ୟୁପିରେ ହାରେ ତେବେ ମାନସିକତା ବଦଳିଯିବ ଓ ସରକାର ୨୦୨୪ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ ସ୍ୱାଭାବିକ ଭାବେ କରିପାରିବେ ନାହିଁ। ତେବେ ଏହି ଲେଖାଟି ପାର୍ଟି କିମ୍ବା ନିର୍ବାଚନ ସମ୍ପର୍କରେ ନୁହେଁ। ଭୋଟର୍‌ମାନେ ଯେଉଁଭଳି ଭାବେ ଭୋଟ ଦେଉଛନ୍ତି ଓ ତାହା କାହିଁକି କରୁଛନ୍ତି ସେ ବିଷୟରେ ଉକ୍ତ ଲେଖାରେ ପ୍ରତିପାଦିତ କରାଯାଇଛି। ଆମ ଦେଶରେ ଭୋଟିଂକୁ ଏକ ସାଧାରଣ ଉପାୟରେ ବୁଝାଯାଏ, ତାହା ହେଉଛି 'ଆଣ୍ଟି ଇନ୍‌କ୍ୟୁମ୍ବାନ୍ସି' (କ୍ଷମତା ବିରୋଧୀ ଲହର) ଅବଧାରଣା। ଏଭଳି ଆପ୍ତବାକ୍ୟ ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ବ୍ୟବହାର କରାଯାଏ ନାହିଁ। ଆମେରିକାରେ କ୍ଷମତାରେ ଥିବା ନେତାମାନେ ସେମାନଙ୍କ ବିରୋଧୀଙ୍କ ଅପେକ୍ଷା ହାରାହାରି ୮% ଅଧିକ ଭୋଟ ଲାଭ କରିଥାଆନ୍ତି। ମାସାଚ୍ୟୁସେଟସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଦ୍ୱାରା ୧୯୪୨ରୁ ୨୦୦୦ ପର୍ଯ୍ୟନ୍ତ ଆମେରିକାରେ ଅନୁଷ୍ଠିତ ସମସ୍ତ ନିର୍ବାଚନର ସମୀକ୍ଷା କରାଯିବା ପରେ ଏହା ଜଣାପଡ଼ିଛି। ଥରେ ନିର୍ବାଚିତ ହୋଇ ଭୋଟରମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେବା ଦ୍ୱାରା ଭୋଟରମାନେ ନେତାମାନଙ୍କୁ ଲଗାତର ଭୋଟ ଦେଉଛନ୍ତି। କିନ୍ତୁ ଭାରତରେ ସୀମିତ ସରକାରୀ ବ୍ୟବସ୍ଥା ଯୋଗୁ ଏଭଳି ସୁବିଧାସୁଯୋଗ ଯୋଗାଇଦେବା ଲାଗି ପର୍ଯ୍ୟାପ୍ତ ସଂସାଧନ ନାହିଁ। ଏଣୁ ସରକାରକୁ ଆସୁଥିବା ପାର୍ଟିଗୁଡ଼ିକ ଭୋଟରମାନଙ୍କ ଜୀବନଜୀବିକାରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟା କଲେ ମଧ୍ୟ ବିଫଳ ହେଉଛନ୍ତି। ଏହି କାରଣରୁ ଏଠାରେ ପାର୍ଟି କ୍ଷମତାକୁ ଆସି ୫ ବର୍ଷ ସରକାରରେ ରହିବା ପରେ ବିରୋଧୀ ଲହରକୁ ସାମ୍ନା କରୁଛନ୍ତି। ତଥାପି ଆମ ଦେଶର କେତେକ ରାଜ୍ୟରେ ପାର୍ଟିଗୁଡ଼ିକ ଦଶନ୍ଧିଦଶନ୍ଧି ଧରି କ୍ଷମତାରେ ରହିଛନ୍ତି। ଏଥିରୁ ବୁଝାପଡ଼ିଛି ଯେ, ଏହା ପଛରେ ଆଉ କିଛି ରହସ୍ୟ ରହିଛି ଓ କ'ଣ ପାଇଁ ଆମେ ଭୋଟ ଦେଉଛୁ ତାହାକୁ ଅନ୍ୟ ଏକ ଉପାୟରେ ବୁଝିହେବ। ତାହା ହେଉଛି ଜାତି, ଧର୍ମ ଭଳି ଆଇଡେଣ୍ଟିଟି ପଲିଟିକ୍ସ। ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକ ଅପେକ୍ଷା ଏହା ଉପରେ ଆମେ ଅଧିକ ଜୋର ଦେଉଛୁ। ଧର୍ମ ଏବଂ ଜାତି ଆମମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ଏକ ବଡ଼ ତଥା ପ୍ରମୁଖ ପ୍ରସଙ୍ଗ। ଏଥିରୁ ଜଣାପଡୁଛି, ଆମ ସମ୍ପ୍ରଦାୟ ଏବଂ ଜାତିକୁ ସମର୍ଥନ କରି ଆମେ ଭୋଟ ଦେଉଛୁ। ଏହାର କାରଣ ବି ରହିଛି। ଅଧିକାଂଶ ଭୋଟର ଅନୁଭବ କରୁଛନ୍ତି ଯେ, ଯେ କୌଣସି ପାର୍ଟି କ୍ଷମତାରେ ରହିଲେ ବି ସେମାନଙ୍କ ଜୀବନରେ କିଛି ପରିବର୍ତ୍ତନ ଆସିବ ନାହିଁ। ଏହା ହିଁ ବାସ୍ତବତା। ଅଧିକାଂଶ ଭାରତୀୟ ଗରିବ ଓ ସାରା ଜୀବନ ଗରିବ ହୋଇ ରହିବେ। ଏବେ ଯେମିତି ସେମାନଙ୍କ ପିଲା ସରକାରୀ ସ୍କୁଲରେ ଭଲରେ ପଢୁଛନ୍ତ, ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଆସିଲେ ପିଲାମାନଙ୍କୁ ସେଭଳି ଶିକ୍ଷା ମିଳିବ ନାହିଁ ଓ ଉଚ୍ଚଶିକ୍ଷା ପାଇବାର ବାଟ ବନ୍ଦ ହୋଇଯିବ ; ଗୋଟିଏ ସରକାର ବଦଳି ଆଉ ଏକ ସରକାର ଆସିଲେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ସରକାରୀ ହସ୍ପିଟାଲରେ ସେମାନେ ପାଉଥିବା ଚିକିତ୍ସାର ଗୁଣବତ୍ତାରେ ପରିବର୍ତ୍ତନ ହେବ ନାହିଁ ଏବଂ କୃଷକ ଓ ଦିନ ମଜୁରିଆ ଭାବେ ଅଧିକାଂଶ ଭାରତୀୟ ସାରା ଜୀବନ ସେମିତି ରହିଯିବେ ବୋଲି ସେମାନେ ଅନୁଭବ କରୁଛନ୍ତି। ଏହି କାରଣରୁ ସେମାନେ ଜାତି, ସମ୍ପ୍ରଦାୟ ଓ ବିଶ୍ୱାସକୁ ନେଇ ଭୋଟ ଦେଉଛନ୍ତି।

ଦେଶ ଭୋଟରମାନଙ୍କୁ ଆଗକୁ ବଢ଼ିବାକୁ ସୁଯୋଗ ଦେଉନାହିଁ। ସେମାନଙ୍କ ସମ୍ପ୍ରଦାୟ ଏବଂ ଜାତିକୁ ନେଇ ସରକାର ବିଭେଦ ସୃଷ୍ଟି କରୁଛନ୍ତି। ମନ୍ଦିର, ପ୍ରତିମୂର୍ତ୍ତି ଏବଂ ଘୃଣ୍ୟମନ୍ତବ୍ୟ, ହିଂସା ଏବଂ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରି ଆଇନ ସବୁ ଆଣିବା ଏହି ସରକାରଙ୍କର ଅଂଶବିଶେଷ ହୋଇଯାଇଛି, ଯେଉଁଗୁଡ଼ିକ ଉପରେ ଆମେ ଅଧିକ ଗୁରୁତ୍ୱ ଦେଉଛୁ। ଭାଜପା ଭୋଟରମାନଙ୍କ ଜୀବନର ବିକାଶ ବିଚାରଧାରାରୁ ଦୂରେଇ ଯାଇଥିବା ସ୍ପଷ୍ଟ ହୋଇଛି ନିମ୍ନଗାମୀ ଅର୍ଥ ବ୍ୟବସ୍ଥା ଏବଂ ନିଯୁକ୍ତି କ୍ଷେତ୍ରରୁ। ତେବେ ସରକାର ବିକାଶକୁ ଛାଡ଼ି ଜାତି, ସମ୍ପ୍ରଦାୟ ଉପରେ ଗୁରୁତ୍ୱ ଦେଇ ପ୍ରଭାବ ବିସ୍ତାର କରି ଲାଭ ଉଠାଇପାରିଛନ୍ତି। ସମ୍ପ୍ରଦାୟ ଏବଂ ଜାତି ତୁଳନାରେ ଅନେକଙ୍କ ପାଇଁ ବିକାଶ, ନିଯୁକ୍ତି ଏବଂ ଏଭଳି ଆଉ କିଛି ପ୍ରସଙ୍ଗ ଯଦି ଗୌଣ ହୋଇଯାଏ ତେବେ ଭାଜପା ଧର୍ମୀୟ ଜାତୀୟତାବାଦ ଉପରେ ଜୋର ଦେଇ ପ୍ରଭାବ ବିସ୍ତାର କରିଚାଲିବ। ଆମ ସମୟରେ ଭାଜପା ସଫଳତାର ସହ ଏହା କରିପାରିଛି। ଭାଜପା ସାମ୍ପ୍ରଦାୟିକତାକୁ ଏତେ ବାଟ ଆଗେଇ ନେଲା ଯେ, ଅନ୍ୟ ପାର୍ଟିସବୁ ଏହା ଉପରେ ଜୋର୍ ଦେବାକୁ ଚାହିଁଲେ ନାହିଁ।

ଆମ ଗଣତାନ୍ତ୍ରିକ ରାଜନୀତିର ଏହା ଏକ ନୈରାଶ୍ୟଜନକ ମୂଲ୍ୟାଙ୍କନ। ଏହାକୁ ବୁଝିବା ଏତେ ସହଜ ନୁହେଁ। ଏଯାବତ ଏହା କେବଳ ଏକ ପୋଥିଗତ ପ୍ରସଙ୍ଗ ହୋଇରହିଛି। ସଂଖ୍ୟାଧିକ ଲୋକ ନନ୍ ମ୍ୟାଟେରିଆଲ ପଲିଟିକ୍ସ ବା ଅଣ ଭୌତିକ ରାଜନୀତି (ବିକାଶକୁ ଗୁରୁତ୍ୱ ନଦେଇ ଜାତି ସମ୍ପ୍ରଦାୟ ଓ ଧାର୍ମିକ ବିଶ୍ୱାସକୁ ଗୁରୁତ୍ୱ ଦେବା) ପାଇଁ କେବଳ ଭୋଟ ଦିଅନ୍ତି କହିବା ମୋ ପକ୍ଷେ ଏକ ଭୁଲ୍ ଆକଳନ ହୋଇପାରେ। ଏହାବାଦ୍ ଅତୀତରେ ଏହା ହେଉଥିଲା ଓ ଭବିଷ୍ୟତରେ ଏହା ଜାରି ରହିବାର ସମ୍ଭାବନା ନାହିଁ ବୋଲି ଆକଳନ କରିବା ବି ଭୁଲ୍ ହେବ। ନିକଟରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୧୨–୧୭ ମଧ୍ୟରେ ସମାଜବାଦିପାର୍ଟି ଶାସନରେ ଉତ୍ତରପ୍ରଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅଭିବୃଦ୍ଧି ୬.୯୨ ପ୍ରତିଶତ ହୋଇଥିଲା। କିନ୍ତୁ ଭାଜପା ଶାସନରେ ୨୦୧୭ ପରଠାରୁ ଜିଡିପିର ବାର୍ଷିକ ଅଭିବୃଦ୍ଧି ହାର ମାତ୍ର ୧.୯% ରହିଆସିଛି। ନିଶ୍ଚିତଭାବେ ଏହା ଏକ ସଫଳତା ନୁହେଁ, ଯାହାକୁ ସବୁଠୁ ଭଲ ବୋଲି ସ୍ୱୀକାର କରିପାରିବ। ତଥାପି ଆଉ କିଛି ଦିନ ପରେ ନିର୍ବାଚନ ପରିଣାମ ଆସିବ। ଶେଷରେ ଲୋକେ ଏହାକୁ ଭଲ ବୋଲି ଗ୍ରହଣ କରି ଯଦି ଭାଜପାକୁ ଜିତାଇଥିବେ ସେଥିରେ ବି ଆଶ୍ଚର୍ଯ୍ୟ ହେବାର କିଛି କାରଣ ନାହିଁ।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | | | 6 | |
| | 4 | 6 | | | | 2 | | |
| | | | | 4 | | | 9 | |
| | 9 | | | | | 7 | | 1 |
| | 8 | 1 | | | | | | 5 |
| | 3 | | 1 | | | | 8 | |
| 3 | 6 | | 2 | | | | 5 | |
| 5 | | | 6 | | 4 | | | 2 |
| 9 | | | | 3 | | | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 6 | 7 | 1 | 9 | 5 | 3 | 8 |
| 5 | 3 | 9 | 8 | 2 | 6 | 4 | 7 | 1 |
| 7 | 1 | 8 | 3 | 4 | 5 | 6 | 9 | 2 |
| 8 | 9 | 1 | 4 | 5 | 7 | 3 | 2 | 6 |
| 3 | 7 | 5 | 2 | 6 | 8 | 9 | 1 | 4 |
| 6 | 2 | 4 | 1 | 9 | 3 | 8 | 5 | 7 |
| 9 | 5 | 2 | 6 | 8 | 1 | 7 | 4 | 3 |
| 4 | 8 | 7 | 9 | 3 | 2 | 1 | 6 | 5 |
| 1 | 6 | 3 | 5 | 7 | 4 | 2 | 8 | 9 |

ଗତ କାଲିର ଉତ୍ତର

# ଭିନ୍ନ ଜଣେ ସନ୍ନ୍ୟାସୀ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ମୋ ପୁଅ ଚବିଶ ବର୍ଷ ବୟସରେ ସନ୍ନ୍ୟାସୀ ହୋଇଥିଲା– ଏ କଥା ତାଙ୍କ ଜୀବନର ସାୟାହ୍ନରେ ଗର୍ବର ସହ କହିଥିଲେ ସ୍ୱାମୀ ବିବେକାନନ୍ଦଙ୍କ ମାତା ଭୁବନେଶ୍ୱରୀ ଦେବୀ। ଏହି ଦେଶରେ ମୁକ୍ତିସନ୍ଧାନୀ ମଣିଷ ପାରିବାରିକ ମାୟାବନ୍ଧନକୁ ଛିନ୍ନ କରି ସନ୍ନ୍ୟାସବ୍ରତ ଗ୍ରହଣ କରିଛନ୍ତି। ତା'ପରେ ସେମାନେ ଆଉ ପାରିବାରିକ ମୋହରେ ଛନ୍ଦି ହୋଇନାହାନ୍ତି। ମାତ୍ର ବିବେକାନନ୍ଦ ଥିଲେ ଜଣେ ଭିନ୍ନ ସନ୍ନ୍ୟାସୀ। ତାଙ୍କର ସନ୍ନ୍ୟାସ ନିଜର ମୁକ୍ତି ପାଇଁ ଅଭିପ୍ରେତ ନ ଥିଲା। ତାହା ଥିଲା ଜଗତର ମୁକ୍ତି ପାଇଁ। ତାଙ୍କ ନିଜ ଭାଷାରେ, ''ସନ୍ନ୍ୟାସର ଅର୍ଥ ହେଲା ମୃତ୍ୟୁକୁ ଭଲପାଇବା, ଆତ୍ମହତ୍ୟା ନୁହେଁ– ମରଣ ଅବଶ୍ୟମ୍ଭାବୀ ବୋଲି ଜାଣି ମଧ୍ୟ ନିଜକୁ ସର୍ବତୋଭାବେ ତିଳ ତିଳ କରି ଅନ୍ୟମାନଙ୍କ ନିମନ୍ତେ ଉତ୍ସର୍ଗ କରିବା।'' ତଦନୁଯାୟୀ ସେ 'ବହୁଜନହିତାୟ ବହୁଜନସୁଖାୟ'କୁ ନିଜର ବ୍ରତ ଭାବରେ ଗ୍ରହଣ କରିନେଲେ। ମାତ୍ର ଯାହାଙ୍କ ଜଠରରୁ ସେ ଭୂମିଷ୍ଠ ହୋଇଛନ୍ତି, ଯାହାଙ୍କ ସ୍ତନ୍ୟପାନ କରି ସେ ନିଜର ଜୀବନରକ୍ଷା କରିଛନ୍ତି, ତାଙ୍କୁ ସେ ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରିପାରି ନାହାନ୍ତି। ସନ୍ନ୍ୟାସୀର କର୍ତ୍ତବ୍ୟ ଓ ସନ୍ତାନର କର୍ତ୍ତବ୍ୟ ମଧ୍ୟରେ ସେ ଏକ ଅପୂର୍ବ ସମନ୍ୱୟ ସ୍ଥାପନ କରି ହୋଇଛନ୍ତି ଜଣେ ଅନନ୍ୟ ସନ୍ନ୍ୟାସୀ।

ସ୍ୱାମିଜୀଙ୍କ ବିବେକରେ ସହାବସ୍ଥାନ କରିଥିଲା ଉଭୟ ବୈରାଗ୍ୟ ଓ ପ୍ରେମ। ତାଙ୍କ ଗୃହୀଭକ୍ତ ବଳରାମ ବୋଷଙ୍କ ଦେହାନ୍ତ ଖବର ଶୁଣି ସେ କାନ୍ଦି ପକାଇବାରୁ ଜଣେ ଶିଷ୍ୟ ତାଙ୍କୁ କହିଲେ ସନ୍ନ୍ୟାସୀଙ୍କ ପକ୍ଷେ ଶୋକ ପ୍ରକାଶ କରିବା ଉଚିତ ନୁହେଁ। ବିବେକାନନ୍ଦ ଉତ୍ତର ଦେଲେ, ''ସନ୍ନ୍ୟାସୀ ହୋଇଛି ବୋଲି କ'ଣ ହୃଦୟଟାକୁ ବିସର୍ଜନ କରିଦେବି? ପ୍ରକୃତ ସନ୍ନ୍ୟାସୀର ହୃଦୟ ସାଧାରଣ ଲୋକର ହୃଦୟ ଅପେକ୍ଷା ଅଧିକ କୋମଳ ହେବା ଉଚିତ। ଯେଉଁ ସନ୍ନ୍ୟାସୀ ହୃଦୟକୁ ପାଷାଣ କରିବା ନିମନ୍ତେ ଉପଦେଶ ଦିଏ, ମୁଁ ସେପରି ସନ୍ନ୍ୟାସକୁ ଗ୍ରାହ୍ୟ କରେନା।'' ଯିଏ ଜଣେ ଗୃହୀଭକ୍ତଙ୍କ ମୃତ୍ୟୁରେ ଲୁହ ଗଡ଼ାଇପାରନ୍ତି, ସେ ଗର୍ଭଧାରିଣୀ ଜନନୀଙ୍କ ପ୍ରତି ଆନୁଗତ୍ୟରୁ ମୁକ୍ତ ହୋଇଥାନ୍ତେ କିପରି? ସନ୍ନ୍ୟାସ ଗ୍ରହଣ କରିବା ପରେ ସେ ଥରେ ତାଙ୍କ ଗୁରୁଭାଇଙ୍କୁ ଚିଠିରେ ଲେଖିଥିଲେ, ''ମୁଁ ବଡ଼ ଅଯୋଗ୍ୟ ସନ୍ତାନ। ମାଆଙ୍କର କିଛି କରିପାରିଲି ନାହିଁ, କେଉଁଠି ତାଙ୍କୁ ଭସାଇ ଦେଇ ଚାଲିଆସିଲି। ଯେତେବେଳେ ସଂସାର ତ୍ୟାଗ କଲି, ସେତେବେଳେ ମୋର ଗୋଟିଏ ଚକ୍ଷୁରେ ଶୋକାଶ୍ରୁ ; ମାଆ, ଆଈ ଓ ଭାଇଭଉଣୀମାନଙ୍କୁ ଛାଡ଼ି ଚାଲିଯିବା ପାଇଁ ଭୀଷଣ ଖରାପ ଲାଗିଥିଲା। କିନ୍ତୁ ଦ୍ୱିତୀୟ ଚକ୍ଷୁରେ ମୋ ଆଦର୍ଶର କଥା ଭାବି ପ୍ରକାଶ ପାଇଥିଲା ଆନନ୍ଦାଶ୍ରୁ।''

ଜମିବାଡ଼ିକୁ ନେଇ ଦୀର୍ଘଦିନ ଧରି ମାତା ଭୁବନେଶ୍ୱରୀ ମକଦ୍ଦମାରେ ଛନ୍ଦି ହୋଇ ଅର୍ଥାଭାବରେ ପଡ଼ିଥିଲେ। ପିତା ବିଶ୍ୱନାଥ ଦତ୍ତଙ୍କ ମୃତ୍ୟୁପରେ ସଂପତ୍ତି ଭାଗବଣ୍ଟାକୁ ନେଇ ତାଙ୍କ କାକାପୁଅ ଭାଇଙ୍କ ସ୍ତ୍ରୀ ଅଦାଲତରେ ଅଭିଯୋଗ କଲେ ଯେ, ଭୁବନେଶ୍ୱରୀଙ୍କ ସମସ୍ତ ଭୂସମ୍ପତ୍ତି ତାଙ୍କ ସ୍ୱାମୀ ତାରକାନାଥଙ୍କ ଦ୍ୱାରା ଉପାର୍ଜିତ ଅର୍ଥରେ କିଣା ହୋଇଥିଲା। ଏହାର ଆଇନଗତ ମୁକାବିଲା କରିବା ପାଇଁ ସନ୍ନ୍ୟାସୀ ବିବେକାନନ୍ଦଙ୍କୁ ଅଦାଲତ ଦଉଡ଼ି ଦଉଡ଼ି ନୟାନ୍ତ ହେବାକୁ ପଡ଼ିଥିଲା। ଅକଥନୀୟ ଦାରିଦ୍ର୍ୟ ମଧ୍ୟରେ ତାଙ୍କୁ ଗତି କରିବାକୁ ହେଲା। ବରାନଗରରେ ସାଧନା କରୁଥିବା ବେଳେ ତାଙ୍କୁ ମକଦ୍ଦମା କଥା ମଧ୍ୟ ବୁଝିବାକୁ ପଡୁଥିଲା। ଧାରସୂତ୍ରରେ ଅର୍ଥ ଆଣିବାକୁ ହେଉଥିଲା। ସନ୍ନ୍ୟାସ ଗ୍ରହଣ କଲା ପରେ ମଧ୍ୟ ବିବେକାନନ୍ଦ ମା'ଙ୍କ ବିଷୟରେ ସର୍ବଦା ଚିନ୍ତିତ ଥିଲେ। ଥରେ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ନିକଟକୁ ଚିଠିରେ ଲେଖିଥିଲେ, ''ମୁଁ ଶୀଘ୍ର ଦେହ ତ୍ୟାଗ କରିବି। ତୁ ହିଁ ମୋ ମା'ଙ୍କର ଓ ଘରବାଡ଼ିର ସମସ୍ତ ବନ୍ଦୋବସ୍ତ କରିବୁ। ତାଙ୍କୁ ତୀର୍ଥ ଦର୍ଶନ କରାଇବୁ। ତୋ ଉପରେ ଏହି ଦାୟିତ୍ୱ ରହିଲା।'' ମକଦ୍ଦମା ଲମ୍ବି ଚାଲିଥିଲା। କଲିକତା ରହଣି ସମୟରେ ସେ ମଝିରେ ମଝିରେ ମା'ଙ୍କୁ ସାକ୍ଷାତ୍ କରୁଥିଲେ। ପରିବ୍ରାଜକ ଜୀବନରେ ମଧ୍ୟ ସେ ମା'ଙ୍କ ଚିନ୍ତାରୁ ମୁକ୍ତ ହୋଇପାରୁ ନ ଥିଲେ। ଦେୱାନ ହରିଦାସ ଦେଶାଇଙ୍କୁ ସେ ଲେଖିଥିଲେ, ''ଏହି ବିପୁଳ ସଂସାରରେ ମୋର ଭଲପାଇବାର ପାତ୍ର ଯଦି କେହିଥାଏ, ତେବେ ସେ ମୋର ମାଆ। ଗୋଟିଏ ଦିଗରେ ଭାରତବର୍ଷ– ଲକ୍ଷ ଲକ୍ଷ ନରନାରୀଙ୍କ ଦୁଃଖ ଓ ଅନ୍ୟ ଦିଗରେ ମୋର ଯେତେ ସବୁ ନିକଟ ଆତ୍ମୀୟସ୍ୱଜନ ଅଛନ୍ତି, ସେମାନଙ୍କ ଦୁଃଖ ଦୁର୍ଦ୍ଦଶାର କାରଣ ହେବା– ଏହି ଦୁଇଟି ମଧ୍ୟରୁ ପ୍ରଥମଟି ମୁଁ ବ୍ରତ ଭାବରେ ଗ୍ରହଣ କରିଛି। ବାକି ଯାହା କିଛି ଈଶ୍ୱର ହିଁ ସଂପନ୍ନ କରିବେ।''

ସ୍ୱାମିଜୀ ୧୮୯୪ ମସିହାରେ ବୋଷ୍ଟନ୍‌ରେ ଥିବାବେଳେ 'ମାଇଁ ମଦର' ଶୀର୍ଷକରେ ଏକ ବକ୍ତୃତା ଦେଇଥିଲେ। ବକ୍ତବ୍ୟ ଶୁଣି ଶ୍ରୋତାମାନେ ଏତେ ମୋହିତ ହୋଇଥିଲେ ଯେ ବଡ଼ଦିନ ଉତ୍ସବ ପାଳନ ଅବସରରେ ସେମାନେ ସ୍ୱାମିଜୀଙ୍କ ଅଜ୍ଞାତରେ ମେରୀ ଅଙ୍କ ସୁଶୋଭିତ ବାଳକ ଖ୍ରୀଷ୍ଟଙ୍କ ଏକ ସୁନ୍ଦର ଚିତ୍ର ଖଣ୍ଡିଏ ପତ୍ର ସହ ତାଙ୍କ ମାଆଙ୍କ ନିକଟକୁ ପଠାଇଥିଲେ। ସ୍ୱାମିଜୀ ଭଗବାନ ଯିଶୁ ସଦୃଶ, ଏହି ଭାବଟି ଚିଠିରେ ପ୍ରକାଶ ପାଇଥିଲା। ୧୮୯୮ ମସିହା ନଭେମ୍ବର ୨୨ ତାରିଖରେ ସ୍ୱାମିଜୀ ବେଲୁଡ଼ ମଠରୁ ଖେତଡ଼ି ରାଜାଙ୍କୁ ଏକ ଗୋପନ ଚିଠି ପଠାଇଥିଲେ। ସେଥିରେ ଲେଖାଥିଲା, ''ମୋ ଛାତି ଭିତରେ ଗୋଟିଏ ପାପ ମୋତେ ସଦାସର୍ବଦା ପୀଡ଼ା ଦେଇ ଚାଲିଛି– ମୋ ମାଆଙ୍କ ପ୍ରତି ମୁଁ ଅବିଚାର କରିଛି। ମୋର ମଧ୍ୟମ ଭ୍ରାତା ବାହାରକୁ ଚାଲିଯିବାରୁ ମାଆ ଦୁଃଖରେ ମୁହ୍ୟମାନ। ଏବେ ମୋର ଇଚ୍ଛା, ଅନ୍ତତଃ କିଛିଦିନ ପାଇଁ ମାଆଙ୍କ ପାଖରେ ରହିବାକୁ ଚାହେଁ। ଆମ୍ଭମାନଙ୍କ ବଂଶଟି ଯେପରି ଲୋପ ପାଇ ନ ଯାଏ, ସେଥିପାଇଁ ସାନଭାଇକୁ ବାହା କରାଇବାକୁ ଚାହେଁ। ଏହା ଫଳରେ ମୋ ମାଆଙ୍କ ଶେଷ କେଇଟା ଦିନ ଶାନ୍ତିରେ କଟିପାରିବ। ମାଆ ଏବେ ରହୁଛନ୍ତି ଏକ ଜଘନ୍ୟ ବସାରେ। ତାଙ୍କ ପାଇଁ ଘରଟିଏ କରିଦେବାକୁ ଇଚ୍ଛା।'' ଏଥିପାଇଁ ସାହାଯ୍ୟ କରିବା ପାଇଁ ସେ ଖେତଡ଼ି ମହାରାଜାଙ୍କୁ ଅନୁରୋଧ କରିଥିଲେ। ସେ ୧୮୯୯ ମସିହାରେ ନ୍ୟୁୟର୍କରେ ଥିବାବେଳେ ମଧ୍ୟ ମକଦ୍ଦମା ଚିନ୍ତାରୁ ମୁକ୍ତ ନ ଥିଲେ। ସେଠାରୁ ମକଦ୍ଦମା ଖର୍ଚ୍ଚ ପାଇଁ ୧୩୦୦ ଟଙ୍କା ପଠାଇଥିଲେ। ପୁନଶ୍ଚ ଶ୍ରୀମତୀ ସାରା ବୁଲ୍‌ଙ୍କୁ ସେ ଲେଖିଥିଲେ, ''ମିଷ୍ଟର ଲେଗେଟ୍‌ଙ୍କ ପାଖରେ ମୋର ଗଚ୍ଛିତ ପାଣ୍ଠି ୧ ହଜାର ପାଉଣ୍ଡ ଅଛି। ମୁଁ ଯଦି ମରିଯାଏ, ତା'ହେଲେ ଦୟାକରି ଏହି ଟଙ୍କା ମୋ ମା'ଙ୍କ ପାଖକୁ ପଠାଇଦେବ।''

ସ୍ୱାମିଜୀ ପ୍ରବାସରେ ଥାଇ ମଧ୍ୟ ମାଆଙ୍କ ପାଇଁ ଚିନ୍ତିତ ଥିଲେ। ୧୭ ଜାନୁୟାରୀ ୧୯୦୦ ଦିନ ଲସ୍ ଏଞ୍ଜେଲ୍‌ସରୁ ସେ ମିସେସ୍ ବୁଲ୍‌ଙ୍କୁ ଜଣାଇଥିଲେ ଯେ, ସେ କିଛି ସମୟ ପାଇଁ ମାଆଙ୍କ ପାଖକୁ ଫେରିବା ପାଇଁ ଚାହାନ୍ତି ଓ ତାଙ୍କର ଶେଷଦିନଗୁଡ଼ିକ ସମସ୍ୟାମୁକ୍ତ ରଖିବାକୁ ଚାହାନ୍ତି। ପୁନଶ୍ଚ ଶଙ୍କରାଚାର୍ଯ୍ୟଙ୍କ ପଥ ଗ୍ରହଣ କରିବା ପାଇଁ ସେ ଇଚ୍ଛା କରିଥିଲେ। ଶଙ୍କର ୧୬ ବର୍ଷ ବୟସରେ ସଂସାରତ୍ୟାଗୀ ହୋଇଥିଲେ। ଯେତେବେଳେ ସେ ସନ୍ନ୍ୟାସ ଗ୍ରହଣ କରିବା ପାଇଁ ମାଆଙ୍କ ଅନୁମତି ଚାହିଁଲେ ମାଆ କହିଲେ, ''ତୁମେ ଚାଲିଗଲେ ମୋର ସେବା ଓ ସତ୍କାର କରିବ କିଏ?'' ଶଙ୍କର କହିଲେ, ''ମାଆ, ମୁଁ ଯେଉଁଠି ଥିଲେ ବି ଯଥା ସମୟରେ ଉପସ୍ଥିତ ହୋଇ ତୁମର ସତ୍କାର କରିବି। ସନ୍ନ୍ୟାସୀ ପକ୍ଷରେ ଏହା ନିଷିଦ୍ଧ ହୋଇଥିଲେ ମଧ୍ୟ ମୁଁ ଏହା ଅବଶ୍ୟ କରିବି।'' ଶଙ୍କର ଶୃଙ୍ଗେରୀରେ ଥିବାବେଳେ ମାଆଙ୍କ ଅନ୍ତିମ ସମୟ ଉପସ୍ଥିତ ଜାଣି ଫେରିଆସିଲେ ନିଜ ଜନ୍ମସ୍ଥାନ କାଲାଡ଼ି ଗ୍ରାମକୁ। ମା'ଙ୍କ ଦେହାବସାନ ପରେ ମୁଖାଗ୍ନି ଦେଲେ ଓ ନିଜ ପ୍ରତିଜ୍ଞାକୁ ପୂରଣ କରିବା ପାଇଁ ସନ୍ନ୍ୟାସ ଧର୍ମକୁ ଲଂଘନ କଲେ। ଶଙ୍କରଙ୍କ ପଥକୁ ଅନୁସରଣ କରିଥିଲେ ସ୍ୱାମୀ ବିବେକାନନ୍ଦ। ବିଶ୍ୱ ବିଜୟ କରି ସାରିବା ପରେ କଲିକତା ଫେରି ସେ ମାଆଙ୍କୁ ଦେଖାକରିବାକୁ ଯାଇଥିଲେ ଓ ତାଙ୍କ କୋଳରେ ମଥା ରଖି ଅସହାୟ ଶିଶୁଟିଏ ଭଳି କାନ୍ଦିଥିଲେ। ତାଙ୍କ ଇଚ୍ଛା ଥିଲା ଗଙ୍ଗାକୂଳରେ ଏକ ଛୋଟ ଘର ନିର୍ମାଣ କରି ତାଙ୍କ ମାଆ ଓ ବୃଦ୍ଧା ଆଈମା'ଙ୍କ ସେବା କରିବା, ମାତ୍ର ଅର୍ଥାଭାବ କାରଣରୁ ତାହା ସମ୍ଭବ ହୋଇପାରି ନ ଥିଲା। ୧୯୦୧ ଜାନୁୟାରୀ ୨୬ ତାରିଖରେ ସେ ଶ୍ରୀମତୀ ଓଲେ ବୁଲ୍‌ଙ୍କୁ ଲେଖିଥିଲେ, ''ମା'ଙ୍କ ସହ ମୁଁ ତୀର୍ଥଭ୍ରମଣ କରିବାକୁ ମନସ୍ଥ କରିଛି। ଜଣେ ହିନ୍ଦୁ ବିଧବାର ଏହା ଆନ୍ତରିକ କାମନା। ଜୀବନସାରା ମୁଁ ପରିବାରକୁ ଦୁଃଖ ଦେଇଛି। ମାଆଙ୍କ ଏହି ଇଚ୍ଛାକୁ ମୁଁ ପୂରଣ କରିବାକୁ ଚାହେଁ।'' ସେ ତାଙ୍କ ମାଆ ଓ କିଛି ସମ୍ପର୍କୀୟଙ୍କ ସହ ଢାକା, ପୂର୍ବବଙ୍ଗର ଚନ୍ଦ୍ରନାଥ ଓ ଆସାମର କାମାକ୍ଷା ତୀର୍ଥକୁ ଯାଇଥିଲେ। ତା'ପରେ ତାଙ୍କର ଶାରୀରିକ ଅସୁସ୍ଥତା ଅନ୍ୟ ତୀର୍ଥ ଭ୍ରମଣରେ ବାଧା ସୃଷ୍ଟି କରିଥିଲା। ତାଙ୍କର ଦେହାନ୍ତ ହେଲା ୪ ଜୁଲାଇ ୧୯୦୨ ଶୁକ୍ରବାର ରାତିରେ। ପରେ ସ୍ୱାମୀ ବ୍ରହ୍ମାନନ୍ଦ ଓ ଜଣେ ସନ୍ନ୍ୟାସୀ ଭୁବନେଶ୍ୱରୀଙ୍କୁ ଅନ୍ୟାନ୍ୟ ତୀର୍ଥ ଦର୍ଶନ କରାଇ ତାଙ୍କ ଇଚ୍ଛାକୁ ପୂରଣ କରିଥିଲେ। ସନ୍ନ୍ୟାସୀ ଶଙ୍କର ମାଆଙ୍କ ଜୀବନର କେବଳ ଶେଷ ମୁହୂର୍ତ୍ତରେ ପହଞ୍ଚି ମୁଖାଗ୍ନି ଦେଇଥିଲେ। ମାତ୍ର ବିବେକାନନ୍ଦ ସନ୍ନ୍ୟାସ ଗ୍ରହଣ କରିଥିଲେ ମଧ୍ୟ ଜୀବନସାରା ପରିବାରର ମକଦ୍ଦମା ଓ ମାଆ ତଥା ଭାଇମାନଙ୍କ ବିଷୟରେ ଚିନ୍ତା କରୁଥିଲେ। ତାଙ୍କ ତରଫରୁ ମାଆଙ୍କ ଚଳିବା ପାଇଁ ଖେତଡ଼ି ରାଜା ଅଜିତ ସିଂହ ପ୍ରତିମାସ ଶହେ ଟଙ୍କା ପଠାଉଥିଲେ। ସନ୍ନ୍ୟାସର ଧର୍ମ ଓ ପାରିବାରିକ ଦାୟିତ୍ୱର ଏକ ଅପୂର୍ବ ସମନ୍ୱୟ ସମ୍ପାଦନ କରି ସେ ହେଲେ ଜଣେ ଭିନ୍ନ ସନ୍ନ୍ୟାସୀ।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ: ୭୦୦୮୩୬୯୯୨୦

# ସେବିର ସର୍ବେସର୍ବା

ବ୍ୟକ୍ତିତ୍ୱ



ମାଧବୀ ପୁରି ବୁଚ୍

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍‌ଇ) ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀରେ ରହିଥିବା ବେଳେ ଚିତ୍ରା ରାମକ୍ରିଷ୍ଣ ହିମାଳୟର ଜଣେ ଯୋଗୀଙ୍କ ସହ ବାରମ୍ବାର ଯୋଗାଯୋଗରେ ଥିବା ବିଷୟ ଫେବୃୟାରୀ ୨୦୨୨ରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଆର୍ଥିକ ଜଗତ ସହିତ ଜଣେ ଯୋଗୀଙ୍କ ସମ୍ପର୍କ ଚର୍ଚ୍ଚାକୁ ଆସିବା ପରେ ଭିତିରି ରହସ୍ୟ ପଦାରେ ପଡ଼ିଥିଲା। ବାସ୍ତବରେ ସେହି ଯୋଗୀ ଥିଲେ ଏନ୍ଏସ୍‌ଇର ପୂର୍ବତନ ଗ୍ରୁପ୍ ଅପରେଟିଂ ଅଫିସର ଆନନ୍ଦ ସୁବ୍ରମଣ୍ୟନ୍। ନିକଟରେ ଚିତ୍ରା ରାମକ୍ରିଷ୍ଣନ୍ ଓ ଅନ୍ୟମାନେ ସିକ୍ୟୁରିଟିଜ୍ କଣ୍ଟ୍ରାକ୍ଟ ରୁଲ୍ ଉଲ୍ଲଂଘନ କରିଥିବାରୁ ସେମାନଙ୍କ ବିରୋଧରେ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) କଠୋର ପଦକ୍ଷେପ ନେଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନରେ ସେବି ପ୍ରତିଭୂତି ଓ ସାମଗ୍ରୀ ବଜାରକୁ ନିୟନ୍ତ୍ରଣ କରିବା ଦିଗରେ କାର୍ଯ୍ୟ କରୁଛି। ୧୯୮୮ରେ ଏହା ଏକ ଅଣ–ବୈଧାନିକ ସଂସ୍ଥା ଭାବେ ଗଢ଼ି ଉଠିଥିଲା। ୧୯୯୨ରେ ଭାରତୀୟ ସଂସଦ ଦ୍ୱାରା ସେବି ଆଇନ ୧୯୯୨ ଗୃହୀତ ହେବା ପରେ ଏହା ବୈଧାନିକ କ୍ଷମତାସଂଯୁକ୍ତ ହୋଇପାରିଛି। ବମ୍ବେରେ ଏହାର ମୁଖ୍ୟାଳୟ ଥିବା ବେଳେ ଏହାର ଉତ୍ତରାଞ୍ଚଳ, ପୂର୍ବାଞ୍ଚଳ, ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ କାର୍ଯ୍ୟାଳୟ ଯଥାକ୍ରମେ ନୂଆଦିଲ୍ଲୀ, କୋଲକାତା, ଚେନ୍ନାଇ ଓ ଅହମ୍ମଦାବାଦରେ ଅଛି। ୨୦୧୩–୧୪ ଆର୍ଥିକ ବର୍ଷରେ ଏହାର ସ୍ଥାନୀୟ କାର୍ଯ୍ୟାଳୟ ଜୟପୁର, ବେଙ୍ଗାଲୁରୁ, ଗୁଆହାଟୀ, ଭୁବନେଶ୍ୱର, ପାଟନା, କୋଚି ଓ ଚଣ୍ଡିଗଡ଼ରେ ଖୋଲାଯାଇଥିଲା। ଏବେ ସେବି ବିଷୟରେ ଏଭଳି ଆଲୋଚନା ହେବାର ଯେଉଁ ଅବକାଶ ସୃଷ୍ଟି ହୋଇଛି, ନୂତନ ଭାବେ ଏହାର ଅଧ୍ୟକ୍ଷ ନିଯୁକ୍ତ ହୋଇଥିବା ମାଧବୀ ପୁରି ବୁଚ୍ ତାହାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। କିଛିଦିନ ବ୍ୟବଧାନରେ ଚିତ୍ରାଙ୍କ ଚରିତ୍ର ନକାରାତ୍ମକ ଖବର ପାଇଁ ଚର୍ଚ୍ଚାକୁ ଆସିଥିବା ବେଳେ ମାଧବୀଙ୍କ ବ୍ୟକ୍ତିତ୍ୱ ଏକ ସକାରାତ୍ମକ ଦିଗକୁ ସୂଚିତ କରୁଛି ବୋଲି କୁହାଯାଉଛି। ସେବିର ପ୍ରଥମ ମହିଳା ଅଧ୍ୟକ୍ଷା ଭାବେ ତାଙ୍କ କାର୍ଯ୍ୟକାଳ ୩ ବର୍ଷ ପାଇଁ ରହିବ। ଏହି ସମୟ ତାଙ୍କୁ ଭାରତୀୟ ଆର୍ଥିକ ଜଗତର ଅନ୍ୟତମ କ୍ଷେତ୍ରକୁ ଆଗକୁ ନେବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ ସେବିର ସର୍ବୋଚ୍ଚ ପଦବୀରେ ଆସୀନ ହୋଇଥିବା ମାଧବୀଙ୍କୁ ଜାଣିବା ଲାଗି ଅନେକେ ଆଗ୍ରହ ରଖିବା ସ୍ୱାଭାବିକ।

ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇରେ ୧୨ ଜାନୁୟାରୀ ୧୯୬୬ରେ ମାଧବୀଙ୍କ ଜନ୍ମ। ନୂଆଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ଅହମ୍ମଦାବାଦରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ମାଧବୀ ଭାରତୀୟ ହିନ୍ଦୁ ମହିଳା। ସେ ଢାବଲ ବୁଚ୍‌ଙ୍କୁ ବିବାହ କରିଛନ୍ତି। ପ୍ରତିଭାସମ୍ପନ୍ନ ମାଧବୀ ଭାରତୀୟ ବ୍ୟବସାୟିକ ଜଗତରେ ବେଶ୍ ଜଣାଶୁଣା। ସେବିର ଗୁରୁତ୍ୱପୂର୍ଣ୍ଣ ପଦବୀରେ ପହଞ୍ଚିବା ପୂର୍ବରୁ ସେ କର୍ପୋରେଟ୍ ଦୁନିଆରେ ନାମ ଅର୍ଜନ କରିଥିଲେ। ତାଙ୍କ କ୍ୟାରିୟର ତାଲିକାରେ ସ୍ଥାନ ପାଇଥିବା ପଦବୀଗୁଡ଼ିକ ମଧ୍ୟରେ ରହିଆସିଛି– ପ୍ରଫେଶନାଲ୍ ଆସିଷ୍ଟାନ୍ସ ଫର୍ ଡେଭଲପମେଣ୍ଟ ଆକ୍ସନ (ପ୍ରଦାନ)ର ଅଧିକାରୀ, ଆଇସିଆଇସିଆଇ ବ୍ୟାଙ୍କର ଫାଇନାନ୍ସ ଆନାଲିଷ୍ଟ, ୱେଷ୍ଟ ଚେଶାୟାର କଲେଜର ଅଧ୍ୟାପିକା, ଓଆର୍‌ଜି–ଏମ୍ଏଆର୍‌ଜିର ମାର୍କେଟ ରିସର୍ଚ୍ଚ କନ୍‌ସଲଟାଣ୍ଟ, ଆଇସିଆଇସିଆଇ ସିକ୍ୟୁରିଟିଜ୍‌ର ଏଚ୍ଏଫ୍‌ସିର ସିଇଓ ଏବଂ ପରେ ଆଇସିଆଇସିଆଇ ବ୍ୟାଙ୍କ ଗ୍ରୁପ୍‌ର ସିଇଓ।

ସେବିର ପାଞ୍ଚବର୍ଷ ଧରି ଅଧ୍ୟକ୍ଷ ରହିଆସିଥିବା ଅଜୟ ତ୍ୟାଗୀଙ୍କଠାରୁ ମାଧବୀ ୨ ମାର୍ଚ୍ଚ ୨୦୨୨ରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହି କ୍ୟାପିଟାଲ ମାର୍କେଟ୍ ରେଗୁଲେଟରର ପ୍ରଥମ ମହିଳା ଅଧ୍ୟକ୍ଷା ହେବାର ଗୌରବ ଅର୍ଜନ କରିବା ସହିତ ପ୍ରଥମ ଅଣ–ଅମଲାତନ୍ତ୍ରୀ ଅଧିକାରୀର ଆଖ୍ୟା ମଧ୍ୟ ଅର୍ଜନ କରିଛନ୍ତି। ସେବିରେ ମାର୍କେଟ୍ ରେଗୁଲେଶନ ଡିପାର୍ଟମେଣ୍ଟ, ମାର୍କେଟ ଇଣ୍ଟରମିଡିଆରିଜ୍ ରେଗୁଲେଶନ ଆଣ୍ଡ୍ ସୁପରଭିଜନ୍ ଡିପାର୍ଟମେଣ୍ଟ, ଇଣ୍ଟିଗ୍ରେଟେଡ୍ ସର୍ଭେଲାନ୍ସ ଡିପାର୍ଟମେଣ୍ଟ, ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ଡିପାର୍ଟମେଣ୍ଟ ଏବଂ ଡିପାର୍ଟମେଣ୍ଟ ଅଫ୍ ଇକୋନୋମିକ୍ ଆଣ୍ଡ୍ ପଲିସି ଆନାଲିସିସ୍ ଆଦି କ୍ଷେତ୍ରରେ ପରିଚାଳନାଗତ ଦକ୍ଷତା ପ୍ରଦର୍ଶନ କରିଥିବାରୁ ସେ ଏହାର ସର୍ବେସର୍ବା ଭାବେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ନିୟାମକକୁ ଆହୁରି ସୁଦୃଢ଼ କରିବେ ବୋଲି ଆଶା କରାଯାଉଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ରାଣୀ ସେବାରେ ଗଭୀର ବିଶ୍ୱାସ ରଖିଥିବା ପିପଲ ଫାର୍ମ ଭଳି ଏକ ବେସରକାରୀ ସଂସ୍ଥା ବୁଲା କୁକୁରଙ୍କୁ ପ୍ରତିଦିନ ଖାଇବାକୁ ଦେଉଛି। ଉକ୍ତ ଫାର୍ମ ହିମାଚଳପ୍ରଦେଶର ସ୍ପିତି ଭ୍ୟାଲିରେ ରହିଛି। ପ୍ରତ୍ୟେକ ଦିନ ଏହି ଫାର୍ମ ପାଖାପାଖି ୪୦୦ କୁକୁରଙ୍କୁ ଖାଇବାକୁ ଦେବାର ବ୍ୟବସ୍ଥା କରିଛି। ଭ୍ୟାଲିରେ ପ୍ରବଳ ଥଣ୍ଡା ଯୋଗୁ ଗତ ଡିସେମ୍ବରରେ ବହୁ କୁକୁରଙ୍କର ଖାଇବା ବିନା ମୃତ୍ୟୁ ଘଟିଥିଲା। ଏହାକୁ ଲକ୍ଷ୍ୟକରି ପିପଲ ଫାର୍ମ 'ସ୍ପିତି ଡଗ୍ସ ଫିଡିଂ ୱିଣ୍ଟର ପ୍ରୋଗ୍ରାମ' ଆରମ୍ଭ କରି ସ୍ଥାନୀୟ ମହିଳାଙ୍କ ସହଯୋଗରେ କୁକୁରଙ୍କୁ ଖାଇବାକୁ ଦେଉଛି। ଏଥିରେ ଭ୍ୟାଲିର ୬ଟି ଗାଁରୁ ୧୨ ଜଣ ମହିଳା କାର୍ଯ୍ୟ କରୁଛନ୍ତି ଓ ସେମାନେ ପ୍ରତିଦିନ ରୋଷେଇ କରିବା ସହ ପ୍ୟାକେଟ ପ୍ରସ୍ତୁତ କରନ୍ତି। ଦାନରେ ମିଳୁଥିବା ଅର୍ଥ ଏହି କାର୍ଯ୍ୟରେ ଖର୍ଚ୍ଚ କରାଯାଉଛି। ତିନି ମାସ ମଧ୍ୟରେ ଏ ବାବଦରେ ପାଖାପାଖି ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ପ୍ରତିଦିନ କୁକୁରଙ୍କ ପାଇଁ ୫୦–୬୦ କେ.ଜି. ଖାଦ୍ୟ ରୋଷେଇ ହେଉଛି। ଖାଦ୍ୟ ପ୍ରସ୍ତୁତ ହେବା ପରେ ତାହାକୁ ପ୍ୟାକେଟ କରି ଭ୍ୟାଲିର ୬ଟି ଗାଁକୁ ଯାଉଥିବା ପର୍ଯ୍ୟଟକଙ୍କ ହାତରେ ପଠାଯାଇ ସେଠାରେ କୁକୁରଙ୍କୁ ଦିଆଯାଉଛି। ବହୁ ସମୟରେ ଏହି ମହିଳାମାନେ ନିଜେ ଖାଦ୍ୟ ନେଇ କୁକୁରଙ୍କୁ ଖାଇବାକୁ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ମାର୍ଚ୍ଚ ୧୯୯୭

- ବଲିଭିଆରେ ପ୍ରବଳ ବର୍ଷା ହେବା ଫଳରେ ବନ୍ୟାଜଳରେ ଭାସିଯାଇ ୧୬ ଜଣଙ୍କ ପ୍ରାଣହାନି।
- ଏମ୍ପାୟର ଷ୍ଟେଟ୍ ବିଲ୍ଡିଂରେ ଘଟିଥିବା ହତ୍ୟାକାଣ୍ଡକୁ ଦୃଷ୍ଟିରେ ରଖି ଆମେରିକାରେ ରହିଥିବା ବିଦେଶୀ ନାଗରିକଙ୍କର ବନ୍ଧୁକ କିଣିବା ଓ ରଖିବା ଉପରେ କଟକଣା ଜାରି।
- ନାଗପୁର ପୌର ନିଗମ ଓ ଜିଲା ପରିଷଦ ନିର୍ବାଚନରେ ଦଳ ପରାଜୟବରଣ କରିଥିବାରୁ ଏଥିପାଇଁ ନିଜକୁ ଦାୟୀ କରି ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ପଦରୁ ରଣଜିତ ଦେଶମୁଖଙ୍କ ଇସ୍ତଫା।

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାନୁଷ୍ଠାନ ପାଇଁ ଗୋଟିଏ ଡ୍ରେସ୍ କୋଡ୍

ମହାଶୟ,

କର୍ନାଟକରେ ହିଜାବ ପରିଧାନକୁ ନେଇ ଅଶାନ୍ତି ସୃଷ୍ଟି ହେବା ସହ ଶିକ୍ଷାଦାନରେ ଘୋର ବାଧା ସୃଷ୍ଟି ହେଉଛି। ଏହା ଆଦୌ ଠିକ୍ ନୁହେଁ। ହିଜାବ ପରିଧାନକୁ ବାହାରେ ପିନ୍ଧିବାକୁ କେହି ମନା କରୁନି। କିନ୍ତୁ ଶିକ୍ଷାନୁଷ୍ଠାନଗୁଡ଼ିକର ଶୃଙ୍ଖଳା ଦୃଷ୍ଟିରୁ ଡ୍ରେସ୍‌କୋଡ୍‌କୁ ଗ୍ରହଣ କରିବା ଉଚିତ। ଏଣୁ ଛାତ୍ରୀଛାତ୍ରମାନେ ପ୍ରତିବାଦ ନ କରି ଡ୍ରେସ୍‌କୋଡ୍‌କୁ ମାନିବା ଉଚିତ। ଶିକ୍ଷାନୁଷ୍ଠାନରେ ଧର୍ମ ଓ ରାଜନୀତି ପଶିବାକୁ ସୁଯୋଗ ଦେବା ଉଚିତ ନୁହେଁ। ହିଜାବ ବିବାଦ ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପୁଛି। ଏହା ଯେତେ ଯାହା ପରିସ୍ଥିତି କରୁପଛେ ଶିକ୍ଷାନୁଷ୍ଠାନରେ ଡ୍ରେସକୋଡ ନିଶ୍ଚିତ ଭାବରେ ଗୋଟିଏ। ଭିନ୍ନ ଭିନ୍ନ ହେବା ଉଚିତ ନୁହେଁ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଭୈରବୀ ମନ୍ଦିର ଖୋଲୁ

ଗଞ୍ଜାମ ଜିଲାକୁ ଲାଗିଥିବା ଆନ୍ଧ୍ର ପ୍ରଦେଶ ଓ ବ୍ରହ୍ମପୁର ମଧ୍ୟରେ ଥିବା ବିଖ୍ୟାତ ଭୈରବୀ ମନ୍ଦିରକୁ ଆନ୍ଧ୍ର ଏବଂ ଓଡ଼ିଶାର ଲୋକେ ଦର୍ଶନ କରିବାକୁ ଆସନ୍ତି। କାମନା ପୂରଣ ପାଇଁ ବାରମାସ ଲୋକମାନେ ଏହି ମନ୍ଦିରକୁ ଆସିଥାଆନ୍ତି। ଆଜକୁ ଦୁଇବର୍ଷ ହେଲା ମନ୍ଦିର ତାଲା ପଡ଼ିଛି। ଦର୍ଶନାର୍ଥୀ ଆଶାକରି ଆସି ନିରାଶ ହୋଇ ଫେରୁଛନ୍ତି। ସାରା ବ୍ରହ୍ମପୁରର ବାସିନ୍ଦା ଓ ଆଖପାଖ ଗ୍ରାମର ସମସ୍ତେ ଭୈରବୀ ଦର୍ଶନ କେଉଁ କାଳରୁ କରୁଥିଲେ। ସେବକ ଓ କମିଟି ମଧ୍ୟରେ ବିବାଦ ଯୋଗୁ ଉକ୍ତ ମନ୍ଦିର ବନ୍ଦ ରହିଥିବା ଜଣାପଡ଼ିଛି। ତେଣୁ ମନ୍ଦିର ଖୋଲିବା ପାଇଁ ଜନସାଧାରଣ ଓ ଉଚ୍ଚକର୍ତ୍ତୃପକ୍ଷ ସୁବ୍ୟବସ୍ଥା କରିବେ ବୋଲି ଆଶା।

– କାଳି ଚରଣ ରଥ, ଶାସ୍ତ୍ରୀନଗର, ଗୋସାଇଁ ନୂଆଗାଁ, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଳ ଚଳ ଚିତ୍ରୋତ୍ପଳା ହସ ହସ ମୁଖ
ତରଳ ଅନ୍ତରେ ତୋର ନଚାଇ ମୟୁଖ,
ନୀଳ ହେଲା ତୋର ଜଳ
ଧୋଇ ସେ କାହା କୁନ୍ତଳ ?
ସେ ମୋର ପ୍ରେୟସୀ ମୋର ଚିର ଦୁଃଖସୁଖ।
(ଚିତ୍ରୋତ୍ପଳା)

–କାଳିନ୍ଦୀଚରଣ ପାଣିଗ୍ରାହୀ

**ଯୁଦ୍ଧଜାହାଜରୁ ବ୍ରହ୍ମୋସ୍‌ର ସଫଳ ପରୀକ୍ଷା**

ଭାରତୀୟ ନୌସେନା ଶନିବାର ବ୍ରହ୍ମୋସ୍ କ୍ରୁଜ୍ କ୍ଷେପଣାସ୍ତ୍ରର ଏକ ଦୀର୍ଘ ଲକ୍ଷ୍ୟଭେଦୀ ଭର୍ସନର ସଫଳ ପରୀକ୍ଷା କରାଇଛି। ଯୁଦ୍ଧଜାହାଜରୁ ଛଡ଼ାଯାଇଥିବା ଏହି କ୍ଷେପଣାସ୍ତ୍ର ନିର୍ଦ୍ଦିଷ୍ଟ ପଏଣ୍ଟକୁ ଲକ୍ଷ୍ୟଭେଦ କରିଥିଲା। ଶବ୍ଦ ବେଗରୁ ଅଧିକ ବେଗରେ ଗତି କରୁଥିବା ଏହି ସୁପରସୋନିକ କ୍ଷେପଣାସ୍ତ୍ର ୨୦୦୬ରେ ନୌସେନା ଓ ବାୟୁସେନାରେ ସାମିଲ ହୋଇଥିଲା।



## ସଂକ୍ଷେପରେ

### ଦକ୍ଷିଣ କୋରିଆରେ ଜଙ୍ଗଲ ନିଆଁ: ୬ ହଜାର ସ୍ଥାନାନ୍ତର

**ସିଓଲ,୫।୩:** ଦକ୍ଷିଣ କୋରିଆର ପୂର୍ବ ଉପକୂଳରେ ଥିବା ବ୍ୟାପକ ଜଙ୍ଗଲରେ ନିଆଁ ଲାଗିଯିବାରୁ ସାମୟିକ ଭାବେ ସେଠାର ଏକ ଆଣବିକ ଶକ୍ତି ପ୍ରକଳ୍ପ ଏବଂ ଏଲ୍‌ଏନ୍‌ଜି ପ୍ଲାଣ୍ଟ ପ୍ରତି ବିପଦ ସୃଷ୍ଟି ହୋଇଛି। ଜଙ୍ଗଲ ନିଆଁରେ ୯୦ ଘର ଧ୍ୱଂସ ହୋଇଥିବାବେଳେ ୬,୨୦୦ ଲୋକ ଘରଦ୍ୱାର ଛାଡ଼ି ପଳାଇଗଲେଣି। ନିଆଁଲିଭା କାର୍ଯ୍ୟରେ ହଜାର ହଜାର ଅଗ୍ନିଶମ କର୍ମଚାରୀ ଓ ସୈନ୍ୟ ସାମିଲ ହୋଇଛନ୍ତି। ଏଥିରେ ୬୫ ହେଲିକପ୍ଟର ଏବଂ ୫୧୩ ଗାଡ଼ିକୁ ନିୟୋଜିତ କରାଯାଇଛି। ଉପକୂଳ ସହର ଉଲ୍‌ଜିନ୍‌ର ପାର୍ବତ୍ୟାଞ୍ଚଳରେ ଥିବା ଜଙ୍ଗଲରେ ଶୁକ୍ରବାର ସକାଳେ ନିଆଁ ଲାଗିଯାଇଥିଲା। ଏହା ନିକଟବର୍ତ୍ତୀ ସହର ସାମଚେଓକ୍ ପର୍ଯ୍ୟନ୍ତ ୬,୦୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଅଞ୍ଚଳକୁ ବ୍ୟାପିଗଲାଣି। ଉକ୍ତ ଅଞ୍ଚଳରେ ଥିବା ୧୫୯ ଘର ଓ ୪୬ ବିଲ୍ଡିଂରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଉଲ୍‌ଜିନ ଓ ସାମଚେଓକ୍ ପାର୍ବତ୍ୟାଞ୍ଚଳରୁ ପ୍ରବଳ ଧୂଆଁ ଉଠୁଥିବା ଦେଖାଯାଇଛି।

### ଜେହାଦୀ ସଂଗଠନରେ ସାମିଲ ୫ ଗିରଫ

**ଗୁଆହାଟୀ,୫।୩(ଆଇଏଏନ୍‌ଏସ୍):** ଜେହାଦୀ ସଂଗଠନ ସହ ସାମିଲ ଥିବା ଜଣେ ବାଂଲାଦେଶୀଙ୍କ ସମେତ ୫ ଜଣଙ୍କୁ ପଶ୍ଚିମ ଆସାମରୁ ଗିରଫ କରାଯାଇଛି। ସେମାନଙ୍କ ସଂଗଠନକୁ ଭାରତୀୟ ଉପମହାଦେଶର ଅଲ୍‌କାଏଦା (ଏକ୍ୟୁଆଇଏସ୍) ସ୍ୱୀକୃତି ପ୍ରଦାନ କରିଥିବା ବିଶ୍ୱାସ କରାଯାଉଛି। ଗୋଇନ୍ଦା ରିପୋର୍ଟ ଆଧାରରେ ସ୍ଥାନୀୟ ପୋଲିସ ହାଓଲି, ବାରପେଟା ଓ କାଲଗଚିଆ ଥାନା ଅଞ୍ଚଳରେ ଚଢ଼ାଉ କରି ଜିହାଦୀ ସଂଗଠନ ସହ ଲିଙ୍କ୍‌ରେ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସୈଫୁଲ ଇସ୍‌ଲାମ ଓରଫ ହରୁନ ରଶିଦ ଓରଫ ମହମ୍ମଦ ସୁମନ୍ ବାଂଲାଦେଶରୁ ବେଆଇନ ଭାବେ ଭାରତରେ ପ୍ରବେଶ କରି ଧକାଲିଆପଡ଼ା ମସ୍‌ଜିଦ୍‌ରେ ଶିକ୍ଷକତା କରୁଥିଲେ। ସେ ଅନ୍ୟମାନଙ୍କୁ ଅନ୍‌ସରୁଲ୍ଲା ବଂଲା ଟିମ୍‌ରେ ସାମିଲ ହେବା ଲାଗି ପ୍ରରୋଚିତ କରିଥିଲେ।

## ପ୍ରତିରକ୍ଷା ବଜେଟ

# ଭାରତର ୩ ଗୁଣା ଚାଇନା

**ଭାରତ ୭୦ ବିଲିୟନ୍ ଡଲାର**

**ଚାଇନା ୨୩୦ ବିଲିୟନ୍ ଡଲାର**

**ନୂଆଦିଲ୍ଲୀ/ବେଜିଂ,୫।୩**

ଚାଇନା ଶନିବାର ନିଜ ପ୍ରତିରକ୍ଷା ବଜେଟରେ ୭.୧% ବୃଦ୍ଧି ଘଟାଇଛି। ୨୦୨୧-୨୨ ଆର୍ଥିକ ବର୍ଷ ବଜେଟରେ ଚାଇନା ପ୍ରତିରକ୍ଷା କ୍ଷେତ୍ର ଲାଗି ୨୦୯ ବିଲିୟନ୍ ଡଲାର ବ୍ୟୟବରାଦ କରିଥିବାବେଳେ ୨୦୨୨-୨୩ରେ ଏହାକୁ ୧.୪୫ ଟ୍ରିଲିୟନ୍ ୟୁଆନ(୨୩୦ ବିଲିୟନ ଡଲାର)କୁ ବଢ଼ାଇଛି, ଯାହାକି ଚଳିତ ଆର୍ଥିକ ବର୍ଷରେ ଭାରତର ପ୍ରତିରକ୍ଷା ବଜେଟଠାରୁ ୩ ଗୁଣା ଅଧିକ। ୨୦୨୧-୨୨ରେ ଭାରତର ପ୍ରତିରକ୍ଷା ବ୍ୟୟବରାଦ ୪.୭୮ ଲକ୍ଷ କୋଟି ଟଙ୍କା ଥିବାବେଳେ ଗତ ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରି ଏହି କ୍ଷେତ୍ର ପାଇଁ ୫.୨୧ ଲକ୍ଷ କୋଟି ଟଙ୍କା (୭୦ ବିଲିୟନ ଡଲାର) ଆବଣ୍ଟନ କରିଥିଲେ। ଗୋଟିଏ ପଟେ ପାକିସ୍ତାନ ଓ ଅନ୍ୟପଟେ ଚାଇନା ଭାରତୀୟ ସୀମାକୁ ମାଡ଼ିଆସି ବାରମ୍ବାର ଚ୍ୟାଲେଞ୍ଜ ଦେଉଥିବାବେଳେ ବେଜିଂର ସଦ୍ୟ ପ୍ରତିରକ୍ଷା ବଜେଟ ବୃଦ୍ଧି ନୂଆଦିଲ୍ଲୀ ପାଇଁ ଚିନ୍ତାର କାରଣ ପାଲଟିଛି।

ବେଜିଂ ସାମରିକ ବ୍ୟୟ କେତେ


ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ

ବଢ଼ାଇବ ବୋଲି ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ନଜର ରଖିଥିବାବେଳେ ଚାଇନା ନିଜ ପ୍ରତିରକ୍ଷା ପାଇଁ ଅଧିକ ୭.୧ ପ୍ରତିଶତ ଖର୍ଚ୍ଚ କରିବାକୁ ଯାଉଛି। ଚାଇନା ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍ ପାର୍ଲାମେଣ୍ଟରେ ବିବରଣୀ ଉପସ୍ଥାପନ କରି ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଯୁଦ୍ଧ ପ୍ରସ୍ତୁତିକୁ ବ୍ୟାପକ ଓ ମଜଭୁତ କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଦେଶର ସାର୍ବଭୌମତ୍ୱ, ସୁରକ୍ଷା ଏବଂ ବିକାଶ ସ୍ୱାର୍ଥ ରକ୍ଷା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ପିଏଲ୍‌ଏକୁ ଅଧିକ ସାମରିକ ପ୍ରଶିକ୍ଷଣ



ଦେଇ ସୈନ୍ୟମାନଙ୍କ ଯୁଦ୍ଧଦକ୍ଷତା ବୃଦ୍ଧି ଦିଗରେ ଏହା ସହାୟକ ହେବ ବୋଲି ବେଜିଂ ଆଶାବାଦୀ। ଚାଇନା କେତେକ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର, ଯୁଦ୍ଧବିମାନ ମଧ୍ୟ ନିର୍ମାଣ କରୁଛି। ଚଳିତ ବର୍ଷ ଚାଇନା ସରକାର ମିଲିଟାରୀ ଲଜିଷ୍ଟିକ, ଆସେଟ ମ୍ୟାନେଜମେଣ୍ଟ ସିଷ୍ଟମ ଏବଂ ପ୍ରତିରକ୍ଷା ସାମଗ୍ରୀର ଅତ୍ୟାଧୁନିକୀକରଣ ପ୍ରକ୍ରିୟାକୁ ଦ୍ରୁତଗତିରେ ଆଗେଇ ନେବାକୁ ଲକ୍ଷ୍ୟ ରଖିଥିବା ଲି କେକିଆଙ୍ଗ କହିଛନ୍ତି। ଜାତୀୟ ପ୍ରତିରକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ସହ ଡିଫେନ୍ସ ସାଇନ୍ସ ଏବଂ ଟେକ୍ନୋଲୋଜିରେ ନୂତନତ୍ୱ ଆଣିବା କାର୍ଯ୍ୟ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ତାଇୱାନ, ଦକ୍ଷିଣ ଚାଇନା ସାଗରରେ ଆମେରିକାର ସାମରିକ ମିଶନ ଏବଂ ଭାରତ ସହ ସୀମା ବିବାଦରେ ନିଜକୁ ସୁବିଧାଜନକ ସ୍ଥିତିରେ ରଖିବା ନିମନ୍ତେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ନିଜ ଦେଶର ପ୍ରତିରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାରେ ଲାଗିଛନ୍ତି। ପ୍ରତିରକ୍ଷା ବଜେଟରେ ସର୍ବାଧିକ ଖର୍ଚ୍ଚ କରିବାରେ ଆମେରିକା ପରେ ଚାଇନା ହେଉଛି ଦ୍ୱିତୀୟ ଦେଶ। ପ୍ରକାଶ ଯେ, ପୂର୍ବ ଲଦାଖର ଗଲୱାନ ଘାଟି, ଉତ୍ତରାଖଣ୍ଡ ବାରାହୁତି, ସିକିମର ଡୋକଲାମ ଏବଂ ହିମାଚଳ ପ୍ରଦେଶ ସୀମାନ୍ତ ଅଞ୍ଚଳଗୁଡ଼ିକୁ ଚାଇନା ସୈନ୍ୟ ଅନୁପ୍ରବେଶ କରି ଉତ୍ତେଜନା ସୃଷ୍ଟି କରିଆସୁଛନ୍ତି। ଏଭଳି ସମୟରେ ଭାରତ ପ୍ରତିରକ୍ଷା କ୍ଷେତ୍ରକୁ ଆତ୍ମନିର୍ଭର କରିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ନେଇ କହୁଛି। ସେଥିପାଇଁ ବଜେଟର ୬୮ ପ୍ରତିଶତ ସ୍ୱଦେଶୀ ଉଦ୍ୟୋଗରୁ ଅସ୍ତ୍ରଶସ୍ତ୍ର ଓ ପ୍ରତିରକ୍ଷା ସରଞ୍ଜାମ କ୍ରୟ ପାଇଁ ରଖାଯାଇଥିବାବେଳେ ୨୫ ପ୍ରତିଶତ ପ୍ରତିରକ୍ଷା ଗବେଷଣା ଓ ବିକାଶ ପାଇଁ ରଖାଯାଇଛି। ନୂଆ ଅସ୍ତ୍ରଶସ୍ତ୍ର, ଯୁଦ୍ଧଜାହାଜ, ଯୁଦ୍ଧବିମାନ ଓ ଅନ୍ୟାନ୍ୟ ସାମରିକ ହାର୍ଡୱେର କ୍ରୟ ଲାଗି ୧,୫୨,୬୩୯ କୋଟି ଟଙ୍କା ରଖାଯାଇଛି।

## ସାମ୍ନାକୁ ଆସିଲା ହକ୍କାନିଙ୍କ ଫଟୋ


ସିରାଜୁଦ୍ଦିନ ହକ୍କାନି

**କାବୁଲ,୫।୩**

ଆଫଗାନିସ୍ତାନରେ କଠୋରପନ୍ଥୀ ତାଲିବାନ ଶାସନକୁ ୬ ମାସରୁ ଅଧିକ ଦିନ ପୂରିଯାଇଛି। ଦେଶରେ ଆର୍ଥିକ ସଙ୍କଟ ଦେଖାଯାଇଥିବାବେଳେ ମହିଳାଙ୍କ ଉପର କଟକଣା ଲବଉର ରହିଛି। ଏ ଭିତରେ ଆଫଗାନିସ୍ତାନ ସରକାର ପ୍ରଥମ ଥର ପାଇଁ ଦେଶର ଆଭ୍ୟନ୍ତରୀଣ ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନିଙ୍କ ଫଟୋ ସର୍ବସମ୍ମୁଖକୁ ଆଣିଛନ୍ତି। ଶନିବାର ଇସଲାମିକ ଅମିରାତ ଅଫ୍ ଆଫଗାନିସ୍ତାନର (ଆଇଇଏଫ୍) ମୁଖପାତ୍ର ଜାବିଉଲ୍ଲା ମୁଜାହିଦ ଟୁଇଟରରେ ହକ୍କାନିଙ୍କ ଏହି ଫଟୋ ପୋଷ୍ଟ କରିଛନ୍ତି। ଯେଉଁଥିରେ ହକ୍କାନିଙ୍କ ମୁହଁ ସ୍ପଷ୍ଟ ଭାବେ ଦେଖାଯାଉଛି। ଆଫଗାନିସ୍ତାନର ନ୍ୟାଶନାଲ ପୋଲିସ ଗ୍ରାଜୁଏସ୍ ସେରିମନି ଶୁଭାରମ୍ଭ ବେଳର ଏହି ଫଟୋ ବୋଲି କୁହାଯାଉଛି।

## ମଣିପୁରରେ ଭାଜପା କର୍ମୀଙ୍କୁ ହତ୍ୟା

### ଦ୍ୱିତୀୟ ପର୍ଯ୍ୟାୟରେ ୭୬% ମତଦାନ

**ଇମ୍ଫାଲ,୫।୩(ପି.ଟି.)**

ମଣିପୁରରେ ଶନିବାର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହୋଇଯାଇଛି। କାଁଭାଁ ହିଂସାକାଣ୍ଡ ମଧ୍ୟରେ ସେଠାରେ ୭୬.୦୪ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ପର୍ଯ୍ୟାୟରେ ୬ ଜିଲାର ୨୨ ଆସନ ଲାଗି ଭୋଟଗ୍ରହଣ ହୋଇଥିବାବେଳେ ପ୍ରତିଦ୍ୱନ୍ଦ୍ୱିତାରେ ୯୨ ପ୍ରାର୍ଥୀ ଥିଲେ। ସେମାନଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ସେନାପତି ଜିଲାରେ ସର୍ବାଧିକ ୮୨.୦୨ ପ୍ରତିଶତ ଭୋଟିଂ ହୋଇଛି।

ଭୋଟ ଗ୍ରହଣର କିଛି ସମୟ ପୂର୍ବରୁ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଥିଲା। କଂଗ୍ରେସ କର୍ମୀଙ୍କ ଗୁଳିମାଡ଼ରେ ଆହତ ଭାଜପା ସମର୍ଥକ ଏଲ୍ ଅମୁବା ସିଂ (୨୫)ଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବ୍ରିଟେନ୍‌ରେ ସ୍ମାର୍ଟ ଜେଲ

**ଲଣ୍ଡନ, ୫।୩**

ଅପରାଧ କମ୍ କରିବା ସହ ଜେଲରେ କଏଦୀଙ୍କୁ ସମାଜରେ ପ୍ରତିଷ୍ଠିତ କରି ନୂଆ ପରିଚୟ ଦେବା ଲାଗି ବ୍ରିଟେନ ଅଭିନବ ଉପାୟ ଆପଣାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଡିଜାଇନ୍ ସହ ସେଣ୍ଟ୍ରାଲ ଇଂଲଣ୍ଡର ୱେଲିଂବୋରୋରେ ଶୁକ୍ରବାର ଦେଶର ପ୍ରଥମ ସ୍ମାର୍ଟ ଜେଲ ଖୋଲାଯାଇଛି। ହର୍ ମାଜେଷ୍ଟି ପ୍ରିଜନ୍ (ଏଚ୍‌ଏମ୍‌ପି) ଫାଇଭ୍ ୱେଲ୍ସର ବନ୍ଦୀଗୃହକୁ 'ଘର' ଏବଂ ସେଠାରେ ରହୁଥିବା କଏଦୀଙ୍କୁ 'ବାସିନ୍ଦା' କୁହାଯିବାକୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ବନ୍ଦୀମାନେ ସେଠାରୁ ମୁକୁଳିବା ପରେ



ଆଉ ଅପରାଧର ପନ୍ଥା ନ ବାଛି ଯେପରି କୌଣସି କାମ ପାଇଁ ନିଜକୁ ଯୋଗ୍ୟ କରିପାରିବେ ସେ ଦିଗରେ ବିଚାର କରାଯାଇ ଜେଲରେ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି।

ଉକ୍ତ କାରାଗାରରେ ପ୍ରାୟ ୧୭ ଶହ କଏଦୀ ରହିପାରିବେ। ଜେଲ ଭିତରେ ଅନେକ ଅତ୍ୟାଧୁନିକ ସୁବିଧା ଉପଲବ୍ଧ କରାଯାଇଛି। ଏଥିରେ ଜିମ୍, ସ୍ନୁକର ଟେବୁଲ, ଟେବୁଲ ଟେନିସ୍ ଆଦି ଖେଳ ଥିବା ସ୍ପୋର୍ଟ୍ସ ସେଣ୍ଟର ଓ କଏଦୀଙ୍କ ନିମନ୍ତେ କମ୍ପ୍ୟୁଟର ରଖାଯିବାକୁ ବ୍ୟବସ୍ଥା ହୋଇଛି। ସେଠାରେ ବନ୍ଦୀମାନଙ୍କୁ ବିଭିନ୍ନ ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷା, ତାଲିମ ପ୍ରଦାନ ସହ ରୋଜଗାରକ୍ଷମ କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଜେଲରୁ ମୁକୁଳିବା ପରେ ଯେପରି କଏଦୀମାନେ ଚାକିରି କିମ୍ବା ନିଜର ବ୍ୟବସାୟ କରିପାରିବେ ସେଥିନିମନ୍ତେ ସେମାନଙ୍କୁ ଉପଯୁକ୍ତ ଟ୍ରେନିଂ ଦିଆଯିବ। ଏଥିପାଇଁ କାରାଗାରରେ ୨୪ଟି କର୍ମଶାଳା ଓ ବହୁ ସଂଖ୍ୟାରେ ଶ୍ରେଣୀଗୃହ କରାଯାଇଛି। ସେଠାରେ ବନ୍ଦୀଙ୍କୁ କୋଡିଂ, ପ୍ଲମ୍ବିଂ, ଇଞ୍ଜିନିୟରିଂ କୋର୍ସ, କାର୍ ମେଣ୍ଟେନାନ୍ସ ଟ୍ରେନିଂ ଆଦି ପ୍ରଦାନ କରାଯିବ।

## ସ୍ପୁଟନିକ ଲାଇଟ୍‌ର ୩ୟ ପରୀକ୍ଷଣକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୫।୩**

କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଏକ୍ସପର୍ଟ ପ୍ୟାନେଲ୍ ବୁଷ୍ଟର ଡୋଜ୍ ସ୍ପୁଟନିକ ଲାଇଟ୍‌ର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ୍‌କୁ ଶନିବାର ଅନୁମତି ପ୍ରଦାନ କରିଛନ୍ତି। ଆପ୍ରୁଭାଲ ପାଇଁ ଏହାକୁ ଡିସିଜିଆଇ ନିକଟକୁ ପଠାଯାଇଛି। ସ୍ପୁଟନିକ ଲାଇଟର ଜରୁରିକାଳୀନ ବ୍ୟବହାର ପାଇଁ ଫେବୃୟାରୀ ୪ରେ ଡିସିଜିଆଇ ପକ୍ଷରୁ ଅନୁମତି ମିଳିଥିଲା।

**ରାଜ୍ୟ ଖବର**

# ପୋଲିସ ଛାଉଣୀରେ ଢିଙ୍କିଆରେ ଜନଶୁଣାଣି

**କୁଜଙ୍ଗ,୫।୩(ଡି.ଏନ୍.ଏ.)**

- ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରବେଶ ବାରଣ
- ବିରୋଧୀଙ୍କୁ କହିବାକୁ ଦିଆ ନ ଯିବାରୁ ଉତ୍ତେଜନା

ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ଦ୍ୱିତୀୟ ଥର ପାଇଁ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟରେ ପୋଲିସ ଛାଉଣୀ ମଧ୍ୟରେ ଶନିବାର ଜନଶୁଣାଣି ହୋଇଛି। ଏଥିରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ୫ ଜଣିଆ ଆଇନଜୀବୀ କମିଟି ସଦସ୍ୟ ପ୍ରଶାନ୍ତ କୁମାର ଜେନା, ଓମ୍‌କାର ଦେବଦାସ, ସୁକାନ୍ତ କୁମାର ଦଳେଇ, ଦେବକାନ୍ତ ମହାନ୍ତି ଓ ଜନ୍ମେଞ୍ଜୟ କଟିକିଆ ଉପସ୍ଥିତି ଥିଲେ। ଢିଙ୍କିଆ, ଗୋବିନ୍ଦପୁର, ପାଟଣା, ମାହାଳ ଓ ତ୍ରିଲୋଚନପୁରର ଗ୍ରାମବାସୀ ଯୋଗଦେଇଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶକୁ ପ୍ରଶାସନ ତରଫରୁ ବାରଣ କରାଯାଇଥିଲା। ହେଲେ ଜନଶୁଣାଣିରେ ପ୍ରକଳ୍ପ ବିରୋଧୀଙ୍କୁ କହିବାକୁ ସୁଯୋଗ ନ ମିଳିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।



ଢିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ପୋଲିସ କର୍ମଚାରୀ ପରିଚୟପତ୍ର ଯାଞ୍ଚ କରୁଛନ୍ତି।

ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ନିକଟରେ ପୋଲିସ ପରିଚୟ ଯାଞ୍ଚ ଆଳରେ ବହୁ ଲୋକଙ୍କୁ ଭିତରକୁ ଛାଡ଼ି ନ ଥିଲା। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ଆଇନଜୀବୀ କମିଟିର ସଦସ୍ୟମାନେ ଆସି ଜନସାଧାରଣଙ୍କୁ ଭିତରକୁ ଛାଡିବାକୁ ପୋଲିସକୁ କହିଥିଲେ। ଏହାପରେ ସେମାନଙ୍କୁ ଛଡ଼ାଯାଇଥିଲେ ମଧ୍ୟ ବିରୋଧୀମାନଙ୍କୁ କିଛି କହିବାକୁ ନ ଦେଇ ଧକ୍କା ମାରି ଭିତରୁ ତଡ଼ି ଦିଆଯାଇଥିବା ନେଇ ଢିଙ୍କିଆର ପାର୍ବତୀ ବେହେରା, ରଶ୍ମିତା ମଲ୍ଲିକ, ମନୋଜ ମଲ୍ଲିକ, ଗୋବିନ୍ଦପୁରର ବିଶ୍ୱନାଥ ନାୟକ, ତ୍ରିଲୋଚନପୁରର ଚନ୍ଦନ ବିଶ୍ୱାଳ ପ୍ରମୁଖ କହିଛନ୍ତି। ଅପରପକ୍ଷର ପାନବରଜ ଭାଙ୍ଗି ଜୀବିକା ହରାଇଥିବା ସଂଖ୍ୟାଧିକ ପଞ୍ଚାୟତବାସୀ ଶିଳ୍ପକୁ ସ୍ୱାଗତ କରିଥିବା ବେଳେ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ଖଣ୍ଡନ କରିଥିଲେ। ଜୀବିକା ହରାଇଥିବାରୁ ଭବିଷ୍ୟତ ପାଇଁ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଯଥାଶୀଘ୍ର ପ୍ରତିଷ୍ଠା କରିବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶକୁ ବାରଣ ସମ୍ପର୍କରେ ଏସ୍‌ପି ଅଖିଳେଶ୍ୱର ସିଂ କହିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଆଇନଜୀବୀ କମିଟି ହାଇକୋର୍ଟ ପକ୍ଷରୁ ସେମିତି କିଛି ନିର୍ଦ୍ଦେଶ ଦିଆଯାଇ ନ ଥିବା କହିଥିବା ବେଳେ ବାରଣ ସମ୍ପର୍କରେ କିଛି କହି ନ ଥିଲେ।

ସୂଚନାଯୋଗ୍ୟ, ଏରସମା ବ୍ଲକ ଢିଙ୍କିଆ ଚାରି ଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ଗତ ଜାନୁୟାରୀ ୧୪ରେ ଗ୍ରାମବାସୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ହାଇକୋର୍ଟରେ ୩ଟି ପୃଥକ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ ପାଇଁ ୫ଜଣିଆ ଟିମ୍ ଗତ ୧୯ ତାରିଖରେ ଘଟଣାସ୍ଥଳ ପରିଦର୍ଶନରେ ଯାଇଥିଲେ। ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିବାବେଳେ ବାଲିତୁଠ ଅଞ୍ଚଳର କେତେଜଣ ବ୍ୟକ୍ତି କମିଟି ସଦସ୍ୟଙ୍କୁ ବିରୋଧ କରିବା ସହ ଗଣ୍ଡଗୋଳ କରିଥିଲେ। ପରେ କମିଟି ସଦସ୍ୟ ଗ୍ରାମର ସ୍ଥିତି ଅନୁଧ୍ୟାନ କରି ହାଇକୋର୍ଟରେ ରିପୋର୍ଟ ପ୍ରଦାନ କରିଥିଲେ। ଗତ ୨୩ ତାରିଖରେ ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ଆର୍.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଢିଙ୍କିଆର ବାସ୍ତବ ଚିତ୍ରର ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ କମିଟିକୁ ମାର୍ଚ୍ଚ ୫ରେ ଆଉଥରେ ଘଟଣାସ୍ଥଳ ଗସ୍ତ କରି ଜନଶୁଣାଣି କରିବା ସହ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ବିଦେଶୀ ମେଡିକାଲ ...

ଇର୍ଣ୍ଟର୍ନଶିପ୍ ପାଇଁ ଆବେଦନ କରିବା ପୂର୍ବରୁ ଛାତ୍ରୀଛାତ୍ର ବିଦେଶରେ ମେଡିକାଲ ଗ୍ରାଜୁଏଟ୍ ପରୀକ୍ଷା (ଏଫ୍‌ଏମ୍‌ଜିଇ) ସମ୍ପୂର୍ଣ୍ଣ କରିଥିବା ଆବଶ୍ୟକ। କୋଭିଡ୍ ଏବଂ ଯୁଦ୍ଧ ସ୍ଥିତି ଯୋଗୁ କେତେଜଣ ବିଦେଶୀ ମେଡିକାଲ ସ୍ନାତକ (ଏଫ୍‌ଏମ୍‌ଜି) ସେମାନଙ୍କ ଇର୍ଣ୍ଟର୍ନଶିପ୍ ସମ୍ପୂର୍ଣ୍ଣ କରି ନ ଥିବା ଦେଖାଯାଇଛି। ସେମାନଙ୍କ ବ୍ୟଥାକୁ ବିଚାରକୁ ନେଇ ଏଠାରେ ଇର୍ଣ୍ଟର୍ନଶିପ୍ ଶେଷ କରିବା ଲାଗି ସୁଯୋଗ ଦିଆଯିବ ବୋଲି ଏନ୍‌ଏମ୍‌ସି ବିଜ୍ଞପ୍ତିରେ କୁହାଯାଇଛି। ଏନେଇ କମିଶନଙ୍କ ପକ୍ଷରୁ ରାଜ୍ୟ ମେଡିକାଲ କାଉନସିଲ୍‌ଗୁଡ଼ିକ ପାଇଁ ଖୁବ୍‌ଶୀଘ୍ର ଗାଇଡ୍‌ଲାଇନ ଜାରି କରାଯିବ ବୋଲି ଆଶା କରାଯାଉଛି। ଉକ୍ତ ଗାଇଡ୍‌ଲାଇନ ଆଧାରରେ ରାଜ୍ୟ ମେଡିକାଲ କାଉନସିଲ୍ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କିମ୍ବା ଏନ୍‌ଇଏଟି ପରୀକ୍ଷା କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଏଫ୍‌ଏମ୍‌ଜିମାନଙ୍କ ପଞ୍ଜୀକରଣ କରାଇବେ।

ସୂଚନାଯୋଗ୍ୟ, ବର୍ତ୍ତମାନର ନିୟମାବଳୀରେ ବିଦେଶୀ ମେଡିକାଲ ସ୍ନାତକଙ୍କୁ ଭାରତୀୟ ମେଡିକାଲ କଲେଜରେ ପରୀକ୍ଷା ଦେବା କିମ୍ବା ଇର୍ଣ୍ଟର୍ନଶିପ୍ କରିବାକୁ ଅନୁମତି ଦିଆଯାଇ ନାହିଁ। ଏମ୍‌ବିବିଏସ୍ ପାଠ୍ୟକ୍ରମ, ପ୍ରଶିକ୍ଷଣ ଓ ଇର୍ଣ୍ଟର୍ନଶିପ୍ ସେହି ବିଦେଶୀ ମେଡିକାଲ କଲେଜରେ କରିବା ଲାଗି ନିୟମାବଳୀରେ କୁହାଯାଇଛି। ଉଦାହରଣ ସ୍ୱରୂପ ୟୁକ୍ରେନ୍‌ରେ ଏମ୍‌ବିବିଏ୍ ପାଠ୍ୟକ୍ରମ ୫ ବର୍ଷ ୬ ମାସ। ସେଠାର ଛାତ୍ରୀଛାତ୍ରଙ୍କୁ ୧୨ ମାସର ଇର୍ଣ୍ଟର୍ନଶିପ୍ କରିବାକୁ ପଡ଼ିଥାଏ। ତେବେ ବର୍ତ୍ତମାନର ସ୍ଥିତିକୁ ବିଚାରକୁ ନେଇ ଏନ୍‌ଏମ୍‌ସି ଇର୍ଣ୍ଟର୍ନଶିପ୍ ନିୟମକୁ କୋହଳ କରିବାକୁ ନିଷ୍ପତ୍ତି ନେଇଛି।

### ମେୟର ପ୍ରାର୍ଥୀ ...

ବିଜେଡି ପକ୍ଷରୁ କଟକ ମହାନଗର ନିଗମର ମେୟର ପ୍ରାର୍ଥୀ କରାଯାଇଛି। ସେ ୨୦୨୦ରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ରାଜ୍ୟ ସଭାରେ ତାଙ୍କ କାର୍ଯ୍ୟକାଳ ଆଉ ୪ ବର୍ଷ ବାକି ରହିଛି। ତେବେ ତାଙ୍କୁ ହଠାତ୍ କଟକ ମେୟର ପ୍ରାର୍ଥୀ କରିବା ନେଇ ରାଜନୈତିକ ମହଲରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ମେୟର ପ୍ରାର୍ଥୀ ଘୋଷଣା ପରେ ସୁବାସ କହିଛନ୍ତି ଯେ, ସେ ଏମ୍‌ପି ଥାଇ ମଧ୍ୟ କଟକର ଡ୍ରେନ୍‌ପାଣି ଓ ପଙ୍କ ଭିତରେ ପଶି କାମ କରିଛନ୍ତି। କଟକ ସହିତ ତାଙ୍କର ୪୦ ବର୍ଷର ସମ୍ପର୍କ ରହିଛି। ମୁଖ୍ୟମନ୍ତ୍ରୀ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛନ୍ତି ତାକୁ ସେ ସୁଚାରୁରୂପ ନିର୍ବାହ କରିବେ। ଅନ୍ୟପକ୍ଷରେ ସୁଲୋଚନା କହିଛନ୍ତି, ସାମ୍ବାଦିକ ହିସାବରେ ଲୋକଙ୍କ ସମସ୍ୟାକୁ ବହୁତ ପାଖରୁ ଦେଖିଛି। ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ହେଲା ପରେ ବି ଲୋକଙ୍କ ସହ ଓତପ୍ରୋତ ଭାବେ ଜଡ଼ିତ ଥିଲି। ହେଲେ ହଠାତ୍ ମୁଖ୍ୟମନ୍ତ୍ରୀ ମୋ ଉପରେ ଆସ୍ଥା ପ୍ରକଟ କରି ମେୟର ପଦ ନିମନ୍ତେ ପ୍ରାର୍ଥୀ ଭାବେ ଘୋଷଣା କରିଥିବାରୁ ତାଙ୍କ ନିକଟରେ ସବୁବେଳେ କୃତଜ୍ଞ ରହିବି। ସୂଚନାଯୋଗ୍ୟ, ୨୦୧୭ ଜୁନ୍‌ରେ ସୁଲୋଚନା କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ୨୦୧୯ ଅଗଷ୍ଟରେ ରାଜ୍ୟ ଭିନ୍ନକ୍ଷମ ଆୟୋଗର ଅଧ୍ୟକ୍ଷା ଭାବେ ନିଯୁକ୍ତି ପାଇଥିଲେ। ଅପରପକ୍ଷରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୁନୀତି ମୁଣ୍ଡଙ୍କୁ ମେୟର ପ୍ରାର୍ଥୀ ଘୋଷଣା କରିଛନ୍ତି।କଂଗ୍ରେସ ମଧ୍ୟ ଶୁକ୍ରବାର ଭୁବନେଶ୍ୱର ମହାନଗର ନିଗମ ପାଇଁ ମଧୁସ୍ମିତା ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ଭୁବନେଶ୍ୱର ମହାନଗର ନିଗମ ମେୟର ପାଇଁ ଚଳିତଥର ସିଧାସଳଖ ନିର୍ବାଚନ ହେବାକୁ ଯାଉଛି। ଏହି ପଦ ବିଜେଡି, ଭାଜପା ଓ କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ତେବେ ଭୁବନେଶ୍ୱରରେ ବିଜେଡିର ୩ ବିଧାୟକ ଥିବା ବେଳେ ଭାଜପା ଏମ୍‌ପି ରହିଛନ୍ତି। ମେୟର ପଦବୀ ହାସଲ କରିବାକୁ ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ବିପୁଳ ବିଜୟ ହାସଲ କରିଛି। ଏହି ଦଳର ପ୍ରାର୍ଥୀମାନେ ପୌର ନିର୍ବାଚନରେ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି। ତେବେ ପଞ୍ଚାୟତ ନିର୍ବାଚନ ପ୍ରଭାବ ପୌର ଉପରେ ପଡ଼ିବ ନାହିଁ ବୋଲି ଉଭୟ ଭାଜପା ଓ କଂଗ୍ରେସ ନେତା କହୁଛନ୍ତି। ଏହି ନିର୍ବାଚନରେ ମତଦାତା ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବେ। ନିଜ ନିଜ ପ୍ରାର୍ଥୀ ବିଜୟୀ ହେବେ ବୋଲି ଉଭୟ ଭାଜପା ଓ କଂଗ୍ରେସ ଦାବି କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ପାଇଁ ଭୁବନେଶ୍ୱର ସମ୍ମାନର ପ୍ରଶ୍ନ ହୋଇଥିବାରୁ ମେୟର ପଦବୀ ହାସଲ ଲାଗି ଦଳ ସମସ୍ତ ପ୍ରକାର କୌଶଳ ଆପଣାଇବ। ପୂର୍ବସୂଚୀ ଅନୁଯାୟୀ, ମାର୍ଚ୍ଚ ୨୪ରେ ରାଜ୍ୟର ୩ ମହାନଗର ନିଗମ ସହ ସମସ୍ତ ପୌରାଞ୍ଚଳରେ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ମାର୍ଚ୍ଚ ୨ରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଘରେ ପଶି ଗୁଳି: ବାପା ମୃତ

**କେନ୍ଦ୍ରାପଡ଼ା ଅଫିସ/ ମହାକାଳପଡ଼ା,୫।୩(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଞ୍ଚଳରେ ଶନିବାର ୨ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଘରେ ପଶି ଆଖିବୁଜା ଗୁଳିମାଡ଼ କରିଛନ୍ତି। ଏଥିରେ ଅଳାଇଲୋ ପଞ୍ଚାୟତ ବବକରପୁର ଗ୍ରାମର ଅରବିନ୍ଦ ମିଶ୍ର (୬୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ମିନତୀ (୫୫) ଓ ପୁଅ ଶୁଭକେଶ (୩୫) ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁଳିମାଡ଼ କରିଥିବା ଯାଜପୁର ଜିଲା ବିଂଝାରପୁରର ସୋନୁ ପଣ୍ଡା ଓ କାଳିଆ ସିଂହଙ୍କୁ ଗ୍ରାମବାସୀ କାବୁ କରିବା ପରେ ନିସ୍ଥୁକ ପିଟି ଲହୁଲୁହାଣ କରିଛନ୍ତି। ପୋଲିସ ସେମାନଙ୍କୁ ବବକରପୁରରୁ ଉଦ୍ଧାର କରି ପ୍ରଥମେ ମହାକାଳପଡ଼ା ସିଏଚ୍‌ସି ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଅଭିଯୁକ୍ତଙ୍କଠାରୁ ୨ ରିଭଲଭର, ୨ ମୋବାଇଲ ଓ ଗୋଟିଏ ବ୍ୟାଗ୍‌ରେ ଥିବା କିଛି ମେଡିସିନ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଶୁଭକେଶ ଯାଜପୁରର ଏକ କୋଚିଂ ସେଣ୍ଟରରେ କାମ କରୁଥିଲେ। ସେଠାରୁ ଆସି ଏବେ କେନ୍ଦ୍ରାପଡ଼ା ସହରରେ ଥିବା ଏକ କୋଚିଂ ସେଣ୍ଟରରେ କାମ କରୁଛନ୍ତି। ତାଙ୍କୁ ମାରିଦେବା ପାଇଁ ଯାଜପୁରର ବିଜୟକାନ୍ତ ରଥ ନାମକ ଜଣେ ବ୍ୟକ୍ତି ପୂର୍ବରୁ କୁଆଡ଼େ ଧମକ ଦେଇଥିଲେ ବୋଲି ଶୁଭକେଶ ମହାକାଳପଡ଼ା ଥାନାରେ ଅଭିଯୋଗ କରିଥିଲେ। ଶନିବାର ପ୍ରାୟ ୨ଟାରେ ଦୁଇ ଜଣ ଯୁବକ ଗୋଟିଏ ବାଇକ୍‌ରେ ଆସି ବବକରପୁର ଗ୍ରାମର କାଳିଦାସ ମଣ୍ଡପ ନିକଟରେ ପହଞ୍ଚି ଗ୍ରାମର ଗଳି ରାସ୍ତା ଦେଇ ଶୁଭକେଶଙ୍କ ଘରେ ପହଞ୍ଚିଥିଲେ। ଏହାପରେ ସେମାନେ ଆଖିବୁଜା ପ୍ରାୟ ୮ ରାଉଣ୍ଡ ଗୁଳିଚାଳନା କରି ଫେରାର ହୋଇଯିବାକୁ ଚେଷ୍ଟା କରିଥିଲେ। ଏଥିରେ ଶୁଭକେଶଙ୍କ ବାପା ତଥା କେନ୍ଦ୍ରାପଡ଼ା ବ୍ଲକର ପୂର୍ବତନ କର୍ମଚାରୀ ଅରବିନ୍ଦ ମିଶ୍ର ଟଳି ପଡ଼ିଥିଲେ। ଗୁଳି ଶବ୍ଦ ଶୁଣି ମିନତୀ ଓ ଶୁଭକେଶ ବାହାରୁ ଦୌଡ଼ି ଆସିଥିଲେ ମଧ୍ୟ ସେମାନେ ମଧ୍ୟ ଗୁଳି ମାଡ଼ରେ ଆହତ ହୋଇଥିଲେ।

## ଜଣଙ୍କୁ ଗଳାକାଟି ହତ୍ୟା

**ମାଲକାନଗିରି,୫।୩(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦୁଇଟି ପୃଥକ୍ ପୃଥକ୍ ସ୍ଥାନରେ ଶନିବାର ମାଓବାଦୀ ହିଂସା ଘଟାଇଛନ୍ତି। ଛତିଶଗଡ଼ କାଙ୍କେର ଜିଲା ମୁଖ୍ୟ କାର୍ଯ୍ୟାଳୟଠାରୁ ୨୦ କି.ମି. ଦୂରରେ ମରାପି କଲମୁଚେ ରାସ୍ତାରେ ଚାଲିଥିବା ରାସ୍ତା କାମରେ ନିୟୋଜିତ ଗାଡ଼ି ପୋଡ଼ିଛନ୍ତି। ଗୋଟିଏ ଜେସିବି, ୨ଟି ହାଇୱା ଓ ଦୁଇଟି ମିକ୍ସର ମେଶିନକୁ ସେମାନେ ପୋଡ଼ି ଦେଇଥିବା ଜଣାପଡ଼ିଛି। ପରେ ଘଟଣାସ୍ଥଳରେ ଏକ ପୋଷ୍ଟର ଲଗାଇ ରାସ୍ତା କାର୍ଯ୍ୟ କଲେ ମୃତ୍ୟୁଦଣ୍ଡ ମିଳିବ ବୋଲି ସେଥିରେ ଉଲ୍ଲେଖକରି ଚେତାବନୀ ଦେଇଛନ୍ତି। ସେହିପରି ଛତିଶଗଡ଼ ଦାନ୍ତେୱାଡା ଜିଲା ଫୁଲପାଡ୍ ମିଡିୟମପାରାଠାରେ ମାଓବାଦୀମାନେ ଜଣେ ଗ୍ରାମବାସୀଙ୍କ ଗଳାକାଟି ହତ୍ୟା କରିଛନ୍ତି। ମୃତକଙ୍କ ନାମ ହରା ଓରଫ ଝିମରି ବୋଲି ଜଣାପଡ଼ିଛି। ତାଙ୍କ ମୃତଦେହ ନିକଟରେ ମାଓବାଦୀମାନେ ଏକ ଚିଠି ଛାଡ଼ି ଯାଇଛନ୍ତି। ଏଥିରେ ହରାଙ୍କୁ ମିଲିଙ୍ଗିର ଏରିଆ କମିଟି ମାଓବାଦୀମାନେ ହତ୍ୟା କରିଥିବା ଉଲ୍ଲେଖ ରହିଛି।

## କେନ୍ଦ୍ର ସାହିତ୍ୟ ଏକାଡେମୀର ବିଜ୍ଞାନ ସମ୍ମାନରେ କମଳାକାନ୍ତ

**ଭୁବନେଶ୍ୱର,୫।୩(ବ୍ୟୁରୋ)**

ଦିଲ୍ଲୀଠାରେ ଆସନ୍ତା ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସାହିତ୍ୟ ଏକାଡେମୀର ବାର୍ଷିକ ସାହିତ୍ୟ ଉତ୍ସବ 'ଫେଷ୍ଟିଭାଲ ଅଫ୍ ଲେଟର୍ସ' ପାଳନ କରାଯିବ। ଏହି ଉତ୍ସବର ବିଜ୍ଞାନ- ସମ୍ମାନରେ ବିଶିଷ୍ଟ ଜନପ୍ରିୟ ବିଜ୍ଞାନ ଲେଖକ ତଥା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରଫେସର କମଳାକାନ୍ତ ଜେନା ଯୋଗଦେବେ। ପ୍ରଫେସର ଜେନା ୧୩ ତାରିଖରେ ସେଠାରେ ନିଜର ବକ୍ତବ୍ୟ ରଖିବେ। ଦିଲ୍ଲୀ ସ୍ଥିତ ରବୀନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଆଲୋଚନାଚକ୍ରରେ 'ଫାନ୍‌ଟାସୀ ଆଣ୍ଡ୍ ସାଇନ୍ସ ଫିକ୍ସନ୍ ଇନ୍ ଓଡ଼ିଆ ଲାଙ୍ଗୁଏଜ୍ ସିନ୍‌ସ ୧୯୪୭' (୧୯୪୭ ପରେ ଓଡ଼ିଆ ଭାଷାରେ କଳ୍ପବିଜ୍ଞାନ) ତାଙ୍କ ବକ୍ତବ୍ୟର ଶୀର୍ଷକ


କମଳାକାନ୍ତ ଜେନା

ରହିବ। ତାଙ୍କ ସହ ଭାରତର ଆଉ ୫ଜଣ ବିଶିଷ୍ଟ ଲେଖକ ରତ୍ନା ତାମୁଲି (ଅହମିୟା), ରଜତ ଚୌଧୁରୀ (ଇଂଲିଶ), ଜୋସେଫ୍ ତୁସକାନୋ (ମରାଠୀ), ଜନାର୍ଦ୍ଦନ ହେଗଡ଼େ (ସଂସ୍କୃତ) ଓ ଇରା ନଟରାସନ୍ (ତାମିଲ) ଏଥିରେ ଭାଗ ନେବେ। ଅଦ୍ୟାବଧି ବିଭିନ୍ନ ପତ୍ରପତ୍ରିକାରେ ପ୍ରଫେସର ଜେନାଙ୍କର ୧୨୦୦ରୁ ଅଧିକ ବିଜ୍ଞାନପାଠ ଓ ୩୨ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଛି।

## ‘ବିଜୟୀ ଛାତ୍ରୀଛାତ୍ର ମହାବିଦ୍ୟାଳୟର ଗୌରବ’

ବାଲିପାଟଣା,(ଡି.ଏନ୍.ଏ.): ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଜୟୀ ଛାତ୍ରୀଛାତ୍ର ମହାବିଦ୍ୟାଳୟର ଗର୍ବ ଓ ଗୌରବ ବୋଲି ଇଂ. ପ୍ରଦୀପ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ। ଅଧକ୍ଷ ବୈକୁଣ୍ଠ ନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥିଭାବେ ଇଂ. କାଳିକିଙ୍କର ପଣ୍ଡା ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପିକା ସୁଜାତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ କେ.କେ. ପଣ୍ଡା ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### କର୍ମଜୀବୀ ମହିଳାଙ୍କୁ ଶୋଷଣ ବିରୋଧରେ ୨୮, ୨୯ରେ ଦେଶବ୍ୟାପୀ ଧର୍ମଘଟ

ଭୁବନେଶ୍ୱର,୫।୩(ବ୍ୟୁରୋ) - କର୍ମଜୀବୀ ମହିଳାମାନେ ବୈଷମ୍ୟର ଶିକାର ହେଉଛନ୍ତି। ସମାନ କାମ ପାଇଁ ସମାନ ମଜୁରି ମହିଳାମାନଙ୍କୁ ପ୍ରଦାନ କରାଯାଉନାହିଁ। ସରକାରୀ ପଦବୀଗୁଡ଼ିକୁ ଉଚ୍ଛେଦ କରି ସେହି ସ୍ଥାନରେ ଠିକା ନିୟୋଜନ ଫଳରେ ବହୁ ସଂଖ୍ୟାରେ ମହିଳା ଅତ୍ୟଧିକ ଶୋଷଣର ଶିକାର ହେଉଛନ୍ତି। ସେମାନଙ୍କ କାମ କରିବାର ଅବଧିରେ ମଧ ବୃଦ୍ଧି ଘଟିଚାଲିଛି। କର୍ମକ୍ଷେତ୍ରରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାର କୌଣସି ବ୍ୟବସ୍ଥା ରହୁନାହିଁ। ସ୍କିମ୍‌ରେ କାର୍ଯ୍ୟ କରୁଥିବା ମହିଳାଙ୍କୁ ଶ୍ରମିକର ମାନ୍ୟତା ଦିଆଯାଉନାହିଁ କି ସର୍ବନିମ୍ନ ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। ଏହାକୁ ବିରୋଧ କରି ୧୦ ଶ୍ରମିକ ସଙ୍ଗଠନ ପକ୍ଷରୁ ଆସନ୍ତା ୨୮ ଓ ୨୯ ଦୁଇଦିନ ଧରି ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଧର୍ମଘଟକୁ ସଫଳ କରିବା ପାଇଁ ଶନିବାର କର୍ମଜୀବୀ ମହିଳା ସମନ୍ୱୟ ସମିତି ସିଆଇଟିୟୁ ଓଡ଼ିଶା ପକ୍ଷରୁ ଜୟଦେବ ବିହାରସ୍ଥିତ ଗୋପବନ୍ଧୁ ସଭାକକ୍ଷରେ ଏକ ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ ଅନୁଷ୍ଠିତ ହୋଇଥିଲା। ଏହାକୁ ସିଆଇଟିୟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଉଦ୍‌ଘାଟନ କରି କର୍ମଜୀବୀ ମହିଳାଙ୍କ ପାଇଁ ଆନ୍ଦୋଳନ ଡାକରା ଦେଇଥିଲେ। ସମ୍ମିଳନୀରେ କର୍ମଜୀବୀ ମହିଳା ସମନ୍ୱୟ ସମିତି ଆବାହିକା ପୁଷ୍ପା ଦାସ ଯୋଗଦେଇ କର୍ମଜୀବୀ ମହିଳାଙ୍କୁ ମାସିକ ସର୍ବନିମ୍ନ ବେତନ ୨୬ହଜାର ଟଙ୍କା, ସମାନ କାମରେ ସମାନ ମଜୁରି, ସ୍କିମ୍ ଶ୍ରମିକଙ୍କୁ ଶ୍ରମିକ ମାନ୍ୟତା ଆଦି ଦାବି କରିବା ସହ କୁସଂସ୍କାର, ଅନ୍ଧବିଶ୍ୱାସ ଓ ଅପସଂସ୍କୃତି ବିରୋଧରେ ପ୍ରତିବାଦର ସ୍ୱର ଉଠାଇଥିଲେ।

### ଆଲବମ୍ ଅଭିନେତ୍ରୀ କରାଇଦେବା ଆଳରେ ବଳାତ୍କାର ଘଟଣା
### ଅଭିଯୁକ୍ତ ରହୁଥିବା ଘରୁ ଗାମୁଛା ଜବତ କଲା ପୋଲିସ

ଭୁବନେଶ୍ୱର,୫।୩(ବ୍ୟୁରୋ): ଆଲବମ୍‌ରେ ଅଭିନେତ୍ରୀ କରାଇଦେବାକୁ କହି ଜଣେ ନାବାଳିକାଙ୍କୁ ବଳାତ୍କାର କରାଯିବା ଘଟଣାରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଶନିବାର ଅଭିଯୁକ୍ତ ରହୁଥିବା ଭଡ଼ାଘରେ ଚଢ଼ାଉ କରିଛି। ସେଠାରୁ ନାବାଳିକାଙ୍କୁ ବନ୍ଧା ଯାଇଥିବା ଗାମୁଛା ଓ ଅନ୍ୟାନ୍ୟ ଜିନିଷକୁ ଜବତ କରିବା ସହ ଅଭିଯୁକ୍ତ ସୁରଜ ବିଶ୍ୱାଳଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ସୂଚନାନୁଯାୟୀ ଅଭିଯୁକ୍ତ ସୁରଜଙ୍କ ଜଣେ ସାଙ୍ଗଙ୍କ କଥାରେ ବିଶ୍ୱାସ କରି ନାବାଳିକା ଜଣକ ଗୁରୁବାର ଖୋର୍ଦ୍ଧାରୁ ଭୁବନେଶ୍ୱର ଆସିଥିଲେ। ଦିନସାରା ଭିଡିଓ ଶୁଟିଂ କରିଥିଲେ। ପରେ ସନ୍ଧ୍ୟାରେ ସୁରଜ ଏକ ଅପହରଣ ସିନ୍ ଅଛି ବୋଲି କହି ଭରତପୁର ଅଞ୍ଚଳରେ ରହୁଥିବା ଭଡ଼ାଘରକୁ ଡାକିନେଇ ହାତଗୋଡ଼ ବାନ୍ଧି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପରେ ନାବାଳିକା ଜଣକ ଏସମ୍ପର୍କରେ ପରିବାର ଲୋକଙ୍କୁ କହିବା ପରେ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଭରତପୁର ଥାନା ପୋଲିସ ଏକ ମାମଲା(ନଂ. ୭୭।୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ରାଜ୍ୟପାଳଙ୍କ ଦ୍ୱାରା ‘ସତ୍‌ମାର୍ଗ’ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୫।୩(ବ୍ୟୁରୋ)- ବେଦ, ଶ୍ରୀମଦ୍ ଭଗଦ୍ ଗୀତା, ଶ୍ରୀମଦ ଭାଗତ, ଭାରତୀୟ ଦର୍ଶନ ଆଦି ଧର୍ମଗ୍ରନ୍ଥକୁ ନେଇ ରଚିତ ପୁସ୍ତକ ‘ସତ୍‌ମାର୍ଗ’ ଶନିବାର ଉନ୍ମୋଚିତ ହୋଇଛି। ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକୁ ଉନ୍ମୋଚିତ କରିଛନ୍ତି। ଏହି ଅବସରରେ ପୁସ୍ତକର ଲେଖକ ଲକ୍ଷ୍ମୀଧର ପଲାଇ ଉପସ୍ଥିତ ଥିଲେ।





ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ବିଭିନ୍ନ ପ୍ରାର୍ଥୀଙ୍କ ପକ୍ଷରୁ ନାମାଙ୍କନପତ୍ର ଦାଖଲ କରାଯାଉଛି।

# ମେୟର ପଦବୀ ପାଇଁ ପ୍ରଥମ ନାମାଙ୍କନପତ୍ର ଦାଖଲ

ଭୁବନେଶ୍ୱର, ୫।୩ (ବ୍ୟୁରୋ)

- କୃପା ପାର୍ଟିରୁ ମେୟର ପ୍ରାର୍ଥୀ ହେଲେ ଭଗବତୀ
- ଚତୁର୍ଥ ଦିନରେ କର୍ପୋରେଟର ପଦ ପାଇଁ ୨୦ ନାମାଙ୍କନ
- ମେୟର ପାଇଁ ୮ ଓ କର୍ପୋରେଟର ପାଇଁ ୧୩୨ ଫର୍ମ ବିକ୍ରି



ମେୟର ପ୍ରାର୍ଥିନୀ ଭଗବତୀ ଦେବୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ତାରିଖ ଯେତେ ସରି ସରି ଆସୁଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ରାଜନୀତି ସେତେ ରୋଚକ ହେବାରେ ଲାଗିଛି। ଚଳିତ ବର୍ଷ ପ୍ରଥମଥର ପାଇଁ ମେୟରଙ୍କୁ ଭୋଟରମାନେ ସିଧାସଳଖ ବାଛିବେ। ତେଣୁ ଏହି ପଦ ପାଇଁ ବିଭିନ୍ନ ଦଳ ନାନା ତର୍ଜମା କରି ପ୍ରାର୍ଥୀ ଦେଉଛନ୍ତି। ଇତିମଧ୍ୟରେ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ସେମାନଙ୍କ ମେୟର ପ୍ରାର୍ଥୀ ଘୋଷଣା କରିସାରିଥିଲେ ମଧ ଶନିବାର ପ୍ରଥମ ନାମାଙ୍କନପତ୍ର ଦାଖଲ ହୋଇଛି। କୃପା ପାର୍ଟିରୁ ଭଗବତୀ ଦେବୀ ମେୟର ପଦ ପାଇଁ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଅନ୍ୟପକ୍ଷରେ ବିଭିନ୍ନ ୱାର୍ଡର କର୍ପୋରେଟର ପଦବୀ ପାଇଁ ଆଉ ୨୦ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୱାର୍ଡ ନଂ. ୧୮ ପାଇଁ ବିଭୁ କଲ୍ୟାଣ ସେଠୀ, ୱାର୍ଡ ନଂ. ୨୪ ପାଇଁ ମଣ୍ଟୁ ମଲ୍ଲିକ, ୨୬ ପାଇଁ ସୀତା ମୁର୍ମୁ, ୩୦ ପାଇଁ ସ୍ମୃତି ରଞ୍ଜନ ତ୍ରିପାଠୀ, ୩୫ ପାଇଁ ରଶ୍ମିତା ସାହୁ, ୪୧ ପାଇଁ ମଧୁସ୍ମିତା ଦାଶ, ୪୨ ପାଇଁ ବିକ୍ରମ ଘୋଷ, ୪୬ ପାଇଁ ପ୍ରଭାତି ନାୟକ, ୫୩ ପାଇଁ ନିବାସୀ ଦେଈ, ୫୪ ପାଇଁ ପୁଷ୍ପିତା ଦାଶ, ୫୭ ପାଇଁ ମିହିର ରଞ୍ଜନ ଆଚାର୍ଯ୍ୟ ଏବଂ ଗୟାଧର ରଥ, ୫୯ ପାଇଁ ଦେବୀ ପ୍ରସାଦ ସ୍ୱାଇଁ, ୬୦ ପାଇଁ ବିଭୁ ପ୍ରସାଦ ଷଡଙ୍ଗୀ, ୬୧ ପାଇଁ ଦେବାଶିଷ ବ୍ରହ୍ମା, ୬୫ ପାଇଁ ଶିବ ଶଙ୍କର ଶ୍ରୀଚନ୍ଦନ ଏବଂ ମହମ୍ମଦ ଅମିର୍‌ହୁସେନ୍ ଏବଂ ୧୪ ୱାର୍ଡ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହାକୁ ମିଶାଇ ଚତୁର୍ଥ ଦିନ ସୁଦ୍ଧା ୪୦ଜଣ ପ୍ରାର୍ଥୀ ଏହି ପଦବୀ ପାଇଁ ନାମାଙ୍କନ କରିଛନ୍ତି। ଅପରପକ୍ଷେ ମେୟର ପଦବୀ ପାଇଁ ଆଉ ୮ ଟି ଫର୍ମ ବିକ୍ରି ହୋଇଥିବାବେଳେ କର୍ପୋରେଟର ପାଇଁ ୧୩୨ଟି ଫର୍ମ ଆଶାୟୀ ପ୍ରାର୍ଥୀମାନେ ନେଇଛନ୍ତି। ଫଳରେ ମୋଟ୍ ୨୩ଟି ମେୟର ଫର୍ମ ଓ ୭୧୩ କର୍ପୋରେଟର ଫର୍ମ ବିକ୍ରି ହୋଇଥିବା ସୂଚନା ମିଳିଛି।

# ଦେଶର ୭୫ ସଫଳ ମହିଳାଙ୍କ ମଧ୍ୟରେ ମାମୋନି, ମନୀଷା

ଭୁବନେଶ୍ୱର, ୫।୩(ବ୍ୟୁରୋ)



ମାମୋନି ଦାଶ



ମନୀଷା ଆଚାର୍ଯ୍ୟ

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ବ୍ରିଟିଶ ଉଚ୍ଚାୟୁକ୍ତ କାର୍ଯ୍ୟାଳୟରେ ୭୫ଜଣ ମହିଳାଙ୍କୁ ସମ୍ମାନିତ କରାଯିବାକୁ ଘୋଷଣା କରାଯାଇଛି। ବିଭିନ୍ନ କ୍ଷେତ୍ର ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ, ଗଣିତ, କଳା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାମାନେ ଏଥିରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ, ଭୁବନେଶ୍ୱରର ମାମୋନି ଦାଶ ମନୋନୀତ ହୋଇଛନ୍ତି। ସେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି, ରାଉରକେଲାରୁ ପିଏଚ୍‌ଡି ହାସଲ କରିଥିଲେ। ୨୦୧୮ ରେ ରାମାଲିଙ୍ଗାସ୍ୱାମୀ ଫେଲୋ ପାଇ ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସରେ ଯୋଗ ଦେଇଥିଲେ ଓ ୨୦୨୧ରୁ ଫ୍ୟାକଲ୍ଟି ଅଛନ୍ତି। ଅନୁରୂପ ଭାବେ ମନୀଷା ଆଚାର୍ଯ୍ୟ ଚୟନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଇନୋଭେଶନ ଆଣ୍ଡ ଇନ୍‌କ୍ୟୁବେଶନ ସେଣ୍ଟରର ସିଇଓ ଅଛନ୍ତି। ସେ ୨୦୧୯ରେ ବ୍ରିଟିଶ ଚେଭେନିଂ ଫେଲୋଶିପ୍ ପାଇଁ ମନୋନୀତ ହୋଇଥିଲେ ଏବଂ ଅକ୍ସଫୋର୍ଡ ୟୁନିଭରସିଟିରେ ଅଧ୍ୟୟନ କରିଥିଲେ।

# ‘ଆଞ୍ଚଳିକବାଦ ହିଁ ରାମାୟଣକୁ ଲୋକପ୍ରିୟ କରିଛି’



ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ସମ୍ବର୍ଦ୍ଧିତ ପ୍ରତିଭା।

ବୋଲଗଡ଼, ୫।୩

**ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ**

ଭାରତୀୟ ସାହିତ୍ୟର ଆଦିକାବ୍ୟ ରାମାୟଣର ଲୋକପ୍ରିୟତା ମୂଳରେ ଆଞ୍ଚଳିକବାଦ ରହିଛି ବୋଲି ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ବାଙ୍କୋଇଠାରେ ଶନିବାର ଆୟୋଜିତ ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦର ବାର୍ଷିକ କବିତା ପାଠୋତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି। ଏହି ଅବସରରେ ସେ କବି ଅନଙ୍ଗ ନରେନ୍ଦ୍ରଙ୍କ ଦ୍ୱାରା ରଚିତ ‘ଶ୍ରୀରାମଲୀଳା’ ଗ୍ରନ୍ଥକୁ ଶୁଦ୍ଧ ସମ୍ପାଦନା କରିବାର ଆବଶ୍ୟକ ଅଛି ଓ ଏ ଦିଗରେ ସାହିତ୍ୟ ଏକାଡେମୀ ସହଯୋଗ କରିବ ବୋଲି ମତବ୍ୟକ୍ତ କରିଥିଲେ। ବାଙ୍କୋଇସ୍ଥିତ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସଭାରେ ଓଡ଼ିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ଅନଙ୍ଗ ନରେନ୍ଦ୍ରଙ୍କ ‘ଶ୍ରୀରାମଲୀଳା’ର ଛାନ୍ଦରୁ କେତୋଟି ପଦ ଗାନ କରିଥିଲେ। ସଂସଦର ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ଆଲୋଚନା ଓ ପ୍ରତିଭା ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ଜୟକୃଷ୍ଣ ହୋତା, ପ୍ରଶିକ୍ଷଣ ବିଦ୍ୟାଳୟର ଅଧକ୍ଷ ବିଜୟ ତ୍ରିପାଠୀ, ଭୀମସେନ ପ୍ରଧାନ, କୁମୁଦିନୀ ଜୟସିଂହ, ସୁମନ୍ତ ଛୋଟରାୟ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସଂସଦର ମୁଖ୍ୟ ପୃଷ୍ଠପୋଷକ କାଳିଚରଣ ଜୟସିଂହ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରୂପେ ଅଭିଭାଷଣ ରଖିଥିଲେ। ସଂସଦର ସମ୍ପାଦକ ଅଧାପକ ରଙ୍କନିଧି ବଳିଆରସିଂହ ଅତିଥି ପରିଚୟ ଓ ପ୍ରାଧାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବିତା ପାଠୋତ୍ସବରେ ଶତାଧିକ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସାହିତ୍ୟ ସଂସଦର ବାର୍ଷିକ ସାହିତ୍ୟ ପତ୍ରିକା ‘ଅନଙ୍ଗାୟନ’ର ଲୋକାର୍ପଣ ହୋଇଥିଲା। ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କବି ଜନାବ ଜହିରୁଦ୍ଦିନ୍ ଖାଁ, ବଂଶୀଧର ପଣ୍ଡା, ବାନାମ୍ବର ମହାରଣା, ଲମ୍ବୋଦର ଶତପଥୀ, ଅଖିଳେଶ ମହାପାତ୍ର, ଶାନ୍ତିଲତା ଦେବୀ ଓ କୃତୀ ଶିକ୍ଷକ ଅମରବର ସାହୁଙ୍କୁ ସାହିତ୍ୟ ସଂସଦ ତରଫରୁ ମୁଖ୍ୟଅତିଥି ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ରାଜଧାନୀରୁ ୪ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଭୁବନେଶ୍ୱର,୫।୩(ବ୍ୟୁରୋ)

ରାଜଧାନୀରୁ ୫୦କେଜିର ଗଞ୍ଜେଇ ଜବତ ହୋଇଛି। ଶହୀଦନଗର ଥାନା ପୋଲିସ ଏହି ଘଟଣାରେ ଜଣଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଗୋଟିଏ ସ୍କୁଟି ଜବତ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା କଳାପଥର ଅଞ୍ଚଳର ମିଟୁ ପ୍ରଧାନ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ ମିଟୁ ଖୋର୍ଦ୍ଧାରୁ ୨ଟି ବସ୍ତାରେ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରିବା ଲାଗି ବାଣୀବିହାର ଡିଡିସି ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଗାଡ଼ି ସନ୍ଦେହରେ ତାଙ୍କ ଗାଡ଼ିଇରେ ଥିବା ବସ୍ତା ଯାଞ୍ଚ କରି ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ଏହାକୁ ଜବତ କରି ଏକ ମାମଲା(ନଂ. ୮୭।୨୨) ରୁଜୁ କରି ମିଟୁଙ୍କୁ ଶନିବାର ଶନିବାର କୋର୍ଟ ଚାଲାଣ କରିଛି।

# ଶାନ୍ତିର ବାତାବରଣକୁ ସମାଜରେ ବିନିଯୋଗ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ , ପଦ୍ମବିଭୂଷଣ ଡ. ରଘୁନାଥ ଅନନ୍ତ ମାସେଲକର ଓ ବିଶ୍ୱବିଦ୍ୟାଳୟ ସଭାପତି ସଞ୍ଜୀବ କୁମାର ରାଉତ।

ଭୁବନେଶ୍ୱର, ୫।୩(ବ୍ୟୁରୋ)

**ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ ଉତ୍ସବ**

ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ବିଟେକର ୭୨୨ଜଣ, ଏମ୍‌ଟେକ୍‌ର ୧୧ଜଣ, ଏମ୍‌ଏସ୍‌ସିର ୭୨ଜଣ, ଏମ୍‌ବିଏ ୧୬ ଏବଂ ପିଏଚ୍‌ଡିର ୩ଜଣଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଭାରତର ଖ୍ୟାତନାମା ବୈଜ୍ଞାନିକ ପଦ୍ମ ବିଭୂଷଣ ଡ. ରଘୁନାଥ ଅନନ୍ତ ମାସେଲକରଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ହନୋରାରି ଡକ୍ଟରେଟ୍ ଡିଗ୍ରୀରେ ଅଳଙ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷା ସହିତ ଶାନ୍ତିର ବାତାବରଣକୁ ସର୍ବଦା ସମାଜରେ ବିନିଯୋଗ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସଭାପତି ସଞ୍ଜୀବ କୁମାର ରାଉତ ଇଣ୍ଡିଆ ସ୍କିଲ୍ ୨୦୨୧ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ୨୯ ପଦକ ଜିତିଥିବା କହିବା ସହ ଉନ୍ନତ ପ୍ଲେସ୍‌ମେଣ୍ଟର ବିବରଣୀ ପ୍ରଦାନ କରିଥିଲେ। ଭାଇସ୍ ଚ୍ୟାନସେଲର ଡ. ବି.ଏସ୍. ସତ୍ୟନାରାୟଣ ବାର୍ଷିକ ବିବରଣୀ ଓ ରେଜିଷ୍ଟ୍ରାର ଡ. ବିନିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପରିମଳ, ବିକାଶମୂଳକ କାର୍ଯ୍ୟ ତଦାରଖ କଲେ ନୀତି ଆୟୋଗର ସ୍ୱତନ୍ତ୍ର ସଚିବ

ଭୁବନେଶ୍ୱର, ୫।୩ (ବ୍ୟୁରୋ)

ନୀତି ଆୟୋଗର ସ୍ୱତନ୍ତ୍ର ସଚିବ ଡ. କେ. ରାଜେଶ୍ୱର ରାଓ ଶନିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରରେ ଚାଲିଥିବା ପରିମଳ ଓ ବିକାଶମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ସେ ୱାର୍ଡ ନଂ. ୧୪ସ୍ଥିତ ମା’ ମଙ୍ଗଳା ଆଦର୍ଶ କଲୋନୀ ଏବଂ ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ସୈନିକ ସ୍କୁଲ ନିକଟରେ ଥିବା ୱେଲ୍‌ଥ ସେଣ୍ଟର ପରିଦର୍ଶନ କରିଛନ୍ତି। ଜାଗା ମିଶନ ଅଧୀନରେ ସ୍ଥାନୀୟ ବସ୍ତିବାସିନ୍ଦାଙ୍କୁ ରାସ୍ତା, ବିଦ୍ୟୁତ୍, ପାନୀୟ ଜଳ, ଖୋଲା ସ୍ଥାନ ବିକାଶ, ପରିମଳ, ପାର୍କ ଏବଂ ଜଳାଶୟର ବିକାଶ ଭଳି ବିଭିନ୍ନ ସହରୀ ସୁବିଧା କିପରି ଯୋଗାଇ ଦିଆଯାଉଛି ତାହାର ତଦାରଖ କରିଥିଲେ। ଏହି ପଦକ୍ଷେପର ଅଂଶୀଦାର ଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଡ. ରାଓଙ୍କ ସହ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂ, ଡାଇରେକ୍ଟର ମ୍ୟୁନିସିପାଲିଟି ଆଡ୍‌ମିନିଷ୍ଟ୍ରେଶନ (ଡିଏମ୍‌ଏ), ଗୃହ ଏବଂ ନଗର ଉନ୍ନୟନ ବିଭାଗର ସଂଗ୍ରାମଜିତ ନାୟକ ଉପସ୍ଥିତ ଥିଲେ।



ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଶନିବାର ଭୁବନେଶ୍ୱରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ରକ୍ତଦାନ ଶିବିର।

# ୨୪ଘଣ୍ଟା ପରେ ବି ଅଭିଯୁକ୍ତଙ୍କ ମିଳୁନି ପତ୍ତା

ଭୁବନେଶ୍ୱର,୫।୩(ବ୍ୟୁରୋ)

**ଜେଲ ଫେରନ୍ତା ଯୁବକଙ୍କୁ ନିର୍ମମ ହତ୍ୟା ଘଟଣା**

ମଞ୍ଚେଶ୍ୱର ଥାନା ପଳାଶୁଣୀସ୍ଥିତ ମୁଣ୍ଡାସାହି ନିକଟ ଅର୍ଦ୍ଧନିର୍ମିତ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ଭିତରେ ଜଣେ ଜେଲ୍ ଫେରନ୍ତା ଯୁବକ ମୁକେଶ ଚୌଧୁରୀଙ୍କୁ ଶୁକ୍ରବାର ହତ୍ୟା କରାଯାଇଥିଲା। ଏପରି କି ପ୍ରମାଣ ନଷ୍ଟ ପାଇଁ ମୃତଦେହ ଉପରେ ଇଟା ଘୋଡ଼ାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଘଟଣାକୁ ଇତିମଧ୍ୟରେ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ବିଫଳ ହୋଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଚନ୍ଦନ ନାମକ ବ୍ୟକ୍ତି ତାଙ୍କ ସହ ଘଟଣାର ପୂର୍ବଦିନ ରହିଥିବା ପୋଲିସ ସୂଚନା ପାଇବାରୁ ତାଙ୍କୁ ଧରିବା ଲାଗି ବିଭିନ୍ନ ଜାଗାରେ ଚଢ଼ାଉ କରିଛି। ଏପରି କି ଏହି ଘଟଣାରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେନେଇ ତଦନ୍ତ ଚଳାଇଛି। ଅପରପକ୍ଷରେ ମୃତକ ମୁକେଶ ବିହାରର ହୋଇଥିବାବେଳେ ତାଙ୍କ ପରିବାର ଲୋକଙ୍କ ସମ୍ପର୍କରେ କୌଣସି ତଥ୍ୟ ମିଳି ନ ଥିବାରୁ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ପରିବାରର ଠିକଣା ପାଇବା ପାଇଁ ବିଭିନ୍ନ ଥାନାକୁ ଚିଠି ପଠାଯାଇଛି। ତେବେ ତାଙ୍କୁ କିଏ ଓ କାହିଁକି ହତ୍ୟା କରିଛି ତାହାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନ ଥିବା ପୋଲିସ କହିଛି।

ସୂଚନାଯୋଗ୍ୟ ମୃତ ମୁକେଶ ସ୍ଥାନୀୟ ଅଞ୍ଚଳରେ ଏକ ସିମେଣ୍ଟ ଗୋଦାମରେ କାମ କରନ୍ତି। ସେ ଦେଢ଼ବର୍ଷ ତଳେ ଏକ ବାଇକ୍ ଚୋରି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ଗତ ୪ଦିନ ତଳେ ସେ ଜେଲରୁ ଫେରିଥିଲେ। ନିଜର ଘର ନ ଥିବାରୁ ସେ ସିମେଣ୍ଟ ଗୋଦାମରେ କାମ କରିବା ସହ ଯେ କୌଣସି ସ୍ଥାନରେ ରହିଯାଉଥିଲେ। ଶୁକ୍ରବାର ନିର୍ମାଣାଧୀନ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ଭିତରେ ଇଟାଗାଡ଼ି ଆସି ଅନ୍‌ଲୋଡ୍ ହେବାର ଥିଲା। ପୂର୍ବାହ୍ନରେ ଜଣେ କର୍ମଚାରୀ ଉକ୍ତ ସ୍ଥାନକୁ ସଫା କରିବାକୁ ଯାଇଥିଲେ। ଏହି ସମୟରେ କର୍ମଚାରୀ ଜଣକ ମୃତଦେହ ପଡ଼ିଥିବା ଦେଖି ଚମକି ପଡ଼ିଥିଲେ। ଏନେଇ ତୁରନ୍ତ ସେ କଣ୍ଟ୍ରାକ୍ଟରଙ୍କୁ ଜଣାଇଥିଲେ। କଣ୍ଟ୍ରାକ୍ଟର ପ୍ରକାଶ ପୋଲିସକୁ ଜଣାଇବା ପରେ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ହତ୍ୟା ମାମଲା (ନଂ. ୬୧/୨୨) ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି। ଏଥିସହ ମୃତକଙ୍କ ପରିବାର ଲୋକଙ୍କ ସମ୍ପର୍କରେ ଜଣା ନ ପଡ଼ିଲେ ମୃତଦେହକୁ ୭୨ ଘଣ୍ଟା ପରେ ବ୍ୟବଚ୍ଛେଦ କରାଯାଇ ସତ୍କାର କରାଯିବ ବୋଲି ଏସିପି ସଞ୍ଜୀବ ଶତପଥୀ କହିଛନ୍ତି।

# କ୍ରୀଡ଼ା, ଯୁବସେବା ବିଭାଗ ପକ୍ଷରୁ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ପ୍ରଦାନ

**ଭୁବନେଶ୍ୱର, ୫।୩(ସ୍ପୋର୍ଟ୍ସ ବ୍ୟୁରୋ)**



କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ପୁରସ୍କୃତ ଭଲିବଲ ଖେଳାଳି ଓ କର୍ମକର୍ତ୍ତା।

ବିଶିଷ୍ଟ ଜନନାୟକ, ପ୍ରବାଦପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପବିତ୍ର ଜନ୍ମବାର୍ଷିକୀ ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସଫଳ କ୍ରୀଡ଼ାବିତ୍‌ଙ୍କୁ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଛି। ଫେଡେରେଶନ କପ ଭଲିବଲ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ପାଇଥିବା ରାଜ୍ୟ ମହିଳା ଓ ପୁରୁଷ ଦଳକୁ ୧.୫ ଲକ୍ଷ ଟଙ୍କା ଲେଖାଏ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଚେସ୍ ତାରକା ତଥା ମହିଳା ଗ୍ରାଣ୍ଡମାଷ୍ଟର ପଦ୍ମିନୀ ରାଉତଙ୍କୁ ୨୦୨୧ ରେ ତାଙ୍କର ସଫଳତା ପାଇଁ ୬୦ ହଜାର ଟଙ୍କା, ରଗ୍‌ବୀ ଖେଳାଳି ତିଳୋତ୍ତମା ସାହୁଙ୍କୁ ୩୮ ହଜାର ୫୦୦ ଏବଂ ଭାଗ୍ୟଲକ୍ଷ୍ମୀ ବାରିକଙ୍କୁ ୩୦ ହଜାର ଟଙ୍କାର ଅର୍ଥ ରାଶି ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ତୀରନ୍ଦାଜରେ ରଞ୍ଜିତ ନାୟକଙ୍କୁ ୪୭ ହଜାର ଟଙ୍କାର ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ସୂର୍ଯ୍ୟମଣି ମାଝିଙ୍କୁ ୨୦ ହଜାର ଟଙ୍କାର ଅର୍ଥ ପୁରସ୍କାର ପ୍ରଦାନ କରାଯାଇଛି। ନିକଟରେ ଶେଷ ହୋଇଥିବା ଏଫ୍‌ଆଇ୍‌ଏଚ ଓଡ଼ିଶା ଜୁନିୟର ପୁରୁଷ ହକି ବିଶ୍ୱକପରେ ଅଂଶଗ୍ରହଣ କରିଥିବା ଓଡ଼ିଆ ଖେଳାଳି ଅଭିଷେକ ଲାକ୍ରାଙ୍କୁ ୧୨ହଜାର ୫୦୦ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରାଯାଇଛି।

ଶନିବାର ପୂର୍ବାହ୍ନରେ କଳିଙ୍ଗ ଷ୍ଟାଡିୟମ ପକ୍ଷରୁ ଅନ୍ତେବାସୀ ଓ କ୍ରୀଡ଼ାବିତ୍‌ଙ୍କୁ ନେଇ ଏକ ଦୌଡ଼ର ଆୟୋଜନ କରାଯାଇଥିଲା। ପୂର୍ବାହ୍ନ ୭ ଘଟିକା ସମୟରେ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା ବିଜୁ ପଟ୍ଟନାୟକଙ୍କ ପ୍ରତିଛବିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଏହି ଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେହିପରି ଅପରାହ୍ନରେ କ୍ରୀଡ଼ା ଓ ଯୁବସେବା ଏକାଦଶ ଏବଂ ଏଡ୍ଭିସି ଏକାଦଶ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡ଼ା ଓ ଯୁବସେବା ଏକାଦଶ ୩-୨ ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ବିଜୟୀ ହୋଇଥିଲା।

ଶନିବାର ଉତ୍ସବରେ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ, ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା, ଯୁଗ୍ମ ଶାସନ ସଚିବ ରଞ୍ଜିତ ପରିଡ଼ା, ଅର୍ଥ ପରାମର୍ଶଦାତା ଗୀତା ଦାସ, ଅନୁଶାସନ ସଚିବ ରାଜେନ୍ଦ୍ର ପ୍ରସାଦ ପାଣି, ଲକ୍ଷ୍ମୀକାନ୍ତ ମିଶ୍ର, ଓଏସ୍‌ଡି ସନାତନ ସାହୁ ଏବଂ ଓଡ଼ିଶା ଭଲିବଲ ସଂଘର ସମ୍ପାଦକ ଗଗନେନ୍ଦୁ ଦାସ ପୁରସ୍କାର ବିତରଣ କରିଥିଲେ। ଏହି ଉତ୍ସବକୁ ପ୍ରୋଗ୍ରାମ ଅଫିସର ଡ. ନିବେଦିତା ଆଚାର୍ଯ୍ୟ ସଂଯୋଜନା କରିଥିଲେ।

# ବୀରେନ୍ଦ୍ର ଲାକ୍ରାଙ୍କ ପ୍ରତ୍ୟାବର୍ତ୍ତନ

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ହକି

**ନୂଆଦିଲ୍ଲୀ, ୫।୩(ପି.ଟି.)**


ବୀରେନ୍ଦ୍ର ଲାକ୍ରା

ବର୍ମିଂହାମ୍‌ରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସମ୍ଭାବ୍ୟ ଭାରତ 'ଏ' ପୁରୁଷ ଓ ଭାରତ 'ଏ' ମହିଳା ଦଳ ଶନିବାର ଘୋଷଣା କରାଯାଇଛି। ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂଙ୍କୁ ପୁରୁଷ ଏବଂ ପୂର୍ବତନ ଷ୍ଟ୍ରାଇକର ଦୀପକ ଠାକୁରଙ୍କୁ ମହିଳା ଦଳର କୋଚ୍ ଭାବେ ମନୋନୀତ କରାଯାଇଛି। ଆଶ୍ଚର୍ଯ୍ୟର କଥା ଟୋକିଓ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା ଦୁଇ ଖେଳାଳି ରୂପିନ୍ଦର ପାଲ୍ ସିଂ ଓ ବୀରେନ୍ଦ୍ର ଲାକ୍ରାଙ୍କ ସହିତ ଭେଟେରାନ ଫରୱାର୍ଡ ଏସ୍‌ଭି ସୁନୀଲ ଅବସରରୁ ଫେରିଛନ୍ତି। ସେମାନଙ୍କୁ ସମ୍ଭାବ୍ୟ ୩୩ ଜଣିଆ ପୁରୁଷ ଦଳରେ ସାମିଲ କରାଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ହାଙ୍ଗ୍‌ଝୋ ଏସିଆନ ଗେମ୍ସ ମଧ୍ୟରେ ମାତ୍ର ୩୨ ଦିନ ବ୍ୟବଧାନ ରହିଛି। ଏସିଆନ ଗେମ୍ସକୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏକ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଭାବେ ବିବେଚନା କରାଯାଉଛି। ତେଣୁ ହକି ଇଣ୍ଡିଆ ଏହାର ପ୍ରମୁଖ ଖେଳାଳିଙ୍କୁ ଫିଟ୍ ରଖିବା ଉଦ୍ଦେଶ୍ୟରେ ସେମାନଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ନ ପଠାଇବା ଲାଗି ପୂର୍ବରୁ ସ୍ଥିର କରିସାରିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଦ୍ୱିତୀୟ ପାହ୍ୟା ଦଳ ପଠାଇବାଲାଗି ନିଷ୍ପତ୍ତି ନେଇଥିଲା।

# ଓଡ଼ିଶା ଇନିଂସ ପରାଜୟର ସମ୍ମୁଖୀନ

**ଅହମଦାବାଦ, ୫।୩ (ପି.ଟି.)**

ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ ଡି' ମ୍ୟାଚରେ ମୁମ୍ବାଇ ପ୍ରଥମେ ଚମତ୍କାର ବ୍ୟାଟିଂ ପରେ ପ୍ରଭାବୀ ବୋଲିଂ କରିଛି। ଏହାଛଡ଼ା ଶାମ୍ସ ମୁଲାନୀ ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁ ଓଡ଼ିଶା ଇନିଂସ ପରାଜୟର ସମ୍ମୁଖୀନ ହୋଇଛି। ସ୍ପିନ ଅଲରାଉଣ୍ଡର ମୁଲାନୀ ୯୯ ବଲରେ ୭୦ ରନ କରିବା ପରେ ମୁମ୍ବାଇ ଏହାର ପ୍ରଥମ ଇନିଂସ ୫୩୨ / ୯ରେ ଘୋଷଣା କରିଥିଲା। ପରେ ଏହି ଖେଳାଳି ଓଡ଼ିଶାର ୩ଟି ଉଇକେଟ ପତନ ଘଟାଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ୫ ଉଇକେଟ ବିନିମୟରେ ୮୪ ରନ କରିଛି। ଅଭିଷେକ ରାଉତ ୩୧ ଓ ଦେବାଶିଷ ସାମନ୍ତରାୟ ୯ ରନ କରି ଅପରାଜିତ ରହିଛନ୍ତି। ମୁମ୍ବାଇକୁ ପୁନର୍ବାର ବ୍ୟାଟିଂ କରାଇବାକୁ ହେଲେ ଓଡ଼ିଶା ଆହୁରି ୧୬୪ ରନ ଆବଶ୍ୟକ କରୁଛି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୪। ମୁମ୍ବାଇ ପ୍ରଥମ ଇନିଂସ: ୫୩୨/୯ ଘୋଷଣା (ସର୍ଫରାଜ-୧୬୫, ଅର୍ମାନ ଜାଫର-୧୨୫, ଆଦିତ୍ୟ ତାରେ-୭୨, ଶାମ୍ସ ମୁଲାନୀ-୭୦ ; ରାଜେଶ ମହାନ୍ତି-୩/୧୨୩)। ଓଡ଼ିଶା ଦ୍ୱିତୀୟ ଇନିଂସ: ୮୪/୫ (ଅଂଶୁମାନ ରଥ-୩୪ ; ଶାମ୍ସ ମୁଲାନୀ-୩/୩୦)।

# ଭାରତ ଆଜି ପାକିସ୍ତାନକୁ ଭେଟିବ

**ମାଉଣ୍ଟ ମଙ୍ଗାନୁଇ, ୫।୩ (ପି.ଟି.)**

ଚଳିତ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ରେ ଭାରତ ଏହାର ଉଦ୍‌ଘାଟନୀ ମ୍ୟାଚ୍ ରବିବାର ପାକିସ୍ତାନ ବିପକ୍ଷରେ ଖେଳିବ। ଉଭୟ ବୋଲିଂ ଓ ବ୍ୟାଟିଂରେ ଫର୍ମରେ ଥିବା ଭାରତ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରୁଛି। ୨୦୧୭ ଓ ୨୦୦୫ ସଂସ୍କରଣରେ ରନର୍ସ ଅପ୍ ଚଳିତ ସଂସ୍କରଣରେ ଆଉ ଏକ ପାଦ ଆଗେଇ ଟାଇଟଲ ହାତେଇବାକୁ ଲକ୍ଷ୍ୟ ରଖିଛି। ବିଶେଷକରି ଅଧିନାୟିକା ମିଥାଲି ରାଜ ଓ ଭେଟେରାନ ପେସ୍ ବୋଲର ଝୁଲଣ ଗୋସ୍ୱାମୀଙ୍କର ଏହା ହେଉଛି ଶେଷ ବିଶ୍ୱକପ୍। ସ୍ଥାନୀୟ ଜଳବାୟୁ ସହ ଅଭ୍ୟସ୍ତ ହେବା ଲାଗି ଭାରତୀୟ ମହିଳା ଦଳ ମାସକ ଆଗରୁ ନ୍ୟୁଜିଲାଣ୍ଡରେ ଆସି ପହଞ୍ଚିଛି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଅବଶ୍ୟ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଦଳ ଆୟୋଜକ ଦଳଠାରୁ ୧-୪ରେ ପରାସ୍ତ ହୋଇଥିଲା। ତେବେ ୫ମ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ ଏବଂ ଆଇସିସି ବିଶ୍ୱକପ୍‌ର ଦୁଇଟି ୱାର୍ମଅପ୍ ମ୍ୟାଚରେ ଭାରତର ଉଭୟ ବ୍ୟାଟିଂ ଓ ବୋଲିଂ ୟୁନିଟ୍‌ରେ ଉନ୍ନତି ପରିଲକ୍ଷିତ ହୋଇଥିବାରୁ ଦଳର ନୈତିକ ମନୋବଳ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ପାକିସ୍ତାନ ହେଉଛି ଟୁର୍ନାମେଣ୍ଟରେ ସର୍ବନିମ୍ନ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳ। ଗତବର୍ଷ କୋଭିଡ୍ ଯୋଗୁ କ୍ୱାଲିଫାୟର୍ସ ବାତିଲ କରାଯିବାରୁ ପାକିସ୍ତାନ ର୍‍ୟାଙ୍କିଙ୍ଗ୍ ଭିତ୍ତିରେ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଥିଲା। ର୍‍ୟାଙ୍କିଙ୍ଗ ତାଲିକାର ୩ଥର ସର୍ବନିମ୍ନ ସ୍ଥାନରେ ରହିଥିବା ପାକିସ୍ତାନ ୨୦୦୯ରେ ଶ୍ରେଷ୍ଠ ପ୍ରଦର୍ଶନ କରି ସୁପର ୬ରେ ପହଞ୍ଚି ପାରିଥିଲା। ବିସ୍‌ମା ମାରୁଫ ଆଣ୍ଡ୍ କୋ ଏଠାରେ ପଛକୁ ପଛ ଦୁଇଟି ୱାର୍ମଅପ୍ ମ୍ୟାଚ୍ ଜିତିଛନ୍ତି। ସେମାନେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶକୁ ପରାସ୍ତ କରିଛନ୍ତି। ଲୋୟର ଅର୍ଡର ବ୍ୟାଟ୍ସମ୍ୟାନ ଓ ବୋଲରମାନଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ପାକିସ୍ତାନ ଏହି ଦୁଇଟି ମ୍ୟାଚ ଜିତିପାରିଛି। ଟୁର୍ନାମେଣ୍ଟରେ ଦଳର ଟପ୍ ଅର୍ଡର ଫର୍ମକୁ ଫେରିବ ବୋଲି ଦଳ ଆଶା ରଖିଛି।

# ଇଂଲଣ୍ଡକୁ ହରାଇଲା ଅଷ୍ଟ୍ରେଲିଆ

## ଆଇସିସି ମହିଳା ବିଶ୍ୱକପ୍

**ହାମିଲଟନ, ୫।୩**



ଶତକ ହାସଲ ପରେ ରାଚେଲ ହେନ୍ସ।

ସ୍ଥାନୀୟ ସେଡନ୍ ପାର୍କରେ ଶନିବାର ଖେଳାଯାଇଥିବା ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୨ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି। ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ବୋଲିଂ ନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଅଷ୍ଟ୍ରେଲିଆ ରାଚେଲ ହେନ୍ସଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୩ ଉଇକେଟ ବିନିମୟରେ ୩୧୦ ରନ କରିଥିଲା। ହେନ୍ସ ୧୩୧ ବଲ୍‌ରେ ୧୪ ଚୌକା ଓ ୧ ଛକା ସହ ୧୩୦ ରନ କରିଥିଲେ। ଅଧିନାୟିକା ମେଗ୍ ଲାନିଂ ୮୬ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ନାଟାଲି ସ୍କିଭର ୬୮ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ୩୧୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଇଂଲଣ୍ଡ ନାଟାଲି ସ୍କିଭରଙ୍କ ଅପରାଜିତ ଶତକ ସହାୟତାରେ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୨୯୮ ରନ୍ କରିବାରେ ସମର୍ଥ ହୋଇଥିଲା। ସ୍କିଭର ୮୫ ବଲ୍‌ରେ ୧୩ ଚୌକା ସହ ୧୦୯ରନ୍ କରି ଅପରାଜିତ ରହିଥିଲେ। ଟାମି ବିମଣ୍ଟ ୭୪ ଓ ଅଧିନାୟିକା ହିଥର ନାଇଟ୍ ୪୦ ରନ କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ଆଲନା କିଙ୍ଗ୍ ୩ ଏବଂ ଜେସ୍ ଜୋନାସେନ ଓ ଟାଲିଆ ମ୍ୟାକ୍‌ଗ୍ରା ଦୁଇଟି ଲେଖାଏ ଉଇକେଟ ସଫଳତା ପାଇଥିଲେ। ରାଚେଲ ହେନ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ମହିଳା ଦଳ:** ୫୦ ଓଭରରେ ୩୧୦/୩ (ହେନ୍ସ-୧୩୦, ଲାନିଂ-୮୬ ; ସ୍କିଭର-୨/୬୮, କ୍ୟାଥରିନ୍ ବ୍ରଣ୍ଟ-୧/୫୪)।

**ଇଂଲଣ୍ଡ ମହିଳା ଦଳ:** ୫୦ ଓଭରରେ ୨୯୮/୮ (ସ୍କିଭର- ୧୦୯*, ବିମଣ୍ଟ-୭୪, ହିଥର ନାଇଟ୍-୪୦ ; କିଙ୍ଗ୍-୩/୫୯, ଜୋନାସେନ୍-୨/୧୮, ମ୍ୟାକ୍‌ଗ୍ରା-୨/୫୧)।

# ଆଫଗାନିସ୍ତାନ-ବାଂଲାଦେଶ ଟି୨୦ ସିରିଜ ଡ୍ର'

**ଢାକା, ୫।୩ (ଏପି)**

ଓପନର ହଜ୍ରତୁଲ୍ଲା ଜାଜାଇଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ତଥା ଶେଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଆଫଗାନିସ୍ତାନ ୮ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ଫଳରେ ଦୁଇ ଦଳ ମଧ୍ୟରେ ଚାଲିଥିବା ଟି୨୦ ସିରିଜ ୧-୧ରେ ଡ୍ର ଭାବେ ଶେଷ ହୋଇଛି। ଜାଜାଇ ୪୫ ବଲ୍‌ରେ ୫୯ରନ କରି ଅପରାଜିତ ରହିଥିଲେ। ଦ୍ୱିତୀୟ ଉଇକେଟରେ ଜାଜାଇ ଓ ଉସ୍‌ମାନ ଘାନିଙ୍କ ୯୯ ରନର ପାର୍ଟନରଶିପ୍‌କୁ ପାଥେୟ କରି ଆଫଗାନିସ୍ତାନ ୧୪ବଲ୍ ବାକିଥାଇ ମ୍ୟାଚ ଜିତି ନେଇଥିଲା। ବାମହାତୀ ସ୍ପିନର ନାସୁମ ଅହମଦଙ୍କ ବଲ୍‌କୁ ମିଡ୍ ଉଇକେଟ ଅଞ୍ଚଳରେ ଛକା ମାରି ଡାରୱିସ ରସୋଲି (୯*) ମ୍ୟାଚର ପରିସମାପ୍ତି ଘଟାଇଥିଲେ। ବାଂଲାଦେଶର ୧୧୫/୯ ସ୍କୋର ଜବାବରେ ଆଫଗାନିସ୍ତାନ ୧୨୧/୨ କରି ମ୍ୟାଚରେ ବିଜୟ ଲାଭ କରିଥିଲା। ଆଫଗାନିସ୍ତାନ ପ୍ରଥମ ମ୍ୟାଚ ୬୧ରନରେ ହାରିଥିଲା।

# ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ: ଓଡ଼ିଶା ରନର୍ସ ଅପ୍

**ଭୁବନେଶ୍ୱର, ୫।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଦ୍ୱିତୀୟ ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତାରେ ଓଡ଼ିଶା ରନର୍ସ ଅପ୍ ହୋଇଛି। ବେଙ୍ଗାଲୁରୁସ୍ଥିତ ଅଲଟୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଶନିବାର ଖେଳାଯାଇଥିବା ଫାଇନାଲରେ କର୍ଣାଟକ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଓଡ଼ିଶା ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୭ଉଇକେଟ ବିନିମୟରେ ୧୪୮ ରନ କରିଥିଲା। ଦଳ ପକ୍ଷରୁ ଝିଲି ୩୧, ରଚନା ୨୬ ଓ ପଦ୍ମିନୀ ୨୨ ରନ ସ୍କୋର କରିଥିଲେ। କର୍ଣାଟକ ୧୬.୫ ଓଭରରେ ୫ ଉଇକେଟ ବିନିମୟରେ ୧୪୯ ରନ କରି ମ୍ୟାଚ ଜିତି ନେଇଥିଲା। ଟପ୍ ସ୍କୋରର ଅଧିନାୟିକା ବର୍ଷା ୬୨ ରନ କରି ଅପରାଜିତ ରହିଥିଲେ। ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝିଲି ବିରୁଆ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେ ଟୁର୍ନାମେଣ୍ଟରେ ମୋଟ ୨୧୬ ରନ ସଂଗ୍ରହ କରିବା ସହ ୭ ଉଇକେଟ ଅକ୍ତିଆର କରିଥିଲେ।



ଅତିଥିଙ୍କ ଗହଣରେ ଓଡ଼ିଶା ଦୃଷ୍ଟିହୀନ ମହିଳା କ୍ରିକେଟ ଦଳର ଖେଳାଳିମାନେ।

# ୟୁକ୍ରେନ୍‌ର ପୋଡିୟମ ସୁଇପ୍

## ୱିଣ୍ଟର ପାରାଲିମ୍ପିକ୍ସ

**ବେଜିଂ, ୫।୩ (ଏପି)**

ବେଜିଂ ୨୦୨୨ ପାରାଲିମ୍ପିକ୍ସରେ ଶନିବାର ୟୁକ୍ରେନ୍‌ର ୪୩ ବର୍ଷୀୟ ପାରା ବାଇଥ୍ଲନ ଭେଟେରାନ ଭିଟାଲି ଲୁକିଆନେଙ୍କୋଙ୍କ ନେତୃତ୍ୱରେ ତାଙ୍କ ଦେଶ ପୁରୁଷ ଦୃଷ୍ଟିହୀନ ସ୍ପ୍ରିଣ୍ଟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୋଡିୟମ ସୁଇପ୍ କରିଛି। ଏଥିସହିତ ପ୍ରଥମ ଦିବସରେ ତିନି ପାରା ବାଇଥ୍ଲନ ସ୍ୱର୍ଣ୍ଣ ପଦକ ସହ ୟୁକ୍ରେନ ପଦକ ତାଲିକାର ପ୍ରଥମ ସ୍ଥାନରେ ରହିଛି। ଲୁକିଆନେଙ୍କୋ ୧୭ ମିନିଟ୍ ୫.୮ ସେକେଣ୍ଡରେ ରେସ୍ ଜିତି ତାଙ୍କ କ୍ୟାରିୟରର ୭ମ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଛନ୍ତି। ତାଙ୍କ ଦେଶର ଓଲେକ୍‌ସାଣ୍ଡର କାଜିକ୍ ୧୭ ମିନିଟ୍ ଓ ୩୧.୯ ସେକେଣ୍ଡ ଟାଇମିଂ ସହ ରୌପ୍ୟ ପଦକ ଲାଭ କରିଥିବା ବେଳେ ଦିମିତ୍ରି ସୁଇଆର୍କୋ ୧୭:୩୩.୩ ଟାଇମିଂରେ ବ୍ରୋଞ୍ଜ ହାସଲ କରିଛନ୍ତି।

# ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୫।୩**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼ କୁଦ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ମହିଳା ଓ ପୁରୁଷ ବର୍ଗର ମୋଟ ୧୧ ଦୌଡ଼ କୁଦ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମହିଳା ବର୍ଗରେ ଅନୁଷ୍ଠିତ ଡିସ୍ କସ୍ ଥ୍ରୋରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅର୍ପିତା ପରିଡ଼ା, ରମାଦେବୀ ବିଶ୍ୱବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ହାଁସଦା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାରୀ ହାଜରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହିଳା ମହିଳା ବର୍ଗ ଉଚ୍ଚ ଡ଼ିଆଁରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମୋନିକା କୁଜୁର, ଉତ୍କଳ ବିଶ୍ୱବିଦ୍ୟାଳୟର ବିନୀତ ବେହେରା, ଏମ୍‌ଏସ୍‌ସିବିଡ଼ି ବିଶ୍ୱବିଦ୍ୟାଳୟର ନିରୁପମା ପାତ୍ର, ୮୦୦ ମିଟର ଦୌଡ଼ ପ୍ରତିଯୋଗିତା ମହିଳା ବର୍ଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ନମିତା ପ୍ରଧାନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବବିତା ସାନ୍ତା ଓ ଏମ୍‌ଏସ୍‌ସିବିଡ଼ି ବିଶ୍ୱବିଦ୍ୟାଳୟର ମିଲି ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ପୁରୁଷ ବର୍ଗରେ ୫୦୦ମିଟର ଦୌଡ଼ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରଶ୍ମି ରଞ୍ଜନ ନାୟକ ପ୍ରଥମ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାଇ କିରଣ ସାହୁ ଦ୍ୱିତୀୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଭୀମସେନ ଜଙ୍କ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ଉଚ୍ଚ ଡ଼ିଆଁରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ୱାଧୀନ କୁମାର ମାଝୀ, ଉତ୍କଳ ବିଶ୍ୱବିଦ୍ୟାଳୟର ନିଖିଳ କୁମାର ଦାସ, ଏମ୍‌ଏସ୍‌ସିବିଡ଼ି ବିଶ୍ୱବିଦ୍ୟାଳୟର ସ୍ୱରୂପ କୁମାର ବେହେରା, ପୁରୁଷ ୮୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଦିଲୀପ ନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଧୀରେଶ ପ୍ରଧାନ, ବାଲେଶ୍ୱର ଏମଏଫ ବିଶ୍ୱବିଦ୍ୟାଳୟର ରଞ୍ଜନ ବଳ, ୪୦୦ ମିଟର ଦୌଡ଼ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସାହିଲ କିରୁ, ଉତ୍କଳ ବିଶ୍ୱବିଦ୍ୟାଳୟର ଦିଲୀପ ନାଏକ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଆଶୁତୋଷ ଖୁଣ୍ଟିଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସୂତ୍ରରୁ ଜଣାପଡ଼ିଛି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉଦ୍ୟୋଗ A Government of India Undertaking
आन्ध्रा Andhra | कार्पोरेशन Corporation

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଡିଏ ବିଡ଼ାନାସୀ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଡିଏ ବିଡ଼ାନାସୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ସିଡିଏ ବିଡ଼ାନାସୀ ଶାଖା /ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଗଣପତି ଇନ୍‌ଫ୍ରାଷ୍ଟ୍ରକ୍‌ଚର, **ସ୍ୱତ୍ୱାଧିକାରୀ: ଶ୍ରୀମତୀ ନେହା ଅଗ୍ରୱାଲ,** ସ୍ୱାମୀ: ଶ୍ରୀ ସମୀର କୁମାର ଅଗ୍ରୱାଲ, ସା: ରାମଚନ୍ଦ୍ରପୁର, ପୋ.: ମଙ୍ଗରାଜପୁର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ / **ଗ୍ୟାରେଣ୍ଟିଦାତା: ଶ୍ରୀ ସମୀର କୁମାର ଅଗ୍ରୱାଲ,** ପିତା: ସୁବାଷ ଚନ୍ଦ୍ର ଅଗ୍ରୱାଲ, ସା: କାଳିଗଳି, କଟକ | ୩୧.୦୮.୨୦୨୧ସୁଦ୍ଧା ଟ.୨୪,୦୬,୪୦୭.୬୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୫.୨୦୨୧/ ୦୪.୦୩.୨୦୨୨ | **ଶ୍ରୀ ସମୀର ଅଗ୍ରୱାଲ,** ପିତା: ଶ୍ରୀ ସୁବାଷ ଚନ୍ଦ୍ର ଅଗ୍ରୱାଲଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୂଳ ଖାତା ନଂ.: ୨୪୧, ମ୍ୟୁଟେସନ ଖତିଆନ ନଂ.: ୨୩୦/୨୩, ପ୍ଲଟ୍ ନଂ.: ୫୭/୬୬୦/୮୨୫, କ୍ଷେତ୍ର: ଏକର ୦.୭୩ ଡିସିମିଲି, ଗ୍ରାମ / ମୌଜା: ରାମଚନ୍ଦ୍ରପୁର, ଥାନା: ଚୌଦ୍ୱାର ଏବଂ ନଂ.: ୦୨, ତହସିଲ: ଟାଙ୍ଗୀ-ଚୌଦ୍ୱାର, ଏସ୍‌ଆରଓ: ଜଗତ୍‌ପୁର, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପାଣି କେନାଲ, ଦକ୍ଷିଣ: ପ୍ଲଟ୍ ନଂ.: ୬୩ (ପତିତ), ପୂର୍ବ: ପ୍ଲଟ୍ ନଂ.: ୬୬୪, ପଶ୍ଚିମ: ସରକାରୀ ରାସ୍ତା |

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୫.୦୩.୨୦୨୨

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7 CDA, CUTTACK, ODISHA.**
**O.A. No. 631/2019**

**State Bank of India (SARB) Sambalpur** ...Applicant
Versus
**Smt. Priyanka Pattnaik** ...Defendant(s)

To,
**Smt. Priyanka Patnaik,** W/o: Prakash Swain, At: Pattnaik Para, Po.: Jhaduapara, Dist.: Sambalpur-768001, **PAN No.: CINPP9620H**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 631/2019** in the Court of the Debts of Recovery Tribunal, Cuttack for recovery of **Rs.29,37,195.86** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **02.05.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **03rd day of March 2022.**

Sd/- (M.K. Patnaik)
REGISTRAR

**NOTICE**
**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 650 of 2019**

**State Bank of India,**
**Stressed Assets Recovery Branch, (SARB),**
**Sambalpur,** At: Ainthapali, Husain House,
Po./Dist.: Sambalpur-768004. ...Applicant
AND
**Smt. Ranjana Naik @ Nayak** ...Defendant
To
1. **Smt. Ranjana Naik,** W/o: Narasingh Khanulal, At: Twarigali, Po./PS.: Khetrajpur, Dist.: Sambalpur-768001.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 650 of 2019** in the Court of Debts Recovery Tribunal at Cuttack for a recovery of **Rs.20,94,642.92** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **04th day of May 2022 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand seal of this Tribunal on this **03rd day of March 2022.**

Sd/- (M.K. Patnaik)
Registrar
Debts Recovery Tribunal

**FORM NO.: 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No.: 75/2021**

**Bank of Baroda, ROSARB, Bhubaneswar.................Applicant.**
Versus
**M/s. K.G.N. Foot Wear & Others ..........................................Defendant(s)**

To,
1. M/s. K.G.N. Foot Wear, Prop: SK. Jamerulla, Bypass Road, Sangeet School Front, Po/Dist - Kendrapara (Odisha), Pin-754211
2. Sk. Jamerulla, S/o- SK. Santiya, Prop of : M/S. K.G.N. Foot Wear, At- Jaipura, Po/Dist- Kendrapara (Odisha), Pin-754211
3. Syed Yesdan Ali, At- Jaipura, Po/Dist - Kendrapara (Odisha), Pin-754211

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 75/2021** in the court of the Debts Recovery Tribunal, Cuttack for recovery of **Rs. 45,29,216/- only** together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **08.04.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **25th day of February 2022.**

**Sd/- Manoj Kumar Patnaik**
**Registrar**

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ରକ୍ତଦାନ ଶିବିର, ନୟାପଲ୍ଲୀ କମ୍ୟୁନିଟି କେୟାର ଆସୋସିଏଶନ, ଅଇଆର୍‌ସି ଭିଲେଜ, ସକାଳ ୯ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଇଷ୍ଟର୍ନ ଜୋନାଲ କଲ୍‌ଚରାଲ ସେଣ୍ଟର, କୋଲକାତାର ସାହିତ୍ୟ, କଳା ସଙ୍ଗୀତ ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବ ରଙ୍ଗ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ତ୍ରିଭାଷି ଜାତୀୟସ୍ତରୀୟ ଆଲୋଚନାଚକ୍ରର ଉଦ୍‌ଯାପନ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।.ଫାର୍ମାସିଉଟିକାଲ ଏମ୍ପ୍ଲୋଇଜ ଇଉନିୟନର ୩୧ତମ ବାର୍ଷିକ ସମ୍ମିଳନୀ,ଟାଉନ ହଲ, ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପାଲା ମହୋତ୍ସବ, ଶ୍ରୀରାମଚନ୍ଦ୍ର ଭବନ,ସନ୍ଧ୍ୟା ୬ଟା।
- କଟକ ଲେଖକ ସହଯୋଗ ସମିତି ଲି଼.ର ୪୩ତମ ବାର୍ଷିକ ସମ୍ମିଳନୀ, ଶ୍ରୀରାମଚନ୍ଦ୍ର ଭବନ,ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଯୁଦ୍ଧ ବିରୋଧରେ ବିକ୍ଷୋଭ, ଶାନ୍ତିବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ଭୁବନେଶ୍ୱର,୫।୩(ବ୍ୟୁରୋ):** ଋଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଶନିବାର ଦଶମ ଦିନରେ ପହଞ୍ଚିଥିବାବେଳେ ଏହାକୁ ବିରୋଧ କରି ରାଜଧାନୀ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଇନ ଛାତ୍ର ପ୍ରକାଶ ଦାସଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଏକତ୍ରିତ ହୋଇ ବିଶ୍ୱଶାନ୍ତିର ବାର୍ତ୍ତା ଦେଇଛନ୍ତି। ପ୍ରକାଶ କହିଛନ୍ତି, ଯୁଦ୍ଧ ସମାଧାନର ବାଟ ନୁହେଁ। ଯୁଦ୍ଧ ଦ୍ୱାରା ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ଋଷିଆ ଓ ୟୁକ୍ରେନ୍‌ରେ ଫସି ରହିଥିବା ଭାରତୀୟ ଛାତ୍ରୀଛାତ୍ର ଓ ନାଗରିକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସରକାର ଭାରତ ଫେରାଇ ଆଣନ୍ତୁ। ଯୁଦ୍ଧ ଦ୍ୱାରା ବିଶ୍ୱ ଅର୍ଥନୀତି ଓ ପରିବେଶ ଉପରେ ପ୍ରଭାବ ପଡୁଛି। ଦୁଇ ଦେଶ ଆଲୋଚନା କରି ସମାଧାନର ବାଟ ବାହାର କରନ୍ତୁ ବୋଲି ସେ କହିଛନ୍ତି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ବିକ୍ଷୋଭରେ ସାମିଲ ହୋଇଥିଲେ।

### ବିଜୁ ଜୟନ୍ତୀରେ ମିନି ମାରାଥନ

**କଟକ ଅଫିସ, ୫।୩:** ବିଭିନ୍ନ ବିଦ୍ୟାଳୟର ପ୍ରଥମରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମିନି ମାରାଥନ ଓ ବରିଷ୍ଠ ନାଗରିକଙ୍କ ପାଇଁ ଚାଲିବା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ଭେଟେରାନ ସ୍ପୋର୍ଟସ ପର୍ସନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଆସୋସିଏଶନ ସଭାପତି ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୩୮୨ ଛାତ୍ରୀଛାତ୍ର ଓ ୬୦ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ତୁଳସୀପୁରସ୍ଥିତ ସାରଳା ଭବନଠାରେ ମନ୍ତ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମିନି ମାରାଥନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଏବଂ ବରିଷ୍ଠ ନାଗରିକଙ୍କୁ ପୁରସ୍କୃତ କରାଯାଇଥିଲା। ଆସୋସିଏଶନ୍ ସମ୍ପାଦକ ସଦାନନ୍ଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଡ. ସରୋଜ ସିଂ, ଡ. ସୁନୀଲ ବୋଷ, ସୁଘୋଷ ଦାସ, ଶ୍ରୀଧର ଦାସ, ବିଶ୍ୱଜିତ୍ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରିଲିଜ୍ ହେଲା 'ଭୂମିପୁତ୍ର' ଗେମ୍

**ଭୁବନେଶ୍ୱର, ୫।୩(ବ୍ୟୁରୋ)**






### ବିଜୁବାବୁଙ୍କ ବୀରତ୍ୱର ଗାଥା ଉପରେ ଆଧାରିତ

ମହାନ୍ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ ଇଞ୍ଜିନିୟରିଂ ଛାତ୍ରମାନେ ପ୍ରସ୍ତୁତ କରିଛନ୍ତି ଏକ ଗେମ୍ 'ଭୂମିପୁତ୍ର'। ବିଜୁ ବାବୁଙ୍କ ୧୦୬ତମ ଜୟନ୍ତୀ ଅବସରରେ ଏହା ରିଲିଜ୍ ହୋଇଛି। ବିଜୁବାବୁଙ୍କ ବୀରତ୍ୱ ବଖାଣୁଥିବା ଏହି ଗେମ୍‌ର ଟ୍ରେଲର ଫେବୃୟାରୀ ୫ରେ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ ହୋଇଥିବାବେଳେ ବହୁ ପ୍ରଶଂସା ହାସଲ କରିଥିଲା। ଶନିବାର ଅପରାହ୍ନ ୪ଟାରେ ଏହା ସର୍ବସାଧାରଣଙ୍କ ନିମନ୍ତେ ରିଲିଜ୍ ହେବାର ମାତ୍ର କିଛି ସମୟ ଭିତରେ ହଜାରରୁ ଊର୍ଦ୍ଧ୍ୱ ଡାଉନ୍‌ଲୋଡ୍ ହୋଇଥିବା ଜଣାପଡ଼ିଛି। 'ଗୌରବଗୋ ଟେକ୍ନୋଲୋଜି' ଷ୍ଟାର୍ଟଅପ୍ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ଗେମ୍ ବିଷୟରେ ପ୍ରଥମେ ଭୁବନେଶ୍ୱରର ଦୀପେଶ ଗୌରଭ ଚିନ୍ତା କରିଥିଲେ। ଯଦିଓ ଦୀପେଶଙ୍କ ଘର ଝାଡ଼ଖଣ୍ଡ, କିନ୍ତୁ ଓଡ଼ିଶାରେ ଦୀର୍ଘବର୍ଷ ଧରି ଶିକ୍ଷା ଗ୍ରହଣ କରିଥିବାରୁ ଏବଂ ଓଡ଼ିଶାର ଇତିହାସ, କଳା, ସଂସ୍କୃତି ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବାରୁ ଏଭଳି ଏକ ବ୍ୟକ୍ତିବିଶେଷ ଉପରେ ଗେମ୍ ପ୍ରସ୍ତୁତ କରିବା ପାଇଁ ଚିନ୍ତା କରିଥିଲେ। ଏହି ଗେମ୍‌ର ଟିମ୍‌ରେ ଭୁବନେଶ୍ୱରର ଶିବମ କୁମାର, ପୁରୀର ଶ୍ରୀମନ ରବିଶଙ୍କର, କେନ୍ଦୁଝରର ସ୍ୱରୂପାନନ୍ଦ ଜେନାଙ୍କ ଭଳି ଭାରତର ବିଭିନ୍ନ ସ୍ଥାନରୁ ୧୫ରୁ ଊର୍ଦ୍ଧ୍ୱ ଇଞ୍ଜିନିୟରିଂ ଛାତ୍ର ରହିଛନ୍ତି। ବିନା କୌଣସି ବୈଷୟିକ ସହାୟତାରେ ସେମାନେ ଏହି ଗେମ୍ ପ୍ରସ୍ତୁତ କରିଥିବା କହିଛନ୍ତି। ଡଚ୍ ସେନାଙ୍କ ଦ୍ୱାରା ଘେରାବନ୍ଦୀ ରହିଥିବା ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣୋ ଓ ପ୍ରଧାନମନ୍ତ୍ରୀ ସାହାରିଆରଙ୍କୁ ବିଜୁ ବାବୁ ବୀରତ୍ୱର ପରାକାଷ୍ଠା ଦେଖାଇ ନିଜ ଡାକୋଟା ବିମାନରେ ଉଦ୍ଧାର କରି ଦିଲ୍ଲୀରେ ପହଞ୍ଚାଇଥିଲେ। ଏପରି ସାହସିକତା ଦେଖାଇ ସାରା ବିଶ୍ୱକୁ ଚକିତ କରିଥିବା ବିଜୁବାବୁ ପରବର୍ତ୍ତୀ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା, କଳିଙ୍ଗ ଏୟାରଲାଇନ୍ସ ପ୍ରତିଷ୍ଠାତା, କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ମଧ୍ୟ ରହିଥିଲେ। ଇଣ୍ଡୋନେସିଆ ସରକାରଙ୍କ ପକ୍ଷରୁ 'ଭୂମିପୁତ୍ର' ସମ୍ମାନ ପ୍ରଦାନ କରାଯାଇଥିଲା। ବିଶ୍ୱବାସୀଙ୍କ ନିକଟରେ ବିଜୁଙ୍କ ବୀରତ୍ୱର ଗାଥା ପହଞ୍ଚାଇବା ପାଇଁ ପ୍ରଥମକରି ଓଡ଼ିଶାରେ ଓଡ଼ିଆରେ ପ୍ରସ୍ତୁତ ହୋଇଛି ଏହି ନିଃଶୁଳ୍କ ଗେମ୍ 'ଭୂମିପୁତ୍ର'। ଏହି ଗେମ୍‌ରେ ଜାକର୍ତ୍ତା କଲିଂ, ବାଲିଯାତ୍ରା ଓ ଭୂମିପୁତ୍ର ନାମକ ୩ଟି ପର୍ଯ୍ୟାୟ ବା ଲେଭଲ ରହିଛି। ପ୍ରତି ଉନ୍ନୀତ ଲେଭଲ ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଏହି ଗେମ୍‌ରେ ଆଧୁନିକ ଅସ୍ତ୍ରଶସ୍ତ୍ରକୁ ମଧ୍ୟ ସାମିଲ କରାଯାଇଛି। ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଏହି ଗେମ୍ ଖେଳିବା ସହିତ ଓଡ଼ିଶାର ଇତିହାସକୁ ମନେ ରଖିବେ। ସରକାରୀ ବା ବେସରକାରୀ ପ୍ରୋତ୍ସାହନ ମିଳିଲେ ଆଗକୁ ଓଡ଼ିଶାକୁ ନେଇ ଆହୁରି ଅନେକ ଗେମ୍ ପ୍ରସ୍ତୁତ କରାଯିବ ଓ ଭୁବନେଶ୍ୱରକୁ ଗେମ୍ ହବ୍ କରିବାକୁ ଲକ୍ଷ୍ୟ ରହିଥିବା ଦୀପେଶ ସୂଚନା ଦେଇଛନ୍ତି। ଇଚ୍ଛୁକ ପିଲା gauravgo.comକୁ ଯାଇ ଏହି ଗେମ୍‌ଟିକୁ ଡାଉନ୍‌ଲୋଡ୍ କରିପାରିବେ ବୋଲି ସେ କହିଛନ୍ତି।




ଜେନ୍ ଫାଉଣ୍ଡେଶନ ପକ୍ଷରୁ ଶନିବାରଠାରୁ ଭୁବନେଶ୍ୱର ବରମୁଣ୍ଡାଠାରେ ଶାଢ଼ି ଓ ବୟନକଳାକୁ ନେଇ ଆରମ୍ଭ ହୋଇଥିବା ଦୁଇଦିନିଆ ବାଇଲୋ ପ୍ରଦର୍ଶନୀରେ ଦିବ୍ୟାଙ୍ଗ ଶିଶୁଙ୍କ ର୍ୟାମ୍ପ୍ ଶୋ'।

## ମହାନଦୀରେ ଛଡ଼ାଗଲା ଉଦ୍ଧାର କୁମ୍ଭୀର

**ବାରଙ୍ଗ, ୫।୩(ଡି.ଏନ୍.ଏ.)**

ପାହାଳ ଥାନା ଅଧୀନ ନହରକଣ୍ଟା ନିକଟ ପୁରୀ ମୁଖ୍ୟ କେନାଲରୁ ଶୁକ୍ରବାର ଉଦ୍ଧାର ହୋଇଥିବା ୧୨ଫୁଟ ଲମ୍ବର ଅଣ୍ଡିରା ଘଡ଼ିଆଳ କୁମ୍ଭୀରକୁ ମହାନଦୀରେ ଛଡ଼ାଯାଇଛି। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ କୁମ୍ଭୀର ବିଶେଷଜ୍ଞ ପ୍ରଫେସର ସୁଦର୍ଶନ ମହାରଣାଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ଅପରାହ୍ନରେ କୁମ୍ଭୀରଟିକୁ ସାତକୋଶିଆ ନିକଟ ମହାନଦୀରେ ଛାଡ଼ିଥିଲେ। ଅନ୍ୟପକ୍ଷରେ ନନ୍ଦନକାନନର ୩୬ ନମ୍ବର(ଚ) ଏନ୍‌କ୍ଲୋଜରରେ ଏକ ମାଈ କଟାସ ଗୁରୁବାର ଦୁଇ ଶାବକ ଜନ୍ମ ଦେଇଛି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ତେଜିଲା

**ପୁରୀ ଅଫିସ,୫।୩**

- ଅନୁମୋଦନପତ୍ର ସାର୍ବଜନୀନ କରାଯାଉ
- ବେଆଇନ ନିର୍ମାଣ ବନ୍ଦ ଦାବିରେ ବିକ୍ଷୋଭ




ପ୍ରକଳ୍ପ ନିର୍ମାଣ କାର୍ଯ୍ୟସ୍ଥଳରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଜୋରଦାର ଚାଲିଥିବାବେଳେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଏବଂ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍‌ଏମ୍‌ଏ)ଙ୍କ ଅନୁମୋଦନକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ନିର୍ମାଣକାରୀ ସଂସ୍ଥା ଓବିସିସି ପର୍ଯ୍ୟନ୍ତ ସମସ୍ତେ ପ୍ରକଳ୍ପକୁ ନେଇ କୌଣସି ସମସ୍ୟା ନ ଥିବା କହୁଛନ୍ତି। ଅନ୍ୟପକ୍ଷରେ ପ୍ରକଳ୍ପ କାର୍ଯ୍ୟ ପାଇଁ ଆବଶ୍ୟକ ଏନ୍‌ଏମ୍‌ଏର ଅନୁମୋଦନପତ୍ରକୁ ସାର୍ବଜନୀନ କରିବା ପାଇଁ ସାଧାରଣରେ ଦାବି ଉଠୁଥିଲେ ମଧ୍ୟ ପ୍ରଶାସନ ଚୁପ୍ ବସିଛି। ପୁରୀର ବିଭିନ୍ନ ଅନୁଷ୍ଠାନ ମଧ୍ୟ ଏସମ୍ପର୍କରେ ପ୍ରଶ୍ନ ଉଠାଇଲେଣି। ଏହି କ୍ରମରେ ଶ୍ରୀଜଗନ୍ନାଥ ସେନା ସ୍ୱର ଉଠାଇଛି। ଶ୍ରୀମନ୍ଦିର ସମ୍ମୁଖ ଓ ପୂର୍ବ–ଦକ୍ଷିଣ କୋଣରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ସ୍ଥଳରେ ଶନିବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଜାତୀୟ ସ୍ମାରକୀ ପ୍ରାଧିକରଣ ଏବଂ ଆମ୍‌ସାର୍ ଆଇନ(୧୯୫୮) ୨୦(କ) ଅନୁଯାୟୀ, ମହାନ କୀର୍ତ୍ତିରାଜିର ଶହେ ମିଟର ନିଷିଦ୍ଧାଞ୍ଚଳ ଅଟେ। ଏହା ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ମାତ୍ର ରାଜ୍ୟ ସରକାର ନିୟମ ଉଲ୍ଲଂଘନ କରି ପ୍ରକଳ୍ପ କାର୍ଯ୍ୟ କରୁଛନ୍ତି। ସାଧାରଣ ଲୋକେ ଶହେ ମିଟର ପରିଧି ମଧ୍ୟରେ କୋଠାବାଡ଼ି ରଖିପାରିବେ ନାହିଁ ଓ ନିର୍ମାଣ କାର୍ଯ୍ୟ କରିପାରିବେ ନାହିଁ ବୋଲି କହି ପୂର୍ବରୁ ରାଜ୍ୟ ସରକାର ଉଚ୍ଛେଦ କରିଥିଲେ। ଏବେ ସରକାର କିପରି ଆଇନ ଭାଙ୍ଗୁଛନ୍ତି ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ମେଘନାଦ ପ୍ରାଚୀରଠାରୁ ଶହେ ମିଟର ମଧ୍ୟରେ ନିର୍ମାଣ ବେଆଇନ ବୋଲି ରାଜ୍ୟ ସରକାରଙ୍କୁ ଜଣାଥିବା ସତ୍ତ୍ୱେ ଗତ ନଭେମ୍ବର ୨୪ରେ ଶିଳାନ୍ୟାସ କରାଗଲା। ଏଥିରୁ ସ୍ପଷ୍ଟ ଯେ, ରାଜ୍ୟ ସରକାର ମନମୁଖି ଭାବେ ଆଇନକୁ ଉଲ୍ଲଂଘନ କରି ନିର୍ମାଣ କାର୍ଯ୍ୟ କରିବା ପାଇଁ ଚାହୁଁଛନ୍ତି। ମାତ୍ର ଏଭଳି ଆଭିମୁଖ୍ୟକୁ ଗ୍ରହଣ କରାଯିବ ନାହିଁ। ଶ୍ରୀମନ୍ଦିର ସୁରକ୍ଷାକୁ ପ୍ରାଥମିକତା ଦିଆଯିବ ଓ ଶହେ ମିଟର ମଧ୍ୟରେ ବେଆଇନ କାର୍ଯ୍ୟକୁ ବନ୍ଦ କରାଯିବ। ମେସିନରେ ଖନନ ଯୋଗୁ ଶ୍ରୀମନ୍ଦିର ଭିତ୍ତିଭୂମି ପ୍ରଭାବିତ ହେଉଛି। କିଛିଦିନ ତଳେ ଏଏସ୍‌ଆଇ ଡିଜି ବିଦ୍ୟାଭାରତୀ ପୁରୀ ଆସି ଏଭଳି ଆଶଙ୍କା ସମ୍ପର୍କରେ ପ୍ରଶାସନକୁ ଅବଗତ କରାଇଥିଲେ। ଏହା ସତ୍ତ୍ୱେ ସରକାର ନିର୍ମାଣ କାର୍ଯ୍ୟ ଚାଲୁ ରଖିଲେ। ଶ୍ରୀଜଗନ୍ନାଥ ସେନା ଏନେଇ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବ। ଏହା ପୂର୍ବରୁ ନୂଆଦିଲ୍ଲୀ ଯାଇ ଏଏସ୍‌ଆଇ ଡିଜିଙ୍କୁ ଭେଟିବ ବୋଲି ପଟ୍ଟନାୟକ କହିଛନ୍ତି। ସେହିପରି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ଏଏସ୍‌ଆଇ ଏବଂ ଏନ୍‌ଏମଏ ଅନୁମୋଦନ କ୍ରମେ ସରକାର ପ୍ରକଳ୍ପ କାର୍ଯ୍ୟ କରନ୍ତୁ। ଅନୁମୋଦନପତ୍ର ନ ଥିଲେ ପ୍ରକଳ୍ପ କାର୍ଯ୍ୟ ବେଆଇନ। ତେଣୁ ଅନୁମୋଦନପତ୍ର ସାର୍ବଜନୀନ ହେବା ଦରକାର। କଂଗ୍ରେସ ନେତା ବିନାୟକ ଦାସମହାପାତ୍ର କହିଛନ୍ତି, ସରକାର ସମସ୍ତ ଷ୍ଟେକ ହୋଲ୍ଡରଙ୍କୁ ଏକାଠି କରି ଆଲୋଚନା କରିବା ସହ ସତ୍ୟାସତ୍ୟ ପ୍ରକାଶ କରନ୍ତୁ। ନଚେତ୍ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ତୀବ୍ର କରିବ। ସେହିପରି ଖନନ କାର୍ଯ୍ୟକୁ ବିରୋଧ କରି ଆମ୍ ଆଦମୀ ପାର୍ଟି ପକ୍ଷରୁ ଛତିଶା ନିଯୋଗକୁ ଚିଠି ଲେଖାଯାଇ ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରାଯାଇଛି। ଏଏପି ଆବାହକ ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ବେଆଇନ ନିର୍ମାଣ କଥାରେ କେତେ ସତ୍ୟାସତ୍ୟ ରହିଛି ତାହା ଜାଣିବା ପାଇଁ ଛତିଶା ନିଯୋଗର ସହଯୋଗ ଲୋଡ଼ିଛୁ। ସେମାନେ ପରିଚାଳନା କମିଟି ଓ ପ୍ରଶାସନ ସହ ଆଲୋଚନା କରି ସାଧାରଣ ଲୋକଙ୍କୁ ସତ୍ୟ ଅବଗତ କରାନ୍ତୁ।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅରୂପାନନ୍ଦ



@ ବାଦଲ



@ ବିଶ୍ୱନାଥ



@ ସନ୍ତୋଷ



@ ରଶ୍ମି



@ ଜ୍ୟୋତିରଞ୍ଜନ

## ବୀରକିଶୋର ବଲ୍ଲଭରୁ ଲିଙ୍ଗରାଜଙ୍କ ନୀତି ବନ୍ଦ

**ପୁରୁଣା ଭୁବନେଶ୍ୱର,୫।୩(ଡି.ଏନ୍.ଏ.)**

### ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ପ୍ରସଙ୍ଗ

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିରେ ଶନିବାର ବ୍ୟତିକ୍ରମ ଦେଖାଦେଇଛି। ବୀରକିଶୋର ବଲ୍ଲଭ ନୀତି ପରଠାରୁ ଅପରାହ୍ନ ୫ଟା ୪୦ରୁ ନୀତି ବନ୍ଦ ରହିଛି। ୭ବର୍ଷ ଧରି ବନ୍ଦ ରହିଥିବା ହାଣ୍ଡିଭଙ୍ଗା ଯାତ୍ରା ଏବର୍ଷ ନ ହେବାରୁ ଏଭଳି ସ୍ଥିତି ଉପୁଜିଛି। କପିଳେଶ୍ୱର ମନ୍ଦିରର ଖୁଣ୍ଟିଆ ଓ ମଲ୍ଲିଆ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ମହାଶିବରାତ୍ରି ପରେ ପ୍ରଥମ ଶନିବାର ଲିଙ୍ଗରାଜ କପିଳେଶ୍ୱର ମନ୍ଦିର ଯାତ୍ରା କରିପାରି ନ ଥିଲେ। ଫଳରେ ହାଣ୍ଡିଭଙ୍ଗା ଯାତ୍ରା ନେଇ କୌଣସି ବ୍ୟବସ୍ଥା ହୋଇ ନ ଥିଲା। ଏହାକୁ ବିରୋଧ କରି ଶନିବାର ପାଳିଆ ସେବାୟତମାନେ ବୀରକିଶୋର ବଲ୍ଲଭଠାରୁ ନୀତି ବନ୍ଦ ରଖିଥିଲେ। ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ମହାସୁପକାର କହିଛନ୍ତି, ଶିବରାତ୍ରି ପୂର୍ବରୁ ହାଣ୍ଡିଭଙ୍ଗା ଯାତ୍ରା ପୁନଃ କରିବା ପାଇଁ ମନ୍ଦିର ପ୍ରଶାସନକୁ ଚିଠି ଲେଖିଥିଲୁ। ଜିଲା ପ୍ରଶାସନ ଖୁଣ୍ଟିଆ ଓ ମଲ୍ଲିଆ ସେବାୟତଙ୍କୁ ମନେଇବାରେ ବିଫଳ ହେବାରୁ ବୀରକିଶୋର ବଲ୍ଲଭରୁ ନୀତି ବନ୍ଦ ରଖିଛୁ।



ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଶନିବାର ଓଡ଼ିଶା ଭେଟେରାନ ସ୍ପୋର୍ଟସ ପର୍ସନ ଆସୋସିଏଶନ ପକ୍ଷରୁ କଟକ ଆନନ୍ଦଭବନ ନିକଟରୁ ବାହାରିଥିବା ମିନି ମାରାଥନ।



ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ପାଳନ ଅବସରରେ ଶନିବାର ବିଧାନସଭା ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ ଓ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।



ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପାର୍କରେ ଶନିବାର ହେଲ୍‌ଥ ଆଣ୍ଡ ଯୋଗ ସେଣ୍ଟର ପକ୍ଷରୁ ଦୁଇଜଣ ଶିଶୁ ଯୋଗ ପ୍ରଦର୍ଶନ କରୁଛନ୍ତି।


ରୁଷିଆ ଆକ୍ରମଣରେ ୟୁକ୍ରେନ୍‌ର ଏକ ସହରରେ ଜଳୁଥିବା ଘର ସାମ୍ନା ଦେଇ ଜଣେ ଭୟଭୀତ ମହିଳା ପଳାଇଯାଉଛନ୍ତି ।


ୟୁକ୍ରେନ୍ ଛାଡ଼ିବା ପୂର୍ବରୁ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ରେଳ ଷ୍ଟେଶନରେ ଚୁମ୍ବନ ଦେଇ ବିଦାୟ ନେଉଛନ୍ତି ।

## ୧୦ମ ଦିନରେ ଯୁଦ୍ଧ

➩ୟୁକ୍ରେନ୍ ସଙ୍କଟ ବାବଦରେ ରୁଷିଆ ସହ ତୃତୀୟ ପର୍ଯ୍ୟାୟ ବୈଠକ ସୋମବାର ବସିବ ବୋଲି କ୍ୱିଭ୍ ପକ୍ଷରୁ କୁହାଯାଇଛି । ଏ ନେଇ ୟୁକ୍ରେନ୍ ପ୍ରତିନିଧି ଡେଭିଡ୍ ଆରାଖାମଲିୟା ଏକ ଫେସ୍‌ବୁକ୍ ପୋଷ୍ଟରେ ସୂଚନା ଦେଇଛନ୍ତି ।

➩ଯୁଦ୍ଧର ୧୦ମ ଦିନରେ ରୁଷିଆ ୟୁକ୍ରେନ୍‌ର ବିଭିନ୍ନ ସହରରେ ଆକ୍ରମଣ ଜାରି ରଖିଛି । ଚେର୍ନିହିଭ୍ ସହରରେ ଏକାଧିକ ବୋମା ଓ ମିଶାଇଲ ମାଡ଼ କରାଯାଇଛି ।

➩ରୁଷିଆ ସୈନ୍ୟଙ୍କ କ୍ଷେପଣାସ୍ତ୍ର ଓ ସେଲ୍ ମାଡ଼ରେ ଏପର୍ଯ୍ୟନ୍ତ ୩୫୦ରୁ ଊର୍ଦ୍ଧ୍ୱ ୟୁକ୍ରେନ୍ ନାଗରିଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦୭ ଜଣ ଆହତ ହୋଇଥିବା ଜାତିସଂଘ କହିଛି

➩ରୁଷିଆର ୧୦ହଜାର ସୈନିକ ନିହତ ହୋଇଥିବା ୟୁକ୍ରେନ୍ ଦାବି କରିଛି ।

➩ବେଲାରୁଷ ବ୍ୟତୀତ ରୁଷିଆର ଫ୍ଲାଗ୍‌ଶିପ୍ କ୍ୟାରିୟର ଏରୋଫ୍ଲଟ ଏହାର ଅନ୍ତର୍ଜାତୀୟ ଉଡ଼ାଣ ଆସନ୍ତା ୮ ତାରିଖରୁ ବନ୍ଦ କରିବ ବୋଲି ଘୋଷଣା କରାଯାଇଛି ।

➩ୟୁକ୍ରେନ୍ ସଙ୍କଟ ପ୍ରସଙ୍ଗରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନାଫତାଲି ବେନେଟ୍ ଶନିବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଭେଟି ଆଲୋଚନା କରିଛନ୍ତି । ଏହା ପରେ ବେନେଟ୍ ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜଙ୍କୁ ସାକ୍ଷାତ କରିବା ନିମନ୍ତେ ବର୍ଲିନ ଅଭିମୁଖେ ବାହାରିଯାଇଥିବା ବେନେଟ୍‌ଙ୍କ ପ୍ରବକ୍ତା ଏକ ବିବୃତିରେ ଜଣାଇଛନ୍ତି ।

➩ରୁଷିଆ ସୈନ୍ୟଙ୍କ ଆକ୍ରମଣ ଭିତରେ ୟୁକ୍ରେନ୍‌ର ଅନେକ ପ୍ରମୁଖ ୱେବ୍‌ସାଇଟକୁ ସାଇବର ଆଟାକ କରାଯାଉଥିବା କ୍ୱିଭ୍ ସାଇବର ୱାଚ୍‌ଡଗ୍ ଏଜେନ୍ସି ପକ୍ଷରୁ କୁହାଯାଇଛି ।

➩ ପ୍ରାକୃତିକ ଗ୍ୟାସ ପାଇଁ ରୁଷିଆ ଉପରେ ନିର୍ଭରଶୀଳ ନ ହେବା ନିମନ୍ତେ ଜର୍ମାନୀ ଏହାର ଉତ୍ତର ସାଗର ଉପକୂଳରେ ଲିକ୍ୱିଇଫାଏଡ୍ ନାଚୁରାଲ ଗ୍ୟାସ୍ (ଏଲ୍‌ଏନ୍‌ଜି) ଟର୍ମିନାଲ ନିର୍ମାଣ କରିବ ବୋଲି ଜର୍ମାନୀ ମନ୍ତ୍ରୀ ରୋବର୍ଟ ହାବେକ୍ କହିଛନ୍ତି ।

➩ଫେସ୍‌ବୁକ୍ ସମେତ ଅନ୍ୟ କେତେକ ୱେବ୍‌ସାଇଟକୁ ରୁଷିଆରେ ବ୍ଲକ କରାଯାଇଛି । ପେ ପଲ୍ ମଧ୍ୟ ଏହାର ସେବାକୁ ରୁଷିଆରେ ବନ୍ଦ କରିଛି ।

# ୟୁକ୍ରେନ୍‌ରେ ଅସ୍ତ୍ରବିରତି ଉଲ୍ଲଂଘନ

**କ୍ୱିଭ୍, ୫।୩**

ୟୁକ୍ରେନ୍ ଉପରେ ଆକ୍ରମଣ କରିବାର ୧୦ମ ଦିନରେ ରୁଷିଆ ଶନିବାର ସାମୟିକ ଅସ୍ତ୍ରବିରତି ଘୋଷଣା କରିଛି । ୟୁକ୍ରେନ୍‌ର ମାରିୟୁପୋଲ ଏବଂ ଭୋଲନୋଭାଖା ସହରରୁ ଲୋକେ ସୁରକ୍ଷିତ ବାହାରିବା ନିମନ୍ତେ ଶନିବାର ଭାରତୀୟ ସମୟ ପ୍ରାୟ ସାଢ଼େ ୧୧ଟାରେ ମାନବ କରିଡର ନିର୍ମାଣ କରାଯିବା ବାବଦରେ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସକାଳେ କୁହାଯାଇଥିଲା । ବେଲାରୁଷ ସୀମା ବ୍ରେଷ୍ଟରେ ରୁଷିଆ ଓ ୟୁକ୍ରେନ୍ ପ୍ରତିନିଧିଙ୍କ ମଧ୍ୟରେ ଗୁରୁବାର ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ସାଧାରଣ ନାଗରିକଙ୍କୁ ସୁରକ୍ଷିତ ସ୍ଥାନାନ୍ତର ଉପରେ ହୋଇଥିବା ଆଲୋଚନାରେ ଉଭୟ ପକ୍ଷ ସହମତ ହୋଇଥିଲେ । ପ୍ରାୟ ସାଢ଼େ ୬ ଘଣ୍ଟା ପର୍ଯ୍ୟନ୍ତ ଯୁଦ୍ଧବିରତି କରାଯିବା ନେଇ ରୁଷିଆ ପକ୍ଷରୁ କୁହାଯାଇଥିଲା । ତେବେ ଅସ୍ତ୍ରବିରତିର କିଛି ସମୟ ପରେ ରୁଷିଆ ସୈନ୍ୟ ବୋମା ବର୍ଷଣ କରିଥିବା ମାରିୟୁପୋଲ କର୍ତ୍ତୃପକ୍ଷ ଅଭିଯୋଗ ଆଣିଛନ୍ତି । ଏଥିଯୋଗୁ ଲୋକେ ସେଠାରୁ ବାହାରିପାରୁ ନ ଥିବା ସେ କହିଛନ୍ତି । ସେମାନେ ଆତଙ୍କିତ ଅଛନ୍ତି । ଫଳରେ ବାହାରକୁ ଆସିଥିବା ଲୋକଙ୍କୁ ପୁନଃ ସେମାନଙ୍କ ଘରକୁ ପଠାଯାଉଛି । ଏହା ଉପରେ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ପ୍ରତିକ୍ରିୟା ରଖିଛି । ସହରରୁ ଲୋକଙ୍କୁ ବାହାରକୁ ଯିବାକୁ ଦିଆଯାଉ ନ ଥିବା ରୁଷିଆ କହିଛି । ୟୁକ୍ରେନ୍‌ର 'ରାଷ୍ଟ୍ରବାଦୀ' ଲୋକ ଜନସାଧାରଣଙ୍କୁ ଅଟକାଉଛନ୍ତି । ମାନବୀୟ କରିଡର ନିର୍ମାଣ ବେଳେ ରୁଷିଆ ସୁରକ୍ଷାବଳ ଉପରେ ଆକ୍ରମଣ କରାଯାଇଥିବା କ୍ରେମଲିନ୍ ପକ୍ଷରୁ କୁହାଯାଇଛି । ଫଳରେ ଅସ୍ତ୍ରବିରତିକୁ ରୋକି ଦିଆଯାଇଥିବା ଜଣାଯାଇଛି ।

ମାରିୟୁପୋଲ ବ୍ଲାକ୍ ସାଗରରେ ୟୁକ୍ରେନ୍‌ର ସବୁଠୁ ବଡ଼ ବନ୍ଦର ଏବଂ କ୍ରିମିଆ ଏବଂ ରୁଷିଆ ମଧ୍ୟରେ ଥିବା ଏକ ପ୍ରମୁଖ ସହର । ଯଦି ରୁଷିଆ ମାରିୟୁପୋଲକୁ କବ୍‌ଜା କରିନିଏ ତେବେ ପୂର୍ବ ୟୁକ୍ରେନ୍‌ର ଲୁହାନ୍‌ସ୍କ ଏବଂ ଡୋନେସ୍କକୁ ଯୋଡୁଥିବା ରୁଟ୍‌କୁ ନିୟନ୍ତ୍ରଣ କରିହେବ । ତେଣୁ ରୁଷିଆ ସୈନ୍ୟ ମାରିୟୁପୋଲ ସହରକୁ ଅକ୍ତିଆର କରିବା ନିମନ୍ତେ ଆକ୍ରମଣ ଜାରି ରଖିଛନ୍ତି । ଅନ୍ୟପକ୍ଷରେ ୟୁକ୍ରେନ୍‌କୁ ନୋ-ଫ୍ଲାଏ ଜୋନ୍ କରିବା ନିମନ୍ତେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କରିଥିବା ଅନୁରୋଧକୁ ନାଟୋ ପ୍ରତ୍ୟାଖାନ କରିଛି । ଏହା ନାଟୋର ଦୁର୍ବଳତା ବୋଲି କହି ଜେଲେନ୍‌ସ୍କି ସମାଲୋଚନା କରିଛନ୍ତି । ରୁଷିଆ ଆକ୍ରମଣରେ ଏବେଠାରୁ ଯେଉଁମାନେ ପ୍ରାଣ ହରାଇବେ ସେଥିପାଇଁ ନାଟୋ ତଥା ପାଶ୍ଚାତ୍ୟ ଦେଶ ଦାୟୀ ରହିବେ ବୋଲି ସେ କ୍ରୋଧ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ୟୁକ୍ରେନ୍‌ରେ ଯେଉଁ ଦେଶ ନୋ-ଫ୍ଲାଏ ଜୋନ କରିବ ସେହି ଦେଶ ପ୍ରତ୍ୟକ୍ଷ ଭାବେ ମସ୍କୋ ସହ ଯୁଦ୍ଧରେ ଭାଗ ନେଉଥିବା ଧରାଯିବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପାଶ୍ଚାତ୍ୟ ରାଷ୍ଟ୍ରକୁ ଚେତାବନୀ ଦେଇଛନ୍ତି ।



ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଯୁଦ୍ଧ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସ୍ଥାନୀୟ ବାସିନ୍ଦା ।

■୨ ସହରରେ ଯୁଦ୍ଧବିରତି ଘୋଷଣା କରିଥିଲା ରୁଷିଆ
■ସର୍ତ୍ତ ଉଲ୍ଲଂଘନ ଅଭିଯୋଗ ଆଣିଲେ ଉଭୟ ପକ୍ଷ
■ସହର ଛାଡ଼ିବାକୁ ବାହାରିଥିବା ଲୋକେ ପୁଣି ଘରମୁହାଁ

## ଅସ୍ତ୍ରବିରତି ଚାପ ପକାଉଛି ଭାରତ

ସୁମିରେ ଫସିଥିବା ୭୦୦ ଭାରତୀୟ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଭାରତ ସରକାର ୟୁକ୍ରେନ୍ ଓ ରୁଷିଆ ଉପରେ ଅସ୍ତ୍ରବିରତି ପାଇଁ ଚାପ ପକାଉଛନ୍ତି । ଏ ନେଇ ବହିର୍ବ୍ୟାପାର ସଚିବ ଅରିନ୍ଦମ ବାଗଚୀ କହିଛନ୍ତି, ସୁମିରୁ ନିଜ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର ମୁଖ୍ୟ ପ୍ରସଙ୍ଗ । ସେଥିପାଇଁ କେନ୍ଦ୍ର ସରକାର ସବୁ ପ୍ରକାର ଚେଷ୍ଟା କରୁଛନ୍ତି । ଅସ୍ତ୍ର ବିରତି ପାଇଁ ରୁଷିଆ ଏବଂ ୟୁକ୍ରେନ୍ ସରକାରଙ୍କୁ ଏ ବିଷୟରେ ଅବଗତ କରାଯାଇଛି ।

### ସୁମିରେ ଫସିଛନ୍ତି ଭାରତୀୟ

ସୁମିରୁ ବାହାରିବା ପାଇଁ ଯାତାୟାତ ସୁବିଧା ନ ଥିବାରୁ ଉଦ୍ଧାର କାର୍ଯ୍ୟରେ ବଡ଼ ବାଧା ସୃଷ୍ଟି ହେଉଥିବା ବାଗଚୀ କହିଛନ୍ତି । ଉଦ୍ଧାର ପାଇଁ ଫସିଥିବା ଭାରତୀୟ ଛାତ୍ରୀଛାତ୍ର ଭିଡିଓ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଥିଲେ, ଯାହାପରେ କେନ୍ଦ୍ର ସେମାନଙ୍କୁ ଭାରତ ଫେରାଇ ଆଣିବାକୁ ପ୍ରସ୍ତୁତି ଆରମ୍ଭ କରିଛି ।

## ରୁଷିଆରେ 'ମିଥ୍ୟା ଖବର' ଆଇନ

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ 'ମିଥ୍ୟା ଖବର' ବିଲ୍‌ରେ ଦସ୍ତଖତ କରିଛନ୍ତି । ୟୁକ୍ରେନ୍ ପ୍ରସଙ୍ଗରେ ରୁଷୀୟ ସୈନ୍ୟଙ୍କ ବାବଦରେ ଭୁଲ୍ କିମ୍ବା ମିଥ୍ୟା ଖବର ପ୍ରସାରଣ କଲେ ଏହି ଆଇନ ବଳରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହେବ । ଏଥିସହ

### ଦୋଷୀଙ୍କୁ ହେବ ୧୫ ବର୍ଷ ଜେଲ

ରୁଷିଆ ଉପରେ କଟକଣା ଲାଗିବାକୁ ଆହ୍ୱାନ ଦେଉଥିବା ବ୍ୟକ୍ତିଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ଜରିମାନା କରାଯିବା ସଂକ୍ରାନ୍ତୀୟ ଆଉ ଏକ ବିଲ୍‌ରେ ପୁଟିନ୍ ଦସ୍ତଖତ କରିଛନ୍ତି ।

## 'ୟୁକ୍ରେନ୍‌ରେ ବଳାତ୍କାର କରୁଛନ୍ତି ରୁଷିଆ ସୈନ୍ୟ'

**ଲଣ୍ଡନ,୫।୩:** ୟୁକ୍ରେନ୍‌ର ବିଭିନ୍ନ ସହରରେ ରୁଷିଆ ସୈନ୍ୟମାନେ ବଳାତ୍କାର କରୁଥିବା ଅଭିଯୋଗ ହୋଇଛି । ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା ଏଭଳି ଅଭିଯୋଗ ଆଣିଥିବାବେଳେ ଏହା ଉପରେ କୌଣସି ପ୍ରମାଣ ଦେଇପାରି ନାହାନ୍ତି । ଦୁର୍ଭାଗ୍ୟର କଥା ଯେ, ୟୁକ୍ରେନ୍ ସହର ଉପରେ ବୋମାମାଡ଼ ହେଉଥିବାବେଳେ ସେଠାରେ ରୁଷିଆ ସୈନ୍ୟମାନେ ମହିଳାଙ୍କୁ ବଳାତ୍କାର କରୁଛନ୍ତି । ଏଭଳି ଅନେକ ଘଟଣା ଘଟିଲାଣି । ତେଣୁ ଅନ୍ତର୍ଜାତୀୟ ଆଇନର ସାମର୍ଥ୍ୟ ଉପରେ କହିବାକୁ କଷ୍ଟ ଲାଗୁଛି ବୋଲି କୁଲେବା ଲଣ୍ଡନଠାରେ ଏକ କାର୍ଯ୍ୟକ୍ରମରେ କହିଛନ୍ତି ।


ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା


କ୍ୱିଭ୍ ନିକଟ ଇର୍ପିନ୍ ସହରରେ ରୁଷିଆ ସେଲ୍ ମାଡ଼ରେ ଏକ ବ୍ରିଜ୍ ଭୁଶୁଡ଼ି ପଡ଼ିଥିବାବେଳେ ଜଣେ ୟୁକ୍ରେନ୍ ସୈନ୍ୟ ଏକ ଶିଶୁକୁ ସେଠାରୁ ନେଇଯାଉଛନ୍ତି ।

# ଯୁଦ୍ଧରେ ସାମିଲ ହେବନି ବେଲାରୁଷ

**ମିନ୍‌ସ୍କ,୫।୩**

ୟୁକ୍ରେନ ଉପରେ ରୁଷିଆର ସାମରିକ ଅଭିଯାନରେ ବେଲାରୁଷ୍ ସୈନ୍ୟ ସାମିଲ ହେବେ ନାହିଁ ବୋଲି ଏହାର ନେତା ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ଶୁକ୍ରବାର କହିଛନ୍ତି । ମସ୍କୋର ଘନିଷ୍ଠ ସହଯୋଗୀ ଲୁକାଶେଙ୍କୋ କହିଛନ୍ତି, ଏନେଇ ସେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ସହ ଟେଲିଫୋନ୍ ଯୋଗେ ଦୀର୍ଘ ସମୟ ଆଲୋଚନା କରିଛନ୍ତି । ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଲାଗି ବେଲାରୁଷ୍ ଅଞ୍ଚଳକୁ ବ୍ୟବହାର କରୁଛି ।

ଯୁଦ୍ଧରେ ଲିପ୍ତ ଦୁଇ ଦେଶ ସହ ବେଲାରୁଷ୍ ସୀମା ଲାଗିରହିଛି । ରୁଷିଆ ସହିତ ବେଲାରୁଷ୍‌ର ଘନିଷ୍ଠତା ରହିଥିବାବେଳେ ଯୁଦ୍ଧ ସମୟରେ ଏହା ଅନିଶ୍ଚିତ ସ୍ଥିତିର ସମ୍ମୁଖୀନ ହୋଇଛି । ଯୁଦ୍ଧ ଅଟକାଇବା ପାଇଁ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷିଆ ଉପରେ ଅର୍ଥନୈତିକ ପ୍ରତିବନ୍ଧକ ଲଗାଇଥିବାବେଳେ ଏହାର ପ୍ରଭାବ ବେଲାରୁଷ୍ ଉପରେ ପଡ଼ିବାକୁ ଯାଉଛି । ରୁଷିଆ-ୟୁକ୍ରେନ୍ ଯୁଦ୍ଧ ରୋକିବା ଲାଗି ବେଲାରୁଷ୍ ସୀମାରେ ଉଭୟ ପକ୍ଷ ମଧ୍ୟରେ ଦୁଇଥର ଆଲୋଚନା ହେଲାଣି । ତେବେ ଏଥିରୁ କୌଣସି ସକାରାତ୍ମକ ନିଷ୍କର୍ଷ ବାହାରିପାରି ନାହିଁ । ଅତୀତରେ ମଧ୍ୟ ବେଲାରୁଷ୍ ଦୁଇ ଦେଶ ମଧ୍ୟରେ ବୁଝାମଣା ସ୍ଥଳ ଭାବେ ବ୍ୟବହୃତ ହୋଇଆସିଛି । ୨୦୧୪ ଏବଂ ୨୦୧୫ରେ ପୂର୍ବ ୟୁକ୍ରେନ୍ ବିବାଦ ଦୂର କରିବା ଲାଗି ବେଲାରୁଷ୍ ରାଜଧାନୀ ମିନ୍‌ସ୍କଠାରେ ଉଭୟ ଦେଶ ଦୁଇଟି ରାଜିନାମା ସ୍ୱାକ୍ଷର କରିଥିଲେ ।

ବେଲାରୁଷ୍‌ରେ ରୁଷିଆ କ୍ଷେପଣାସ୍ତ୍ର, ହେଲିକପ୍ଟର ଓ ରକେଟ ରଖି ୟୁକ୍ରେନ୍ ଉପରେ ଆକ୍ରମଣ କରୁଥିବାରୁ ସେଠାରେ ମସ୍କୋ ସହ ଆଲୋଚନା କରିବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି ପ୍ରଥମେ ରାଜି ନ ଥିଲେ । ତେବେ ୟୁକ୍ରେନ୍ ପ୍ରତିନିଧିଙ୍କ ଯାତାୟାତ ବେଳେ ବେଲାରୁଷ୍‌ରେ ରୁଷିଆର କ୍ଷେପଣାସ୍ତ୍ର ଓ ଯୁଦ୍ଧବିମାନରୁ ଆକ୍ରମଣ ହେବନାହିଁ ବୋଲି ଲୁକାଶେଙ୍କୋ ସରକାର ପ୍ରତିଶ୍ରୁତି ଦେବା ପରେ ଉଭୟ ପକ୍ଷ ଆଲୋଚନାରେ ସାମିଲ ହୋଇଥିଲେ ।

ବେଲାରୁଷ୍ ଯୁଦ୍ଧରେ ସାମିଲ ହେବନାହିଁ ବୋଲି ଲୁକାଶେଙ୍କୋ ଶୁକ୍ରବାର ଘୋଷଣା କରିଛନ୍ତି । ତେବେ ବେଲାରୁଷ୍ ସୈନ୍ୟ ଯୁଦ୍ଧରେ ସାମିଲ ହୋଇସାରିଥିବା ଦିନକ ପୂର୍ବରୁ ୟୁକ୍ରେନ୍ ସୈନ୍ୟବାହିନୀ ପକ୍ଷରୁ ଅଭିଯୋଗ କରାଯାଇଥିଲା । ୟୁକ୍ରେନ୍ ଆକ୍ରମଣରେ ରୁଷିଆକୁ ସମର୍ଥନ କରି ବେଲାରୁଷ୍ ସୈନ୍ୟ ପଠାଇବାକୁ ପ୍ରସ୍ତୁତି ଚଳାଇଛି ବୋଲି ଗତ ସପ୍ତାହରେ ଆମେରିକାର ଜଣେ ଶୀର୍ଷ ଅଧିକାରୀ ଗଣମାଧ୍ୟମକୁକହିଥିଲେ । ଗତମାସ ୨୭ରେ ବେଲାରୁଷ୍‌ରେ ସାମ୍ବିଧାନିକ ଜନମତ ନିଆଯାଇ ଏହାର ଅଣଆଣବିକ ମାନ୍ୟତାକୁ ରଦ୍ଦ କରିବାକୁ ଅନୁମତି ଦିଆଯାଇଥିଲା । ଫଳରେ ରୁଷିଆ ସେଠାରେ ଆଣବିକ ଯୁଦ୍ଧାସ୍ତ୍ର ରଖିବା ଲାଗି ବାଟ ଫିଟିଯାଇଥିଲା ।

ଲୁକାଶେଙ୍କୋଙ୍କ କହିବା ଅନୁଯାୟୀ, ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର କଟକଣା ୟୁକ୍ରେନ୍ ଆକ୍ରମଣକୁ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ନେଇଯାଇପାରେ । ନାଟୋ ଓ ଏହାର ସହଯୋଗୀମାନେ ଯଦି ପଡୋଶୀ ଦେଶରେ ଆଣବିକ ଅସ୍ତ୍ର ମୁତୟନ କରନ୍ତି, ତେବେ ବେଲାରୁଷ୍ ମଧ୍ୟ ଆଣବିକ ଅସ୍ତ୍ର ମୁତୟନ ପାଇଁ ପୁଟିନ୍‌ଙ୍କ ସହ ରାଜି ବୋଲି ଲୁକାଶେଙ୍କୋ କହିଥିଲେ । ପୁଟିନ୍ ମଧ୍ୟ ଏହାର ଆଣବିକ ବାହିନୀକୁ ହାଇ ଆଲର୍ଟରେ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।


ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ

**ଏଭେରେଡିର ଅଂଶଧନ କିଣିବ ଡାବର ଇଣ୍ଡିଆ**

**କଲିକତା :** ଦେଶର ସର୍ବପୁରାତନ ବ୍ୟାଟେରି କମ୍ପାନୀ ଏଭେରେଡିର ଅଂଶଧନ ବିକ୍ରି ହେବାକୁ ଯାଉଛି ବୋଲି ସୂଚନା ମିଳିଛି। ବିଶେଷକରି କମ୍ପାନୀର ଅଂଶଧନକୁ ଡାବର ଇଣ୍ଡିଆ ଅଧିଗ୍ରହଣ କରିପାରେ ବୋଲି କୁହାଯାଉଛି। ଏ ନେଇ ମଧ ଏଭେରେଡି ଇଣ୍ଡଷ୍ଟ୍ରିଜର ପରିଚାଳନାରେ ଏକ ବଡ଼ ଧରଣର ଅଦଳବଦଳ ଚାଲିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଚେୟାରମ୍ୟାନ ଆଦିତ୍ୟ ଖୈତାନ ଓ ପରିଚାଳନା ନିର୍ଦ୍ଦେଶକ ଅମୃତାଂଶୁ ଖୈତାନ ପ୍ରମୁଖ ସେମାନଙ୍କ ପଦରୁ ଇସ୍ତଫା ମଧ ଦେଇଛନ୍ତି। ସେହିଭଳି ଡାବର ଇଣ୍ଡିଆ ମଧ ଏ ନେଇ ନିକଟରେ ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚିତ କରିଛି। ଏଭେରେଡିର ୨୬% ଅଂଶୀଦାରି କ୍ରୟ ନେଇ ମଧ ଡାବର ଉଲ୍ଲେଖ କରିଛି।

# ମୁଥୁଟ୍ ଗ୍ରୁପ୍ ପକ୍ଷରୁ ମାସେ ବ୍ୟାପୀ ସିଏସ୍ଆର୍ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ, ୫।୩




ଦି ମୁଥୁଟ୍ ଗ୍ରୁପ୍ କମ୍ପାନିଜ୍‌ର ଚେୟାରମ୍ୟାନ୍ ସ୍ୱର୍ଗତ ଏମ୍‌ଜି ଜର୍ଜ ମୁଥୁଟ୍‌ଙ୍କ ପ୍ରଥମ ସ୍ମରଣ ଦିବସ ଅବସରରେ ସର୍ବଭାରତ ସ୍ତରୀୟ ମାସେ ବ୍ୟାପୀ ସ୍ୱତନ୍ତ୍ର ସିଏସ୍ଆର୍ ପଦକ୍ଷେପ ନିଆଯିବ। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ଏକମାସ ପର୍ଯ୍ୟନ୍ତ ଚାଲିବ। ସ୍ୱର୍ଗତ ମୁଥୁଟ୍ ଜଣେ ଦୂରଦର୍ଶୀ ତଥା ପ୍ରଭାବଶାଳୀ ନେତୃତ୍ୱ କ୍ଷମତାର ଅଧିକାରୀ ଥିଲେ ଏବଂ ସର୍ବଦା ସମାଜ ପାଇଁ କିଛି ଉତ୍ତମ କାର୍ଯ୍ୟ କରିବା ଦିଗରେ ପ୍ରୟାସ କରୁଥିଲେ। ତେଣୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ପାଇଁ ମୁଥୁଟ୍ ପରିବାର ଏବଂ ମୁଥୁଟ୍ ଗ୍ରୁପ୍ ପକ୍ଷରୁ ବିଭିନ୍ନ ସିଏସ୍ଆର୍ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମଗୁଡିକ ମଧ୍ୟରେ ଅବହେଳିତ ଲୋକଙ୍କ ପାଇଁ ମୁଥୁଟ୍ ଆଶିଆନା ହାଉସିଂ ପ୍ରୋଜେକ୍ଟ, ଦିବ୍ୟାଙ୍ଗଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ, ସ୍ୱାସ୍ଥ୍ୟସେବା ସୁବିଧା, ପିଲାଙ୍କୁ ଶିକ୍ଷା ସହାୟତା ଏବଂ ଛାତ୍ରବୃତ୍ତି ପ୍ରଦାନ, ସ୍ଥାୟୀ ଜୀବିକା ପ୍ରଦାନ ଦିଗରେ ସହାୟତା ଏବଂ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମୁଥୁଟ୍ ଗ୍ରୁପ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକ୍‌ଜାଣ୍ଡାର ଜର୍ଜ ମୁଥୁଟ୍ ପିତାଙ୍କୁ ମନେପକାଇ ସେ ଜଣେ ଦୂରଦର୍ଶୀ ବ୍ୟବସାୟୀ ଏବଂ ସତ୍ୟନିଷ୍ଠ ସାମାଜିକ କର୍ମୀ ବୋଲି କହିଛନ୍ତି। ମୁଥୁଟ୍ ଗ୍ରୁପ୍ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା ୧୦୦୦ ଲୋକଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖାଯାଇଛି।

## ସୋମବାର ଏଲ୍ଆଇସି ଉପରେ ଲାଗିପାରେ ସେବି ମୋହର

ନୂଆଦିଲ୍ଲୀ, ୫।୩

ଆଗାମୀ ଆର୍ଥିକ ବର୍ଷ ସୁଦ୍ଧା ଜୀବନ ବୀମା ନିଗମ (ଏଲ୍ଆଇସି)ର ସାର୍ବଜନିକ ସୂଚୀକୁ ସାର୍ବଜନୀନ କରିବା ସମ୍ଭାବନା ଉପରେ କେନ୍ଦ୍ର ସରକାର ଚେଷ୍ଟା ଚଳାଇଛନ୍ତି। ଦି ଡ୍ରାଫ୍ଟ ରେଡ୍ ହରିଙ୍ଗ୍ ପ୍ରସ୍ପେକ୍ଟସ୍(ଡିଆର୍ଏଚ୍‌ପି) ପାଇଁ ମାର୍କେଟ୍ ରେଗୁଲେଟରଙ୍କର ମଞ୍ଜୁରୀ ମିଳିବା ପରେ ସରକାର ଏ ସମ୍ପର୍କରେ ଆଗକୁ ବଢ଼ିବେ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଏହାଛଡ଼ା ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ବୀମାକାରୀଙ୍କ ଡିଆର୍ଏଚ୍‌ପି ପାଇଁ ସୋମବାର ସମ୍ମତି ପ୍ରଦାନ କରିବେ ବୋଲି ସରକାର ଆଶା ରଖିଥିବା ଅଧିକାରୀ ଜଣକ କହିଛନ୍ତି।

# ସିଆଇଆଇ ଓଡ଼ିଶା ଷ୍ଟେଟ୍ କାଉନସିଲ୍ ଅଧ୍ୟକ୍ଷ ହେଲେ ଶ୍ରୀଧର ପାତ୍ର

ଭୁବନେଶ୍ୱର,୫।୩



ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଶ୍ରୀଧର ପାତ୍ରଙ୍କୁ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଓଡ଼ିଶା ଷ୍ଟେଟ୍ କାଉନସିଲ୍ ୨୦୨୨-୨୩ର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ମହାସଂଘ ପକ୍ଷରୁ ନିକଟରେ ଆୟୋଜିତ ପୁନର୍ଗଠିତ ଓଡ଼ିଶା ଷ୍ଟେଟ୍ କାଉନସିଲ୍‌ର ପ୍ରଥମ ବୈଠକ ଅବସରରେ ଏ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଏସାର ମିନ୍‌ମେଟ୍ ଲିମିଟେଡ୍‌ର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଶଶୀ ଶେଖର ମହାନ୍ତିଙ୍କୁ ସିଆଇଆଇ ଓଡ଼ିଶା ଷ୍ଟେଟ୍ କାଉନସିଲ୍‌ର ଉପାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ନାଲ୍‌କୋର ସିଏମ୍‌ଡି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ପାତ୍ର ନାଲ୍‌କୋର ଫାଇନାନ୍ସ ଡାଇରେକ୍ଟର ଭାବରେ କାର୍ଯ୍ୟ କରିଥିଲେ। ଏହାଛଡା ଗତ ୩ ଦଶନ୍ଧି ଧରି ପିଏସ୍‌ୟୁଗୁଡିକର ଫାଇନାନ୍ସ ଏବଂ ଆକାଉଣ୍ଟସ୍ କାର୍ଯ୍ୟ ସମ୍ଭାଳିବାର ଅଭିଜ୍ଞତା ତାଙ୍କ ନିକଟରେ ରହିଛି। ସେହିପରି ମହାନ୍ତିଙ୍କର ଷ୍ଟିଲ୍ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ଦୀର୍ଘ ୪୪ ବର୍ଷର ଅଭିଜ୍ଞତା ରହିଛି।

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



(ଆରୟନ୍)

**ଦିବ୍ୟାଂଶ ରଥ**

ସରିପୁର, ବାଲିପାଟଣା, ଖୋର୍ଦ୍ଧା

ଆଜି ୨ୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

**ଶୁଭେଚ୍ଛା ସହ:** ମାଆ, ବାବା, ମାମା, ନାନୀ, ଅଜା, ଆଇ, ମିମି, ମାମ୍ ଏବଂ ବନ୍ଧୁ ଓ ପରିବାରବର୍ଗ।

ଧ-୭୧୮୭୨

## ଏପ୍ରିଲ ୧ରୁ ନୂଆ ବୀମା ଦର

ନୂଆଦିଲ୍ଲୀ,୫।୩

କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ମନ୍ତ୍ରଣାଳୟ ଶନିବାର ବିଭିନ୍ନ ଯାନବାହନର ତୃତୀୟ ପକ୍ଷ (ଥାର୍ଡ ପାର୍ଟି) ବୀମା ଦର ବୃଦ୍ଧି ଲାଗି ପ୍ରସ୍ତାବ ରଖିଛନ୍ତି। ଏ ନେଇ ବିଧିବଦ୍ଧ ଭାବେ ଘୋଷଣା ସାଙ୍ଗକୁ ଏପ୍ରିଲ ୧ ରୁ କାର୍ ଓ ଦୁଇଚକିଆ ଯାନ ପାଇଁ ବାହନ ବୀମା ବାବଦ ବ୍ୟୟ ବୃଦ୍ଧି ହେବ ବୋଲି ଆଶଙ୍କା କରାଯାଉଛି। ଉକ୍ତ ପ୍ରସ୍ତାବର ସଂଶୋଧିତ ଦର ଅନୁସାରେ ଏ ପର୍ଯ୍ୟନ୍ତ ଘରୋଇ କାର୍ ପାଇଁ ଯେଉଁମାନେ ୨,୦୭୨ ଟଙ୍କାରେ ତୃତୀୟପକ୍ଷ ବୀମା ଦେଉଥିଲେ ବର୍ତ୍ତମାନ ଏହା ୨,୦୯୪ ଟଙ୍କା ଦେବାକୁ ପଡିବ। ସେହିପରି ୧ହଜାର ସିସିରୁ ୧୫ଶହ ସିସିର କାର୍ ଲାଗି ଏପର୍ଯ୍ୟନ୍ତ ପୈଠ କରାଯାଉଥିବା ୩,୨୨୧ଟଙ୍କା ବଦଳରେ ୩,୪୧୬ ଟଙ୍କା ଗାଡ଼ି ମାଲିକଙ୍କୁ ପୈଠ କରିବାକୁ ହେବ। ସେହିଭଳି ୧୫ଶହ ସିସିରୁ ଉର୍ଦ୍ଧ୍ୱ ବାହନର ତୃତୀୟ ପକ୍ଷ ବୀମା ଲାଗି ୭,୮୯୦ ଟଙ୍କା ବଦଳରେ ୭,୮୯୭ ଟଙ୍କା ପୈଠ କରିବାକୁ ପଡିବ। ଅପରପକ୍ଷରେ ୧୫୦ ସିସିରୁ ଅଧିକ ଓ ୩୫୦ ସିସିରୁ କମ୍ ଦୁଇଚକିଆ ଯାନ ଲାଗି ଏବେ ବାର୍ଷିକ ବୀମା ପ୍ରିମିୟମ ୧,୩୬୬ ଟଙ୍କା ପୈଠ କରିବାକୁ ହେବ। ୩୫୦ସିସିରୁ ଅଧିକ ଦୁଇଚକିଆ ଯାନ ଲାଗି ୨,୮୦୪ ଟଙ୍କା ପୈଠ କରିବାକୁ ହେବ। ଏହି ସଂଶୋଧିତ ବୀମା ପ୍ରିମିୟମ ୨୦୨୨ ଏପ୍ରିଲ ୧ରୁ ଲାଗୁ ହେବ ବୋଲି ସୂଚନା ମିଳିଛି। କୋଭିଡ୍ ମହାମାରୀ ଲାଗି ବୀମା ପ୍ରିମିୟମ ବୃଦ୍ଧି ପ୍ରସ୍ତାବ ୨ ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ଥିଲା।

## ଚାଇନାର ଜିଡିପି ଟାର୍ଗେଟ୍ ୫.୫%

**ନୂଆଦିଲ୍ଲୀ, ୫।୩:** ଚାଇନା ପକ୍ଷରୁ ଶନିବାର ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଲକ୍ଷ୍ୟ ୫.୫% ଧାର୍ଯ୍ୟ କରାଯାଇଛି। ୨୦୨୧-୨୨ ପାଇଁ ଜିଡିପି ଲକ୍ଷ୍ୟ ୬.୧% ଥିବା ବେଳେ ଆସନ୍ତା ବର୍ଷ ପାଇଁ ଏଥିରେ ହ୍ରାସ ଘଟିଛି। ପ୍ରଧାନମନ୍ତ୍ରୀ ଶି ଜିନ୍‌ପିଙ୍ଗ୍‌ଙ୍କ କହିବା ଅନୁସାରେ, ଆସନ୍ତା ବର୍ଷ ଦେଶର ଆର୍ଥିକ ବୃଦ୍ଧି ହାର ୫.୫% ରହିବା ସମ୍ଭାବନା ରହିଛି। ଦେଶ ବିଭିନ୍ନ କୋଭିଡ୍ ଲହର ସାମ୍ନା କରିଥିବାରୁ ପୂର୍ବ ବର୍ଷଗୁଡିକ ଅପେକ୍ଷା ୨୦୨୨-୨୩ରେ ଦେଶର ଆର୍ଥିକ ଅଭିବୃଦ୍ଧି କମ୍ ରହିବ ବୋଲି ସେ କହିଛନ୍ତି।

## ଚାଇନାର ପ୍ରତିରକ୍ଷା ବଜେଟରେ ୭.୧% ବୃଦ୍ଧି

**ନୂଆଦିଲ୍ଲୀ, ୫।୩:** ଶନିବାର ଚାଇନା ନିଜ ପ୍ରତିରକ୍ଷା ବଜେଟରେ ୭.୧% ବୃଦ୍ଧି କରିଛି। ଫଳସ୍ୱରୂପ ଗତବର୍ଷ ଚାଇନାର ପ୍ରତିରକ୍ଷା ବଜେଟ ୨୦୯ ବିଲିୟନ ଡଲାର ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ମୋଟ୍ ପ୍ରତିରକ୍ଷା ବଜେଟ ୨୩୦ ବିଲିୟନ୍ ଡଲାରରେ ପହଞ୍ଚିଛି। ଏହି ଅର୍ଥ ପରିମାଣ ଭାରତର ପ୍ରତିରକ୍ଷା ବଜେଟର ୩ ଗୁଣା। ଚାଇନା ଅଧିକାରୀଙ୍କ କହିବା ଅନୁସାରେ, ଚାଇନା ଦେଶର ସେନାକୁ ପ୍ରଶିକ୍ଷିତ କରାଇବା ଦିଗରେ ଅଧିକ ଧ୍ୟାନ ଦେଉଛି।

# ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଜିଓ ୱାର୍ଲ୍ଡ ସେଣ୍ଟର ଉଦ୍‌ଘାଟିତ

ମୁମ୍ବାଇ,୫।୩



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍ଆଇଏଲ୍) ପକ୍ଷରୁ ଦେଶର ସର୍ବବୃହତ୍ ଏବଂ ସମ୍ମାନଜନକ ବହୁମୁଖୀ ଗନ୍ତବ୍ୟସ୍ଥଳ ଜିଓ ୱାର୍ଲ୍ଡ ସେଣ୍ଟରର ଉଦ୍‌ଘାଟନ ନିକଟରେ ହୋଇଯାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ନିର୍ଦ୍ଦେଶିକା ଏବଂ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଚେୟାରପର୍ସନ ନୀତା ଅମ୍ବାନୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଦୃଷ୍ଟିକୋଣ ବଳରେ ସ୍ଥାପନ କରାଯାଇଥିବା ଏହି ସେଣ୍ଟର ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ୧୮.୫ ଏକର ପରିମିତ ଜମି ଉପରେ ସ୍ଥାପିତ ଏବଂ ଏହା ଏକ ପ୍ରତିଷ୍ଠିତ ବ୍ୟବସାୟ, ବାଣିଜ୍ୟ ଏବଂ ସାଂସ୍କୃତିକ ଗନ୍ତବ୍ୟସ୍ଥଳ ହେବାକୁ ଯାଉଛି। ଏହା ଭାରତ ଏବଂ ଏହାର ନାଗରିକମାନଙ୍କ ପାଇଁ ଏକ ବିଶ୍ୱଶ୍ରେଣୀୟ ଯୁଗାନ୍ତକାରୀ ସ୍ଥଳ ହେବ। ପ୍ରାରମ୍ଭିକ ଭାବେ ଧୀରୁଭାଇ ଅମ୍ବାନୀ ସ୍କୋୟାରର ଲୋକାର୍ପଣ ଏବଂ ମୁମ୍ବାଇ ମହାନଗର ପାଇଁ ମ୍ୟୁଜିକାଲ ଫାଉଣ୍ଟେନ୍ ଅଫ୍ ଜଏର ଉତ୍ସର୍ଗ ସହିତ ଭାରତର ସର୍ବବୃହତ୍ ଏବଂ ସୁନ୍ଦରତମ 'ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ ସେଣ୍ଟର'ର ଅନାବରଣ ଦ୍ୱାରା ଜିଓ ୱାର୍ଲ୍ଡ ସେଣ୍ଟର ପର୍ଯ୍ୟାୟକ୍ରମେ ଉଦ୍‌ଘାଟନ ହେବା କାର୍ଯ୍ୟକ୍ରମ ରହିଛି। ଏଠାରେ ରହିଛି ଏକ ସାଂସ୍କୃତିକ କେନ୍ଦ୍ର, ଏକ ମ୍ୟୁଜିକାଲ ଫାଉଣ୍ଟେନ, ଏକ ଉଚ୍ଚତର ରିଟେଲ ଅନୁଭୂତି, ବଛା ବଛା କାଫେଗୁଡିକର ସମ୍ଭାର ଏବଂ ଅତ୍ୟନ୍ତ ଆକର୍ଷଣୀୟ ରେସ୍ତୋରାଁ ସହିତ ସମସ୍ତ ସୁବିଧା ସୁଯୋଗ ଥିବା ଆପାର୍ଟମେଣ୍ଟ ଏବଂ କାର୍ଯ୍ୟାଳୟ ଓ ଅତ୍ୟାଧୁନିକ ସମ୍ମିଳନୀ ସ୍ଥଳ ଇତ୍ୟାଦି। ଏ ସମ୍ପର୍କରେ ନୀତା ଅମ୍ବାନୀ କହିଛନ୍ତି, ଜିଓ ୱାର୍ଲ୍ଡ ସେଣ୍ଟର ହେଉଛି ରାଷ୍ଟ୍ର ପ୍ରତି ଏକ ସମ୍ମାନର ନିଦର୍ଶନ ଏବଂ ନୂତନ ଭାରତର ଆଶା ଆକାଂକ୍ଷାର ପ୍ରତିଫଳନ। ସର୍ବବୃହତ୍ ସମ୍ମିଳନୀ ସ୍ଥଳ ଠାରୁ ନେଇ ସାଂସ୍କୃତିକ ଅନୁଭୂତି ଏବଂ ଯୁଗାନ୍ତକାରୀ ରିଟେଲ ଏବଂ ଭୋଜନାଳୟ ଆଦି ସୁବିଧା ସହିତ ଜିଓ ୱାର୍ଲ୍ଡ ସେଣ୍ଟରକୁ ମୁମ୍ବାଇର ଏକ ନୂଆ ପ୍ରତିଷ୍ଠିତ କେନ୍ଦ୍ରସ୍ଥଳ ଭାବରେ ପରିକଳ୍ପନା କରାଯାଇଛି।

# ଟିପିସିଓଡିଏଲ୍ ପକ୍ଷରୁ ଲାଇନମ୍ୟାନ ଦିବସ ପାଳିତ

ଭୁବନେଶ୍ୱର,୫।୩

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଲାଇନମ୍ୟାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଲାଇନମ୍ୟାନମାନଙ୍କ ଉତ୍ସର୍ଗୀକୃତ ଓ ଅକ୍ଳାନ୍ତ ସହାୟତା, ବିଶେଷକରି ମହାମାରୀ ସମୟରେ ସେମାନଙ୍କ ସହଯୋଗକୁ ଆଜିର କାର୍ଯ୍ୟକ୍ରମରେ ଉଚ୍ଚ ପ୍ରଶଂସା କରାଯାଇଛି। ଗତବର୍ଷ କର୍ମକ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ୭୬ଜଣ ଲାଇନମ୍ୟାନଙ୍କୁ ଶ୍ରେଷ୍ଠ ଲାଇନମ୍ୟାନ-୨୦୨୨ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ଉପସ୍ଥିତ ଥିବା ଲାଇନମ୍ୟାନମାନେ କହିଛନ୍ତି, ପ୍ରଥମ ଥର ଲାଗି ସେମାନଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଦିବସ ପାଳନ କରାଯିବା ସହ ସେମାନଙ୍କ କାର୍ଯ୍ୟକୁ ମାନ୍ୟତା ପ୍ରଦାନ କରାଯାଇଛି। ଟିପିସିଓଡିଏଲ୍‌ର ଏଭଳି ପଦକ୍ଷେପକୁ ସେମାନେ ପ୍ରଶଂସା କରିଛନ୍ତି। ସୁରକ୍ଷାକୁ ନିଜର ମୂଳ ମୂଲ୍ୟବୋଧ ଭାବେ ସର୍ବଦା ବଜାୟ ରଖୁଥିବା ଟିପିସିଓଡିଏଲ୍ ପକ୍ଷରୁ ଆଜିଠାରୁ ଜାତୀୟ ସୁରକ୍ଷା ସପ୍ତାହ ମଧ୍ୟ ପାଳନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ୍ କହିଛନ୍ତି, ଲାଇନମ୍ୟାନମାନେ ମହାମାରୀରେ

TPCODL
TP CENTRAL ODISHA DISTRIBUTION LIMITED
(A Tata Power and Odisha Government Joint Venture)

ଦୁଃସାହସ ପ୍ରଦର୍ଶନ କରି ୨୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ ଜାରି ରଖିବା ଲାଗି ସାର୍ବଜନୀନ ସ୍ଥାନରେ କାର୍ଯ୍ୟ କରି ସାଧାରଣ ସମୟରେ ମଧ୍ୟ ସେମାନେ ଅତ୍ୟଧିକ ତାପମାତ୍ରା ବା ପ୍ରାକୃତିକ ବିପର୍ଯ୍ୟୟକୁ ଭୟ ନକରି କାର୍ଯ୍ୟରତ ରହିଥାନ୍ତି। ଆମେ ଏହି ଅବସରରେ ସମସ୍ତ ଲାଇନମ୍ୟାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ଏବଂ ସର୍ବଦା ସୁରକ୍ଷା ନିୟମ ପାଳନ କରିବା ଲାଗି ଅନୁରୋଧ ମଧ କରୁଛୁ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟାଳୟ ସମେତ ୨୦ ଡିଭିଜନାଲ କାର୍ଯ୍ୟାଳୟ ଏବଂ ବିଭିନ୍ନ ବର୍ଗର ୧୫,୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

**ଫୁର୍‌ସତ୍**

# ପୁରାତନ ସ୍ୱାସ୍ଥ୍ୟ ଚିକିତ୍ସା ପେସା




ପ୍ରତିବର୍ଷ ମାର୍ଚ୍ଚ ୬ ତାରିଖକୁ ଜାତୀୟ ଦନ୍ତ ଚିକିତ୍ସକ ଦିବସ ଭାବରେ ପାଳନ କରାଯାଏ। ସମାଜରେ ସେମାନଙ୍କର ଅବଦାନକୁ ପ୍ରଶଂସା କରିବା ପାଇଁ ଦନ୍ତ ଚିକିତ୍ସକଙ୍କ ପାଇଁ ଏହା ଏକ ଦିନ। ଏହି ଅବସରରେ ମୌଖିକ ସ୍ୱଚ୍ଛତା ବିଷୟରେ ସଚେତନତା ସୃଷ୍ଟି କରାଯାଇଥାଏ। ପ୍ରାୟ ୧୭୦୦ ମସିହାରେ ଦନ୍ତ ଚିକିତ୍ସକମାନେ ବୃତ୍ତିଗତ ମାନ୍ୟତା ପାଇଥିଲେ। ଯଦିଓ ଏହା ପୂର୍ବରୁ ହିପୋକ୍ରେଟିସ ଏବଂ ଆରିଷ୍ଟଟଲ ଦନ୍ତ ଚିକିତ୍ସା ବିଷୟରେ ପୁସ୍ତକ ଲେଖିଥିଲେ ଏବଂ ଦନ୍ତ କ୍ଷୟ ହେବାର ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ୧୫୩୦ ମସିହାରେ ଦନ୍ତ ଚିକିତ୍ସା ସମ୍ବନ୍ଧୀୟ ଏକ ପୁସ୍ତକ 'ଦି ଲିଟିଲ ମେଡିସିନାଲ ବୁକ୍ ଫର୍ ଅଲ୍ କାଇଣ୍ଡସ୍ ଅଫ୍ ଡିଜିଜ୍ ଆଣ୍ଡ ଇନ୍‌ଫିର୍ମିଟିସ୍ ଅଫ୍ ଦ ଟିଥ୍' ପ୍ରକାଶିତ ହୋଇଥିଲା।

୧୭୨୪ ମସିହାରେ ପିଆର ଫାଉଚାର୍ଡ ନାମକ ଜଣେ ଫ୍ରେଞ୍ଚ୍ ସର୍ଜନଙ୍କୁ ଆଧୁନିକ ଦନ୍ତ ଚିକିତ୍ସାର ଜନକ ଭାବରେ ଘୋଷିତ କରାଯାଇଥିଲା। ଡାକ୍ତର ରଫିଉଦ୍ଦିନ୍ ଅହମ୍ମଦ ଭାରତର ଆଧୁନିକ ଦନ୍ତ ଚିକିତ୍ସାର ଜନକ ଭାବରେ ଜଣାଶୁଣା। ସେ ବଲ୍ଟିମୋର୍ କଲେଜ ଅଫ୍ ଡେଣ୍ଟାଲ ସର୍ଜରି ପ୍ରତିଷ୍ଠା କରିଥିଲେ।

ଦନ୍ତ ଚିକିତ୍ସକଙ୍କ ଦିବସ ପାଳନ ପାଇଁ କୌଣସି ନିର୍ଦ୍ଦିଷ୍ଟ ଇତିହାସ ନାହିଁ। ଏହାକୁ ମାର୍ଚ୍ଚ ୬ରେ ପାଳନ ପାଇଁ ମନୋନୀତ କରାଯାଇଛି। କାରଣ ୧୭୯୦ ମସିହାରେ ଏହି ଦିନ ଜଣେ ଆମେରିକୀୟ ଦନ୍ତ ଚିକିତ୍ସକ ଜନ୍ ଗ୍ରୀନ୍‌ଉଡ୍ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍‌ଙ୍କର ବ୍ୟକ୍ତିଗତ ଦନ୍ତ ଚିକିତ୍ସକ ଭାବରେ କାର୍ଯ୍ୟ କରିଥିଲେ। ସେ ପ୍ରଥମ ଫୁଟ୍ ଇଞ୍ଜିନ ବିକଶିତ କରିଥିଲେ। ଦନ୍ତ ଚିକିତ୍ସାକୁ ସର୍ବପୁରାତନ ଚିକିତ୍ସା ପେସା ଭାବେ ଗ୍ରହଣ କରାଯାଇଥାଏ।

ଭାରତରେ, ଇଣ୍ଡିଆନ୍ ଡେଣ୍ଟାଲ ଆସୋସିଏଶନ (ଆଇଡିଏ) ୧୯୪୬ରେ ଗଠନ ଡାକ୍ତର ରଫିଉଦ୍ଦିନ୍ ଅହମ୍ମଦଙ୍କ ଦ୍ୱାରା ହୋଇଥିଲା। ସମ୍ପ୍ରତି ଏହାର ସଦସ୍ୟ ସଂଖ୍ୟା ୭୫,୦୦୦ରୁ ଅଧିକ। ଦେଶରେ ଏହାର ୪୫୦ଟି ସ୍ଥାନୀୟ ଶାଖା, ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ରହିଛି। ଏହାର ଗୋଟିଏ ପ୍ରତିରକ୍ଷା ଶାଖା ମଧ ରହିଛି।



## ସୋନାକ୍ଷୀଙ୍କ ବିରୋଧରେ ୱାରେଣ୍ଟ

**ମୁରାଦାବାଦ:** ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ବିରୋଧରେ ଉତ୍ତରପ୍ରଦେଶର ମୁରାଦାବାଦ ଏସିଜେଏମ-୪ କୋର୍ଟ ଏକ ଜାମିନ ବିହୀନ ୱାରେଣ୍ଟ ଜାରି କରିଛନ୍ତି। କ୍ରମାଗତ ଭାବରେ କୋର୍ଟରେ ହାଜର ନହେବା କାରଣରୁ ଏହି ୱାରେଣ୍ଟ ଜାରି କରାଯାଇଥିବା କୁହାଯାଇଛି। ମୁରାଦାବାଦର ପ୍ରମୋଦ ଶର୍ମା ୨୦୧୮ରେ ସୋନାକ୍ଷୀ ସିହ୍ନାଙ୍କ ସମେତ ପାଞ୍ଚ ଜଣଙ୍କ ବିରୋଧରେ କଟଘର ପୋଲିସ ଷ୍ଟେଶନରେ ୩୬ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ନେଇ ମାମଲା ଦାଏର କରିଥିଲେ। ସୋନାକ୍ଷୀଙ୍କୁ ଗିରଫ କରି ଏପ୍ରିଲ ୨୪ ରେ କୋର୍ଟରେ ହାଜର କରିବାକୁ ପୋଲିସଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୪ ଏପ୍ରିଲରେ ହେବ। ପ୍ରମୋଦ ଶର୍ମା ଅଭିଯୋଗ ଅନୁସାରେ, ଚୁକ୍ତିନାମା କରିବା ପରେ ମଧ ସୋନାକ୍ଷୀ ଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସି ନ ଥିଲେ। ପ୍ରମୋଦ ଶର୍ମା, ଟ୍ୟାଲେଣ୍ଟ ଫୁଲଓନ ଏବଂ ଏକ୍ସିଡ ଏଣ୍ଟରଟେନମେଣ୍ଟ କମ୍ପାନୀ ମାଧ୍ୟମରେ ଇଣ୍ଡିଆ ଫ୍ୟାଶନ ଏବଂ ବିୟୁଟି ପୁରସ୍କାର ପାଇଁ ସୋନାକ୍ଷୀଙ୍କୁ ନିମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମ ୩୦ ସେପ୍ଟେମ୍ବର ୨୦୧୮ରେ ଦିଲ୍ଲୀର ଶ୍ରୀ ଫୋର୍ଟ ଅଡିଟୋରିୟମରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏ ନେଇ ସୋନାକ୍ଷୀଙ୍କୁ ୨୯ଲକ୍ଷ ୯୨ହଜାର ଟଙ୍କା ଦିଆଯାଇଥିଲା।




# ଇଦ୍‌ରେ ଟାଇଗର-୩

**ମୁମ୍ବାଇ:** ପୁଣିଥରେ ପରଦାରେ ଧମାଲ୍ କରିବାକୁ ପ୍ରସ୍ତୁତ ବଲିଉଡ୍ ଯୋଡି ସଲମାନ ଖାନ୍ ଓ କ୍ୟାଟ୍ରିନା କୈଫ୍। ଟାଇଗର-୩ର ୧ ମିନିଟ ୯ ସେକେଣ୍ଡର ଟିଜର ରିଲିଜ୍ ହୋଇଯାଇଛି। ଏଥିରେ କ୍ୟାଟ୍ରିନାଙ୍କ ଜବରଦସ୍ତ ଆକ୍ସନ ଦେଖିବାକୁ ମିଳିଛି। ଟିଜରର ଶେଷ ଭାଗରେ ସଲମାନ୍‌ଙ୍କ ଏଣ୍ଟ୍ରି ସହ ଧମାକାଦାର ଡାଏଲଗ୍ ରହିଛି। କ୍ୟାଟ୍ରିନାଙ୍କ ପ୍ରଶ୍ନରେ ଟାଇଗର ସବୁବେଳେ ରେଡି ବୋଲି ସଲମାନ୍ ଟିଜରରେ କହିଛନ୍ତି। ତେବେ ଏଥିରେ ଫିଲ୍ମର ରିଲିଜ୍ ତାରିଖ ଘୋଷଣା ହୋଇଛି। ଯଶରାଜ ବ୍ୟାନରରେ ନିର୍ମିତ ମନୀଷ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଏପ୍ରିଲ ୨୩ ତଥା ଇଦ୍ ଅବସରରେ ମୁକ୍ତିଲାଭ କରିବ। ମୁଭିର ଶୁଟିଂ ତୁର୍କି, ଅଷ୍ଟ୍ରିୟା ଓ ରୁଷ ଭଳି ସ୍ଥାନରେ କରାଯାଇଛି। ନିକଟରେ ଦିଲ୍ଲୀରେ ମଧ ସିନେମାର କିଛି ଅଂଶ ଶୁଟିଂ କରାଯାଇଛି। ଟାଇଗରର ପୂର୍ବ ଦୁଇ ଭାଗ ବଡ ପରଦାରେ ରେକର୍ଡ ଭାଙ୍ଗିଥିବାବେଳେ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ପ୍ରଥମ ଭାଗରେ କବିର ଖାନ ନିର୍ଦ୍ଦେଶନା ଦେଇଥିବାବେଳେ ଦ୍ୱିତୀୟ ଭାଗ 'ଟାଇଗର ଜିନ୍ଦା ହେ'ରେ ଅଲି ଆବାଜ ଜାଫର ନିର୍ଦ୍ଦେଶନା ଦେଇଥିଲେ। ତେବେ ଏହି ଫିଲ୍ମ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ଆଶା କରାଯାଉଛି।

# ସରକାରଙ୍କଠାରୁ ୧୯ କୋଟି ଠକେଇ

## ସାଜିଥିଲେ ୧୮୮ ପିଲାଙ୍କ ବାପା

**ଲଣ୍ଡନ:** ବ୍ରିଟେନ୍‌ରେ ରହୁଥିବା ଜଣେ ୪୦ ବର୍ଷୀୟ ବ୍ୟକ୍ତି ୧୮୮ ଜଣ ପିଲାଙ୍କ ମିଛ ବାପାର ପରିଚୟ ଦେଇ ସରକାରଙ୍କଠାରୁ ୧୯ କୋଟି ଟଙ୍କା ଠକିଥିବା ଖବର ସାମ୍ନାକୁ ଆସିଛି। ବେରୋଜଗାର ଏବଂ ପିଲାଙ୍କ ଦେଖାଶୁଣା କରିବା ପାଇଁ ବ୍ରିଟେନ ସରକାର ସହାୟତା ଯୋଗାଇଥାନ୍ତି। ତେବେ ଏହାର ଫାଇଦା ଉଠାଇ ଅଲ୍ଲୀ ବାନା ମହମଦ୍ କିଛି ସମ୍ପର୍କୀୟ ଏବଂ ସାଙ୍ଗଙ୍କ ସହାୟତା ନେଇ ସରକାରଙ୍କୁ ଠକିଛନ୍ତି। ସରକାରଙ୍କ ତରଫରୁ ତାଙ୍କୁ ଭତ୍ତା ମଧ୍ୟ ଦିଆଯାଉଥିଲା। ତାଙ୍କୁ ଚାଇଲ୍ଡ ସୁବିଧା ଏବଂ କ୍ରେଡିଟ୍ ପେମେଣ୍ଟ ମଧ୍ୟ ଭଲରେ ମିଳୁଥିଲା। ଗୋଟିଏ ନଂ.ରେ ଭତ୍ତା ପାଇଁ ଆବେଦନ କରୁଥିବାରୁ ରେଭିନ୍ୟୁ ଅଫିସରଙ୍କୁ ତାଙ୍କ ଉପରେ ସନ୍ଦେହ ହୋଇଥିଲା। ପରେ ଡିପାର୍ଟମେଣ୍ଟ ଏହାର ଯାଞ୍ଚ କରିବାରୁ ଘଟଣାର ସତ୍ୟତା ଧରାପଡ଼ିଥିଲା। ଏଥିରେ ଅଲ୍ଲୀଙ୍କ ସହ ୬ ଲୋକ ସାମିଲ ଥିଲେ। ତାଙ୍କୁ ୧୩ ବର୍ଷ ଲେଖାଏଁ ଜେଲ ଦଣ୍ଡ ଭାଗିବାକୁ ପଡିବ। ତେବେ ଅଲ୍ଲୀଙ୍କୁ ସାଢେ ୩ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ପୂର୍ବରୁ ସେ ଡ୍ରଗ୍ସ ମାମଲାରେ ୧୬ ବର୍ଷ ଜେଲରେ ସଜା କାଟିସାରିଛନ୍ତି। ଅଲ୍ଲୀଙ୍କ ପାଖାପାଖି ୭୦ ଅଲଗା ଅଲଗା ନାମରେ ୧୮୮ ପିଲାଙ୍କ ପାଇଁ ସହାୟତା ନେଇଥିବା ଜଣାପଡ଼ିଥିଲା।



**ମନେ ପଡ଼ନ୍ତି**

**ଦଶାହ ଉପଲକ୍ଷେ**



**୰ହୃଦାନନ୍ଦ ଦାଶ**

ଧଳପୁର (ନୟାଭାଗୀରଥିପୁର ଶାସନ)

ତିରୋଧାନ: ୨୫।୦୨।୨୦୨୨

ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ଆମ୍ଭେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ରାମଚଣ୍ଡୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ଅଣନାତି, ନାତୁଣୀ ଏବଂ ଦାଶ ପରିବାରବର୍ଗ ଓ ଶୁଭେଚ୍ଛୁ।

ଧ-୨୩୩୧୫

**୨୨ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦୁର୍ଯ୍ୟୋଧନ ବେହେରା**

ଲକ୍ଷ୍ମୀବଜାର, ଢେଙ୍କାନାଳ, ଭୂତପୂର୍ବଶାଖା ପରିଚାଳକ, ଏସ୍‌ବିଆଇ ବଇଣ୍ଡା ଶାଖା

ଆବିର୍ଭାବ: ୧୬।୦୪।୧୯୪୫
ତିରୋଧାନ: ୦୬।୦୩।୨୦୦୦

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମମାନଙ୍କର ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପତ୍ନୀ: ଇଲା, ପରିବାର ଓ ଆତ୍ମୀୟସ୍ୱଜନ।

ଧ-୭୦୩୮୪

# ନିଜ ଫୋନ୍



ବର୍ତ୍ତମାନ ମୋବାଇଲ୍ ଫୋନ୍ ସାଜିଛି ଅନେକଙ୍କ ପାଇଁ ପର୍ସନାଲ ଡାଟା ଷ୍ଟୋରେଜ୍‌ର ଏକ ବଳିଷ୍ଠ ମାଧ୍ୟମ। ଯେଉଁଥିପାଇଁ ଆବଶ୍ୟକ ସମୟରେ ହାତପାହାନ୍ତାରେ ତତ୍‌କ୍ଷଣାତ୍ ମିଳିଯାଉଛି ଫଟୋ, ଭିଡିଓ, ଭୋଟର କାର୍ଡ, ଆଧାର କାର୍ଡଠୁ ଆରମ୍ଭ କରି ବ୍ୟାଙ୍କ ପାସବୁକ୍ ପର୍ଯ୍ୟନ୍ତ ସବୁକିଛି। ତେବେ ଏହା ବେଶ୍ ସୁବିଧାଜନକ ହୋଇଥିଲେ ହେଁ କେବେ ଫୋନ୍ ଚୋରି ହେବା କିମ୍ବା ହଜିଯିବା ଅବା ଡାଟା ହ୍ୟାକ୍ ହୋଇଯିବା ଦ୍ୱାରା ପର୍ସନାଲ୍ ଡାଟା ଅନ୍ୟ ହାତକୁ ଯାଇ ଅପବ୍ୟବହାର ହେବାର ଆଶଙ୍କା ବଢ଼ିଥାଏ। ଏମିତିରେ ନିଜ ଡାଟା ସୁରକ୍ଷିତ ରଖିବାକୁ ହେଲେ କେତେକ ଦିଗ ପ୍ରତି ସଚେତନ ହେବା ଆବଶ୍ୟକ...

ମୋବାଇଲ୍ ଫୋନ୍ ବର୍ତ୍ତମାନ ପ୍ରାୟ ସଭିଙ୍କ ପାଇଁ ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଯାଇଛି। ବିଶେଷକରି ବିଭିନ୍ନ ଡାଟା ଷ୍ଟୋରେଜ୍ ପାଇଁ ଏହା ସବୁଠୁ ଅଧିକ ବ୍ୟବହାର ହେଉଛି। ହେଲେ ଏଥିରୁ ବି ବିଭିନ୍ନ କାରଣରୁ ଡାଟା ଚୋରି ହେବା ଯୋଗୁ ବିଭିନ୍ନ ସମସ୍ୟା ଉପୁଜୁଥିବାର ନଜିର ରହିଛି। ତେଣୁ ମୋବାଇଲ୍ ଫୋନ୍‌ରେ ନିଜ ଡାଟା ସୁରକ୍ଷିତ ରଖିବା ଲାଗି କେଉଁସବୁ ସିକ୍ୟୁରିଟି ଫିଚର ବ୍ୟବହାର କରିବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ...

**ଆଣ୍ଟି ଭାଇରସ୍ :** ଫୋନ୍‌ରେ ଅନେକ ସମୟରେ ଭାଇରସ୍ ଆସିବା କାରଣରୁ ଡାଟା ଲସ୍ ହେବାର ଆଶଙ୍କା ଥାଏ। ତେଣୁ ଡାଟା ସୁରକ୍ଷା ଲାଗି କୌଣସି ଭରସାଯୋଗ୍ୟ କମ୍ପାନୀର ୬ ମାସିଆ, ବର୍ଷକିଆ କିମ୍ବା ଅଧିକ ଅବଧିଯୁକ୍ତ ଆଣ୍ଟି ଭାଇରସ୍ ଇନ୍‌ଷ୍ଟାଲ୍ କରିପାରିବେ, ଯାହାକି ଆପଣଙ୍କ ଫୋନ୍‌କୁ ଅଟୋମେଟିକ୍ ସ୍କାନ୍, ମାଲ୍‌ୱେର୍ ଡିଟେକ୍ସନ୍, ଆଣ୍ଟି ଥେଫ୍ଟ, କଲ୍ ବ୍ଲକିଂ, ରିମୋଟ୍ ଲକ୍, ପ୍ରାଇଭେସି ସ୍କାନର ଭଳି ସୁବିଧା ଯୋଗାଇଦେବ।

**ଆପ୍ ଲକ୍ କରନ୍ତୁ:** ଆପଣ ନିଜ ଫୋନ୍‌ର ସମସ୍ତ ଡାଟା, କଣ୍ଟାକ୍ଟ ଆଦିକୁ ସୁରକ୍ଷିତ ରଖିବା ଲାଗି ଆପ୍ ଲକ୍ କରିବା ଆବଶ୍ୟକ। ବର୍ତ୍ତମାନ ଅଧିକାଂଶ ସ୍ମାର୍ଟଫୋନ୍‌ରେ ବିଲ୍ଟ ଇନ୍ ଆପ୍‌ଲକ୍ ଅପ୍ସନ ରହୁଛି। ଏହାକୁ ବ୍ୟବହାରକରି ପାରିବେ। ଫୋନ୍‌ର ବିଭିନ୍ନ ଇନ୍‌ଷ୍ଟଲ୍ଡ ଆପ୍‌କୁ ଅଲଗା ଅଲଗା ପାସ୍‌କୋଡ୍‌ରେ ଲକ୍ କରିପାରିବେ କିମ୍ବା ଫିଙ୍ଗରପ୍ରିଣ୍ଟ ସ୍କାନ୍ ଲକ୍ କରିପାରିବେ। ଆପଣଙ୍କ ଫୋନ୍‌ରେ ଏହି ଫିଚର ନ ଥିଲେ ମଧ୍ୟ ଆପଣ



ଡାଉନ୍‌ଲୋଡ୍ କରି ଏହାର ସୁବିଧା ନେଇପାରିବେ।

**ରଖନ୍ତୁ ବିଶ୍ୱସନୀୟ ଆପ୍:** ଅନେକେ ଇଣ୍ଟରନେଟ୍‌ରୁ ଯେକୌଣସି ଆପ୍ ଡାଉନ୍‌ଲୋଡ୍ କରିନିଅନ୍ତି ଏବଂ ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। କାରଣ ଏହାଦ୍ୱାରା ଆପଣଙ୍କ ଫୋନ୍‌କୁ ଭାଇରସ୍ ଆସିବା ସହ ପର୍ସନାଲ ଡାଟା ହ୍ୟାକ୍ ହେବା କିମ୍ବା ଅପବ୍ୟବହାର ହେବାର ଆଶଙ୍କା ବଢ଼ିଯାଏ। ତେଣୁ ଯେକୌଣସି ଆପ୍ କେବଳ ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ ହିଁ ଡାଉନ୍‌ଲୋଡ୍ କରନ୍ତୁ। ଏଥିରେ ଗୁଗୁଲ୍ ପ୍ରଥମେ ଯାଞ୍ଚ କରିବା ପରେ ହାନିକାରକ ଆପ୍‌କୁ ହଟାଇ ଦେଇଥାଏ ଏବଂ କେବଳ ସୁରକ୍ଷିତ ଆପ୍‌ଗୁଡିକୁ ହିଁ ଇନ୍‌ଷ୍ଟଲ୍ ହେବାକୁ ଦେଇଥାଏ।

**ନିୟମିତ ଅପ୍‌ଡେଟ୍ କରନ୍ତୁ:** ଫୋନ୍‌ର ସଫ୍ଟୱେର୍ ଏବଂ ଆପ୍‌ଗୁଡ଼ିକୁ ନିୟମିତ ଅପ୍‌ଡେଟ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ଅନେକେ ଗୁଗୁଲ୍‌ରୁ ଆପ୍ ଅପ୍‌ଡେଟ୍ ପାଇଁ ଆସୁଥିବା ନୋଟିଫିକେଶନ୍‌କୁ ଅଣଦେଖା କରିଥା'ନ୍ତି। ହେଲେ ଏପରି ନ କରି ଫୋନ୍‌ର ସୁରକ୍ଷା ଦୃଷ୍ଟିରୁ ଅପ୍‌ଡେଟ୍ କରିବା ଆବଶ୍ୟକ।

**ପାସ୍‌କୋଡ୍‌କୁ କରନ୍ତୁ ମଜଭୁତ:** ଯଦି ଆପଣଙ୍କ ଫୋନ୍‌ରେ ଫିଙ୍ଗରପ୍ରିଣ୍ଟ ସ୍କାନ୍ ଲକ୍ ଅଛି, ତେବେ ଏହାକୁ ବ୍ୟବହାର କରନ୍ତୁ। ହେଲେ ଏହି ଅପ୍ସନ୍ ନ ଥିଲେ ପାର୍ଟର୍ନ୍ ଲକ୍ ପାଇଁ ସହଜ ବଦଳରେ କିଛି ଭିନ୍ନ ପାର୍ଟର୍ନ ବାଛନ୍ତୁ। ଯଦି ପାସ୍‌କୋଡ୍ ରଖୁଛନ୍ତି, ତେବେ ସେଥିରେ ଜନ୍ମ ତାରିଖ, ନିଜ ନାମ କିମ୍ବା ଏଭଳି କିଛି ସହଜରେ ଜାଣି ହେବା ଭଳି କୋଡ୍ ବ୍ୟବହାର ନ କରି କିଛି ନୂଆ ତଥା ମଜଭୁତ ପାସ୍‌କୋଡ୍ ରଖନ୍ତୁ। ମନେରଖନ୍ତୁ, ବର୍ତ୍ତମାନ ଅନେକ ଫୋନ୍‌ରେ ଫେସ୍ ଅନ୍‌ଲକ୍ ଅପ୍ସନ ଆସୁଛି। ହେଲେ ଡାଟା ସିକ୍ୟୁରିଟି ଲାଗି ଏହା ନିରାପଦ ନୁହେଁ। କାରଣ ଆପଣଙ୍କ ଫଟୋ ଦ୍ୱାରା ମଧ୍ୟ କେହି ଏହାର ଲକ୍ ଖୋଲିପାରନ୍ତି।

### କ'ଣ କହନ୍ତି ଏମାନେ...

**ଦେବଜ୍ୟୋତି ଅବିନାଶ** (ଛାତ୍ର, ସରାଙ୍ଗ, ଢେଙ୍କାନାଳ): ଫୋନ୍ ପ୍ରତି ସବୁବେଳେ ସତର୍କ ଥାଏ। କାରଣ ଏଥିରେ ସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟଗୁଡ଼ିକ ସେଭ୍ କରି ରଖିଛି, ଆଉ ଏଥିପାଇଁ ନୂଆ ନୂଆ ଆପ୍ ବି ଡାଉନ୍‌ଲୋଡ୍ କରିଛି। ତେଣୁ ଯେତେବେଳେ ବି ବାହାରକୁ ଯାଏ ଫୋନ୍‌କୁ ବ୍ୟାଗ୍ ଭିତରେ ରଖିଥାଏ। କାରଣ ହାତରେ ଧରିଲେ ଚୋରି ହେବାର ଆଶଙ୍କା ଅଧିକ ଥାଏ। ଫୋନ୍‌ର ପାସ୍‌ୱାର୍ଡ୍‌କୁ ପ୍ରତି ମାସରେ ଚେଞ୍ଜ କରିଥାଏ। ତା'ଛଡ଼ା ସେଫ୍ଟି ପାଇଁ କେତେକ ଆପ୍‌କୁ ଲକ୍ କରି ରଖିଛି।

**ସୁପ୍ରିୟା ପାଠକ** (ଛାତ୍ରୀ, ଯୋବ୍ରା, କଟକ): ଫୋନ୍ ଏବେ ମୋ ପାଇଁ ଏକ ଅତ୍ୟାବଶ୍ୟକ ଜିନିଷ ପାଲଟି ଯାଇଛି। ତେଣୁ ଏହାକୁ ସୁରକ୍ଷିତ ଫୁଲ୍ କଭର୍‌ରେ ରଖିଛି, ଯେମିତିକି ଫୋନ୍ କେତେବେଳେ ବି ତଳେ ପଡ଼ିଲେ ହଠାତ୍ ଭାଙ୍ଗିଯିବନି। ସେହିପରି ଏଥିରେ ଥିବା ଡାଟାକୁ ସୁରକ୍ଷିତ ରଖିବା ଲାଗି ଫେସ୍ ଅନ୍ ଲକ୍ ସିକ୍ୟୁରିଟି ବ୍ୟବହାର କରେ। ଫଳରେ ଅନ୍ୟ କେହି ଯେମିତି ମୋ ଫୋନ୍ ଖୋଲି ବ୍ୟବହାର କରିପାରିବେ ନାହିଁ। ଏବେ ଫୋନ୍ ଚୋରି ବେଶି ହେଉଥିବାରୁ ବିଶେଷ ଭାବେ ସତର୍କ ରହୁଛି।

**ଶୁଭଙ୍କର ଜେନା** (ଭୁବନେଶ୍ୱର): ବର୍ତ୍ତମାନ ଟେକ୍ନୋଲୋଜି ଯୁଗରେ ଆମର ସବୁ ତଥ୍ୟ ସ୍ମାର୍ଟ ଫୋନରେ ହିଁ ରଖୁଛୁ। ଯଦି ଜଣଙ୍କ ସ୍ମାର୍ଟ ଫୋନ୍‌ର ସିକ୍ୟୁରିଟି ଢିଲା ରହିଥିବ, ତେବେ ତା'ର ସବୁ ତଥ୍ୟ ଚୋରି ହୋଇଯିବାର ଆଶଙ୍କା ରହିଥାଏ। ତେଣୁ ମୁଁ ମୋ ସ୍ମାର୍ଟ ଫୋନର ସିକ୍ୟୁରିଟି ପାଇଁ ବିଭିନ୍ନ ଆପ୍ ଲକ୍ ବ୍ୟବହାର କରୁଛି। ଯେମିତିକି ସ୍କ୍ରିନ ଲକ୍, ହ୍ୱାଟ୍ସଆପ୍‌ରେ ମଧ୍ୟ ଲକ୍ ପକାଇ ରଖିହେଉଛି। ସେମିତି ବ୍ୟକ୍ତିଗତ ଫଟୋ କିମ୍ବା ତଥ୍ୟକୁ ସିକ୍ୟୋର ରଖିବା ପାଇଁ ପ୍ରାଇଭେଟ୍ ଜୋନ ଆପ୍ ମଧ୍ୟ ବ୍ୟବହାର କରୁଛି।

**ସୁନନ୍ଦ ଦାସ** (ବାଲେଶ୍ୱର): ମୋର ବ୍ୟକ୍ତିଗତ ଫଟୋ ଓ ଡକ୍ୟୁମେଣ୍ଟ ରଖିବା ପାଇଁ ଏକ ପ୍ରାଇଭେଟ୍ ଆପ୍ ବ୍ୟବହାର କରିଥାଏ, ଯାହା କେବଳ ମୋ ଫିଙ୍ଗର୍‌ପ୍ରିଣ୍ଟ ଦ୍ୱାରା ଖୋଲିଥାଏ। ଏହାକୁ ଅନ୍ୟ କିଏ ଅନ୍‌ଲକ୍ କରିବାକୁ ଚେଷ୍ଟା କଲେ ଫ୍ରଣ୍ଟ କ୍ୟାମେରା ଦ୍ୱାରା ତା'ର ଫଟୋ ଉଠିଯାଏ। ଏଭଳି ଭାବରେ ମୁଁ ମୋର ପର୍ସନାଲ୍ ଜିନିଷକୁ ସୁରକ୍ଷିତ ରଖିଥାଏ।



ସୁପ୍ରିୟା



ଶୁଭଙ୍କର



ସୁନନ୍ଦ



ଦେବଜ୍ୟୋତି

## ଜାଣନ୍ତୁ ଦୁନିଆ

# ଆଇକ୍ୟାଚି ଲାଗିବ ଲାପ୍‌ଟପ୍

ଆଜିକାଲି ପ୍ରାୟ ଯୁବପିଢ଼ି ଲାପଟପ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି କରୋନା ପରଠୁ ଅନ୍‌ଲାଇନ୍ କ୍ଲାସ୍ ହେଉ କିମ୍ବା ଜବ୍ ପାଇଁ ଏହାର ବ୍ୟବହାର ବଢ଼ିଯାଇଛି। ତେବେ ଫ୍ୟାଶନପ୍ରିୟ ଯୁବପିଢ଼ି ନିଜ ଲାପ୍‌ଟପ୍‌କୁ ବି ଆଇକ୍ୟାଚି ଲୁକ୍ ଦେବାକୁ ପଛାଉ ନାହାନ୍ତି। ଯଦି ଆପଣ ବି ଏପରି କରିବାକୁ ଚାହାନ୍ତି, ତେବେ ଜାଣିରଖନ୍ତୁ କେତୋଟି ଟିପ୍ସ ...



➤ଲ୍ୟାପ୍‌ଟପ୍ ସ୍କ୍ରିନ୍‌ଠାରୁ ଆରମ୍ଭ କରି ୟୁଏସ୍‌ବି ଆସେସରିଜ୍ ପର୍ଯ୍ୟନ୍ତ ପ୍ରତ୍ୟେକକୁ ସଜାଇବା ଲାଗି ମାର୍କେଟ୍‌ରେ ଭଳିକି ଭଳି ଉପକରଣ ଉପଲବ୍ଧ। ତେଣୁ ଆପଣ ଚାହିଁଲେ ରିମୁଭେବଲ୍ ଲ୍ୟାପ୍‌ଟପ୍ ଡେକାଲ୍ ଏବଂ ଆକର୍ଷଣୀୟ ସ୍କ୍ରିନ୍ ଏବଂ କଭର ବ୍ୟବହାର କରିପାରିବେ। ବର୍ତ୍ତମାନ ବିଭିନ୍ନ ଆର୍ଟ ୱର୍କ ଥିବା ସ୍କ୍ରିନ୍ ସବୁଠୁ ଅଧିକ ଡିମାଣ୍ଡରେ ରହିଛି। କେବଳ ମାର୍କେଟ୍ ନୁହେଁ, ଅନ୍‌ଲାଇନ୍ ଶପିଂ ସାଇଟ୍‌ଗୁଡ଼ିକରୁ ମଧ୍ୟ ଏସବୁ ମଗାଇପାରିବେ।

➤ଏହି କଭରଗୁଡ଼ିକ ସହଜରେ କାଢ଼ି ହେଉଥିବାରୁ କେହି କେହି ଏକାଧିକ କଭର ମଧ୍ୟ ରଖି ଇଚ୍ଛାନୁସାରେ ବଦଳାଉଛନ୍ତି। ଏହି କଭର ସାଧାରଣତଃ ଜେଲାସ୍କ୍ରିନ୍, ହାର୍ଡ କେସ୍ ଏବଂ ସ୍ଲିଭ୍‌ସ।

➤ଲ୍ୟାପ୍‌ଟପ୍‌ର ସୁରକ୍ଷିତ ତଥା ସ୍କ୍ରାଚ୍ ପ୍ରୁଫ୍ ରଖିବା ଲାଗି ଅନେକେ ହାର୍ଡ କେସ୍ ବ୍ୟବହାର କରୁଥିଲେ ନିଜ ପସନ୍ଦର କଲର ହାର୍ଡ କେସ୍ ବ୍ୟବହାର କରି ଏହାର ସୌନ୍ଦର୍ଯ୍ୟ ବଢାଇ ପାରିବେ।

➤ସେହିପରି ମାଉସ୍ ଏବଂ ଚାର୍ଜର, ୟୁଏସ୍‌ବି ଆସେସରିଜ୍‌ର ମଧ୍ୟ ଖୁବ୍ ସୁନ୍ଦର ଡେକୋରେଶନ୍ କରିଛନ୍ତି।

➤ରଗ୍‌ଡ, ନିଓପ୍ରିନ୍ ଏବଂ ଷ୍ଟାଇଲିସ୍ ମଧ୍ୟରୁ ଲାପ୍‌ଟପ୍‌କୁ ଅଧିକ ଆକର୍ଷଣୀୟ ଲୁକ୍ ଦେଉଥିବାରୁ ଷ୍ଟାଇଲିସ୍ ସ୍ଲିଭ୍‌ସର ଚାହିଦା ସର୍ବାଧିକ। ତେବେ ଯୁବତୀମାନେ ଏହାକୁ ବେଶି ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

➤କି' ବୋର୍ଡର ମଧ୍ୟ ବିଭିନ୍ନ ସୁନ୍ଦର ଡିଜାଇନ୍‌ର ଷ୍ଟିକର ଅନେକେ ବ୍ୟବହାର କରୁଛନ୍ତି। ଏହା ନା କେବଳ କି' ବୋର୍ଡକୁ ଅପରିଷ୍କାର ଏବଂ ଶୀଘ୍ର ଲୁଜ୍ ହେବାରୁ ବଞ୍ଚାଉଛି ବରଂ ସମ୍ପୂର୍ଣ୍ଣ ଲ୍ୟାପଟପ୍‌ର ଲୁକ୍ ବଦଳାଇ ଦେଉଛି। ତେବେ କଲରଫୁଲ୍ ବ୍ୟାକ୍ ଗ୍ରାଉଣ୍ଡ ଉପରେ କି' ବୋର୍ଡ ଶର୍ଟକଟ୍ ଲେଖାଥିବା ଷ୍ଟିକର୍‌ର ବର୍ତ୍ତମାନ ଡିମାଣ୍ଡ ଅଧିକ ଥିବା ଦେଖିବାକୁ ମିଳୁଛି।



## ଏ ସପ୍ତାହର ପ୍ରଶ୍ନ

୧– ଇଣ୍ଟରନ୍ୟାଶନାଲ୍ ଆଟମିକ୍ ଏନର୍ଜି ଏଜେନ୍ସିର ହେଡ୍‌କ୍ୱାର୍ଟର.......ଠାରେ ଅବସ୍ଥିତ ?
୨– ପୃଥିବୀର ସବୁଠାରୁ ବଡ଼ ବେଙ୍ଗ ପ୍ରଜାତି .............. ?
୩– ସୂର୍ଯ୍ୟ ପୃଥିବୀଠାରୁ.......... ଗୁଣ ବଡ଼ ?
୪– .............. ନଦୀକୁ ଫାଦର ଅଫ୍ ଆଫ୍ରିକାନ୍ ରିଭର ବୋଲି କୁହାଯାଏ ?
୫– ଭାରତର ପ୍ରଥମ ଭ୍ରାମ୍ୟମାଣ ମହୁ ପ୍ରସ୍ତୁତକାରୀ ଭ୍ୟାନ୍ ........ ରାଜ୍ୟରେ ଶୁଭାରମ୍ଭ ହୋଇଛି ?

## ଗତ ଥରର ଉତ୍ତର

୧ ଚାଇନା
୨ ହଣ୍ଡୁରାସ୍
୩ ଉଗାଣ୍ଡା
୪ ସାଉଥ୍ ଆଫ୍ରିକା
୫ ପାରୁଛୁ ଘଷି

## ଉତ୍ତରଦାତା

➔ରୁଦ୍ରମାଧବ ଗୋସ୍ୱାମୀ, ପୁରୀ
➔ସୁମିତ୍ରା ନନ୍ଦ, ସାଲେପୁର
➔ଖଗେଶ୍ୱର ବଳିୟାରସିଂ, ନୂଆପଡ଼ା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଉଚ୍ଚତମ ପ୍ରତିମୂର୍ତ୍ତି



୧– ଷ୍ଟାଚ୍ୟୁ ଅଫ୍ ୟୁନିଟି, ଭାରତ.................................... ୨୪୦ ମି.
୨– ସ୍ପ୍ରିଙ୍ଗ୍ ଟେମ୍ପୁଲ୍ ବୁଦ୍ଧ, ଚାଇନା.................................... ୨୦୮ ମି.
୩– ଲେକ୍ୟୁନ୍ ସେକ୍ୟା, ମ୍ୟାନ୍‌ମାର.................................... ୧୨୯.୨ ମି.
୪– ଉଶିକୁ ଡାଇବୁସ୍ତୁ, ଜାପାନ.................................... ୧୨୦ ମି.
୫– ସେଣ୍ଡାଇ ଡାଇକ୍ୟାନନ୍, ଜାପାନ.................................... ୧୦୦ ମି.
୬– କ୍ୟାନ୍‌ଶୌ କ୍ୟାନ୍ୟାନ୍ ଗ୍ୱାନିନ୍ ଅଫ୍ ୱିଶାନ୍, ଚାଇନା.................... ୯୯ ମି.
୭– ଗ୍ରେଟ୍ ବୁଦ୍ଧ ଅଫ୍ ଥାଇଲାଣ୍ଡ.................................... ୯୨ ମି.
୮– ଡାଇ କ୍ୟାନନ୍ ଅଫ୍ କିଟା ନୋ ମିଆକୋ ପାର୍କ, ଜାପାନ................ ୮୮ ମି.
୯– 'ରୋଡିନା– ମାଟ୍' ଜୋଭ୍ୟୋଟ୍, ରୁଷିଆ.................................... ୮୫ ମି.
୧୦– ଆଓ୍ୱାଜି କ୍ୟାନନ୍, ଜାପାନ.................................... ୮୦ ମି.

# ନିଆରା ହୋଟେଲ

ବୁଲିବାକୁ ଗଲେ ବିଳାସପୂର୍ଣ୍ଣ ହୋଟେଲରେ ରହିବାକୁ ଅନେକେ ପସନ୍ଦ କରନ୍ତି । ତେଣୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ହୋଟେଲଗୁଡ଼ିକୁ ଭିନ୍ନ ଭିନ୍ନ ଡିଜାଇନ୍‌ରେ ସୁସଜ୍ଜିତ କରାଯାଇଥାଏ। ତେବେ ଏମିତି କିଛି ନିଆରା ହୋଟେଲ ରହିଛି, ଯାହା ହୁଏତ ଆପଣଙ୍କୁ ଅଜଣା ଥିବା। ଜାଣିବା ସେମିତି କିଛି ହୋଟେଲ ସମ୍ପର୍କରେ...



**ଟ୍ରି ହୋଟେଲ, ସ୍ୱିଡେନ୍–** ନାଁ ଶୁଣିକି ହୁଏତ ଆଶ୍ଚର୍ଯ୍ୟ ହେଉଥିବେ। କିନ୍ତୁ ଏହା ସତ। ସ୍ୱିଡେନ୍‌ର ଲୁଲେ ନଦୀ ଉପତ୍ୟକାରେ ଏହି ହୋଟେଲ୍ ଉପସ୍ଥିତ। ଗଛ ଉପରେ ତିଆରି ହୋଇଥିବା ଏହି ହୋଟେଲଟି କ୍ୟୁବ୍ ଆକାରର, ଯାହାର ଚାରିପଟ ମିରର୍ ଦ୍ୱାରା ଆଚ୍ଛାଦିତ। ଗଛଗୁଡ଼ିକର ପ୍ରତିଫଳନ ଏହା ଉପରେ ପଡୁଥିବାରୁ ହୋଟେଲଟି ସୁନ୍ଦର ଦେଖାଯାଏ। 'ଦ ଟ୍ରି ଲଭର୍' ଫିଲ୍ମରୁ ଅନୁପ୍ରାଣିତ ହୋଇ ଜୋନାସ୍ ସେଲ୍‌ବର୍ଗ ଅଗଷ୍ଟସେନ୍ ଏହି ହୋଟେଲଟି ତିଆରି କରିଥିଲେ।

**ସନ୍ କ୍ରୁଇଜ୍ ରିସର୍ଟ, ସାଉଥ୍ କୋରିଆ–** ସୂର୍ଯ୍ୟକିରଣ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଏହି ସ୍ଥାନଟି ବେଶ୍ ପ୍ରସିଦ୍ଧ। ହୋଟେଲଟି ଜାହାଜ ଆକୃତିରେ ତିଆରି ହୋଇଛି, ଯାହା ସେଠାରେ ଥିବା ପାହାଡ଼ ଉପରେ ଅବସ୍ଥିତ। ସୂର୍ଯ୍ୟଙ୍କ ପ୍ରଥମ କିରଣ ଏଠାରେ ପଡୁଥିବାରୁ ଏହାର ସୌନ୍ଦର୍ଯ୍ୟ ଖୁବ୍ ନିଆରା। ହୋଟେଲଟିରେ ୨୧୧ଟି ରୁମ୍, କ୍ଲବ୍, ୱାଟର ପୁଲ୍ ଆଦି ରହିଛି।

**ଆଇସ୍ ହୋଟେଲ, ସ୍ୱିଡେନ୍–** ୧୯୮୯ରେ ତିଆରି ହୋଇଥିବା ଏଇ ହୋଟେଲଟି ହେଉଛି ପୃଥିବୀର ପ୍ରଥମ ହୋଟେଲ, ଯାହା ବରଫରେ ତିଆରି ହୋଇଛି। ପ୍ରତି ବର୍ଷ ଶୀତଦିନେ ଏହାର ଆକାରକୁ ବଦଳାଯାଏ। ଉଭୟ ଗରମ ଏବଂ ଥଣ୍ଡା ଥିବା ରୁମ୍ ଏଠାରେ ୧୫୦ଟି ରହିଛି। ଏଠାର ବେଡ୍‌ଗୁଡ଼ିକ ମଧ୍ୟ ବରଫରେ ତିଆରି ହୋଇଛି। ଏହାଛଡ଼ା ଏଠାରେ ଆଇସ୍ ଚର୍ଚ୍ଚ, ଆଇସ୍ ବାର୍, ଆଇସ୍ ଷ୍ଟୁଡିଓ ଏବଂ ଗରମ ଥିବା ୨ଟି ରେଷ୍ଟୁରାଣ୍ଟ ଓ ୪ଟି ମିଟିଂ ରୁମ୍ ରହିଛି।

**କୋଷ୍ଟା ଭର୍‌ଡ଼େ, କୋଷ୍ଟାରିକା–** ପ୍ରଶାନ୍ତ ମହାସାଗର ନିକଟବର୍ତ୍ତୀ କୋଷ୍ଟାଲ୍ ରେନ୍ ଫରେଷ୍ଟରେ ଏହି ହୋଟେଲ୍ ଅବସ୍ଥିତ। ଏହା ଦେଖିବାକୁ ଉଡ଼ାଜାହାଜ ପରି। ୧୯୬୫ ମସିହାରେ ତିଆରି ହୋଇଥିବା 'ବୋଇଙ୍ଗ୍–୭୨୭' ଉଡ଼ାଜାହାଜ ଆକୃତି ଅନୁଯାୟୀ ଏହା ତିଆରି ହୋଇଛି। ଏହା ମଧ୍ୟରେ ଥାଇ ଜଣେ 'କାନୋପି' ଜଙ୍ଗଲର ମନୋରମ ଦୃଶ୍ୟକୁ ଉପଭୋଗ କରିପାରିବ।

**ଫିନ୍ ଲଫ୍ ରିସର୍ଟ, ନର୍ଦନ ଆୟର୍ଲାଣ୍ଡ–** ଏହା ଦେଖିବାକୁ ବବଲ୍ସ ବା ଫୋଟକା ପରି ଓ ଟ୍ରାନ୍ସପରେଣ୍ଟ। ଏହା ମଧ୍ୟରେ ରହିଲେ ଆପଣ ବାହାର ଦୃଶ୍ୟକୁ ଭଲ ଭାବେ ଅର୍ଥାତ୍ ୧୮୦° ରେ ଦେଖିପାରିବେ। ମୁଖ୍ୟତଃ ରାତି ସମୟରେ ବାହାର ସୌନ୍ଦର୍ଯ୍ୟକୁ ଭଲ ଭାବେ ଉପଭୋଗ କରିପାରିବେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୬ ମାର୍ଚ୍ଚ, ୨୦୨୨ Bhubaneswar, Sunday, March 6/2022

# ସନ୍ତୋଷଙ୍କୁ ଡବଲ ଟାଇଟଲ

ଭୁବନେଶ୍ୱର, ୫।୩
(ସ୍ପୋର୍ଟ୍ସ ବ୍ୟୁରୋ)



ସନ୍ତୋଷ କୁମାର ମଲିକ

ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ଭୀମାଭରମ୍‌ସ୍ଥିତ କସ୍‌ମୋ ପଲିଟାନ କ୍ଲବ୍‌ଠାରେ ଶୁକ୍ରବାର ଭର୍ଟେକ୍ସ ଆଇଷ୍ଟା ଜାତୀୟ ସିନିୟର ଟେନିସ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ପୂର୍ବତନ ନମ୍ବର ୱାନ୍ ଖେଳାଳି ସନ୍ତୋଷ କୁମାର ମଲିକ ୩୫ ବର୍ଷରୁ ଅଧିକ ବୟସ ବର୍ଗରେ (ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ) ଟାଇଟଲ ଜିତିଛନ୍ତି। ସିଙ୍ଗଲ୍ସ ଫାଇନାଲରେ ସନ୍ତୋଷ ୬-୩, ୬-୪ ସିଧାସଳଖ ସେଟ୍‌ରେ ତେଲେଙ୍ଗାନାର ଦିଲୀପଙ୍କୁ ପରାସ୍ତ କରିଥିଲେ। ସନ୍ତୋଷ ଆନ୍ଧ୍ରପ୍ରଦେଶର ବିଜୟ ଆନନ୍ଦଙ୍କୁ ପାର୍ଟନର କରି ତେଲେଙ୍ଗାନାର ଦିଲୀପ ଓ ଜି. ରାଜା ଯୋଡ଼ିଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଦେଇଥିଲେ। ଏହି ଟୁର୍ନାମେଣ୍ଟ ଫେବୃୟାରୀ ୨୮ରୁ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଚାଲିଥିଲା। ଟୁର୍ନାମେଣ୍ଟରୁ ସନ୍ତୋଷ ମୋଟ୍ ୧୧,୦୦୦ ଟଙ୍କା ପୁରସ୍କାର ରାଶି ସହ ୮୪ ର୍ୟାଙ୍କିଙ୍ଗ୍ ପଏଣ୍ଟ ଲାଭ କରିଛନ୍ତି। ଓଡ଼ିଶାର ଏହି ଟେନିସ୍ ଖେଳାଳି ବର୍ତ୍ତମାନ ୫୩ ବର୍ଷରୁ ଅଧିକ ପୁରୁଷ ବିଭାଗରେ ଦେଶର ଦୁଇ ନମ୍ବର ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ଖେଳାଳି ଅଛନ୍ତି। ଏହି ସଫଳତା ପରେ ର୍ୟାଙ୍କିଙ୍ଗ ତାଲିକାରେ ସେ ନମ୍ବର ୱାନ୍ ସ୍ଥାନକୁ ଉଠିଯିବେ ବୋଲି ଆଶା କରୁଛନ୍ତି। ସନ୍ତୋଷ ପାଇଥିବା ପୁରସ୍କାର ରାଶିକୁ ତାଙ୍କ ଡ୍ରିମ୍ ପ୍ରୋଜେକ୍ଟ 'ମିଶନ ଅଲିମ୍ପିକ ସ୍ପୋର୍ଟ୍ସ ଫାଉଣ୍ଡେଶନ'କୁ ଦାନ କରିଛନ୍ତି। ଏହି ସଂସ୍ଥା ବିଭିନ୍ନ କ୍ରୀଡ଼ାରେ ରାଜ୍ୟ ଓ ଦେଶରେ ତୃଣମୂଳସ୍ତରରେ ବିଭିନ୍ନ କ୍ରୀଡ଼ାର ଗରିବ ପ୍ରତିଭାମାନଙ୍କୁ ଟ୍ରେନିଂ ପ୍ରଦାନ କରିବା କ୍ଷେତ୍ରରେ କାର୍ଯ୍ୟ କରିଥାଏ।




# ଭାରତର ବିଶାଳ ସ୍କୋର: ଶ୍ରୀଲଙ୍କା ୧୦୮/୪

ମୋହାଲି, ୫।୩ (ପି.ଟି.)



**ଜାଡେଜାଙ୍କ ଅପରାଜିତ ୧୭୫ରନ**

ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ରବୀନ୍ଦ୍ର ଜାଡେଜାଙ୍କ ଅପରାଜିତ ୧୭୫ ରନ ସହାୟତାରେ ଭାରତ ୫୭୪/୮ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଆକର୍ଷଣୀୟ ବ୍ୟାଟିଂ ପରେ ଜାଡେଜା ବୋଲିଂରେ ମଧ ଅବଦାନ ରଖିଛନ୍ତି। ଜାଡେଜା, ଯଶପ୍ରୀତ ବୁମ୍‌ରା ଓ ରବିଚନ୍ଦ୍ରନ ଅଶ୍ୱିନ ଚମତ୍କାର ବୋଲିଂ କରିବାରୁ ଭ୍ରମଣକାରୀ ଶ୍ରୀଲଙ୍କା ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟ ହରାଇ ୧୦୮ ରନ କରିଛି। ପ୍ରଥମ ଇନିଂସରେ ୪୬୬ ରନ ପଛୁଆ ଥିବା ଶ୍ରୀଲଙ୍କା ଫଲୋଅନ ଏଡ଼ାଇବାକୁ ଆହୁରି ୨୬୭ ରନ ଆବଶ୍ୟକ କରୁଛି। ମ୍ୟାଚ ୩ ଦିନ ଭିତରେ ଶେଷ ହୋଇଯିବ ବୋଲି ମନେହେଉଛି। ଫାଇନାଲ ସେସନରେ ଅଶ୍ୱିନ (୮୨ ବଲ୍‌ରେ ୬୧ରନ, ୨/୨୧) ତାଙ୍କର ଦ୍ୱାଦଶ ଅର୍ଦ୍ଧଶତକ ସହ ୱାର୍ମଅପ୍ ହୋଇଛନ୍ତି। ସେ ଲାହିରୁ ଥିରିମାନେ ଓ ଧନଞ୍ଜୟ ଡି' ସିଲ୍‌ଭାଙ୍କ ଉଇକେଟ ପତନ ଘଟାଇ ସାର୍ ରିଚାର୍ଡ ହାର୍ଡଲୀଙ୍କ ୪୩୧ ଉଇକେଟ ସଫଳତାକୁ ଅତିକ୍ରମ କରିପାରିଛନ୍ତି। ଜାଡେଜା (୧/୩୦)ଙ୍କ ପରେ ଶ୍ରୀଲଙ୍କାର ଶ୍ରେଷ୍ଠ ଖେଳାଳି ଓ ଅଧିନାୟକ ଦିମୁଥ କରୁଣାରତ୍ନେ (୨୮)ଙ୍କୁ ଲେଗ୍ ବିଫୋର କରି ତାଙ୍କ ୧୦୦ତମ ଟେଷ୍ଟ ଉଇକେଟ ହାସଲ କରିଥିଲେ। ବୁମ୍‌ରା ମଧ ଗୋଟିଏ ଉଇକେଟ ନେଇଥିଲେ।

ଶେନ ୱର୍ନଙ୍କ ଦେହାନ୍ତ ଖବର ୨୪ ଘଣ୍ଟା ନ ପୂରୁଣୁ ଜାଡେଜା ଶନିବାର ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବ୍ୟାଟିଂ କରିଛନ୍ତି। ଭାରତୀୟ ଅଲରାଉଣ୍ଡରଙ୍କର ଏହା ହେଉଛି କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଶତକ। ୨୦୦୮ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରାଜସ୍ଥାନ ରୟାଲ୍ସ ତରଫରୁ ଖେଳୁଥିବାବେଳେ ଜାଡେଜାଙ୍କ ପାଖରେ ବ୍ୟାଟିଂ ଦକ୍ଷତା ଥିବା କଥା ୱର୍ନ ଜାଣିପାରିଥିଲେ। ଲୋୟର ଅର୍ଡରରେ ଜାଡେଜା ବିସ୍ଫୋରକ ବ୍ୟାଟିଂ କରୁଥିଲେ। ସେତେବେଳେ ଦଳର ମେଣ୍ଟର ଓ ଅଧିନାୟକ ଥିବା ୱର୍ନ ଜାଡେଜାଙ୍କୁ 'ରକ୍‌ଷ୍ଟାର' ବୋଲି ଡାକୁଥିଲେ। ଜାଡେଜା ବର୍ଷ ବର୍ଷ ଧରି ଭାରତର ସବୁ ଫର୍ମାଟ ପାଇଁ ଜଣେ ଅପରିହାର୍ଯ୍ୟ ଖେଳାଳି ରହି ଆସିଛନ୍ତି। ବ୍ୟାଟିଂ ଦକ୍ଷତା ଯୋଗୁ ବିଦେଶ କଣ୍ଡିଶନରେ ଅଶ୍ୱିନଙ୍କ ପରିବର୍ତ୍ତେ ତାଙ୍କୁ ଦଳରେ ଅଗ୍ରାଧିକାର ଦିଆଯାଇଥାଏ। ଜାଡେଜାଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଯୋଗୁ ଭାରତ ପ୍ରଥମ ଦିବସ ଖେଳ ଦୁଇଟି ସେସନରେ ୨୧୭ ରନ ସଂଗ୍ରହ କରିପାରିଥିଲା। ଜାଡେଜା ସାଢ଼େ ୫ଘଣ୍ଟା ଧରି କ୍ରିଜ୍‌ରେ ମହଜୁଦ ରହି ୨୨୮ ବଲ୍ ସାମ୍ନା କରି ୧୭ ଚୌକା ଓ ୩ ଛକା ଲଗାଇଥିଲେ। ସପ୍ତମ ଉଇକେଟରେ ଅଶ୍ୱିନଙ୍କ ସହ ୧୩୦ ରନ ଏବଂ ୯ମ ଉଇକେଟରେ ମହମ୍ମଦ ଶାମି (୨୦*)ଙ୍କ ସହ ତାଙ୍କର ଅପରାଜିତ ୧୦୩ ରନର ପାର୍ଟନରଶିପ୍ ହୋଇଥିଲା। ସକାଳେ ୩୫୭/୬ ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ଭାରତ ଖେଳ ଆରମ୍ଭ କରିଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୫୭୪/୮ (ରବୀନ୍ଦ୍ର ଜାଡେଜା-୧୭୫*, ରିଷଭ ପନ୍ତ-୯୬, ରବିଚନ୍ଦ୍ରନ ଅଶ୍ୱିନ-୬୧, ହନୁମା ବିହାରୀ-୫୮, ବିରାଟ କୋହଲି-୪୫; ଲସିଥ ଏମ୍ବୁଲଦେନିୟା-୨/୧୮୮, ସୁରଙ୍ଗା ଲକମଲ-୨/୯୦, ବିଶ୍ୱ ଫର୍ନାଣ୍ଡୋ-୨/୧୩୫, ଲାହିରୁ କୁମାରା-୧/୫୨, ଧନଞ୍ଜୟ ଡି'ସିଲ୍‌ଭା-୧/୭୯)।

**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୧୦୮/୪ (ଦିମୁଥ କରୁଣାରତ୍ନେ-୨୮, ପାଥୁମ ନିଶଙ୍କା-୨୬*; ରବିଚନ୍ଦ୍ରନ ଅଶ୍ୱିନ-୨/୨୧, ଯଶପ୍ରୀତ ବୁମ୍‌ରା-୧/୨୦, ରବୀନ୍ଦ୍ର ଜାଡେଜା-୧/୩୦)।

# ୱାର୍ଲ୍ଡ ଗ୍ରୁପ୍-୧ରେ ରହିଲା ଭାରତ

**ଡେଭିସ୍ କପ୍**

ନୂଆଦିଲ୍ଲୀ, ୫।୩ (ପି.ଟି.)

ଶନିବାର ଖେଳାଯାଇଥିବା ଡବଲ୍ସ ମ୍ୟାଚରେ ରୋହନ ବୋପାନ୍ନା ଓ ଡିଭିଜ ଶରନ ପ୍ରତିପକ୍ଷ ଫ୍ରେଡ୍ରିକ୍ ନେଲସନ ଓ ମିକାଏଲ ଟର୍ପେଗାର୍ଡଙ୍କୁ ପରାସ୍ତ କରିବା ଦ୍ୱାରା ଡେନମାର୍କ ବିପକ୍ଷ ପ୍ଲେ ଅଫ୍ ମୁକାବିଲାରେ ଭାରତ ୩-୦ରେ ଅଗ୍ରଣୀ ଲାଭ କରିଛି। ଦଳ ଏଥି ସହ ଡେଭିସ୍ କପ୍ ୱାର୍ଲ୍ଡ ଗ୍ରୁପ୍-୧ରେ ଏହାର ସ୍ଥାନ ସୁରକ୍ଷିତ ରଖିଛି। ୨୦୧୯ ପରେ ତାଙ୍କ ପ୍ରଥମ ଡେଭିସ୍ କପ୍ ଖେଳୁଥିବା ଶରନ ଓ ବୋପାନ୍ନା ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ମ୍ୟାଚକୁ ୬-୭ (୪), ୬-୪, ୭-୬ (୪) ସେଟ୍‌ରେ ଜିତି ନେଇଥିଲେ। ଏହି ମ୍ୟାଚ ୧ ଘଣ୍ଟା ଓ ୫୮ ମିନିଟରେ ଶେଷ ହୋଇଥିଲା। ଏହି ବିଜୟ ଦ୍ୱାରା ଭାରତ ୨୦୨୨ ସିଜନ ପାଇଁ ୱାର୍ଲ୍ଡ ଗ୍ରୁପ୍୧ରେ ସ୍ଥାନ ବଜାୟ ରଖିଥିବା ବେଳେ ଡେନମାର୍କ ପୁଣି ୱାର୍ଲ୍ଡ ଗ୍ରୁପ୍-୨କୁ ଫେରିଯିବ। ରିଭର୍ସ ସିଙ୍ଗଲ୍ସ ବର୍ତ୍ତମାନ ଗୁରୁତ୍ୱହୀନ ହୋଇପଡ଼ିଛି। ୨୦୧୯ ନଭେମ୍ବରରେ ପାକିସ୍ତାନକୁ ୪-୦ରେ ପରାସ୍ତ କରିବା ପରେ ଭାରତର ଏହା ହେଉଛି ପ୍ରଥମ ବିଜୟ। ସେତେବେଳେ ରୋହିତ ରାଜପାଲ ଦଳ ଅଣ ଖେଳାଳି ଅଧିନାୟକ ଥିଲେ। ଏହାପରେ ଭାରତ ଦେଶ ବାହାରେ ଫିନ୍‌ଲାଣ୍ଡ (୧-୩) ଓ କ୍ରୋଏସିଆ (୧-୩) ନିକଟରୁ ହାରିଯାଇଥିଲା।

# ୱର୍ନଙ୍କୁ ନେଇ ଅଷ୍ଟ୍ରେଲିଆରେ ଶୋକ

ମେଲବୋର୍ନ, ୫।୩(ପି.ଟି.)

ସ୍ପିନ୍ କିମ୍ବଦନ୍ତୀ ଶେନ୍ ୱର୍ନଙ୍କ ଆକସ୍ମିକ ଦେହାନ୍ତକୁ ନେଇ ସମଗ୍ର ଅଷ୍ଟ୍ରେଲିଆରେ ଶୋକ ପାଳନ କରାଯାଇଛି। ୱର୍ନଙ୍କ ଅନ୍ତିମ ସଂସ୍କାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ଘୋଷଣା କରିଛନ୍ତି। ଦେଶ ଜଣେ ମହାନ୍ କ୍ରୀଡ଼ାବିତ୍‌ଙ୍କୁ ହରାଇଲା ବୋଲି ସେ କହିଛନ୍ତି। ଦେଶର କ୍ରିକେଟ ବୋର୍ଡ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ର ଏକ ଷ୍ଟାଣ୍ଡକୁ ୱର୍ନଙ୍କ ନାମରେ ନାମିତ କରିବା ଲାଗି ନିଷ୍ପତ୍ତି ନେଇଛି। ୱର୍ନଙ୍କୁ କ୍ରିକେଟର ଅନ୍ୟତମ ସର୍ବକାଳୀନ ମହାନ୍ ଖେଳାଳି ଭାବେ ବିବେଚନା କରାଯାଏ। ଶୁକ୍ରବାର ଥାଇଲାଣ୍ଡରେ ତାଙ୍କର ହୃଦ୍‌ଘାତରେ ପ୍ରାଣହାନି ଘଟିଥିବା ସନ୍ଦେହ କରାଯାଉଛି। ତାଙ୍କୁ ମାତ୍ର ୫୨ବର୍ଷ ବୟସ ହୋଇଥିଲା। ସ୍ପିନ୍ କିମ୍ବଦନ୍ତୀଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତିମ ସଂସ୍କାର ଫେଡେରାଲ ଓ ଭିକ୍ଟୋରିଆ ସରକାର, କ୍ରିକେଟ ଅଷ୍ଟ୍ରେଲିଆ ଓ ତାଙ୍କ ପରିବାର ତରଫରୁ ଆୟୋଜନ କରାଯିବ। ୭୦୦ ଟେଷ୍ଟ ଉଇକେଟ ଓ ଆଶେସ୍‌ରେ ଏକ ହ୍ୟାଟ୍ରିକ ନେଇଥିବା ୱର୍ନଙ୍କର ପୂର୍ବରୁ ଏମ୍‌ସିଜି ବାହାରେ ଏକ ମୂର୍ତ୍ତି ସ୍ଥାପିତ ହୋଇସାରିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ଏକାଠି ହୋଇ ପୁରୁଣା ସ୍ମୃତି ମନେପକାଇଲେ**

କୃଷ୍ଣପ୍ରସାଦ,(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବ୍ରାହ୍ମଣଦେଓ ଉନ୍ନୀତ ମଧଇଂରାଜୀ ବିଦ୍ୟାଳୟ୍‌୧୯୯୦ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଚିଲିକା ତଟଦେଶ ରାଜହଂସଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ପରେ ସାଙ୍ଗଙ୍କୁ ସାଙ୍ଗ ପାଖରେ ପାଇ ଖୁସି ପ୍ରକଟ କରିବା ସହ ପୁରୁଣା ସ୍ମୃତି ମନେପକାଇଥିଲେ। ଡମ୍ବରୁଧର ବିଶ୍ୱାଳ, ଦିଲୀପ ବିଶ୍ୱାଳ, କେଦାର ସ୍ୱାଇଁ, ସଞ୍ଜୟ ବିଶ୍ୱାଳ, ପଙ୍କଜ ବିଶ୍ୱାଳ, ସବିତା ରଣସିଂହ, ବିରତି ରଣସିଂହ, ସୂର୍ଯ୍ୟମଣି ବିଶ୍ୱାଳ, ବବିତା ଆଚାରୀ, ବିନାୟକ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ ଲାଗି ସେମାନେ ସେଠାରେ ନିଷ୍ପତ୍ତି ନେଇଥିଲେ।

## ସଂକ୍ଷେପରେ

### 'ବିଜୁବାବୁଙ୍କ ଅବଦାନ ଚିରସ୍ମରଣୀୟ'



କୃଷ୍ଣପ୍ରସାଦ,୫।୩(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ାସ୍ଥିତ ଇକୋ ପାର୍କ ପରିସରରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ୧୦ନଂ. ଜୋନ୍‌ର ନବନିର୍ବାଚିତ ଜିଲା ପରିଷଦ ସଭ୍ୟ ସନ୍ଦୀପ କୁମାର ଜେନା ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଆଦର୍ଶ, ସଂଗ୍ରାମ, ସାହସିକତା, ତ୍ୟାଗ ଏବଂ ଓଡ଼ିଆ ଜାତି ପ୍ରତି ଥିବା ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଯୁବନେତା ଫାଲ୍‌ଗୁନି ଜାଲି, ଜ୍ଞାନରଞ୍ଜନ ପ୍ରଧାନ, ରଘୁନାଥ ଜେନା, ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର କନିଷ୍ଠଯନ୍ତ୍ରୀ ଡମ୍ବରୁଧର ବିଶ୍ୱାଳ, ବିଶ୍ୱଜିତ୍ ଦାସଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଟ୍ରାକ୍ଟର ଇଞ୍ଜିନ ଓଲଟି ଚାଳକ ମୃତ

ନିରାକାରପୁର,୫।୩(ଡି.ଏନ୍.ଏ.): ଟ୍ରାକ୍ଟର ଇଞ୍ଜିନ ଓଲଟି ପଡ଼ିବାରୁ ଶନିବାର ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଗୋଲବାଇ ପଞ୍ଚାୟତ କାୟା ଗ୍ରାମର ଚାନ୍ଦ ଚମ୍ପତି ଓରଫ ଚାନ୍ଦୁ(୨୭)। ସୂଚନା ମୁତାବକ, ଚାନ୍ଦୁ ମନ୍ଦାକିନୀ ନଦୀରୁ ଟ୍ରାକ୍ଟରରେ ବାଲି ଭର୍ତ୍ତିକରି ନେଉଥିବା ବେଳେ କୌଣସି କାରଣରୁ ଟ୍ରାକ୍ଟର ଇଞ୍ଜିନଟି ହଠାତ୍ ଓଲଟି ପଡ଼ିଥିଲା। ଫଳରେ ଇଞ୍ଜିନ ଓ ଡାଲା ମଝିରେ ଚାନ୍ଦୁ ଚାପିହୋଇ ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପରିବାର ଲୋକେ ଓ ସମ୍ପର୍କୀୟ ପହଞ୍ଚି ମୃତଦେହ ଉଦ୍ଧାର କରି ଘରକୁ ନେଇଥିଲେ। ପରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ଚୋରଙ୍କ ଆକ୍ରମଣରେ ୩ ଆହତ

ନିରାକାରପୁର,୫।୩(ଡି.ଏନ୍.ଏ.): ଜଙ୍କିଆ ଥାନା ଅନ୍ତର୍ଗତ ଚମ୍ପାଝର ଗ୍ରାମରେ ଚୋରଙ୍କ ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ରାକେଶ ସାହୁ, ଜନ୍ମେଜୟ ବେହେରା ଓ ଜଗତ୍‌ଜିତ୍ ନାୟକ। ଏନେଇ ଶନିବାର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୮୬/୨୨)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖର ନାୟକଙ୍କ ପରିବାର ଲୋକେ ଶୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ଝରକା ଭାଙ୍ଗି ଚୋରି ଉଦ୍ଦେଶ୍ୟରେ ଘରେ ପଶିଥିଲେ। ତେବେ ଘର କବାଟ ବାହାରପଟୁ ଦିଆଯାଇଥିବାରୁ କବାଟ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ପରିବାର ଲୋକେ ଉଠିପଡ଼ି ପଡ଼ିଶା ଲୋକଙ୍କୁ ଜଣାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଝରକା ଦେଇ ବାହାରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ କେତେଜଣଙ୍କୁ ଆକ୍ରମଣ କରି ସେଠାରୁ ଖସିପଳାଇଥିଲେ। ଏନେଇ ଚନ୍ଦ୍ରଶେଖରଙ୍କ ପୁଅ ଚିନ୍ମୟ ଥାନାରେ ଅଭିଯୋଗ କରିଥିଲେ।

### ବିଜୁ ଜୟନ୍ତୀରେ ସ୍ମୃତିଚାରଣ ସଭା

ନିରାକାରପୁର, ୫।୩(ଡି.ଏନ୍.ଏ.): ନିରାକାରପୁରସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ ତମ ଜୟନ୍ତୀ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ରାମକୃଷ୍ଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ବିଜୁ ପଟ୍ଟନାୟକଙ୍କ ଫଟୋରେ ଶତାଧିକ ବିଜୁପ୍ରେମୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ଜିଲା ଉପସଭାପତି ବିପିନ କୁମାର ଜୟସିଂହ, ମୃତ୍ୟୁଞ୍ଜୟ ପ୍ରଧାନ, ମନୋଜ ପ୍ରଧାନ, ପ୍ରଭାତ ସ୍ୱାଇଁ, ବିଜୟ ପାଲ୍‌ଟାସିଂହ, ଶଙ୍କର ବେହେରା, ରାମଦୟା ପରିଷଦର ସମ୍ପାଦକ ଗଙ୍ଗାଧର ଦାସ, ସୁଶୀଲ କୁମାର ସେନାପତି ପ୍ରମୁଖ ଯୋଗଦେଇଥିଲେ।

# ବିଜୁ ଜୟନ୍ତୀରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

**ଖୋର୍ଦ୍ଧା ଅଫିସ,୫।୩**

■ ପୌରାଧ୍ୟକ୍ଷା ଟିକେଟକୁ ନେଇ ବଢୁଛି ଅସନ୍ତୋଷ
■ ଦଳୀୟ କର୍ମୀଙ୍କ ପରିବର୍ତ୍ତେ ନୂଆ ମୁହଁକୁ ବିରୋଧ

ପୌର ନିର୍ବାଚନ ପାଇଁ ନାମାଙ୍କନକୁ ଦୁଇ ଦିନ ବାକି ରହିଛି। ଏଭଳି ସ୍ଥିତିରେ ଦଳୀୟ ଟିକେଟକୁ ନେଇ ବିଜେଡି କର୍ମୀଙ୍କ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ଶନିବାର ଖୋର୍ଦ୍ଧା ବିଜେଡି କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିଜେଡି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଅପରାହ୍ଣ ୩ଟାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଉତ୍ସବ ପାଳନ କରାଯାଉଥିଲା। ଏଥିରେ ସହରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୌରାଧ୍ୟକ୍ଷା ପଦ ପାଇଁ ଟିକେଟ ବଣ୍ଟନରେ ଅସନ୍ତୋଷ ପ୍ରକାଶ କରି ଜଣେ ପ୍ରାର୍ଥୀଙ୍କ ସମ୍ପର୍କୀୟ ଖୋର୍ଦ୍ଧା ବିଧାୟକଙ୍କୁ ପ୍ରଶ୍ନ କରିଥିଲେ। ଏପରିକି ଜଣେ କର୍ମୀ ହଠାତ୍ ବିଧାୟକଙ୍କୁ ଆକ୍ଷେପ କରି ମନ୍ତବ୍ୟ ଦେଇଥିଲେ। ବିଧାୟକଙ୍କ ସମର୍ଥକମାନେ ଏହାର ବିରୋଧ କରିଥିଲେ। ଉଭୟ ପକ୍ଷ ମଧ୍ୟରେ କଥା କଟାକଟି ହୋଇ ଧସ୍ତାଧସ୍ତି ହୋଇଥିଲା। ଖବର ପାଇ ଟାଉନ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

ପ୍ରକାଶ ଯେ, ଚଳିତ ପୌର ନିର୍ବାଚନରେ ଚେୟାରମ୍ୟାନ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହେବ। ଖୋର୍ଦ୍ଧା ପୌର ପରିଷଦ ପାଇଁ ଏହି ଆସନ ମହିଳାଙ୍କ ଲାଗି ସଂରକ୍ଷିତ ଘୋଷଣା ହେବା ପରେ ବହୁ କର୍ମୀ ନିଜ ସମ୍ପର୍କୀୟଙ୍କ ନିମନ୍ତେ ଟିକେଟ ଲବି କରିଥିଲେ। ଟିକେଟ ପାଇବାକୁ ବିଜେଡିର ୧୨ଜଣ ଆଶାୟୀ ରହିଥିଲେ। ପୌରାଧ୍ୟକ୍ଷ ପଦ ପାଇଁ ଶେଷ ମୁହୂର୍ତ୍ତରେ ଦଳର ଖୋର୍ଦ୍ଧା ଜିଲା ଉପସଭାପତି ଦିଲୀପ ହୋତା ଓ ନଗର ସଭାପତି ମହମ୍ମଦ ଆରିଫଙ୍କ ସହଧର୍ମିଣୀଙ୍କ ନାମ ଆଶାୟୀ ତାଲିକାରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଏନେଇ ନଗର ବିଜେଡି ସଭାପତି ଆରିଫ କହିଛନ୍ତି, ମୁଁ ମୋ' ସ୍ତ୍ରୀଙ୍କ ପାଇଁ ଦୌଡ଼ରେ ରହିଥିଲି। ତେବେ ଦଳ ଯାହା ନିଷ୍ପତ୍ତି ନେବ, ତାହାକୁ ଗ୍ରହଣ କରିବି। ସେହିପରି ଜିଲା ଉପସଭାପତି ହୋତା କହିଛନ୍ତି, ମୁଁ ପୌରାଧ୍ୟକ୍ଷ ପଦ ପାଇଁ ଆଶାୟୀ ରହିଛି। କୌଣସି ନୂତନ ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ପୂର୍ବରୁ ଦଳ ପୁଣି ଥରେ ତର୍ଜମା କରୁ ବୋଲି ବିଧାୟକଙ୍କୁ ଜଣାଇଛି। ଅନ୍ୟପକ୍ଷରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ପୌରାଧ୍ୟକ୍ଷ ପଦ ପାଇଁ ୧୨ ଆଶାୟୀଙ୍କ ନାମ ଆସିଥିଲା। ତାହାକୁ ଦଳର ସଭାପତିଙ୍କ ପାଖକୁ ପଠାଯାଇଛି। ଦଳ ଯାହା ନିଷ୍ପତ୍ତି ନେବ, ସେଥିରେ ମୋର କୌଣସି ହସ୍ତକ୍ଷେପ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ପ୍ରତି ୱାର୍ଡରୁ ୩ରୁ ୪ଜଣ ଆଶାୟୀଙ୍କ ନାମ ଆସିଥିଲା। ଏସବୁର ତର୍ଜମା କରାଯାଉଛି। କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ। ଆସନ୍ତା ୭ତାରିଖ ନାମାଙ୍କନ ଶେଷ ଦିନରେ ସମସ୍ତ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବା ଲାଗି ସ୍ଥିର କରାଯାଇଛି। ପଞ୍ଚାୟତ ନିର୍ବାଚନ ପରି ଦଳ ପୌର ନିର୍ବାଚନରେ ଶତ ପ୍ରତିଶତ ସଫଳତା ହାସଲ କରିବ। ପୌରାଧ୍ୟକ୍ଷ ଆସନରେ ୧୦ ହଜାର ଭୋଟ ବ୍ୟବଧାନରେ ଦଳ ଜିତିବ ବୋଲି ମିତ୍ର କହିଛନ୍ତି।

## ଅନନ୍ତ ଜଟଣୀ ବିଜେଡି ପୌରାଧ୍ୟକ୍ଷ ପ୍ରାର୍ଥୀ



ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ସୂଚନା ଦେଉଛନ୍ତି।

**ଜଟଣୀ, ୫।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ପୌର ପରିଷଦ ନିର୍ବାଚନ ତାତି ଧୀରେ ଧୀରେ ସରଗରମ ହେବାରେ ଲାଗିଛି। ନାମାଙ୍କନ ପତ୍ର ଦାଖଲ ସମୟ ସରିଆସୁଥିବାରୁ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣାରେ ତତ୍ପରତା ପ୍ରକାଶ ପାଇଛି। ଏହି କ୍ରମରେ ଶନିବାର ବିଜେଡି ପକ୍ଷରୁ କୁଦିଆରୀ ଗ୍ରାମସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ଜଟଣୀ ପୌରାଞ୍ଚଳ ଅଧୀନ ୨୩ ୱାର୍ଡର କାଉନସିଲର ଓ ପୌରାଧ୍ୟକ୍ଷ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ପୌର ଅଧ୍ୟକ୍ଷ ପଦ ପାଇଁ ଅନନ୍ତ ବେହେରାଙ୍କ ନାମ ଘୋଷଣା କରାଯାଇଥିଲା। ସେହିପରି ୧ରୁ ୨୩ନଂ. ୱାର୍ଡ କାଉନ୍‌ସିଲର ପଦ ପାଇଁ ପ୍ରଶାନ୍ତ ବେହେରା, ସନ୍ତୋଷ ସାମନ୍ତରା, ଶିବପ୍ରସାଦ ମହାପାତ୍ର, ମମତା ସାହୁ, କାଜଲ ଦଳେଇ, ସନ୍ତୋଷ ଡାକୁଆ, ଜାଇ ବେହେରା, ସିମନି ମହାପାତ୍ର, ଆରତି ରାଉତ, ନମିତା ପାଳ, ବେଣୁଧର ମଙ୍ଗରାଜ, ବାସନ୍ତୀ ପାଲଟାସିଂ, ରଞ୍ଜିତା ବେହେରା, ବିଭୁପ୍ରସାଦ ମହାନ୍ତି, ଜଟାଧାରୀ ପ୍ରଧାନ, ରଶ୍ମିସ୍ମିତା ପଣ୍ଡା, ଉତ୍କଳକେଶରୀ ବଳିୟାରସିଂ, କେ. ସୁରେଶ, ପି. ରାଜକୁମାରୀ, ବାସନ୍ତୀ ଦେଇ, ଶଶାଙ୍କ ଶେଖର ରାୟ, ନଳିନୀ ମହାନ୍ତି, ନମ୍ରିତା ଦାସ ପ୍ରମୁଖ ରହିଛନ୍ତି। ତେବେ ଆଉ ଦୁଇଦିନ ନାମାଙ୍କନ ଦାଖଲ ଅବଧି ରହିଥିବା ବେଳେ କଂଗ୍ରେସ ଓ ଭାଜପା ଅଦ୍ୟାବଧି ନିଜ ନିଜ ପ୍ରାର୍ଥୀ ଚୟନରେ ପଛରେ ରହିଥିବା ଦେଖିବାକୁ ମିଳିଛି।

## 'ଆଞ୍ଚଳିକବାଦ ହିଁ ରାମାୟଣକୁ ଲୋକପ୍ରିୟ କରିଛି'



ସମ୍ବର୍ଦ୍ଧିତ ପ୍ରତିଭାଧାରୀଙ୍କ ଗହଣରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟ ଅତିଥି।

**ବୋଲଗଡ଼, ୫।୩ (ଡି.ଏନ୍.ଏ.)**

**ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ**

ଭାରତୀୟ ସାହିତ୍ୟର ଆଦିକାବ୍ୟ ରାମାୟଣର ଲୋକପ୍ରିୟତା ମୂଳରେ ଆଞ୍ଚଳିକବାଦ ରହିଛି ବୋଲି ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ବାଙ୍କୋଇଠାରେ ଶନିବାର ଆୟୋଜିତ ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦର ବାର୍ଷିକ କବିତା ପାଠୋତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି। ଏହି ଅବସରରେ ସେ କବି ଅନଙ୍ଗ ନରେନ୍ଦ୍ରଙ୍କ ଦ୍ୱାରା ରଚିତ 'ଶ୍ରୀରାମଲୀଳା' ଗ୍ରନ୍ଥକୁ ଶୁଦ୍ଧ ସମ୍ପାଦନା କରିବାର ଆବଶ୍ୟକ ଅଛି ଓ ଏ ଦିଗରେ ସାହିତ୍ୟ ଏକାଡେମୀ ସହଯୋଗ କରିବ ବୋଲି ମତବ୍ୟକ୍ତ କରିଥିଲେ। ବାଙ୍କୋଇସ୍ଥିତ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସଭାରେ ଓଡ଼ିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ଅନଙ୍ଗ ନରେନ୍ଦ୍ରଙ୍କ 'ଶ୍ରୀରାମଲୀଳା'ର ଛାନ୍ଦରୁ କେତୋଟି ପଦ ଗାନ କରିଥିଲେ। ସଂସଦର ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ଆଲୋଚନା ଓ ପ୍ରତିଭା ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ଜୟକୃଷ୍ଣ ହୋତା, ପ୍ରଶିକ୍ଷଣ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ତ୍ରିପାଠୀ, ଭୀମସେନ ପ୍ରଧାନ, କୁମୁଦିନୀ ଜୟସିଂହ, ସୁମନ୍ତ ଛୋଟରାୟ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସଂସଦର ମୁଖ୍ୟ ପୃଷ୍ଠପୋଷକ କାଳିଚରଣ ଜୟସିଂହ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରୂପେ ଅଭିଭାଷଣ ରଖିଥିଲେ। ସଂସଦର ସମ୍ପାଦକ ଅଧ୍ୟାପକ ରତ୍ନନିଧି ବଳିଆରସିଂହ ଅତିଥି ପରିଚୟ ଓ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବିତା ପାଠୋତ୍ସବରେ ଶତାଧିକ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସାହିତ୍ୟ ସଂସଦର ବାର୍ଷିକ ସାହିତ୍ୟ ପତ୍ରିକା 'ଅନଙ୍ଗାୟନ'ର ଲୋକାର୍ପଣ ହୋଇଥିଲା।

ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କବି ଜନାବ ଜହିରୁଦ୍ଦିନ୍ ଖାଁ, ବଂଶୀଧର ପଣ୍ଡା, ବାନାମ୍ବର ମହାରଣା, ଲମ୍ବୋଦର ଶତପଥୀ, ଅଖିଳେଶ ମହାପାତ୍ର, ଶାନ୍ତିଲତା ଦେବୀ ଓ କୃତୀ ଶିକ୍ଷକ ଅମରବର ସାହୁଙ୍କୁ ସାହିତ୍ୟ ସଂସଦ ତରଫରୁ ମୁଖ୍ୟଅତିଥି ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ନାବାଳିକାଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

**ବାରଙ୍ଗ, ୫।୩(ଡି.ଏନ୍.ଏ.)**

ଜଣେ ନାବାଳିକାଙ୍କୁ ଭଲପାଇ ଶାରୀରିକ ସମ୍ପର୍କ ରଖି ପରବର୍ତ୍ତୀ ମୁହୂର୍ତ୍ତରେ ପ୍ରତାରଣା କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଲକି ନାୟକ। ସୂଚନା ମୁତାବକ, ଲକି ଦଶମ ଶ୍ରେଣୀରେ ପଢୁଥିବା ନିଜ ମାମୁଝିଅଙ୍କୁ ଭଲପାଇବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ଉଭୟ ପରିବାର ସେମାନଙ୍କ ସମ୍ପର୍କ ବିଷୟରେ ଜାଣିବା ପରେ ଆଲୋଚନା ମାଧ୍ୟମରେ ଘଟଣାର ସମାଧାନ ପାଇଁ ଉଦ୍ୟମ ହୋଇଥିଲା। ଏଥିରେ ଲକି ଅସହଯୋଗ କରିବାରୁ ନାବାଳିକାଙ୍କ ପରିବାର ପକ୍ଷରୁ ୪ଦିନ ପୂର୍ବେ ବାରଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପରେ ଲକି ଫେରାର ହୋଇଯାଇଥିଲେ। ଶୁକ୍ରବାର ରାତିରେ ଲକି ଘରେ ଥିବା ଖବରପାଇ ପୋଲିସ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

## 'ବିଜୟୀ ଛାତ୍ରୀଛାତ୍ର ମହାବିଦ୍ୟାଳୟର ଗୌରବ'

**ବାଲିପାଟଣା,୫।୩(ଡି.ଏନ୍.ଏ.)**

ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଜୟୀ ଛାତ୍ରୀଛାତ୍ର ମହାବିଦ୍ୟାଳୟର ଗର୍ବ ଓ ଗୌରବ ବୋଲି ଇଂ. ପ୍ରଦୀପ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବୈକୁଣ୍ଠ ନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥିଭାବେ ଇଂ. କାଳିକିଙ୍କର ପଣ୍ଡା ଯୋଗଦେଇଥିଲେ। ରାଜ୍ୟ ଓ ଜାତୀୟସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ସୁଜାତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ କେ.କେ. ପଣ୍ଡା ଧନ୍ୟବାଦ ଦେଇଥିଲେ।

## କଂଗ୍ରେସରୁ ବିନୋଦିନୀ ପୌରାଧ୍ୟକ୍ଷା ପ୍ରାର୍ଥୀ

**ଖୋର୍ଦ୍ଧା ଅଫିସ,୫।୩**

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରି ରହିଛି। ତେବେ ଶାସକ ଦଳ ଅଥବା ଭାଜପା ପକ୍ଷରୁ ପୌରାଧ୍ୟକ୍ଷା ପ୍ରାର୍ଥୀ ଘୋଷଣା କରାଯାଇନଥିବା ବେଳେ ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ଶନିବାର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦଳ ନଗର କଂଗ୍ରେସ ସଭାପତି ରଞ୍ଜିତ ମହାପାତ୍ରଙ୍କ ସହଧର୍ମିଣୀ ବିନୋଦିନୀଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଆସନ୍ତାକାଲି ସେ ଦଳୀୟ କର୍ମୀଙ୍କ ସହ ପ୍ରାର୍ଥୀପତ୍ର ଦାଖଲ କରିବେ। ନାମାଙ୍କନ ଦାଖଲ ପ୍ରଦେଶ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ଜିଲା ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଯୋଗଦେବେ। ରବିବାର ପୂର୍ବାହ୍ନ ୧୦ଟା ଦଳ ପକ୍ଷରୁ ନୂଆ ବସଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ପୌର କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିବେ। ୱାର୍ଡ ୱାରୀ ପ୍ରାର୍ଥୀ ତାଲିକା ପ୍ରସ୍ତୁତି ଚାଲିଛି। ଆସନ୍ତାକାଲି ଏହି ତାଲିକା ପ୍ରକାଶ ପାଇବ ବୋଲି ଜିଲା କଂଗ୍ରେସ ସମ୍ପାଦକ ପ୍ଲାବନ ପଟ୍ଟନାୟକ ପ୍ରେସ ବିବୃତିରେ ଜଣାଇଛନ୍ତି। ଏନେଇ ବିନୋଦିନୀ କୁହନ୍ତି ଖୋର୍ଦ୍ଧାର ସହର ସର୍ବାଙ୍ଗିନ ବିକାଶ ଲକ୍ଷ୍ୟ ରହିବ। ଖୋର୍ଦ୍ଧା ସହରକୁ ଏକ ସ୍ୱଚ୍ଛ ଏବଂ ମଡେଲ ସହର ଭାବେ ଗଢି ତୋଳିବା ପାଇଁ ଉଦ୍ୟମ ଲକ୍ଷ୍ୟ ରହିବ।

## ଭୂଷଣ୍ଡପୁର ଷ୍ଟେଶନରେ ଟ୍ରେନ୍ ରହଣି ଦାବି



ରେଳ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ସ୍ଥାନୀୟ ଅଧିବାସୀ।

**ନିରାକାରପୁର,୫।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ଭୂଷଣ୍ଡପୁର ଷ୍ଟେଶନରେ ହୀରାଖଣ୍ଡ ଏକ୍ସପ୍ରେସ୍ ଓ ପୂର୍ବରୁ ଚାଲୁଥିବା ପାସେଞ୍ଜର ଟ୍ରେନ୍‌ର ରହଣି ଏବଂ ଷ୍ଟେଶନରେ ରିଜର୍ଭେଶନ ଟିକେଟ ମିଳିବା ଆଦି ଦାବିରେ ଶନିବାର ରେଳ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ଶାଖା ପରିଚାଳକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବା ୧୨ ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଛି। କୋଭିଡ୍ କଟକଣା ପରଠାରୁ ଭୂଷଣ୍ଡପୁର ଷ୍ଟେଶନରେ ଟ୍ରେନ୍ ରହୁ ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ପ୍ରକାଶ ଯେ, ଏହି ଷ୍ଟେଶନ ମା'ଉଗ୍ରତାରାଙ୍କ ପୀଠକୁ ଯିବା ପାଇଁ ସୁବିଧା ହୋଇଥିବାରୁ ଏଠାକୁ ଟ୍ରେନ ଯୋଗେ ଦୈନିକ ଶତାଧିକ ପର୍ଯ୍ୟଟକ ଆସିଥାନ୍ତି। ଏହି ଷ୍ଟେଶନରେ ଟ୍ରେନ୍ ରହୁ ନ ଥିବାରୁ ପର୍ଯ୍ୟଟକ ହଇରାଣ ହେଉଛନ୍ତି।

## ୧.୨୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ବେପାରୀ ଗିରଫ

**ଖୋର୍ଦ୍ଧା ଅଫିସ/ବୋଲଗଡ଼, ୫।୩ (ଡି.ଏନ୍.ଏ.)**

**ଫୁଲବାଣୀରୁ ଖୋର୍ଦ୍ଧା ଲମ୍ବିଛି ଚେର**



ଖୋର୍ଦ୍ଧାରେ ବ୍ରାଉନସୁଗାର ପରେ ଗଞ୍ଜେଇ କାରବାର ବଢ଼ିବାରେ ଲାଗିଛି। କନ୍ଧମାଳ ଜିଲା ଫୁଲବାଣୀ ଅଞ୍ଚଳରୁ ବିପୁଳ ପରିମାଣର ଗଞ୍ଜେଇ ଖୋର୍ଦ୍ଧାକୁ ଚାଲାଣ ହେଉଛି। ଏଠାରୁ ଜିଲାର ବିଭିନ୍ନ ଗ୍ରାମାଞ୍ଚଳର ଖୁଚୁରା ବେପାରୀଙ୍କୁ ଚାଲାଣ କରାଯାଉଛି। ଶନିବାର ରାଜ୍ୟ ଅବକାରୀ ଫ୍ଲାଇଙ୍ଗ ସ୍କାଡ୍ ଏବଂ ଖୋର୍ଦ୍ଧା ଅବକାରୀ ଟିମ୍ ବୋଲଗଡ଼ ଥାନା ପାନନଗର ଗ୍ରାମର ରମେଶ ଚନ୍ଦ୍ର ସାହୁ(୫୫)ଙ୍କ ଘରୁ ୨୩କେଜି ୪୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ଲକ୍ଷ ୨୦ହଜାର ଟଙ୍କା। ଏନେଇ ଅବକାରୀ ଥାନାରେ ମାମଲା (ନଂ.୬୪/୨୨) ରୁଜୁ ପରେ ଅଭିଯୁକ୍ତ ରମେଶଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଫ୍ଲାଇଙ୍ଗ ସ୍କାଡ୍ ଅଧୀକ୍ଷକ ଦେବାଶିଷ ପଟେଲ କହିଛନ୍ତି। ସୂଚନା ଅନୁଯାୟୀ, ରମେଶ ଗତ ୫ବର୍ଷ ହେବ ଫୁଲବାଣୀ ଅଞ୍ଚଳରୁ ଗଞ୍ଜେଇ ଆଣି ବେପାର କରୁଛନ୍ତି। ଏଠାରେ ଛୋଟ ପ୍ୟାକେଟ କରି ଖୁଚୁରା ବେପାରୀଙ୍କୁ ଚାଲାଣ କରୁଥିଲେ। ଅବକାରୀ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶକ୍ରମେ ମିଳିତ ଟିମ୍ ଶନିବାର ସକାଳେ ଗ୍ରାହକ ସାଜି ତାଙ୍କ ଘରେ ଚଢ଼ାଉ କରି ରମେଶଙ୍କୁ ଧରିଥିଲେ। ଏହି ଚଢ଼ାଉରେ ଫ୍ଲାଇଙ୍ଗ ସ୍କାଡ୍ ଅଧୀକ୍ଷକ ପଟେଲଙ୍କ ସମେତ ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ ଏବଂ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

## ଆନ୍ତଃଜିଲା ଲୁଟେରା ଗ୍ୟାଙ୍ଗ୍ ଧରାପଡ଼ିଲା

**ପୁରୀ ଅଫିସ, ୫।୩**

**୫ ଗିରଫ: ୭ ବାଇକ, କମ୍ପ୍ୟୁଟର ଓ ଟିଭି ଜବତ**

ପୁରୀ କୁମ୍ଭାରପଡ଼ା ଥାନା ପୋଲିସ ଏକ ଆନ୍ତଃଜିଲା ଲୁଟେରା ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଅନ୍ତର୍ଗତ ଦଳେଇପୁଟ ଗୁମପାଟଣା ସାହିର ଭୋଲେଶ୍ୱର୍ ବେହେରା, ନିରାକାରପୁର ଥାନା ଅନ୍ତର୍ଗତ ମଞ୍ଜରିଆ ପାଟଣାର ମହେଶ୍ୱର ଭୋଇ, ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ବାଉରିସାହିର ହେମନ୍ତ ବେହେରା, ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଷ୍ଟେଶନ ରୋଡ ଘୋଡ଼ାବଜାରର ପି. ଚନ୍ଦ୍ରାୟ ରେଡ୍ଡୀ ଏବଂ ଜଣେ ନାବାଳକ ରହିଛନ୍ତି। ଏମାନଙ୍କଠାରୁ ୭ଟି ବାଇକ୍, ୪ ମୋବାଇଲ ଫୋନ୍, ୨ଟି ଟିଭି, କମ୍ପ୍ୟୁଟର, ମାଇକ୍ରୋଓଭନ ଓ ଆଲୁମିନିୟମ ଇଲେକ୍ଟ୍ରି ତାର ଜବତ କରିଛି। ପୋଲିସ ଏକ ମାମଲା (ନଂ. ୩୧/୨୨) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ଶନିବାର ତାଳବଣିଆ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି। ଗତ ୨୮ ତାରିଖରେ ମାଟିଆପଡ଼ାର ସୁଦର୍ଶନ ଦାସଙ୍କ ଘରୁ ଗାଡ଼ି ଚୋରି ହୋଇଥିବା ନେଇ ସେ ତାଳବଣିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ତାଳବଣିଆ ଅଞ୍ଚଳରେ ଚୋରା ବାଇକ୍ ରଖାଯାଇଥିବା ଖବର ପାଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇ ଅଭିଯୁକ୍ତମାନଙ୍କୁ ଧରିଥିଲା।

## ୧୩୬୧ ପ୍ରକଳ୍ପ ଅଧାପନ୍ତରିଆ

**ନିରାକାରପୁର, ୫।୩(ଡି.ଏନ୍.ଏ.)**



ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ବ୍ଲକସ୍ତରୀୟ ଜନଶୁଣାଣି**
■୫୮୨ ପ୍ରକଳ୍ପ କାର୍ଯ୍ୟ ସରିଛି

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ୍‌ଏଫ୍‌ଏସ୍‌ଏ) ଅନ୍ତର୍ଗତ ସମସ୍ତ କାର୍ଯ୍ୟର ଶୁଣାଣି ହୋଇଥିଲା। ଖୋର୍ଦ୍ଧା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ ପରିଚାଳନା କରିଥିଲେ। ଜନଶୁଣାଣିରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ସାମାଜିକ ସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ୬ କୋଟି ୭୫ ଲକ୍ଷ ୧୮ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୨ଲକ୍ଷ ୭୪ ହଜାର ୪୨ ଶ୍ରମଦିବସ ଯୋଗାଇ ଦିଆଯାଇଥିବା ଜିଆରଏସ୍‌ମାନେ କହିଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ଟାଙ୍ଗୀ ବ୍ଲକର ୨୬ ପଞ୍ଚାୟତରେ ୧୯୪୩ ପ୍ରକଳ୍ପ ମଧ୍ୟରୁ ୫୮୨ଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ୧୩୬୧ଟିର କାର୍ଯ୍ୟ ଚାଲୁ ରହିଛି। ଏହି ଅବସରରେ ଶ୍ରମିକ ମଙ୍ଗଳାଯୋଡ଼ି ପଞ୍ଚାୟତର ହରି ବେହେରା ଓ କାନ୍ତି ବେହେରାଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ଆଲୋଚନା କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ବ୍ଲକରେ ୩୫ ହଜାର ପରିବାରଙ୍କୁ ଚାଉଳ, ଗହମ ଓ କିରୋସିନ ପ୍ରଦାନ କରାଯାଇଛି ବୋଲି ବ୍ଲକ ଯୋଗାଣ ଅଧିକାରୀ ତ୍ରିଲୋଚନ ସାହୁ କହିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲା ଏମ୍‌ଜିଏନ୍‌ଆରଇଜିଏସ୍ ସଂଯୋଜକ ଜ୍ୟୋତ୍ସ୍ନାମୟୀ ରାଉତ, ସହକାରୀ ଯନ୍ତ୍ରୀ ନିରଞ୍ଜନ ବିଶ୍ୱାଳ, ସହ ନିର୍ବାହୀ ଯନ୍ତ୍ରୀ ବନ୍ଦିତା ଦଳସିଂ, ଜିଲା ସାମାଜିକ ନିରୀକ୍ଷକ ପ୍ରଦୋଷ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଆରୀ ଜାଗା ପରିଦର୍ଶନ କଲେ ଜିଲାପାଳ

ପୁରୀ ଅଫିସ: ପୁରୀର ଅନ୍ୟତମ ପ୍ରାଚୀନ ଜାଗା ଭାବେ ପରିଚିତ ମାର୍କେଣ୍ଡେଶ୍ୱର ସାହିସ୍ଥିତ ଦୁଆରି ଜାଗା ତଥା ରଣଜିତ୍ କ୍ଲବ୍‌କୁ ଶନିବାର ଜିଲାପାଳ ସମର୍ଥ ବର୍ମା ପରିଦର୍ଶନ କରିଛନ୍ତି। ଜାଗାର ସଭାପତି ଈଶ୍ୱର ସାହୁ, ସମ୍ପାଦକ କେଦାର ଗୁରୁ ଏବଂ ସଭ୍ୟ ବଳଭଦ୍ର ଦାସ ପ୍ରମୁଖ ଜିଲାପାଳଙ୍କୁ ପାଛୋଟି ନେଇଥିଲେ। ଏହି ଅବସରରେ ଜିଲାପାଳ ବର୍ମା ଜାଗା ପରିସର ବୁଲି ଦେଖିବା ସହ ସରକାରଙ୍କ ମୁକ୍ତା ଏବଂ ଅନ୍ୟ ଯୋଜନା ମାଧ୍ୟମରେ ଜାଗାଘର ସମେତ ରାମଚୋଟା ବଗିଚାର ସର୍ବାଙ୍ଗୀନ ଉନ୍ନତି କରାଯିବ ବୋଲି କହିଥିଲେ। ଜାଗା ସଦସ୍ୟ ଲକ୍ଷ୍ମଣ ଦାସ, ପୂର୍ଣ୍ଣଚନ୍ଦ୍ର ପଲେଇ, ଗଣେଶ ମହାନ୍ତି, କାଶୀନାଥ ସ୍ୱାଇଁ, କାଶୀନାଥ ନାୟକ ଏବଂ ବାପିନ୍ ଶତପଥି ପ୍ରମୁଖ ଜାଗାଘର ଅବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଜାଗାର ଉନ୍ନତି ସହ ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ଦିଆଯିବ ବୋଲି ଜିଲାପାଳ କହିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୩।୨୦୨୨

| | |
|---|---|
| ୫,୨୭,୭୫୯ ଟଙ୍କା | |
| ସୁନା | ୭ ଗ୍ରାମ |
| ରୁପା | ୧୦.୮୫୦ ଗ୍ରାମ |

# ଘୋଡ଼ାବେପାର ଉପରେ ନଜର

**ପୁରୀ ଅଫିସ,୫।୩:**

ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ପଦ କାହା ହାତକୁ ଯିବ ସେକଥା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବର୍ତ୍ତମାନ ପୁରୀ ସଦରର ୩୦ ବିଜୟୀ ସମିତିସଭ୍ୟଙ୍କୁ ନେଇ ଯେଉଁ ରାଜନୀତି ଚାଲିଛି ତାକୁ ଦେଖିଲେ ବ୍ଲକ୍ କାହା ହାତକୁ ସେକଥା ଏବେ କହିବା ଅସମ୍ଭବ। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଆସୁଥିବା ୧୧ ପଞ୍ଚାୟତ ମଧ୍ୟରୁ ୮ଟି ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ ହେବା ପରେ ସେମାନେ ଗୋଟିଏ ଧାରାରେ ରହିଛନ୍ତି। ସେଥିମଧ୍ୟରୁ ବାକି ବାସୁଦେବପୁର, ପ୍ରତାପ ପୁରୁଷୋତ୍ତମପୁର ଓ କେରାଣ୍ଡିପୁର ଭିନ୍ନ ଦିଗରେ ରହିଛନ୍ତି। ଏଥିରୁ ୨ଟି ପଞ୍ଚାୟତ ଭାଜପା ହାତରେ ରହିଥିବା ବେଳେ ବାସୁଦେବପୁର ପଞ୍ଚାୟତ ବିଜେଡି ସପକ୍ଷରେ ରହିଛି। ତେଣୁ ରାଜ୍ୟ ଯୋଜନା ବୋର୍ଡ ସଞ୍ଜୟ କୁମାର ଦାସବର୍ମାଙ୍କ ହାତରେ ୧୧ଟିରୁ ୯ଟି ଆସନ ରହିଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଅନୁରୂପ ଭାବେ ପୁରୀ ନିର୍ବାଚନ ମଣ୍ଡଳୀର ୧୯ ପଞ୍ଚାୟତରେ ବିଜୟୀ ହୋଇଥିବା ସମିତି ସଭ୍ୟ ପ୍ରାର୍ଥୀଙ୍କୁ ନେଇ ଦ୍ୱନ୍ଦ୍ୱ ଜାରି ରହିଛି। ଏଠାରେ ବିଜେଡିର ଦୁଇ ଗୋଷ୍ଠୀ ଓ ଭାଜପାର ସଂଖ୍ୟାବଳ ମୁଖ୍ୟତଃ ପ୍ରମୁଖ ସମସ୍ୟ ପାଲଟିଛି। ସଂଖ୍ୟାକୁ ନେଇ ଏମାନଙ୍କ ମୁହଁରୁ ଯାହା ଶୁଣାଯାଉଛି ତାହା ସହଜରେ ଗ୍ରହଣ କରାଯାଇନପାରେ। ୧୯ ପଞ୍ଚାୟତର ସମିତି ସଭ୍ୟଙ୍କ ମଧ୍ୟରୁ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ହାତରେ ଜଣ ସମିତି ସଭ୍ୟ ରହିଥିବା କୁହାଯାଉଛି। ଏହି ସଂଖ୍ୟା ଖେଳ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ପଦ ହାତେଇବା ଘୋଡ଼ା ବେପାରକୁ ବେଶ ସୁହାଇଛି। କୌଣସି ମତେ ବ୍ଲକ୍ ଅଧ୍ୟକ୍ଷ ପଦ ହାତେଇବା ପାଇଁ ମହେଶ୍ୱର ମହାନ୍ତି, ଶୁଭାଶିଷ ଖୁଣ୍ଟିଆ ଓ ଜୟନ୍ତ ଷଡ଼ଙ୍ଗୀଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଯେଉଁଠି ସଞ୍ଜୟଙ୍କ ହାତରେ ସଂଖ୍ୟା ୯ ରହିଥିବାରୁ ସେ ଏକପ୍ରକାର ନିଶ୍ଚିତ ହୋଇ ବସିଛନ୍ତି। ସଞ୍ଜୟଙ୍କ ୧୧ ପଞ୍ଚାୟତରୁ ଅଧ୍ୟକ୍ଷ ପ୍ରାର୍ଥୀ ହୋଇପାରେ ବୋଲି ଆକଳନ କରାଯାଉଥିଲେ ମଧ୍ୟ ମହେଶ୍ୱରଙ୍କ ସମର୍ଥନ ଏହି ଦିଗରେ ନିଶ୍ଚିତ ଆବଶ୍ୟକ ପଡ଼ିବ। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର ଏଥର ପୁଣି ଏହି ଆସନ ଅଳଙ୍କୃତ କରିବା ପାଇଁ ଇଚ୍ଛୁକ ଅଛନ୍ତି। ହେଲେ ମହେଶ୍ୱର-ସଞ୍ଜୟଙ୍କ ଯୋଡ଼ି ଆଗରେ ବିରୋଧୀ ଗୋଷ୍ଠୀ ମଧ୍ୟ ମୁଣ୍ଡ ନୁଆଁଇବାର ନାମ ଧରୁନାହାନ୍ତି। କୌଣସି ମତେ ବିରୋଧୀ ବ୍ଲକ୍ ଅଧ୍ୟକ୍ଷ ପଦ ହାତେଇବାକୁ କଳବଳ କୌଶଳ ଲଗାଇ ଦେଇଛନ୍ତି। ତେବେ ବିଜେଡିରେ କ'ଣ ଚାଲିଛି ସେକଥା କହିବା କଷ୍ଟକର। ବିରୋଧୀ ଏବଂ ଶାସକ ଦଳ ମଧ୍ୟରେ ଚାଲିଥିବା ଏହି ଅଙ୍କକଷାର ପ୍ରକୃତ ଚିତ୍ର ଖୁବ୍ ଶୀଘ୍ର ସ୍ପଷ୍ଟ ହୋଇଯିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଆହୁରି ମଧ୍ୟ କୁହାଯାଇଛି ଯେ, ପୁରୀ ବ୍ଲକ୍ ଅଧ୍ୟକ୍ଷ ପଦ ହାତେଇବା ଲାଗି ଗତ ୩୦ ବର୍ଷ ମଧ୍ୟରେ ଏଭଳି ରାଜନୈତିକ ଖେଳ କେବେ ହୋଇନାହିଁ।

### ଏମିତି ଖେଳ କେବେ ହୋଇନାହିଁ

୧୦, ୧୨ ଓ ୧୩ ଏହି ସଂଖ୍ୟାକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳୁଛି। ବିଜେଡିରେ ଥାଇ ବିଭିନ୍ନ ସରକାରୀ କାମରେ ନିଜ ପତିଆରା ଜାହିର କରିଥିବା ଶୁଭାଶିଷ ଖୁଣ୍ଟିଆଙ୍କ ପ୍ରତି ଆଗ୍ରହ ଦେଖାଇ କେତେ ଜଣ ସମିତିସଭ୍ୟ ତାଙ୍କ ସପକ୍ଷରେ ମଧ୍ୟ ରହିଛନ୍ତି। ସେହିସଂଖ୍ୟା ବିଜେଡି ମୁହଁରୁ ୨ ଶୁଣାଯାଉଥିବା ବେଳେ ଶୁଭାଶିଷ ସଂଖ୍ୟା ୫ ବୋଲି ଦାବି କରି ଆସୁଛନ୍ତି। ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ସପକ୍ଷରେ ୪

## ଚତୁର୍ଥ ଦିନରେ ୧୬ ଫର୍ମ ବିକ୍ରି

**କୋଣାର୍କ, ୫।୩(ଡି.ଏନ୍.ଏ.):**

କୋଣାର୍କ ଏନ୍‌ଏସି ନିର୍ବାଚନ ପାଇଁ ଶନିବାର ଚତୁର୍ଥ ଦିନରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଏ ପର୍ଯ୍ୟନ୍ତ କାର୍ଯ୍ୟାଳୟର ୩ଟି କାଉଣ୍ଟରରୁ ୧୩ଟି କାଉନସିଲର ଫର୍ମ ଓ ୩ଟି ଚେୟାରମ୍ୟାନ ଫର୍ମ ମୋଟ ୧୬ ଫର୍ମ ବିକ୍ରି ହୋଇଥିବା କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରାର୍ଥୀମାନେ ୭ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରିପାରିବେ। ଚେୟାରମ୍ୟାନ ଆସନ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଥିବାବେଳେ ଏପର୍ଯ୍ୟନ୍ତ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇନାହିଁ।

## ୪ର୍ଥ ଦିବସ ସୁଦ୍ଧା ୪ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ନିମାପଡା,୪।୩(ଡି.ଏନ.ଏ):**

ପୌର ନିର୍ବାଚନ ପାଇଁ ନିମାପଡ଼ା ଏନ୍‌ଏଏସିର ୧୧ଟି ୱାର୍ଡରେ ନିର୍ବାଚନ ତାତି ଧୀରେ ଧୀରେ ସରଗରମ ହେବାରେ ଲାଗିଛି। ନିର୍ବାଚନ ପାଇଁ ଗତ ୨ ତାରିଖ ଠାରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଛି। ନାମାଙ୍କନପତ୍ର ଦାଖଲର ୩ ଦିବସରେ ଶୁକ୍ରବାର ଏନ୍‌ଏସି ୧ନଂ. ୱାର୍ଡର ବିଜେଡି ସମର୍ଥିତ କାଉନ୍‌ସିଲର ପ୍ରାର୍ଥୀ କବିତା ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୪ର୍ଥ ଦିବସରେ ଶନିବାର ଏନଏସିର ଅଧ୍ୟକ୍ଷ ପଦବୀ ନିମନ୍ତେ ଭାଜପା ସମର୍ଥିତ ଅଧ୍ୟକ୍ଷ ପଦ ପାଇଁ ବିଲୁପ୍ତା ପ୍ରିୟଦର୍ଶନୀ ମହାନ୍ତି ନାମାଙ୍କନ ଦାଖଲ କରିଛନ୍ତି। ସେହିପରି୨ ନଂ. ୱାର୍ଡ ପାଇଁ ଭାଜପା ସମର୍ଥିତ କାଉନସିଲର ପ୍ରାର୍ଥୀ ନିରଞ୍ଜନ ନାୟକ ଓ ୫୬ନଂ ୱାର୍ଡ ପାଇଁ ସ୍ୱାଧୀନ କାଉନସିଲର ପ୍ରାର୍ଥୀ ବିକ୍ରମାଦିତ୍ୟ ମହାନ୍ତି ନାମାଙ୍କନ ଦାଖଲ କରିଥିବା ଜଣାପଡ଼ିଛି। ରବିବାର ଓ ସୋମବାର ବିଜେଡି, ଭାଜପା ଦଳର ଅଧ୍ୟକ୍ଷ ଓ କାଉନସିଲର ପଦବୀ ନିମନ୍ତେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଜଣାପଡିଛି।

## ସଂକ୍ଷେପରେ

### ଗୋଷ୍ଠୀ କୃଷି ସମୃଦ୍ଧି ମେଳା

ସାକ୍ଷୀଗୋପାଳ,୫।୩(ଡି.ଏନ୍.ଏ.): ପୁରୀ ଜିଲା କୃଷି ବିଜ୍ଞାନକେନ୍ଦ୍ର ଏବଂ ଜୈବ ପ୍ରାଦ୍ୟୋଗିକ ସଂସ୍ଥାନ (ଆଇସିଏଆର) ନୂଆଦିଲ୍ଲୀର ମିଳିତ ଆନୁକୂଲ୍ୟରେ ଗୋଷ୍ଠୀ କୃଷି ସମୃଦ୍ଧି ମେଳା ପୁରୀ ସଦର ବ୍ଲକ ଅନ୍ତର୍ଗତ ଅଚ୍ୟୁତପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମନୋରଞ୍ଜନ କର ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଜାତୀୟ ଜୈବ ପ୍ରାଦ୍ୟୋଗିକ ସଂସ୍ଥାନର ନିର୍ଦ୍ଦେଶକ ଡ. ଅଜିତ କୁମାର ଶାସେନି, ପ୍ରଧାନ ବୈଜ୍ଞାନିକ ଡ. ପ୍ରଶାନ୍ତ କୁମାର ଦାଶ, ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତି, ମତ୍ସ୍ୟବିଜ୍ଞାନୀ ଡ. ଅମ୍ବିକା ପ୍ରସାଦ ନାୟକ ଏବଂ ଜିଲାସ୍ତରୀୟ କୃଷି ଏବଂ ଆନୁଷଙ୍ଗିକ ବିଭାଗର ଅଧିକାରୀମାନେ ଅନୁସୂଚିତ ଜାତି ଓ ଜନଜାତି କୃଷକଙ୍କ ଗୋଷ୍ଠୀଭିତ୍ତିକ ସମୃଦ୍ଧି ଏବଂ ସଶକ୍ତୀକରଣ ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ୨୦୦ରୁ ଊର୍ଦ୍ଧ୍ୱ କୃଷକ ଗୋଷ୍ଠୀର ସଦସ୍ୟଙ୍କୁ ଉନ୍ନତ କିସମର ଫଳଗଛ ଚାରା, ଖରାଦିନିଆ ପନିପରିବା ମଞ୍ଜି, ମାଛ ଯାଆଁଳ, ଛତୁମଞ୍ଜି ବିହନ, କଡ଼କନାଥ କୁକୁଡ଼ା ଛିଆଁ ଆଦି ବଣ୍ଟନ କରାଯାଇଥିଲା।

### ରାସ୍ତାରୁ ନବଜାତ ଶିଶୁ ଉଦ୍ଧାର

କଣାସ, ୫।୩ (ସ୍ୱ.ପ୍ର.): ରାମେଶ୍ୱର-ପୁରୀ ନୂଆ ଜଗନ୍ନାଥ ରାସ୍ତାର ଭାଇଲପୁର ନିକଟରେ ଗତ ୩ ତାରିଖ ସକାଳୁ ଜଣେ ନବଜାତ ଶିଶୁକୁ ଉଦ୍ଧାର କରାଯାଇ ନୀଳାଚଳ ସେବା ପ୍ରତିଷ୍ଠାନକୁ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ, କଣାସ ବ୍ଲକ ଗଡଖାରଦ ଗ୍ରାମର ସର୍ବେଶ୍ୱର ମାର୍ଥା ସେହି ରାସ୍ତା ଦେଇ ପୁରୀରୁ ଫେରୁଥିବାବେଳେ ଏକ ନବଜାତ ଶିଶୁପୁତ୍ର କନାରେ ଗୁଡାହୋଇ ପଡିଥିବା ଦେଖିଥିଲେ। ସେ ଶିଶୁଟିକୁ ଆଣି ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନକୁ ହସ୍ତାନ୍ତର କରିଥିଲେ। ପ୍ରତିଷ୍ଠାନ କର୍ମଚାରୀମାନେ କଣାସ ଥାନା ଜିଲା ଶିଶୁ ସଂଘ କମିଟି ଓ ପୁରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ପରେ ଶିଶୁଟିକୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ବର୍ତ୍ତମାନ ଶିଶୁଟି ଚିକିତ୍ସିତ ହେଉଛି। କେହି ବ୍ୟକ୍ତି ଯଦି ଶିଶୁଟିକୁ ନିଜର ବୋଲି ଦାବି କରନ୍ତି ତେବେ ପ୍ରମାଣପତ୍ର ଶିଶୁ ମଙ୍ଗଳ ସମିତି ନିକଟରେ ଦାଖଲ କରି ଶିଶୁକୁ ନେଇପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ଅଙ୍ଗଦାନ ଶିବିର

ପୁରୀ ଅଫିସ,୫।୩: 'ଓଡ଼ିଶା ମୋ ପରିବାର' ଓ 'ଜୀବନ ବିନ୍ଦୁ' ପକ୍ଷରୁ ଶନିବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ଯୁଗ୍ମ ସଂଯୋଜକ ଶ୍ୟାଳିକ ପରିଜାଙ୍କ ନେତୃତ୍ୱରେ ରକ୍ତଦାନ ଏବଂ ଅଙ୍ଗଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି ଶିବିରକୁ ଉଦ୍‌ଘାଟନ କରିଥିଲେ। ମହେଶ୍ୱରଙ୍କ ସମେତ ୨୫ ଜଣ ଅଙ୍ଗ ଦାନ କରିଥିଲେ। ୭୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଶନିବାର ଶ୍ରୀମନ୍ଦିର ସମ୍ମୁଖରେ ବିଜେଡି ପକ୍ଷରୁ ଦୀପଦାନ କରାଯାଉଛି ।

# ସମାନ୍ତରାଳ ଭାବେ ବିଜୁ ଜୟନ୍ତୀ ପାଳନ

**ପୁରୀ ଅଫିସ, ୫।୩:**

ପୁରୀ ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଶନିବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୁରୀ ସହରରେ ବିଜେଡିର ଦୁଇଗୋଷ୍ଠୀ ପକ୍ଷରୁ ସମାନ୍ତରାଳ ଭାବେ ବିଜୁ ଜୟନ୍ତୀ ପାଳନ କରାଯାଇଛି। ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଜୟନ୍ତୀ ପାଳନ ସହ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଇଛି। ଖୁଣ୍ଟିଆଙ୍କ ନେତୃତ୍ୱରେ ବଡ଼ଦାଣ୍ଡସ୍ଥିତ ନାୟକ ପ୍ଲାଜା ସଭାଗୃହରେ ଏକ ସଭା ହୋଇଥିଲା। ଏଥିରେ ବିଜୁ ବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଖୁଣ୍ଟିଆ ନିଯୋଗ ସଭାପତି ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ସାମାଜିକ କର୍ମୀ ବଦ୍ରି ମିଶ୍ର, ବିଜେଡି ନଗର ଉପସଭାପତି ବିପିନ ପତ୍ରୀ, ନଗର ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି, ସୁବାଷ ଚନ୍ଦ୍ର ସାହୁ, ଗିରିଶ ଚନ୍ଦ୍ର ନାୟକ, ସନ୍ଧ୍ୟାରାଣୀ ଭଞ୍ଜ, ରୋଜାଲିନ ନାୟକ, ସଂଘମିତ୍ର ସିଂହାରୀ ଏବଂ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟରେ ସଭା ହୋଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ ଓ ଆୟୁର୍ବେଦିକ ମହାବିଦ୍ୟାଳୟରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ହୋଇଥିଲା। ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ରାଜେଶ ରଥ, ଜିଲା ମହିଳା ବିଜେଡି ସଭାନେତ୍ରୀ ଶାନ୍ତିଲତା ପ୍ରଧାନ, ନଗର ମହିଳା ବିଜେଡି ସଭାନେତ୍ରୀ ବିନୋଦିନୀ ଦାସ, ଜିଲା ବିଜେଡି ସମ୍ପାଦକ (ଯୁବ ବ୍ୟାପାର) ସରୋଜ ନାୟକ, ନଗର ସଭାପତି ସୁଧାଂଶୁ ଶେଖର ମହାନ୍ତି, ସଦର ସଭାପତି ବିଜୟ ମାଝୀ, ଛାତ୍ର ବିଜେଡି ସାଧାରଣ ସମ୍ପାଦକ ନାରାୟଣ ସିଂ, ଜିଲା ଜୀବନ ବିନ୍ଦୁ ସହ ସଂଯୋଜକ ଭଗବାନ ପଢିଆରୀ, ପୂର୍ବତନ କାଉନସିଲର ପ୍ରୀତମ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର ।

# ବଟି ଆଦାୟ: ୫ ଗିରଫ

**ପୁରୀ ଅଫିସ, ୫।୩:**

ବଟି ଆଦାୟ ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଶାନ୍ତି ଗେଷ୍ଟ ହାଉସ୍ ଲେନ୍‌ର ସୁରେନ୍ଦ୍ର ନାୟକ ଓରଫ ବାବୁନି ଓ ମଦନ ଭିଲ୍ଲା ଅଞ୍ଚଳର ସମୀର ପିଣ୍ଟୁ ସାମନ୍ତରାୟ। ଏମାନଙ୍କଠାରୁ ଦୁଇଟି ଛୁରି, ଦୁଇଟି ମୋବାଇଲ ଫୋନ ଏବଂ ନଗଦ ୭୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ଏକ କେସ୍ (ନଂ.୨୬/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ସମୁଦ୍ରକୂଳ ଲାଇଟ ହାଉସ୍ ଛକ ନିକଟରେ ପର୍ଯ୍ୟଟକ ଗାଡ଼ିର ଡ୍ରାଇଭରମାନଙ୍କୁ ଛୁରି ଦେଖାଇ ବଟି ମାଗୁଥିଲେ। ଖବର ପାଇ ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ସେହିପରି ଦୋକାନୀ ଓ ଯାତ୍ରୀଙ୍କୁ ମାରଣାସ୍ତ୍ର ଦେଖାଇ ବଟି ଆଦାୟ ଅଭିଯୋଗରେ ଟାଉନ ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାସେଳି ସାହି ଥାନା ଅନ୍ତର୍ଗତ ମାର୍କେଣ୍ଡେଶ୍ୱର ସାହି ମିଶ୍ର ଲେନ୍‌ର ରାକେଶ ସାହୁ ଓ ଟାଉନ ଥାନା ଅନ୍ତର୍ଗତ ଦୋଳମଣ୍ଡପ ସାହିର ରାଜକିଶୋର ନାୟକ। ପୋଲିସ ଏମାନଙ୍କଠାରୁ ଲୁହାରଡ୍ ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୬୯/୨୨) ରୁଜୁ ହୋଇଛି। ଶୁକ୍ରବାର ରାତିରେ ପୋଲିସ ରାତ୍ରୀକାଳୀନ ପାଟ୍ରୋଲିଂ କରୁଥିବାବେଳେ ଦୁଇଜଣ ଯୁବକ ସ୍ଥାନୀୟ ଦୋକାନୀ ଓ ଯାତ୍ରୀଙ୍କଠାରୁ ଟଙ୍କା ଆଦାୟ କରୁଥିବା ଖବର ପାଇ ଚଢାଉ କରିଥିଲା। ସେହିପରି ବଟି ଆଦାୟ ଅଭିଯୋଗରେ ଟାଉନ ଥାନା ଅନ୍ତର୍ଗତ ଅମଲା କ୍ଲବ୍ ଅଞ୍ଚଳର ଜଗନ୍ନାଥ ଦାସଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରିଛି। ତାଙ୍କଠାରୁ ଏକ ଛୁରି ଜବତ ହୋଇଛି। ଏ ନେଇ କେସ୍ ନଂ. ୫୬/୨୨ ରୁଜୁ କରାଯାଇଛି।

# ବିଜୁବାବୁଙ୍କ ସ୍ମୃତିଚାରଣ

**ପିପିଲି/ଅସ୍ତରଙ୍ଗ/କାକଟପୁର, ୫।୩(ଡି.ଏନ୍.ଏ.):**

ପିପିଲିସ୍ଥିତ ବିଜେଡି କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ସ୍ଥାନୀୟ ଶିଶୁ ଉଦ୍ୟାନ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ ଏହି ସ୍ମୃତିସଭାରେ ଅଧ୍ୟକ୍ଷତା କରିଥିଲେ। ସଭାରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବିଜେଡିର ସହ-ପର୍ଯ୍ୟବେକ୍ଷକ ପ୍ରମୋଦ କୁମାର ସାମଲ, ବରିଷ୍ଠ ନେତା ଯୁଧିଷ୍ଠିର ସ୍ୱାଇଁ, ଆମ୍ବ କମିଟିର ଅଧ୍ୟକ୍ଷ ଧରଣୀଧର ସାହୁ, ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ଜିଲା ବିଜେଡି ସାଧାରଣ ସମ୍ପାଦକ କିଶୋର ଛୋଟରାୟ, ସମ୍ପାଦକ ସତ୍ୟଜିତ ରାୟଚୌଧୁରୀ, ବରିଷ୍ଠ ନେତା ଶରତ ବେହେରା, ପୂର୍ବତନ ପୌରାଧ୍ୟକ୍ଷ ସେକ୍ ବାବୁ, ଏନ୍‌ଏସି ଯୁବ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଛାତ୍ରନେତା ଫାଜଲ ଖାଁ, ନାରୀନେତ୍ରୀ ଝୁନାମଣି ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ବିଜୁବାବୁଙ୍କ ଆଧୁନିକ ଓଡିଶା ଗଠନ ଉପରେ ଆଲୋକପାତ କରିବା ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ସେହିପରି ବିଜୁବାବୁଙ୍କ ଜୟନ୍ତୀ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ଅସ୍ତରଙ୍ଗସ୍ଥିତ ବାସଭବନରେ ପାଳିତ ହୋଇଯାଇଛି। ଏଥିରେ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସ୍ୱାଧୀନ ନାୟକ ଯୋଗଦେଇ ବିଜୁବାବୁଙ୍କ ଇତିହାସର ସ୍ମୃତି ବଖାଣିଥିଲେ। ବିଜେଡି କର୍ମୀମାନେ ତୃଣମୂଳସ୍ତରରେ ପୁଣି କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ଶପଥ ଗ୍ରହଣ କରିଥିଲେ। ନବନିର୍ବାଚିତ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବନିତା ବେହେରା, ସମସ୍ତ ନବନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ, କୁଞ୍ଜବିହାରୀ ପ୍ରଧାନ, ଭୀମସେନ ସ୍ୱାଇଁ, କ୍ଷୀରୋଦ କାଣ୍ଡି, ପ୍ରଫୁଲ୍ଲ ସ୍ୱାଇଁ, ବିଜେଡି ସଭାପତି ପ୍ରଶାନ୍ତ ନାୟକ, ତପନ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାକଟପୁରସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଜୁବାବୁଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ, କାକଟପୁର ବ୍ଲକ ୮ନଂ ଜୋନ୍ ରାଜ୍ୟ ସାଧାରଣ ସମ୍ପାଦକ ସ୍ୱାଧୀନ ନାୟକ, ୭ନଂ ଜିଲାପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ, ନବନିର୍ବାଚିତ ସରପଞ୍ଚ କାକଟପୁର ଗ୍ରାମପଞ୍ଚାୟତର ସରପଞ୍ଚ ଅଭୟ ସେଠୀ, ସମିତିସଭ୍ୟ ମନୋଜ ନାୟକ, ରାମଚନ୍ଦ୍ର ବିଶ୍ୱାଳ, ଗୁଣନିଧି ଯେନା ଓ ୱାର୍ଡ ସଭ୍ୟାସଭ୍ୟ ବ୍ଲକର ବିଜେଡି ବରିଷ୍ଠ ନେତା, କର୍ମୀମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଦୀକ୍ଷିତ, ବିଷ୍ଣୁଚରଣ ବିଶ୍ୱାଳ, କିଶୋର ପଣ୍ଡା, ପ୍ରଫୁଲ୍ଲ ରଥ, ମାନସ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

## ଗଣଶିକ୍ଷାମନ୍ତ୍ରୀଙ୍କ ନିକଟରେ ଗୋପ ଅଧିକ୍ଷା ପଦ ଲାଗି ଦାବି

**ଗୋପ, ୫।୩(ଡି.ଏନ୍.ଏ.):**

ଗୋପକୁ କେବେବି ଅଧକ୍ଷା କିମ୍ବା ଅଧ୍ୟକ୍ଷ ପଦ ମିଳି ନ ଥିବାବେଳେ ବିଜେଡି ପକ୍ଷରୁ ଚଳିତ ବ୍ଲକ ଅଧକ୍ଷା ପଦ ଦେବାକୁ ସ୍ଥାନୀୟ ବିଧାୟକ ତଥା ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଶନିବାର ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଗୋପ ବ୍ଲକରେ ୩ ନିର୍ବାଚନ ମଣ୍ଡଳୀ ଓ ୨ଟି ଲୋକସଭା ନିର୍ବାଚନ ମଣ୍ଡଳୀ ରହିଛି। ଏଠାକାର ଲୋକସଂଖ୍ୟା ୨ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ୩୧ଟି ପଞ୍ଚାୟତ ରହିଛି। ତେବେ ରାଜନୈତିକ ଦୃଷ୍ଟିକୋଣରୁ ବ୍ଲକଟି ଅବହେଳିତ ହୋଇରହିଛି। ଫଳରେ ପଞ୍ଚାୟତ ନିର୍ବାଚନରେ ଅଧକ୍ଷ ଓ ଉପାଧ୍ୟକ୍ଷ ପଦବୀକୁ ନେଇ ଅନେକ ବିବାଦ ସୃଷ୍ଟି ହୋଇଥାଏ। ଏହା ଫଳରେ ସରକାରୀ କର୍ମୀମାନେ ସାଧାରଣ ଲୋକଙ୍କଠାରୁ ଫାଇଦ ହାସଲ କରିଥାନ୍ତି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତରେ ଏହି ବ୍ଲକ ଲାଗି ଅଧକ୍ଷା ପଦଟି ମହିଳା ସଂରକ୍ଷିତ ଥିବାରୁ ଏହି ପଦବୀକୁ ଗୋପ ପଞ୍ଚାୟତ ଦେବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି।

## ସମୁଦ୍ରରେ ଭାସିଯିବାବେଳେ ମହିଳା ଉଦ୍ଧାର

**ପୁରୀ ଅଫିସ, ୫।୩:**

ସମୁଦ୍ରରେ ସ୍ନାନ ବେଳେ ଲହଡ଼ି ମାଡରେ ଆଘାତ ପାଇ ଭାସିଯାଉଥିବା ଜଣେ ମହିଳା ପର୍ଯ୍ୟଟକଙ୍କୁ ଶନିବାର ଲାଇଫଗାର୍ଡ ଉଦ୍ଧାର କରି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତାଙ୍କ ସୁମି ଘୋଷ (୩୮) ଓ ଘର ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାରେ ବୋଲି ଜଣାପଡ଼ିଛି। ତାଙ୍କର ଡାହାଣ ଗୋଡ଼ରେ ଆଘାତ ଲାଗିଛି।

# କାୟାକଳ୍ପ ପ୍ରତିନିଧିଙ୍କ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**କଣାସ, ୫।୩(ସ୍ୱ.ପ୍ର.):**

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶନିବାର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ପ୍ରତିନିଧି ମଣ୍ଡଳୀ ପରିଦର୍ଶନ କରିଛନ୍ତି। ପ୍ରତିନିଧିମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱଚ୍ଛ ପରିବେଶ, ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ବିଶୁଦ୍ଧ ପାନୀୟଜଳ, ଶୌଚାଳୟ, ଅଗ୍ନି ନିରୋଧକ, ବହିର୍ବିଭାଗ, ଅନ୍ତଃବିଭାଗ, ନିରାମୟ, ପ୍ରତିଷେଧକ, ଶିଶୁ ପୁନର୍ବାସ, ପ୍ରସୂତି ବିଭାଗ ପ୍ରଭୃତି ବୁଲି ଦେଖିଥିଲେ। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଖାତାପତ୍ର ତନଖି କରିଥିଲେ। ଚିକିତ୍ସିତ ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମାଗଣା ଔଷଧ ମିଳୁଛି କି ନାହିଁ, କର୍ମଚାରୀମାନେ ରୋଗୀଙ୍କ ଚିକିତ୍ସା ଠିକ୍ ଭାବରେ କରୁଛନ୍ତି କି ନାହିଁ, ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ରମେଶଚନ୍ଦ୍ର ବେହେରାଙ୍କୁ ପଚାରି ବୁଝିଥିଲେ।

# ଜିଲାରେ ୧୧୪୦ ଭିନ୍ନକ୍ଷମ ଶିଶୁ

**ପୁରୀ ଅଫିସ,୫।୩:**

ପୁରୀ ଜିଲାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଯୋଜନାରେ ସର୍ଭେ ଶେଷ ହୋଇଛି। ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବା ସହ ଶୂନରୁ ୬ବର୍ଷ ବୟସର ଭିନ୍ନକ୍ଷମ ପିଲାଙ୍କ ତାଲିକା ପ୍ରସ୍ତୁତ କରିଛନ୍ତି। ଜିଲାରେ ମୋଟ ୧୧୪୦ ଜଣ ଭିନ୍ନକ୍ଷମ ଶିଶୁ ଚିହ୍ନଟ ହୋଇଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ନାୟକ କହିଛନ୍ତି, ସର୍ଭେ ଶେଷ ହୋଇଛି। ଏହାପରେ ଜିଲାର ବିଭିନ୍ନ ସ୍ଥାନରେ କ୍ୟାମ୍ପ କରାଯିବ। ଅଙ୍ଗନୱାଡି କର୍ମୀମାନେ ଭିନ୍ନକ୍ଷମ ପିଲାଙ୍କୁ ପଞ୍ଜୀକୃତ କରିବା ପରେ କ୍ୟାମ୍ପକୁ ଆଣିବେ। ସେଠାରେ ପରୀକ୍ଷା କରାଯାଇ ଆବଶ୍ୟକ ସାମଗ୍ରୀ ଦିଆଯିବ। ମେଧାବୀ ପିଲାଙ୍କୁ ବୃତ୍ତି ପ୍ରଦାନ କରାଯିବ। ଭିନ୍ନକ୍ଷମ ପିଲାଙ୍କ ପରିବାରକୁ ରାଶନ କାର୍ଡ ମିଳିବ। ସେମାନେ ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଉପକୃତ ହୋଇପାରିବେ। ୬ ବର୍ଷ ବୟସ ପରେ ପିଲାଙ୍କୁ ସ୍ୱତନ୍ତ୍ର ବିଦ୍ୟାଳୟରେ ଭର୍ତ୍ତି କରାଯିବ। ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ନିମାପଡ଼ା ଓ ଗୋପରେ ସ୍ୱତନ୍ତ୍ର ବିଦ୍ୟାଳୟ ରହିଛି।

# ଚୋରି ମୂର୍ତ୍ତି ଉଦ୍ଧାର ଦାବିରେ ରାସ୍ତାରୋକୋ

**ସାକ୍ଷୀଗୋପାଳ, ୫।୩(ଡି.ଏନ୍.ଏ./ସ୍ୱ.ପ୍ର.):**

ସତ୍ୟବାଦୀ ଥାନା ଅନ୍ତର୍ଗତ ନୂଆ ସୋମେଶ୍ୱରପୁର ଶାସନ ଗୋପୀନାଥ ମନ୍ଦିରରୁ ଗତ ୧୩ ତାରିଖରେ ଲକ୍ଷାଧିକ ଟଙ୍କାର ୭ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ତେବେ ଘଟଣାକୁ ୨୦ ଦିନ





ନୂଆ ସୋମେଶ୍ୱରପୁର ଶାସନର ବାସିନ୍ଦା ରାସ୍ତା ଅବରୋଧ କରିଛନ୍ତି ।

### ତଦନ୍ତରେ ଅବହେଳା ଅଭିଯୋଗ

ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ପତ୍ତା ପାଉ ନ ଥିବା ବେଳେ ଚୋରି ମୂର୍ତ୍ତି ଉଦ୍ଧାର ହୋଇପାରିନାହିଁ। ତଦନ୍ତରେ ଅବହେଳା ଅଭିଯୋଗ ଆଣି ଶନିବାର ସ୍ଥାନୀୟ ଗ୍ରାମବାସୀ ଗାଁ ଦାଣ୍ଡରେ ବାଉଁଶ ବାନ୍ଧି ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ଗ୍ରାମ ଦେଇ ଯାଉଥିବା ଯାନବାହନ ଚଳାଚଳ ବନ୍ଦ ରହିଥିଲା। ତୁରନ୍ତ ଚୋରି ମୂର୍ତ୍ତି ଉଦ୍ଧାର କିମ୍ବା ନୂତନ ବିଗ୍ରହ ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ଦାବି କରିଥିଲେ। ଖବର ପାଇ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ସନ୍ଧ୍ୟା ୬ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତୁରନ୍ତ ଚୋରି ମୂର୍ତ୍ତି ଉଦ୍ଧାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଆନ୍ତଃଜିଲା ଲୁଟେରା ଗ୍ୟାଙ୍ଗ ଧରାପଡ଼ିଲା

**ପୁରୀ ଅଫିସ, ୫।୩:**

ଏକ ଆନ୍ତଃଜିଲା ଲୁଟେରା ଗ୍ୟାଙ୍ଗ ପୋଲିସ ହାତରେ ଧରାପଡ଼ିଛି। ଏହି ଗ୍ୟାଙ୍ଗର ୫ ସଦସ୍ୟଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୭ଟି ବାଇକ୍, ୪ ମୋବାଇଲ ଫୋନ୍, ୨ଟି ଟିଭି, କମ୍ପ୍ୟୁଟର, ମାଇକ୍ରୋଓଭନ ଓ ଆଲୁମିନିୟମ ଇଲେକ୍ଟ୍ରିକ ତାର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଅନ୍ତର୍ଗତ ଦଳେଇପୁଟ ଗୁମପାଟଣା ସାହିର ଭୋଲେଶ୍ୱର୍ ବେହେରା (୨୪), ନିରାକାରପୁର ଥାନା ଅନ୍ତର୍ଗତ ମଞ୍ଜରିଆ ପାଟଣାର ମହେଶ୍ୱର ଭୋଇ (୨୨), ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ବାଉରିସାହିର ହେମନ୍ତ ବେହେରା(୩୦), ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଷ୍ଟେସନ ରୋଡ ଘୋଡ଼ାବଜାରର ପି. ଚନ୍ଦ୍ରାୟ ରେଡ୍ଡୀ



ଗିରଫ ଅଭିଯୁକ୍ତ ଏବଂ ଜବତ ବାଇକ୍ ।

(୪୦) ଏବଂ ଜଣେ ନାବାଳକ ରହିଛନ୍ତି। ଏ ନେଇ ପୋଲିସ ଏକ କେସ୍ (ନଂ. ୩୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

ଶନିବାର ତାଳବଣିଆ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପଣ୍ଡା କହିଛନ୍ତି, ଗତ ମାସ ୨୮ ତାରିଖରେ ମାଟିଆପଡ଼ାର ସୁଦର୍ଶନ ଦାସଙ୍କ ଘରୁ ଗାଡ଼ି ଚୋରି ହୋଇଥିବା ନେଇ ସେ ତାଳବଣିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ତାଳବଣିଆ ଅଞ୍ଚଳରେ ଚୋରା ବାଇକ୍ ରଖାଯାଇଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା। ଏଏସ୍‌ଆଇ କୁନି ବେହେରାଙ୍କ ନେତୃତ୍ୱରେ ପୋଲିସ ସେଠାରେ ଚଢ଼ାଉ କରି ଚୋରି ସାମଗ୍ରୀ ଜବତ କରିଥିଲେ। ଚୋରି ଘଟଣାରେ ସଂପୃକ୍ତ ଥିବା ଜଣେ ନାବାଳକ ଏବଂ ଅନ୍ୟ ୨ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଚୋରି ଜିନିଷ ଲୁଚାଇ ରଖିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କୁ ଶନିବାର ଧାରା ୩୭୯ରେ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ପୁରୀ ସହରରେ ଏବେ ଚୋରି, ଲୁଟ୍ ଓ ବଟି ଆଦାୟ ପ୍ରଭୃତି ଘଟଣା ବଢିବାରେ ଲାଗିଛି।

### ୫ ଗିରଫ, ୭ ବାଇକ୍, କମ୍ପ୍ୟୁଟର ଓ ଟିଭି ଜବତ

## ସଂକ୍ଷେପରେ

### ପୌର ନିର୍ବାଚନ, ୧୨ ନାମାଙ୍କନ ପତ୍ର ଦାଖଲ

**କଟକ ଅଫିସ, ୫।୩:** ପୌର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଗତ ୨ ତାରିଖରୁ ଆରମ୍ଭ ହୋଇଛି। ଶନିବାର ଚତୁର୍ଥ ଦିନରେ କଟକ ମହାନଗର ନିଗମ(ସିଏମ୍‌ସି)ର ବିଜୁ ଭବନ ଓ ଏହା ନିକଟ କଲ୍ୟାଣ ମଣ୍ଡପରେ ୧୨ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୩ନଂ. ୱାର୍ଡରୁ ପ୍ରଦୋଷ କୁମାର ଦାସ, ୪ ନଂ. ୱାର୍ଡରୁ ସୁମିତ୍ରା ସାମଲ, ୧୩ ନଂ. ୱାର୍ଡରୁ ସତ୍ୟରଞ୍ଜନ ତ୍ରିପାଠୀ, ୨୨ ନଂ. ୱାର୍ଡରୁ ହିମାଂଶୁ ରାଉତ, ୨୫ ନଂ. ୱାର୍ଡରୁ ସତ୍ୟରାମ ସାହୁ, ୨୬ ନଂ. ୱାର୍ଡରୁ ଗଗନ ଓଝା ଓ ଏସ୍‌କେ ଇର୍‌ଫାନ, ୨୭ ନଂ. ୱାର୍ଡରୁ ସୁରେଶ ଶର୍ମା, ୪୫ ନଂ. ୱାର୍ଡରୁ କେଶବ ପଲେଇ, ୪୬ ନଂ. ୱାର୍ଡରୁ ଅଜୟ ଗୋଚ୍ଛାୟତ, ୪୮ ନଂ. ୱାର୍ଡରୁ ମମତା ନାୟକ କର୍ପୋରେଟର ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଏସ୍‌ୟୁସିଆଇ(ସି) ପକ୍ଷରୁ ବବି ବଳବନ୍ତରାୟ ମେୟର ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅପରପକ୍ଷେ ଶନିବାର କର୍ପୋରେଟର ପାଇଁ ୫୦ ଓ ମେୟର ପାଇଁ ୩ଟି ଫର୍ମ ବିକ୍ରି ହୋଇଛି। ବର୍ତ୍ତମାନ ସୁଦ୍ଧା ମୋଟ୍ ୬୩୬ଟି ଫର୍ମ ବିକ୍ରି ହୋଇଥିବାବେଳେ ୧୯ଟି ନାମାଙ୍କନ ପତ୍ର ଦାଖଲ ହୋଇଛି।

### ପୌରାଧ୍ୟକ୍ଷ ପାଇଁ ଭାଜପାରୁ ଦେବସ୍ମିତା ପ୍ରାର୍ଥିପତ୍ର ଦାଖଲ କଲେ

**ଚୌଦ୍ୱାର,୫।୩(ଡି.ଏନ୍.ଏ.):** ପୌର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବାକୁ ଆଉ ୨ ଦିନ ବାକି ରହିଛି। ଇତିମଧ୍ୟରେ ଭାଜପା ପକ୍ଷରୁ ଦେବସ୍ମିତା ନାୟକ ପୌରାଧ୍ୟକ୍ଷା ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ଜଣେ ବି.ଟେକ୍ ଛାତ୍ରୀ ହୋଇଥିବାବେଳେ ଏବେ ନିର୍ବାଚନ ମଇଦାନରେ ପାଦ ଥାପିଛନ୍ତି। ଅନ୍ୟପକ୍ଷରେ କାଉନ୍‌ସିଲର ପାଇଁ ୧୦୫ ଓ ପୌରାଧ୍ୟକ୍ଷ ପାଇଁ ୧୬ଟି ଫର୍ମ ପୌର କାର୍ଯ୍ୟାଳୟରୁ ଆଶାୟୀମାନେ କିଣିଥିବା ଜଣାପଡିଛି। ନାମାଙ୍କନ ଦାଖଲର ଚତୁର୍ଥ ଦିନ ସୁଦ୍ଧା ମୋଟ୍ ପୌରାଧ୍ୟକ୍ଷ ପାଇଁ ୨ଜଣ ଓ କାଉନ୍‌ସିଲର ପାଇଁ ୪ଜଣ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି।

### କଂଗ୍ରେସରେ ଯୋଗଦେଲେ ପୂର୍ବତନ କର୍ପୋରେଟର

**କଟକ ଅଫିସ, ୫।୩:** କଟକ ମହାନଗର ନିଗମ(ସିଏମ୍‌ସି) ୧୦ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ଜ୍ଞାନରଞ୍ଜନ ସ୍ୱାଇଁ ଶନିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ଅବସରରେ କଟକ ସେଲ୍‌ଟର ଛକସ୍ଥିତ ବିଧାୟକ ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋକିମ ଯୋଗଦେଇ ନୂତନ ଭାବେ ଯୋଗ ଦେଇଥିବା ପୂର୍ବତନ କର୍ପୋରେଟର ସ୍ୱାଇଁ, ଜୟଦେବ ଦାସ, ବସନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଟକ ସହରକୁ ସୁଦୃଢ଼ କରିବା ସହିତ ଆଗାମୀ ପୌର ନିର୍ବାଚନରେ ଯୁବ ନେତୃତ୍ୱର ଦୃଷ୍ଟି ଆକର୍ଷଣ ପାଇଁ କାର୍ଯ୍ୟ କରିବାକୁ ମୋକିମ ଆହ୍ୱାନ ଦେଇଥିଲେ। ମୋକିମଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ କଂଗ୍ରେସର ସାଙ୍ଗଠନିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଜ୍ଞାନରଞ୍ଜନ ପ୍ରତିଶ୍ରୁତି ଦେଇଥିଲେ।

### ଦଳବିରୋଧୀ କାର୍ଯ୍ୟ ପାଇଁ ସିଦ୍ଧାନ୍ତ ନିଲମ୍ବିତ

**କଣ୍ଟାପଡ଼ା,୫।୩(ଡି.ଏନ୍.ଏ.):** ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିର କଣ୍ଟାପଡା ବ୍ଲକ ଆଇଟି କୋଅର୍ଡିନେଟର ସିଦ୍ଧାନ୍ତ ମହାନ୍ତିଙ୍କୁ ଶନିବାର ଦଳରୁ ନିଲମ୍ବିତ କରାଯାଇଛି। କଟକ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ସ୍ମୃତିରଞ୍ଜନ ନାୟକ ଏକ ନିଲମ୍ବନ ଚିଠି ସିଦ୍ଧାନ୍ତଙ୍କ ନିକଟକୁ ପଠାଇଛନ୍ତି। ଏ ସମ୍ପର୍କରେ ସିଦ୍ଧାନ୍ତ କହିଛନ୍ତି, ମୋ' ଦାଦା ଚଳିତ ନିର୍ବାଚନରେ ସରପଞ୍ଚ ଭାବେ ଛିଡା ହୋଇଥିଲେ। ଦାଦାଙ୍କୁ ସମର୍ଥନ କରିବା କ'ଣ ଦଳବିରୋଧୀ କାର୍ଯ୍ୟ ବୋଲି ସେ କହିଛନ୍ତି।

### ହୋମିଓପାଥିକ ଚିକିତ୍ସା ଶିବିର

**ଖୁଣ୍ଟୁଣୀ,୫।୩(ଡି.ଏନ.ଏ.):** କଟକ ଜିଲା ଗୋବରା ଗ୍ରାମରେ ଥିବା ବିଳାସିନୀ ଦେବୀ ସ୍ମାରକୀ ପାଠାଗାର ପରିସରରେ ଶନିବାର ଦାତବ୍ୟ ହୋମିଓପାଥିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡା. ବିଚିତ୍ରାନନ୍ଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଥିରେ ଗୋବରା ଓ ଆଖପାଖ ଆଦିବାସୀପଡ଼ା ଗ୍ରାମର ପ୍ରାୟ ୫୫ ଜଣ ରୋଗୀଙ୍କ ଚିକିତ୍ସା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ରୋଟାରିଆନ ଶରତ କୁମାର ଖୁଣ୍ଟିଆ, ଶିକ୍ଷାବିତ୍ ରବିନ କୁମାର ମହାରଣା ଶିବିର ପରିଚାଳନା କରିଥିବାବେଳେ ପାଠାଗାରର ସଦସ୍ୟ ସର୍ବେଶ୍ୱର ରାଉତ, ସୁଜିତ୍ ଜେନା, ସତ୍ୟଜିତ୍ ଖୁଣ୍ଟିଆ ଓ ରାକେଶ ବେହେରା ସହଯୋଗ କରିଥିଲେ।

# 'ଶିଶୁ ଯୌନ ନିର୍ଯାତନା ଆଇନ କଡ଼ାକଡ଼ି ହେଉ'

**କଟକ ଅଫିସ,୫।୩**

ଓଡ଼ିଶା ଜୁଡିସିଆଲ ଏକାଡେମୀ ଏବଂ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଶିଶୁ ଯୌନ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଜୁଡିସିଆଲ ଏକାଡେମୀର ଗତିକୃଷ୍ଣ ମିଶ୍ର ପ୍ରେକ୍ଷାଳୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଦିନକୁ ଦିନ ଶିଶୁମାନେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି। ଏଣୁ ଏ ସମ୍ପର୍କିତ ଆଇନ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ୍। ସେହିପରି ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ପ୍ରଶିକ୍ଷଣ ବିଭାଗର ଅଧ୍ୟକ୍ଷ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଆଇ. ଜି. ସାଇନି ଏସ୍ ଯୋଗଦେଇ ଶିଶୁ ଯୌନ ସୁରକ୍ଷା ଆଇନ ଅନୁଯାୟୀ ଠିକ୍ ସମୟରେ ତଦନ୍ତ କରିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ବୋଲି କହିଥିଲେ। ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଏସ୍.ଏନ୍. ମହାନ୍ତି ଯୋଗଦେଇ ଡାକ୍ତରୀ ପରୀକ୍ଷା ସମ୍ପର୍କିତ କାଗଜପତ୍ର ପୀଡ଼ିତଙ୍କୁ ଯୋଗାଇବା ଡାକ୍ତରଙ୍କ ଭୂମିକା ଉପରେ ଆଲୋଚନା କରଥିଲେ। ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ମାନସିକ ରୋଗ ବିଭାଗର ମୁଖ୍ୟ ପ୍ରଫେସର ସାରଦା ପ୍ରସନ୍ନ ସ୍ୱାଇଁ ଶିଶୁ ଯୌନ ସୁରକ୍ଷା ଆଇନ ଅନୁଯାୟୀ ଶିଶୁମାନଙ୍କର ମାନସିକତା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ହାଇକୋର୍ଟ ବିଚାରପତି ତଥା ଓଡ଼ିଶା ଜୁଡିସିଆଲ ଏକାଡେମୀ ସମିତି ସଦସ୍ୟ ସଙ୍ଗମ କୁମାର ସାହୁ କହିଥିଲେ, ବିଭାଗୀୟ ଅଧିକାରୀମାନେ ଶିଶୁ ଯୌନ ସୁରକ୍ଷା ଆଇନ ଅନୁଯାୟୀ ପୀଡ଼ିତ ଶିଶୁଙ୍କ ପରୀକ୍ଷା ଏବଂ ବିଚାର ସମୟରେ ଶିଶୁ ସାକ୍ଷୀଙ୍କ ବୟାନକୁ ଗୁରୁତ୍ୱ ଦେବା ଉଚିତ୍। ହାଇକୋର୍ଟ ବିଚାରପତି ଏସ୍. ପୂଜାହାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ମାନସ ରଞ୍ଜନ ବାରିକ ଓ ଅନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ହାଇକୋର୍ଟ ଓ ପୋକ୍‌ସୋ କୋର୍ଟର ବିଚାରପତି, ଡାକ୍ତର, ପୋଲିସ, ନିମନ୍ତ୍ରିତ ପ୍ରଶିକ୍ଷକ ଓ ଅତିଥିଙ୍କ ସହ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମଚାରୀ ଯୋଗଦେଇଥିଲେ।

# ଦେଶର ୭୫ ସଫଳ ମହିଳାଙ୍କ ମଧ୍ୟରେ ମାମୋନି, ମନୀଷା

**ଭୁବନେଶ୍ୱର, ୫।୩(ବ୍ୟୁରୋ)**


ମାମୋନି ଦାଶ


ମନୀଷା ଆଚାର୍ଯ୍ୟ

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ବ୍ରିଟିଶ ଉଚ୍ଚାୟୁକ୍ତ କାର୍ଯ୍ୟାଳୟରେ ୭୫ଜଣ ମହିଳାଙ୍କୁ ସମ୍ମାନିତ କରାଯିବାକୁ ଘୋଷଣା କରାଯାଇଛି। ବିଭିନ୍ନ କ୍ଷେତ୍ର ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ, ଗଣିତ, କଳା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାମାନେ ଏଥିରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ, ଭୁବନେଶ୍ୱରର ମାମୋନି ଦାଶ ମନୋନୀତ ହୋଇଛନ୍ତି। ସେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି, ରାଉରକେଲାରୁ ପିଏଚ୍‌ଡି ହାସଲ କରିଥିଲେ। ୨୦୧୮ ରେ ରାମାଲିଙ୍ଗାସ୍ୱାମୀ ଫେଲୋ ପାଇ ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସରେ ଯୋଗ ଦେଇଥିଲେ ଓ ୨୦୨୧ରୁ ଫ୍ୟାକଲ୍ଟି ଅଛନ୍ତି। ଅନୁରୂପ ଭାବେ ମନୀଷା ଆଚାର୍ଯ୍ୟ ଚୟନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଇନୋଭେଶନ ଆଣ୍ଡ ଇନ୍‌କ୍ୟୁବେଶନ ସେଣ୍ଟରର ସିଇଓ ଅଟନ୍ତି। ସେ ୨୦୧୯ରେ ବ୍ରିଟିଶ ଚେଭେନିଂ ଫେଲୋଶିପ୍ ପାଇଁ ମନୋନୀତ ହୋଇଥିଲେ ଏବଂ ଅକ୍ସଫୋର୍ଡ ୟୁନିଭର୍ସିଟିରେ ଅଧ୍ୟୟନ କରିଥିଲେ।



ପାଲା ମହୋତ୍ସବରେ ପାଲାଗାୟକ ବେଣୁଧର ଷଡ଼ଙ୍ଗୀଙ୍କୁ ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

# 'ମନୋରଞ୍ଜନରେ ପାଲା ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ'

**କଟକ ଅଫିସ, ୫।୩**

**ପାଲା ମହୋତ୍ସବ ଉଦ୍‌ଘାଟିତ**

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦୁଇଦିନିଆ ପାଲା ମହୋତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପ୍ରଶାସକ ପ୍ରସନ୍ନ କୁମାର ଜେନା ଉଦ୍‌ଘାଟନ କରି କହିଥିଲେ, ଦୂରଦର୍ଶନ ପ୍ରସାର ପୂର୍ବରୁ ପାଲା ଲୋକଶିକ୍ଷା ଓ ମନୋରଞ୍ଜନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲା। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପଣ୍ଡିତ ଚୈତନ୍ୟ କୁମାର ସାହୁ ଯୋଗଦେଇ କହିଥିଲେ, ସାମ୍ପ୍ରତିକ ସମାଜରେ ପାଲାର ମହତ୍ୱ କମି ଆସୁଛି। ହେଲେ ଲୋକଜୀବନର ଧାରାକୁ ପାଲାଠାରୁ ଆମେ ଅଲଗା କରିପାରିବା ନାହିଁ ବୋଲି ସେ କହିଥିଲେ। ଏହି ଅବସରରେ ପାଲାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପାଲାଗାୟକ ବେଣୁଧର ଷଡ଼ଙ୍ଗୀଙ୍କୁ ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପାଲାଗାୟକ ଷଡ଼ଙ୍ଗୀ ଓ ସାଥୀ ସନ୍ତୋଷ କୁମାର ରାଉତ, ନିଗମାନନ୍ଦ ବାରିକ, ମାନସ ରଞ୍ଜନ ନାଥ, ଦିବାକର ଲେଙ୍କା ଏବଂ ରଜତ କୁମାର ମୁଦୁଲି ପାଲା ପରିବେଷଣ କରିଥିଲେ। ଅନୁଷ୍ଠାନର ଉପସଭାପତି ତଥା ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଓ ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର ମାନପତ୍ର ପାଠ କରିଥିଲେ।

# ରଙ୍ଗମିସ୍ତ୍ରିଙ୍କୁ ମାଡ଼ ମାରି ୨ ଗିରଫ

**ଫୁଲନଖରା,୫।୩(ଡି.ଏନ୍.ଏ.)**

ରଙ୍ଗ ମିସ୍ତ୍ରିଙ୍କୁ ମାଡ଼ ମାରିବା ସହ ମେଶିନ ଛଡ଼ାଇନେବା ଅଭିଯୋଗରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ଗ୍ରାମର ବସିର ଖାନ୍ ଓ ଆୟୁବ୍ ଖାନ୍। ସେମାନଙ୍କଠାରୁ ପୋଲିସ ଗୋଟିଏ କଟୁରି ଓ ଏକ ବାଇକ୍ ଜବତ କରିଛି। ବାଲିଅନ୍ତା ଅଞ୍ଚଳର ରଙ୍ଗମିସ୍ତ୍ରି ସନ୍ତୋଷ ଭୋଇ କଟକ ସଦର ଥାନା ଅନ୍ତର୍ଗତ କୁରୁଣ୍ଟି ଅଞ୍ଚଳର ଏକ ଅଟ୍ଟାଳିକାରେ ଶୁକ୍ରବାର ରଙ୍ଗ ଦେଉଥିବାବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଚାନ୍ଦା ମାଗିଥିଲେ। ସେ ନ ଦେବାରୁ ସେମାନେ ତାଙ୍କୁ ମାଡ଼ ମାରିବା ସହ ମେଶିନ ଛଡାଇ ନେଇଥିଲେ। ଏନେଇ ସନ୍ତୋଷ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୦/୨୨) ରୁଜୁ କରିଛି। ଅଭିଯୁକ୍ତଦ୍ୱୟ ଚାନ୍ଦା ଆଦାୟ, ଆକ୍ରମଣ, ମାରଣାସ୍ତ୍ର ଦେଖାଇ ଲୁଟ୍ କରିବା ଭଳି ବହୁ ଆପରାଧିକ ମାମଲାରେ ସଂଶ୍ଳିଷ୍ଟ ଅଛନ୍ତି। ବିଭିନ୍ନ ଥାନାରେ ବସିରଙ୍କ ନାମରେ ୧୪ ଓ ଆୟୁବ୍‌ଙ୍କ ନାମରେ ୮ଟି ମାମଲା ରହିଥିବା ପୋଲିସ କହିଛି।

# ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ

**ତିଗିରିଆ,୫।୩(ଡି.ଏନ.ଏ.)**

ଜନ୍ମରୁ ୨ ବର୍ଷ ପର୍ଯ୍ୟନ୍ତ ପିଲା ଏବଂ ଗର୍ଭବତୀଙ୍କ ଟିକାକରଣକୁ ସୁନିଶ୍ଚିତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ତିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶନିବାର ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ବିଶ୍ୱବିକାଶ ରାଉତରାୟ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବିଦ୍ୟୁତ୍‌ପ୍ରଭା ନନ୍ଦ, ଆୟୁଷ ଡାକ୍ତର ପ୍ରିୟଦର୍ଶିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ପୁରୁଣା ରାଜଧାନୀ ନୂଆ ରୂପରେ ଠିଆ ହେବ'


ଖବରଦାତା ସମ୍ମିଳନୀରେ ମେୟର ପ୍ରାର୍ଥୀ ସୁବାସ ସିଂ ଉଦ୍‌ବୋଧନ ଦେଉଛନ୍ତି।

**କଟକ ଅଫିସ, ୫।୩**

ପୌର ନିର୍ବାଚନ ପାଇଁ ସହରରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ନାମାଙ୍କନପତ୍ର ଦାଖଲର ସମୟସୀମା ଆଉ ୨ ଦିନ ରହିଥିବାବେଳେ କଂଗ୍ରେସ ଓ ବିଜେଡି ପକ୍ଷରୁ ମେୟର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ହେଲେ ଭାଜପାର ଅଙ୍କକଷା ଏପର୍ଯ୍ୟନ୍ତ ଜାରି ରହିଛି। ବୁଧବାର କଂଗ୍ରେସ ଗିରିବାଳା ବେହେରାଙ୍କୁ ମେୟର ପ୍ରାର୍ଥୀ ଭାବରେ ଘୋଷଣା କରିଥିବାବେଳେ ଶନିବାର ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟ ସୁବାସ ସିଂଙ୍କୁ ମେୟର ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଏନେଇ କଟକ ରାଜାବଗିଚାସ୍ଥିତ ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ବାସଭବନରେ ଶନିବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସୁବାସ କହିଥିଲେ, ଏହି ସ୍ଥାନର ଉନ୍ନତି ପାଇଁ ୪୦ ବର୍ଷ ହେବ ସ୍ୱପ୍ନ ଦେଖିଛି। ତାହାକୁ ନୂତନ ରୂପରେଖ ଦେବା ପାଇଁ ମୋତେ ସୁଯୋଗ ମିଳିଥିବାରୁ ମୁଁ ଗର୍ବିତ। ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡି ବହୁ ସଫଳତା ପାଇଛି। ସେହିପରି ପୌର ନିର୍ବାଚନରେ ମଧ୍ୟ ସଫଳତା ପାଇବ। ସହରରେ ବର୍ତ୍ତମାନ ୧୦ ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ପୁରୁଣା ରାଜଧାନୀ କଟକର ଗୌରବ ନୂଆ ରୂପରେ ଠିଆ ହେବ। ଏହି କାର୍ଯ୍ୟକୁ ଆଗକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ମୋତେ କଟକ ମେୟର ପ୍ରାର୍ଥୀ ଭାବେ ମନୋନୀତ କରିଛନ୍ତି। ସେଥିପାଇଁ ବହୁତ ଆନନ୍ଦିତ ବୋଲି ସେ କହିଛନ୍ତି।

# ଟ୍ରାନ୍ସଫର୍ମର ଜଳିଗଲା, ରୋଗୀ ଭୟଭୀତ

**କଟକ ଅଫିସ,୫।୩**

**ଏସ୍‌ସିବିରେ ଅଗ୍ନିକାଣ୍ଡ**



ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସରରେ ଶନିବାର ଅଗ୍ନିକାଣ୍ଡ ଘଟିଥିଲା। ହେଲେ ଏଥିରେ କୌଣସି କ୍ଷତି ଘଟି ନ ଥିବା ଜଣାପଡିଛି। ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ଗେଟ୍ ସମ୍ମୁଖରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ହଠାତ୍ ଜଳି ଉଠିଥିଲା। ଏହାକୁ ଦେଖି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଭୟଭୀତ ହୋଇପଡିଥିଲେ। ଖବର ପାଇ ମେଡିକାଲ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ତେବେ ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା ଯୋଗୁ ବାରମ୍ବାର ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସେମାନେ ଦାବି କରିଛନ୍ତି।

# ୧୦୫୦ ଲିଟର ଦେଶୀ ମଦ ଜବତ

**ତିଗିରିଆ,୫।୩(ଡି.ଏନ.ଏ.)**

କଟକ ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼, ନରସିଂହପୁର ଏବଂ କଟକ ଭ୍ରାମ୍ୟମାଣ ଅବକାରୀ ଦଳ ମିଳିତ ଭାବେ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ଓ ପଣସପାଟଣା ଗ୍ରାମରେ ଶନିବାର ଚଢ଼ାଉ କରିଛନ୍ତି। ଚଢ଼ାଉବେଳେ ୧୦୫୦ ଲିଟର ଦେଶୀ ମଦ ଏବଂ ୧୫,୦୦୦ ଲିଟର ଗୁଡ଼ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି।

# ବିଜୁ ପଟ୍ଟନାୟକ ଓଡ଼ିଆ ସ୍ୱାଭିମାନର ପ୍ରତୀକ

**ଆନନ୍ଦ ଭବନରେ ହେବ କଟକ କର୍ନର**

**କଟକ ଅଫିସ, ୫।୩**

ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ସେ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ଦୂରଦୃଷ୍ଟି ସମ୍ପନ୍ନ ରାଜନେତା, ଶିଳ୍ପପତି ଭାବେ ଶୀର୍ଷତ୍ୱକୁ ଅତିକ୍ରମ କରିଥିଲେ। ଏଥିସହ ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବ। ନିଜ ଦୂରଦୃଷ୍ଟି ବଳରେ ସମାଜର ବିଭିନ୍ନ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରି ପ୍ରଗତିଶୀଳ ଓଡ଼ିଶା ଗଠନ କରିବାରେ ସକ୍ଷମ ହୋଇଥିଲେ ବୋଲି ସ୍ଥାନୀୟ ବିଜୁ ପଟ୍ଟନାୟକ ସଂଗ୍ରହାଳୟଠାରେ ଆୟୋଜିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ, ଯୋବ୍ରା ଆନିକଟ ଓ ବିଜୁ ପଟ୍ଟନାୟକ ସଂଗ୍ରହାଳୟରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହିଅବସରରେ ଜିଲାପାଳ ଚୟନୀ ଆନନ୍ଦ ଭବନ ସଂଗ୍ରହାଳୟରେ ଥିବା ଗ୍ରନ୍ଥାଗାର ପରିଦର୍ଶନ କରିଥିଲେ। ସେଠାରେ 'କଟକ କର୍ନର' ଶିରୋନାମାରେ ଶ୍ରେଣୀ ବିଭାଗ ସୃଷ୍ଟି କରାଯାଇ କଟକ ଜିଲା ସମ୍ବନ୍ଧିତ ସମସ୍ତ ତଥ୍ୟ ସ୍ଥାନିତ କରାଯିବ ବୋଲି ଚୟନୀ କହିଥିଲେ। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଏବଂ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଯୋବ୍ରା ଆନିକଟ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବିଜେଡି ନେତୃବୃନ୍ଦ।

ସେହିପରି ଦୋଳମୁଣ୍ଡାଇସ୍ଥିତ କଟକ ଜିଲା ବିଜେଡି କାର୍ଯ୍ୟାଳୟଠାରେ ବିଜୁ ଜୟନ୍ତୀ ପାଳିତ ହୋଇଥିଲା। ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବକ୍ତା ଭାବେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ସିଂ, ମହମ୍ମଦ ସଖିଲ୍, ଜ୍ଞାନେନ୍ଦ୍ର ଗୋସ୍ୱାମୀ, ବିଜେଡି ଲିଗାଲ ସେଲ୍ ଆବାହାକ ମିଳନ୍ କାନୁନ୍‌ଗୋ, ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ ଧନ୍ୟବାଦ ଦେଇଥିଲେ।

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ଓ ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ବିଜୁ ଜୟନ୍ତୀ ପାଳିତ ହୋଇଥିଲା। ଉଭୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇଥିଲେ। ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଅଧ୍ୟକ୍ଷ ଦିଲୀପ ମଲ୍ଲିକ, ଅଧ୍ୟାପକ ଡ. ଅଜିତ୍ ମହାପାତ୍ର, ଭବାନୀ ତ୍ରିପାଠୀ, ସଚିବ ଇଂ. ସୁଧାଂଶୁ ଭୂଷଣ କର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ।

**କଟକ ସଦର:** କଟକ ସଦର ବ୍ଲକ ଅନ୍ତର୍ଗତ ଅଥଗାସ୍ଥିତ ବିଜୁ ସେତୁ ନିକଟରେ ବିଜୁ ଜୟନ୍ତୀ ପାଳିତ ହୋଇଥିଲା। ୫ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଲିଙ୍କ ଉପସ୍ଥିତିରେ ଆୟୋଜିତ ସମାରୋହରେ ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ସମର ବେହେରା, ରଜନୀକାନ୍ତ ସ୍ୱାଇଁ, ସୁବୋଧ ବେହେରା, ରବିନାରାୟଣ ଦାସ, ସସ୍ମିତା ମାହାର୍ଥା, ବିଭୂତି ଭୂଷଣ ପରିଡ଼ା ପ୍ରମୁଖ ଯୋଗଦେଇ ଓଡ଼ିଶା ପ୍ରତି ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁବାସିନୀ ରାଉତ, ତ୍ରିଲୋଚନ ପାତ୍ର, ରାକେଶ ବେହେରା, ପ୍ରଫୁଲ୍ଲ କୁମାର ଭୋଇ, ଭିକାରୀ ଚରଣ ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ଚୌଦ୍ୱାର:** ବିଜୁବାବୁଙ୍କ ଜୟନ୍ତୀ ଅବସରରେ ଚୌଦ୍ୱାର ବିରୂପା ବ୍ୟାରେଜ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଟାଙ୍ଗୀ ଓ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଥିଲା।

**ତିଗିରିଆ,(ଡି.ଏନ୍.ଏ.):** ତିଗିରିଆ ବ୍ଲକ ନିଜିଗଡ଼ସ୍ଥିତ ଗାନ୍ଧୀ ସ୍ମୃତି ପଡ଼ିଆରେ ବିଜୁ ଜୟନ୍ତୀ ଉତ୍ସବରେ ଜିଲା ବିଜେଡି ସଭାପତି ଅଜିତ କୁମାର ଧୀର ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲା ବିଜେଡି ଉପସଭାପତି ନୃସିଂହ ଚରଣ ମହାପାତ୍ର, ମୁଖ୍ୟ ବକ୍ତା ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥିଭାବେ ପ୍ରଶାନ୍ତ ପଟ୍ଟନାୟକ, ଭାଗୀରଥି ନନ୍ଦ, ରୂପା ଦଳେଇ, ଗୌରହରି ପରିଡ଼ା, ସଞ୍ଜୟ କୁମାର ମଲ୍ଲିକ ଓ ସସ୍ମିତା ରାଉତ ପ୍ରମୁଖ ଯୋଗଦେଇଥିଲେ।

**ସାଲେପୁର(ଡି.ଏନ.ଏ):** ସାଲେପୁର ମଧୁସୂଦନ ମଣ୍ଡପ ପରିସରରେ ଆୟୋଜିତ ବିଜୁବାବୁଙ୍କ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସରେ ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇଥିଲେ। ଏଥିରେ ସାଲେପୁର ବ୍ଲକ ଆମ୍ବା ସଭାପତି ଦିଲୀପ ଦାଶ,ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ରଜନୀ କାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: କରଡ଼ାପଲ୍ଲୀ ଚାମ୍ପିୟନ

**ତିଗିରିଆ,୫।୩(ଡି.ଏନ୍.ଏ)**

ତିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଖେଳପଡ଼ିଆରେ ଯୁବ ଅହମ୍ମଦିୟା ପକ୍ଷରୁ ଚାଲିଥିବା ଷଷ୍ଠତମ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ କରଡ଼ାପଲ୍ଲୀ ୟୁଥ କ୍ଲବ ୨–୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଫାଇନାଲ ମ୍ୟାଚ କେରଙ୍ଗ ଫୁଟବଲ କ୍ଲବ ଖୋର୍ଦ୍ଧା ଓ କରାଡ଼ାପଲ୍ଲୀ ମଧ୍ୟରେ ହୋଇଥିଲା। ମ୍ୟାଚରେ କରଡ଼ାପଲ୍ଲୀର ୯ ନଂ. ଖେଳାଳି ଧରମା ପ୍ରଧାନ ୨ଟି ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ମୁଖ୍ୟ ଅତିଥିଭାବେ ଯୁବ ଅହମ୍ମଦିୟା ଭାରତର ଉପସଭାପତି ମହମ୍ମଦ ସଫାରତ ଯୋଗଦେଇ କରଡ଼ାପଲ୍ଲୀକୁ ଚାମ୍ପିୟନ ଟ୍ରଫି ସହ ୨୦ ହଜାର ଟଙ୍କା ଓ କେରଙ୍ଗ ଦଳକୁ ରନର୍ସଅପ୍ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଜମାତ ଅହମ୍ମଦିୟା କେରଙ୍ଗର ସଭାପତି ମନୱାର ଅହମ୍ମଦ, କଟକ ଜିଲା ଜମାତ ଅହମ୍ମଦିୟା ଉପସଭାପତି ରସିଦ ଅହମ୍ମଦ, ମୌଲାନା ହଲିମ ଅହମ୍ମଦ ଓ ତିଗିରିଆ ନିଜିଗଡ ସରପଞ୍ଚ ଭବାନୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚକୁ ଆଶୀର୍ବାଦ କାନୁନ୍‌ଗୋ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ଅନିଲ ନନ୍ଦ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ସହଯୋଗ କରିଥିଲେ।